

ଚନ୍ଦୁ ଚାମ୍ପିଅନ୍‌ର ଗୀତ ରିଲିଜ୍

▶ଭିତର ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-332 ♦BHUBANESWAR ♦WEDNESDAY ♦29 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୩୨ ♦ଭୁବନେଶ୍ୱର ♦ବୁଧବାର ♦୨୯ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


### ବିଜେପିର ତୁଚ୍ଛା 'ହାତ' ରାଜନୀତି

# ଦମ୍ଭ ଦେଖାଇଲେ ନବୀନ

■ **ଭୁବନେଶ୍ୱର, ୨୮ ।୫ (ସମିସ):** ହାତ ବାଡ଼େଇ ଦମ୍ଭ ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେପିକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିବା ସହ ପାଲଟା ଜବାବ ଦେଇଛନ୍ତି। ତାଙ୍କ ହାତକୁ ନେଇ ବିଜେପି ଯେଉଁ ରାଜନୀତି କରୁଛି ତାହାକୁ ଅପପ୍ରଚାର ବୋଲି ଉଲ୍ଲେଖ କରି ଏପରି ହୀନ ରାଜନୀତି କାମ ଦେବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଚ୍ୟାଲେଞ୍ଜ କରିଛନ୍ତି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାରେ ବିଜେପି ସବୁବେଳେ ଆଗରେ ରହିଥାଏ। ହେଲେ ବିଜେପିର ଏହି ହୀନ ରାଜନୀତି କାମ ଦେବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଆ ଅସ୍ମିତା ଠାରୁ ଆରମ୍ଭ କରି ବିଜେପିର ଅନେକ ନିର୍ବାଚନୀ ପ୍ରସଙ୍ଗ ଫେଲ୍ ମାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିଜେପି ଏଭଳି ଅପପ୍ରଚାର ଆରମ୍ଭ କରିଛି। ବିଜେପିର ଅନେକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିବା ସହ ତାଙ୍କ



ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରି ଆସୁଛନ୍ତି। ହେଲେ ଗଲା ତିନିଟି ପର୍ଯ୍ୟାୟ ଭୋଟରେ ବିଜେଡିକୁ ମିଳୁଥିବା ସଫଳତା ଓ ବିଜେଡିର ଦମ୍ଭୋକ୍ତି ବିଜେପି ନେତାଙ୍କୁ ହତାଶ କରିଛି। ଏପରିକି ବିଜେପି ଧିରେ ଧିରେ ପ୍ରସଙ୍ଗହୀନ ହୋଇଯାଇଛି। ଏଭଳି ସ୍ଥିତିରେ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରି ଫେଲ୍ ହେବା ପରେ ଏବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ସୃଷ୍ଟି କରିବାକୁ ଉଦ୍ୟମ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡିଓକୁ ବିଜେପିର ଆଇଟି ସେଲ୍ ଭାଇରାଲ୍ କରିଥିଲା। କିଛି ଜାତୀୟସ୍ତରର ନେତା ମଧ୍ୟ ସୋସିଆଲ୍ ମିଡିଆରେ ଏହି ଭିଡିଓକୁ ନେଇ ଅରୁଚିକର ଟିପ୍ପଣୀ ଦେଇଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ସିଧାସଳଖ ଟାର୍ଗେଟ କରିବା ସହ ଏହା ନିଷ୍ପ୍ରଭ ହେବ ବୋଲି କହିଛନ୍ତି।

**ଅପ୍ରସଙ୍ଗକୁ ପ୍ରସଙ୍ଗ କରି ରାଜନୀତି କରେ ବିଜେପି**

**କାମ ଦେବନାହିଁ ବିଜେପିର ଏପରି ହୀନ ଉଦ୍ୟମ**

### ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବିଜେପିର ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ପାଣ୍ଡିଆନଙ୍କ ଆହ୍ୱାନ

# ଔଦ୍ଧତ୍ୟର ଜବାବ୍ ଦିଅନ୍ତୁ

■ **ଭୁବନେଶ୍ୱର, ୨୮।୫ (ସମିସ):** ଜୁନ ୯ ତାରିଖରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ଶପଥ ଗ୍ରହଣ କଥା ଶୁଣି ବିରୋଧୀଙ୍କର ନିଦ ହଜି ଯାଇଛି। ସେମାନେ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନ କରୁଛନ୍ତି, ଆଶାଳୀନ ଭାଷାରେ ଗାଳିଗୁଲଜ କରୁଛନ୍ତି। ନିର୍ବାଚନ ଆସିଲେ ସେମାନଙ୍କର ଅଭିନୟ ଆରମ୍ଭ ହୋଇଥାଏ, ଓଡ଼ିଶାକୁ ଆସନ୍ତି, ମିଛ କହନ୍ତି ଓ କୁମ୍ଭୀରକାନ୍ଦଣା କାନ୍ଦନ୍ତି। ମିଛ ମିଛରେ କାନ୍ଦି ନାଟକ କରନ୍ତି; କିନ୍ତୁ ନିର୍ବାଚନ ସରିଲେ ଆଉ ସେମାନଙ୍କର ଦେଖା ମିଳେ ନାହିଁ। ବର୍ଷ ବର୍ଷ ଧରି କ୍ଷମତାରେ ଥିଲେ ବି ଲୋକଙ୍କ ଦୁଃଖ ଦୂର ପାଇଁ କିଛି କଲେ ନାହିଁ। ଭିତ୍ତିଭୂମି ସୁଦୃଢ଼ କଲେ ନାହିଁ। ଏବେ ନିର୍ବାଚନ ଥିବାରୁ ଆସି କହୁଛନ୍ତି ଆମେ ସବୁ କରିଦେବୁ। ସେମାନଙ୍କ ଅହଂକାର, ଔଦ୍ଧତ୍ୟକୁ ଜବାବ ଦିଅନ୍ତୁ ବୋଲି ବାଲେଶ୍ୱର ଓ ମୟୂରଭଞ୍ଜ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର ଅବସରରେ ଆହ୍ୱାନ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ।

ଆଜି ପ୍ରଚାର ସମୟରେ ସେ ବିଜେପିକୁ ତୀବ୍ର ଆକ୍ରମଣ କରିବା ସହିତ ଗତ ୧୦ ବର୍ଷରେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ଉପରୁ ପରଦା ହଟାଇଛନ୍ତି। ସେ କହିଛନ୍ତି ଯେ ବିଜେପି ନେତାମାନେ ପ୍ରଚାର କରିବାକୁ ଆସି ଓଡ଼ିଶାକୁ ଏକ ନମ୍ବର କରିବେ ବୋଲି କହୁଛନ୍ତି। ୨୫ ବର୍ଷ ଧରି ଗୁଜୁରାଟରେ ବିଜେପି ଦଳ କ୍ଷମତାରେ ଅଛି, ଗୁଜୁରାଟକୁ ସେମାନେ ଏକ ନମ୍ବର କରିପାରିଲେ କି ? କୋଭିଡ ସମୟରେ ଗୁଜୁରାଟର କଣ ସ୍ଥିତି ଥିଲା, ଓଡ଼ିଶାର କଣ ସ୍ଥିତି ଥିଲା ସାରା ଦୁନିଆ ଦେଖିଛି। ଗୁଜୁରାଟରେ ଲୋକମାନେ ସେ ସମୟରେ ଚିକିତ୍ସା ପାଇଁ ବହୁତ ହଇରାଣ ହେଉଥିଲେ, ଓଡ଼ିଶାରେ ଆମ ମୁଖ୍ୟମନ୍ତ୍ରୀ ଗରିବ ଜନସାଧାରଣଙ୍କୁ ମାଗଣାରେ ଚିକିତ୍ସା କରିଥିଲେ।। ୨୦ ବର୍ଷ ହେଲା ମଧ୍ୟପ୍ରଦେଶରେ ବିଜେପି ସରକାର ଅଛନ୍ତି, ସେଠି ଏବେ ବି ମାଇଗ୍ରେସନ ଚାଲିଛି, ବହୁତ ▶ପୃଷ୍ଠା-୯



- ବାଲେଶ୍ୱର ଓ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ବିରୋଧୀଙ୍କୁ ପାଣ୍ଡିଆନଙ୍କ ନିଶାଣ
- ନବୀନ ଗ୍ୟାରେଣ୍ଟି ଶୁଣି ହଜି ଗଲାଣି ରାଜ୍ୟ ବିଜେପି ନେତାଙ୍କ ନିଦ
- ଜୁନ୍ ୯ ତାରିଖରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ ନବୀନ ପଟ୍ଟନାୟକ
- ୧୦ ବର୍ଷ କ୍ଷମତାରେ ରହି ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ କରି ପାରିଲେ ନାହିଁ
- ଏବେ ନିର୍ବାଚନ ସମୟରେ ଓଡ଼ିଶାରେ ଆସି ଅନେକ ବଡ଼ ବଡ଼ କଥା କହୁଛନ୍ତି
- ଲୋକଙ୍କ ଆଶା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବାଲେଶ୍ୱର ସାଂସଦ
- ଦରବୃଦ୍ଧି ନିୟନ୍ତ୍ରଣ, ରୋଜଗାର ଦେବା, ପ୍ରତିଶ୍ରୁତି ରକ୍ଷାରେ ଫେଲ୍ ମାରିଛନ୍ତି
- ଦୀର୍ଘ ୨୫ ବର୍ଷ ଶାସନରେ ଗୁଜରାଟକୁ ଏକ ନମ୍ବର ରାଜ୍ୟ କରିପାରି ନାହାନ୍ତି
- କୋଭିଡ୍ ସମୟରେ ଗୁଜରାଟ ଓ ଓଡ଼ିଶାରେ ସ୍ଥିତି କିପରି ଥିଲା ସମସ୍ତେ ଜାଣନ୍ତି

### ପାର୍ଥକ୍ୟ ପ୍ରମାଣିତ କଲା 'ରେମଲ'

# ନବୀନ 'ରାଷ୍ଟ୍ରନାୟକ' ଓ ବିଶ୍ୱଶର୍ମା 'ରାଜନେତା'

■ **ଭୁବନେଶ୍ୱର,୨୮ ।୫(ସମିସ):** ପ୍ରଳୟଙ୍କରୀ ବାତ୍ୟା 'ରେମାଲ' ପଶ୍ଚିମବଙ୍ଗ ସହ ଉତ୍ତରପୂର୍ବ ଭାରତ ଓ ବାଂଲାଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଆସାମ ଓ ମିଜୋରାମରେ ଅନେକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ନିଜ ରାଜ୍ୟର ବାତ୍ୟା ପ୍ରଭାବିତ ଜନସାଧାରଣଙ୍କ ନିକଟରେ ଠିଆହେବା ପରିବର୍ତ୍ତେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓଡ଼ିଶାରେ ବିଜେପି ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି। ଓଡ଼ିଶାରେ ଠିଆ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅକଥନୀୟ ଶବ୍ଦ ପ୍ରୟୋଗ କରୁଛନ୍ତି, ଅପଶବ୍ଦ କହୁଛନ୍ତି; ବିଜେଡିର ତାରକା ପ୍ରଚାରକଙ୍କ ବିରୋଧରେ ଅତ୍ୟନ୍ତ ଅଭଦ୍ରୋଚିତ ଆକ୍ଷେପ କରୁଛନ୍ତି। ଅନ୍ୟପକ୍ଷରେ ଅତ୍ୟନ୍ତ ସମ୍ବେଦନଶୀଳତା ଓ ମାନବିକତା ପ୍ରଦର୍ଶନ ସହ ଆସାମରେ ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଜଣେ ରାଷ୍ଟ୍ରନାୟକଙ୍କ ପରି କାର୍ଯ୍ୟ କରି ଆସାମର ଲୋକଙ୍କ ହୃଦୟ ଜିଣିଛନ୍ତି ନବୀନ। ଏହା ହିଁ ପ୍ରମାଣିତ କରିଛି କ୍ଷମତା ଲିପ୍ସୁ ରାଜନେତା ଓ ଜନକଲ୍ୟାଣକାରୀ ରାଷ୍ଟ୍ରନାୟକଙ୍କ ମଧ୍ୟରେ ପାର୍ଥକ୍ୟ।

ବିଜେପି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର ନିମନ୍ତେ ଆସାମ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଏକ ପ୍ରକାର ଡ଼େରା ପକାଇଛନ୍ତି । ସାରା ରାଜ୍ୟରେ ବୁଲିବୁଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଟୁ ସମାଲୋଚନା କରୁଛନ୍ତି । ସେପଟେ ବାତ୍ୟା ରେମାଲ ପ୍ରଭାବରେ ଆସାମରେ ପ୍ରବଳ ବର୍ଷା ହୋଇଛି। ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି, ଅନେକ ଘର ମଧ୍ୟ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ଦୁର୍ଦ୍ଦଶା ଯୋଗୁଁ ଚିନ୍ତା ପ୍ରକଟ କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଏପରିକି ସେ ନିଜ ତରଫରୁ ସବୁ ପ୍ରକାରର ସାହାୟତା ଯୋଗାଇ ଦେବାକୁ ହାତ ବଢ଼ାଇଛନ୍ତି। ଏହା ପରେ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱଶର୍ମା ସାମାଜିକ ଗଣମାଧ୍ୟମରେ ତୀବ୍ର ଭର୍ତ୍ସନାର ଶିକାର ହୋଇଛନ୍ତି । ନିଜ ରାଜ୍ୟର ଲୋକମାନେ ଦୁର୍ଦ୍ଦଶାରେ ଥିବାବେଳେ ନିର୍ବାଚନ ପ୍ରଚାର ପାଇଁ ସେ କିପରି ଓଡ଼ିଶା ଯାଇଛନ୍ତି ବୋଲି ତାଙ୍କ ରାଜ୍ୟର ଲୋକମାନେ ପ୍ରଶ୍ନ କରିଛନ୍ତି। ଏପରିକି ଅନ୍ୟ ରାଜ୍ୟକୁ ଯାଇ ସେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଶବ୍ଦ ପ୍ରୟୋଗକୁ ତାଙ୍କ ନିଜ ରାଜ୍ୟର ଲୋକମାନେ ମଧ୍ୟ ନିନ୍ଦା କରିଛନ୍ତି। ନବୀନଙ୍କ ଏଭଳି ଆଭିମୁଖ୍ୟକୁ ସୋସିଆଲ ମିଡିଆରେ ପ୍ରଶଂସା କରାଯାଉଥିବା ବେଳେ ଜଣେ ରାଷ୍ଟ୍ର ନାୟକ ହିଁ ଏଭଳି କାର୍ଯ୍ୟ କରିପାରିବେ ବୋଲି କୁହାଯାଇଛି।

ଚଳିତ ନିର୍ବାଚନରେ ଆସାମ ମୁଖ୍ୟମନ୍ତ୍ରୀ ରାଜ୍ୟରେ ପ୍ରାୟ ୧୦ ଉର୍ଦ୍ଧ୍ୱ ରାଜନୈତିକ ସଭାରେ ଯୋଗ ଦେଇଥିବା ବେଳେ ଏକାଧିକବାର ଓଡ଼ିଶା ଗସ୍ତ କରିଛନ୍ତି। ସୋମବାର ଓ ▶ପୃଷ୍ଠା-୯

**ଆସାମର ପୀଡ଼ିତଙ୍କୁ ସହଯୋଗର ହାତ ବଢ଼ାଇଲେ ମୁଖ୍ୟମନ୍ତ୍ରୀ ନବୀନ**


# ରତ୍ନଭଣ୍ଡାରର ଖୋଲା ସତ୍ୟ



**ରତ୍ନଭଣ୍ଡାର**

ଶ୍ରୀମନ୍ଦିରର ଜଗନ୍ନାଥଙ୍କ ଗର୍ଭଗୃହ ପୂର୍ବରୁ ଥିବା ଜଗମୋହନ ମଧ୍ୟରେ ରତ୍ନଭଣ୍ଡାର ଅବସ୍ଥିତ । ରତ୍ନଭଣ୍ଡାର ଭିତରେ ଦୁଇଟି କକ୍ଷ ଅଛି । ପ୍ରଥମ କକ୍ଷକୁ 'ବାହାର ରତ୍ନଭଣ୍ଡାର' ଓ ଦ୍ୱିତୀୟ କକ୍ଷକୁ 'ଭିତର ରତ୍ନଭଣ୍ଡାର' କୁହାଯାଏ । ଉଭୟ ରତ୍ନଭଣ୍ଡାରକୁ ପ୍ରବେଶ କରିବା ପାଇଁ ଗୋଟିଏ ମାତ୍ର ଦ୍ୱାର । ବାହାର ରତ୍ନଭଣ୍ଡାର ଖୋଲିଲା ପରେ ହିଁ ଭିତର ରତ୍ନଭଣ୍ଡାର ଖୋଲାଯାଇପାରିବ । ବାହାର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ରୀତିନୀତି ପାଇଁ ଆବଶ୍ୟକୀୟ ପରିଧାନ, ସୁନାବେଶ ଭଳି ଦିନଗୁଡ଼ିକରେ ବ୍ୟବହୃତ ଅଳଙ୍କାର ଓ ପୂଜାବିଧି ସାମଗ୍ରୀ ରହିଛି । ବାହାର ରତ୍ନଭଣ୍ଡାର ପ୍ରତି ବର୍ଷ ଅନେକ ଥର ଖୋଲାଯାଇଥାଏ ।

**ବାହାର ରତ୍ନଭଣ୍ଡାର କାହିଁକି ଖୋଲା ହୁଏ ?**

ବାହାର ରତ୍ନଭଣ୍ଡାରର ମୁଖ୍ୟ ଦ୍ୱାର ମହାପ୍ରଭୁଙ୍କ ଆବଶ୍ୟକତା ଓ ବିଧି ଅନୁଯାୟୀ ଖୋଲାଯାଏ । ଏହି ଦ୍ୱାର ଖୋଲିବା ପାଇଁ ତିନୋଟି ଚାବି ଆବଶ୍ୟକ । ଗଜପତି ମହାରାଜାଙ୍କ ପ୍ରତିନିଧି, ମନ୍ଦିର ମୁଖ୍ୟ ପ୍ରଶାସକ ଓ ଭଣ୍ଡାର ମେକାପ ସେବକ ଏହି ଚାବି ଆଣି ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ପ୍ରଧାନ ସେବକଙ୍କ ଉପସ୍ଥିତିରେ ବାହାର ରତ୍ନଭଣ୍ଡାର ଖୋଲିଥାନ୍ତି । ଏହି ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ବିନା ବାହାର ରତ୍ନଭଣ୍ଡାର ଖୋଲିବା ଅସମ୍ଭବ । ଭିତର ରତ୍ନଭଣ୍ଡାରକୁ ଗତ ୪୦ ବର୍ଷ ହେଲା ଖୋଲାଯାଇନାହିଁ ।

**ହୀନ ରାଜନୀତି କାହିଁକି ?**

ପରିକ୍ରମା ପ୍ରକଳ୍ପ ଯାହା ୫୦୦ ବର୍ଷରୁ ହୋଇପାରିନଥିଲା, ମହାପ୍ରଭୁଙ୍କ ଇଚ୍ଛାରେ ଏବେ ସଫଳ ହେଲା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ପ୍ରସିଦ୍ଧି ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହ୍ୟ କରି ନପାରି ବିରୋଧୀ ଗୋଟିଏ ମିଛ ପ୍ରଚାର ଆରମ୍ଭ କରିଛନ୍ତି, ରତ୍ନଭଣ୍ଡାର ପ୍ରସଙ୍ଗ । ଏହି ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେଉଥିବା ବିରୋଧୀ ଦଳର ନେତା ୧୦ ବର୍ଷ ଯାଏଁ ସେହି ବିଭାଗର ମନ୍ତ୍ରୀ ଥିଲେ, ଯାହା ଅଧୀନରେ ମନ୍ଦିର ପରିଚାଳନା କମିଟି ଥିଲା କିନ୍ତୁ ତାଙ୍କୁ ରତ୍ନଭଣ୍ଡାର କଥା ମନେ ପଡ଼ିଲା ନାହିଁ ମାତ୍ର ନିର୍ବାଚନର ୧୦ ଦିନ ପୂର୍ବରୁ ମହାପ୍ରଭୁଙ୍କ ଆଢୁଆଳରେ ମିଛ ପ୍ରଚାର କରୁଛନ୍ତି । ତାଙ୍କ ପାଖରେ କିଛି ଏଜେଣ୍ଡା ନାହିଁ, ନୀଚ ରାଜନୈତିକ ଉଦ୍ଦେଶ୍ୟରେ ରତ୍ନଭଣ୍ଡାର ବିଷୟରେ ଅପପ୍ରଚାର କରିବା ସହ ଭକ୍ତଙ୍କ ଭାବନା ସହ ଛଳନା କରୁଛନ୍ତି ।



**ରତ୍ନଭଣ୍ଡାରର ସତ୍ୟ**

୧୯୮୫ ମସିହାରୁ ଭିତର ରତ୍ନଭଣ୍ଡାର ବନ୍ଦ ରହିଛି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ପୂର୍ଣ୍ଣାଙ୍ଗ ରିପୋର୍ଟ ଉପରେ ଉଚ୍ଚ ନ୍ୟାୟାଳୟ ଶୁଣାଣି ସ୍ପଷ୍ଟ କରିଛି ଯେ ଏହି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ । ଚାବି ହଜିବା ପ୍ରସଙ୍ଗରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ନେତୃତ୍ୱରେ ଗଠିତ କମିଟି ନିଷ୍ପତ୍ତି ନେଇଛି ଯେ ଏହି ବର୍ଷ ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବ । ତେବେ ମାନ୍ୟବର କୋର୍ଟ ଓ କମିଟିର ନିଷ୍ପତ୍ତି ପରେ ବି ବିରୋଧୀଙ୍କ ଏହି କୁମ୍ଭୀର କାନ୍ଦଣା କାହିଁକି ?



## ମହାପ୍ରଭୁଙ୍କ ନାଁରେ ମିଛ - ମହାପାପ

ଓଡ଼ିଶାବାସୀଙ୍କ ହିତରେ ଜାରି

ବିଜୁ ଜନତା ଦଳ

PUBLISHED BY BIJU JANATA DAL SANKHA BHAWAN, UNIT 6, BHUBANESWAR

### ଜାମିନ ଅବଧି ୭ଦିନ ବୃଦ୍ଧି ପାଇଁ କେଜ୍ରିୱାଲଙ୍କ ଆବେଦନ

# ତତ୍କାଳ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଅବଧି ଆସନ୍ତା ଜୁନ୍ ପହିଲାରେ ଶେଷ ହେବାକୁ ଯାଉଛି । ଏହା ପରେ ସୁପ୍ରିମକୋର୍ଟଙ୍କ ସର୍ତ୍ତ ଅନୁସାରେ ସେ ଜୁନ୍ ୨ ତାରିଖରେ ତିହାର ଜେଲକୁ ଫେରିବା କଥା । କିନ୍ତୁ ଏହାପୂର୍ବରୁ ନିଜର ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଜାମିନ ଅବଧି ଆଉ ୭ ଦିନ ବୃଦ୍ଧି କରିବାକୁ କେଜ୍ରିୱାଲ ସୁପ୍ରିମକୋର୍ଟରେ ଆବେଦନ କରିବା ସହିତ ଏହାର ତତ୍କାଳ ଶୁଣାଣି କରିବାକୁ ସେ ଗୁହାରୀ କରିଥିଲେ । ହେଲେ କେଜ୍ରିୱାଲଙ୍କ ଏହି ଆବେଦନର ତତ୍କାଳ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ଜଷ୍ଟିସ୍ ଜେକେ ମାହେଶ୍ୱରୀ ଓ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟ ଅବକାଶ ଖଣ୍ଡପୀଠ ମଙ୍ଗଳବାର ଏହି ପ୍ରସଙ୍ଗରେ ଶୁଣାଣି କରିବାକୁ ମନା କରିଦେବା ସହିତ ଏହା ଉପରେ ପ୍ରଧାନବିଚାରପତି (ସିଜେଆଇ) ନିଷ୍ପତ୍ତି ନେବେ ବୋଲି କହିଛନ୍ତି । କେଜ୍ରିୱାଲଙ୍କ ଏହି ପିଟିସନ୍‌ଟିର ଲିଷ୍ଟିଂ ପାଇଁ ସଂପୃକ୍ତ ଖଣ୍ଡପୀଠ ସିଜେଆଇ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ପଠାଇ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି, ଇଡିର ଗିରଫଦାରୀକୁ କେଜ୍ରିୱାଲ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଯେଉଁ ପିଟିସନ ଦାଏର



କରିଥିଲେ ସିଜେଆଇ ତାହାର ଶୁଣାଣୀ ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି । ତେଣୁ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନର ଅବଧି ବଢ଼ାଯିବା ସମ୍ବନ୍ଧିତ ପିଟିସନ୍‌ର ଲିଷ୍ଟିଂ ନିଷ୍ପତ୍ତି ସିଜେଆଇ ନେବା ଉଚିତ ହେବ । ସମ୍ପ୍ରତି ଜୁନ୍ ୧ ଯାଏଁ ଅନ୍ତରୀଣ ଜାମିନରେ ଥିବା ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ଗତକାଲି ତାଙ୍କ ଜାମିନ ଅବଧିକୁ ଆଉ ୭ଦିନ ଅର୍ଥାତ ଜୁନ୍ ୮ ଯାଏଁ ବଢ଼ାଯିବା ନିମନ୍ତେ ଏକ ପିଟିସନ୍ ସୁପ୍ରିମ୍‌କୋର୍ଟରେ ଦାଖଲ କରି ତାହାର ତତ୍କାଳ ଶୁଣାଣୀ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ କେଜ୍ରିୱାଲଙ୍କୁ ମେ' ୧୦

**ନିଷ୍ପତ୍ତି ନେବେ ସିଜେଆଇ**

ତାରିଖରେ ୨୧ ଦିନ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିବା ନ୍ୟାୟମୂର୍ତ୍ତି ସଞ୍ଜୀବ ଖାନ୍ନା ଓ ନ୍ୟାୟମୂର୍ତ୍ତି ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟ ନିୟମିତ ଖଣ୍ଡପୀଠ ଗତ ସପ୍ତାହରେ ଅବକାଶ ଖଣ୍ଡପୀଠ ଭାବେ କାର୍ଯ୍ୟ କରିଥିଲା ବେଳେ ସଂପୃକ୍ତ ଖଣ୍ଡପୀଠରେ କେଜ୍ରିୱାଲଙ୍କ ଜାମିନ ଅବଧି ବଢ଼ିଯିବା ପିଟିସନ୍'ର ତତ୍କାଳ ଲିଷ୍ଟିଂ ଦଲିଲ ଉପସ୍ଥାପନ କାହିଁକି କରାଯାଇ ନଥିଲା ବୋଲି ଖଣ୍ଡପୀଠ ସିଂଘଭିଙ୍କୁ ପ୍ରଶ୍ନ କରିଥିଲେ ।

## ଆପ୍ ମନ୍ତ୍ରୀ ଆତିଶୀଙ୍କୁ କୋର୍ଟ ସମନ

ଅନ୍ତରୀଣ ଜାମିନ ଅବଧି ବୃଦ୍ଧିକୁ ନେଇ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରୁ ନିରାଶ ହେବାକୁ ପଡ଼ିଥିଲା ବେଳେ ଆପ୍ ମନ୍ତ୍ରୀ ଆତିଶୀଙ୍କ ଅଡୁଆ ମଧ ବଢ଼ିଛି । ତାଙ୍କୁ ଦିଲ୍ଲୀର ଏକ କୋର୍ଟ ମାନହାନୀ ମାମଲାରେ ହାଜର ହେବାକୁ ସମନ କରିଛନ୍ତି । ଦିଲ୍ଲୀ ବିଜେପି ମିଡିଆ ସେଲ ମୁଖ୍ୟ ପ୍ରବୀଣ ଶଙ୍କର କପୁର ରୁଜୁ କରିଥିବା ମାନହାନୀ କେସ୍‌ରେ କୋର୍ଟ ସମନ କରିବା ସହିତ ଜୁନ ୨୯ରେ ହାଜର ହେବାକୁ କହିଛନ୍ତି ।



ବିଜେପି କିଛି ଆପ୍ ବିଧାୟକଙ୍କୁ ଟଙ୍କା ଦେଇ କିଣିବାକୁ ଚେଷ୍ଟା କରୁଥିବା ଆତିଶୀ ଅଭିଯୋଗ କରିଥିଲେ । ଏନେଇ ତାଙ୍କ ପାଖରେ ଫୋନ କଲ ରେକର୍ଡ ରହିଥିବା ମଧ ସେ ଦାବି କରିଥିଲେ ।ଆପ୍‌ର ଏପରି ଅଭିଯୋଗକୁ ବିଜେପି ଖଣ୍ଡନ କରିଥିଲା । ଏଭଳି ଅଭିଯୋଗର ପ୍ରମାଣ ଦେବାକୁ ଦଳ ପକ୍ଷରୁ ଆପକୁ ଚ୍ୟାଲେଞ୍ଜ ଦିଆଯାଇଥିଲା । ଏଥିସହ ପ୍ରବୀଣ ଶଙ୍କର ଆତିଶୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ । ସେ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନାଁ ମଧ ଉଲ୍ଲେଖ କରିଥିଲେ ।

## ପୁଣି ୩ ଦିନିଆ ରିମାଣ୍ଡରେ ବିଭବ କୁମାର

ଆପ୍ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମାଡ ଏବଂ ଅସଦାଚାରଣ କରାଯିବା ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୂର୍ବତନ ସହଯୋଗୀ ବିଭବ କୁମାରଙ୍କ ନ୍ୟାୟିକ ହେପାଜତ ଅବଧି ତିନି ଦିନ ବଢ଼ିଛି । ବିଭବଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କ ମଙ୍ଗଳବାର ତିସ୍‌ହଜାରୀ କୋର୍ଟରେ ହାଜର କରାଯାଇଥିଲା । ତାଙ୍କୁ ଆଉ ପାଞ୍ଚ ଦିନ ପାଇଁ ରିମାଣ୍ଡରେ ନେବାକୁ ପୁଲିସ କୋର୍ଟରେ ଆବେଦନ କରିଥିଲେ ହେଁ ଜଷ୍ଟିସ୍ ଗୌରବ ଗୋଏଲ ବିଭବଙ୍କୁ ତିନି ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ । ପୂର୍ବରୁ ବିଭବ ଚାରିଦିନିଆ ରିମାଣ୍ଡରେ ଯାଇଥିଲେ । ସ୍ୱାତୀଙ୍କୁ ମାଡ ମାରିବା ଘଟଣାରେ ବିଭବ କୁମାରଙ୍କୁ ପୁଲିସ ଗତ ୧୮ ତାରିଖରେ ଗିରଫ କରିବା ପରେ ଏହା ପରଦିନ କୋର୍ଟରେ ହାଜର କରାଇଥିଲା ଏବଂ ଗତ ୨୪ ତାରିଖରେ କୋର୍ଟ ତାଙ୍କୁ ଚାରିଦିନିଆ ରିମାଣ୍ଡରେ ପଠାଇଥିଲେ । ଗତକାଲି ବିଭବ କୁମାର ଜାମିନ ପାଇଁ ଆବେଦନ କରିଥିଲେ ହେଁ କୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ ।

● ଡେରା ମ୍ୟାନେଜର ରଣଜିତ ସିଂହ ହତ୍ୟା ମାମଲା

## ରାମ ରହିମ୍ ଓ ଅନ୍ୟ ୪ ଜଣଙ୍କୁ କ୍ଲିନଚିଟ୍

ଚଣ୍ଡିଗଡ଼, ୨୮ ।୫(ଏଜେନ୍ସି): ଡେରା ମ୍ୟାନେଜର ରଣଜିତ ସିଂହଙ୍କ ହତ୍ୟା ମାମଲାରେ ଅକ୍ଟୋବର ୨୦୨୧ରେ ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡାଦେଶ ପାଇ ହରିୟାଣାର ରୋହତକରେ ଥିବା ସୁନାରିଆ ଜେଲରେ ସଜା ଭୋଗୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ ରାମ ରହିମ ଓ ଅନ୍ୟ ଚାରି ଜଣଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଆଜି ଖଲାସ କରିଦେଇଛନ୍ତି । ୧୯ ବର୍ଷ ତଳେ ୨୦୦୨ ଜୁଲାଇ ୧୦ ତାରିଖରେ ରଣଜିତଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଡେରା ମୁଖ୍ୟ ଗୁରୁମିତ ଡେରା ମୁଖ୍ୟାଳୟରେ କିପରି ମହିଳାଙ୍କୁ ଯୌନଶୋଷଣର ଶିକାର ବନାନ୍ତି ତାହାର ବର୍ଣ୍ଣନା ଥିବା ଏକ ପତ୍ରର ପ୍ରଚାର ପ୍ରସାରରେ ରଣଜିତ ସିଂହଙ୍କ ସଂପୃକ୍ତି ଥିବା ସନ୍ଦେହରେ ତାଙ୍କୁ ଗୁରୁମିତ ରାମ ରହିମଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିଲା । ୨୦୦୩ ନଭେମ୍ବର ୧୦ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହାର ତଦନ୍ତ ଭାର ସିବିଆଇ ହାତକୁ ନେଇଥିଲା । ସିବିଆଇ ଗୁରୁମିତ ରାମ ରହିମଙ୍କ ସମେତ ଅବତାର ସିଂହ, ଯଶବୀର ସିଂହ,ସବଦିଲ୍ ସିଂହ ଓ କ୍ରିଶନଲାଲଙ୍କୁ ଅଭିଯୁକ୍ତ ଦର୍ଶାଇ ଥିଲା । ଏହି ମାମଲାରେ ଅଦାଲତ ରାମ ରହିମ ଓ ଅନ୍ୟ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ଶିର୍ଷାର ସାମ୍ବାଦିକ ରାମ ଚନ୍ଦେର ଛତ୍ରପତି ମଧ ସେହି ପତ୍ର ସମ୍ପର୍କରେ ରିପୋର୍ଟିଂ କରିଥିବାରୁ ହତ୍ୟାର ଶିକାର ହୋଇଥିଲେ । ଏହି ମାମଲାରେ ରାମ ରହିମ ଆଜୀବନ କାରାଦଣ୍ଡାଦେଶ ପାଇଛନ୍ତି ।

## ଅସହ୍ୟ ଗୁଳୁଗୁଳି: ରାମଲାଲାଙ୍କ ପାଇଁ ଆସିଲା ଏସି

ଅଯୋଧ୍ୟା, ୨୮ ।୫ (ଏଜେନ୍ସି): ଅଯୋଧ୍ୟା ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଯାଇଛି । ଅସହ୍ୟ ଗୁଳୁଗୁଳିକୁ ଦେଖି ବାଳକ ରାମଙ୍କ ସେବା ନୀତିରେ ପରିବର୍ତ୍ତନ କରାଯାଇଛି । ଗରମ ନ ହେବା ପାଇଁ ରାମଲାଲାଙ୍କ ନିମନ୍ତେ ହାଲୁକା ସୂତାରେ ପ୍ରସ୍ତୁତ ବସ୍ତ୍ର ପିନ୍ଧା ଯାଉଛି । ବହୁତ କମ୍ ଅଳଙ୍କାରରେ ଶୃଙ୍ଗାର କରାଯାଉଛି । ପ୍ରଭୂଙ୍କୁ ଦହି କିମ୍ବା ଲସି ସହିତ ରସାଳୁ ଫଳର ଭୋଗ ଲଗାଯାଉଛି । ଏହି ଫଳ ମଧ୍ୟରେ ଆମ୍ବ, ମୌସମୀ, ଲିଚି, ଖରଭୁଜ, ତରଭୁଜ ଆଦି ସାମିଲ ରହିଛି । ଏହା ସହିତ ଶୀତଳତା ପ୍ରଦାନ କରୁଥିବା ଫୁଲ ଗୋଲାପ, ଟଗର, ଗେଣ୍ଡୁ ଆଦିରେ ଶୃଙ୍ଗାର କରାଯାଉଛି । ସେହିପରି ରାମଲାଲାଙ୍କ ପାଇଁ ନୂଆ ଏସି ଅଣାଯାଇଛି । ଖୁବଶୀଘ୍ର ଏହାକୁ ଗର୍ଭଗୃହରେ ଲଗାଇ ଦିଆଯିବ । ଏବେ ସେଠାରେ କୁଲର ଲାଗିଛି । ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ରାମ ମନ୍ଦିରକୁ ଏହି ଏସି ପ୍ରଦାନ କରିଛନ୍ତି ।

## ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା ଉମର ଖଲିଦଙ୍କ ଜାମିନ ଖାରଜ

ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି): ମଙ୍ଗଳବାର ଦିଲ୍ଲୀର କାକାରଡୁମା କୋର୍ଟ ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା ଉମର ଖଲିଦଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ୨୦୨୦ ମସିହା ଦିଲ୍ଲୀ ଦଙ୍ଗା ମାମଲାରେ ଖଲିଦ ଗିରଫ ହୋଇଛନ୍ତି । ତାଙ୍କ ନାମରେ ୟୁଏପିଏ ଅଧୀନରେ ମାମଲା ରୁଜୁ ହେବା ସହିତ ସେ ଏବେ ଜେଲରେ ଅଛନ୍ତି । ଏହାପୂର୍ବରୁ ମଧ ଖଲିଦ ଜାମିନ ଆବେଦନ କରି ନିରାଶ ହୋଇଛନ୍ତି । ତେବେ ଦ୍ୱିତୀୟଥର ପାଇଁ ମଙ୍ଗଳବାର କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଦଙ୍ଗା ଘଟଣାରେ ଖଲିଦଙ୍କୁ ୟୁଏପିଏ ଅଧୀନରେ ୨୦୨୦ ସେପ୍ଟେମ୍ବରରେ ଗିରଫ କରାଯିବା ପରେ ସେବେ ଠାରୁ ସେ ତିହାର ଜେଲରେ ରହିଛନ୍ତି । ଉମର ଖଲିଦ ଯୋଜନାବଦ୍ଧ ଭାବେ ୨୦୨୦ରେ ଦିଲ୍ଲୀର ୨୩ଟି ସ୍ଥାନରେ ବିକ୍ଷୋଭ ସମାବେଶର ଆୟୋଜନ କରିଥିଲେ ବୋଲି ଦିଲ୍ଲୀ ପୁଲିସର ଅଭିଯୋଗ ରହିଛି । ଖଲିଦଙ୍କ ସମାବେଶ ଯୋଗୁ ଦିଲ୍ଲୀରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ପୁଲିସ ଦର୍ଶାଇଛି । ଜାମିନ ଆବେଦନର ଶୁଣାଣି ବେଳେ ଖଲିଦଙ୍କ ଓକିଲ ଦିଲ୍ଲୀ ପୁଲିସ୍‌ର ଦସ୍ତାବିଜକୁ ବିରୋଧ କରିଥିଲେ । ସେ କହିଥିଲେ ଯେ ଖଲିଦଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ କିମ୍ବା ସେ କୌଣସି ଆତଙ୍କବାଦ କାର୍ଯ୍ୟରେ ଲିପ୍ତ ନାହାଁନ୍ତି । ତେଣୁ ତାଙ୍କୁ ଜାମିନ ମଳିବା ଉଚିତ ବୋଲି ଓକିଲ ଯୁକ୍ତି କରିଥିଲେ ମଧ କୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି ।

● ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ କନ୍ୟାକୁମାରୀ ଯିବେ ମୋଦୀ

## ବିବେକାନନ୍ଦ ଶିଳା ସ୍ମାରକୀରେ କରିବେ ଜପଧ୍ୟାନ

ନୂଆଦିଲ୍ଲୀ,୨୮ ।୫(ଏଜେନ୍ସି): ଚଳିତ ଲୋକସଭା ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଜୁନ୍ ୧ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଚଳିତ ମାସ ୩୦ ତାରିଖ ସନ୍ଧ୍ୟାରେ ପ୍ରଚାର ଶେଷ ହେବ । ତେବେ ପ୍ରଚାର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କନ୍ୟାକୁମାରୀ ଗସ୍ତ କରିବେ । ଶେଷ ପର୍ଯ୍ୟାୟ ଭୋଟ୍ ପୂର୍ବରୁ ପ୍ରଧାନମନ୍ତ୍ରୀ କନ୍ୟାକୁମାରୀସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀରେ ଜପଧ୍ୟାନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ମୋଦୀ ୩୦ ତାରିଖ ରାତିରେ କନ୍ୟାକୁମାରୀରେ ପହଞ୍ଚିବେ ଏବଂ ପରଦିନ ବିବେକାନନ୍ଦ ଶିଳା ସ୍ମାରକୀ ପରିଦର୍ଶନ କରି ଦିନସାରା ଧ୍ୟାନ କରିବେ । ୩୧ ଏବଂ ଜୁନ୍ ୧ ତାରିଖ ଦୁଇ ଦିନ ଧରି ସ୍ୱାମୀ ବିବେକାନନ୍ଦ ଧ୍ୟାନସ୍ଥଳରେ ଧ୍ୟାନ କରିବା ପରେ ମୋଦୀ କନ୍ୟାକୁମାରୀରୁ ଥିରୁଅନନ୍ତପୁରମ୍ ଯିବେ ଏବଂ ସେଠାରୁ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସୂଚନା ମିଳିଛି । ଶେଷ ପର୍ଯ୍ୟାୟ ମତଦାନ ପୂର୍ବରୁ ମୋଦୀଙ୍କ କନ୍ୟାକୁମାରୀରେ ଏହି ଧ୍ୟାନ କାର୍ଯ୍ୟକ୍ରମକୁ ନେଇ ପୁଣି ଆଲୋଚନା ଜୋର ଧରିଛି । ଏହାପୂର୍ବରୁ ୨୦୧୯ ନିର୍ବାଚନ ବେଳେ ଶେଷ ପର୍ଯ୍ୟାୟ ମତଦାନ ଠିକ୍ ପୂର୍ବରୁ ମୋଦୀ କେଦାରନାଥ ଯାଇ ସେଠାରେ ରୁଦ୍ର ଗୁମ୍ଫାରେ ୧୭ ଘଣ୍ଟା ଧ୍ୟାନ କରିଥିଲେ ।

## ଡିଆରଡିଓ ଅଧ୍ୟକ୍ଷ ଡ.ସମୀରଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ, ୨୮ ।୫ (ଏଜେନ୍ସି): ଭାରତୀୟ ପ୍ରତିରକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ଅଧ୍ୟକ୍ଷ ଡ.ସମୀର ଭେଙ୍କଟପତି କାମତଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ବର୍ଷେ ପାଇଁ ବୃଦ୍ଧି କରିଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଚୟନ କମିଟି ଏହାକୁ ମଞ୍ଜୁରି ଦେଇଛି । ଏବେ ଡ. କାମତ ୨୦୨୫ ମେ' ୩୧ ପର୍ଯ୍ୟନ୍ତ ନିଜ ପଦରେ ରହିବେ । ସେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବୈଜ୍ଞାନିକ ପରାମର୍ଶଦାତା ମଧ ଅଛନ୍ତି । ଏହା ପୂର୍ବରୁ ଡ. ସମୀର ଡିଆରଡିଓର ନାଭାଲ ସିଷ୍ଟମ ଆଣ୍ଡ ମ୍ୟାଟେରିଆଲ୍ସ ବିଭାଗର ମହାନିର୍ଦ୍ଦେଶକ ଥିଲେ ।

## ଷଷ୍ଠ ପର୍ଯ୍ୟାୟ ମତଦାନ ହାର ୬୩.୩୭%: ଇସି

ନୂଆଦିଲ୍ଲୀ, ୨୮ ।୫(ଏଜେନ୍ସି)

ମଙ୍ଗଳବାର ନିର୍ବାଚନ ଆୟୋଗ ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ଅନ୍ତିମ ଭୋଟର ମତଦାନ ତଥ୍ୟ ଉନ୍ମୋଚନ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ୫୮ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ୬୩.୩୭ ପ୍ରତିଶତ ମତଦାନ ହୋଇଛି । ଏହି ପର୍ଯ୍ୟାୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୧.୯୫ ପ୍ରତିଶତ ହୋଇଥିବାବେଳେ ୬୪.୯୫ ପ୍ରତିଶତ ମହିଳା ଭୋଟର




ଅଛନ୍ତି । ସେମାନଙ୍କର ମଧ୍ୟରେ ତୃତୀୟ ଲିଙ୍ଗି ମତଦାତା ୧୮.୬୭ ପ୍ରତିଶତ ରହିଛନ୍ତି । ରାଜ୍ୟବ୍ୟାପୀ ଭୋଟରଙ୍କ ସଂଖ୍ୟାକୁ ଦେଖିଲେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨.୭୧ ପ୍ରତିଶତ ଭୋଟର ମତଦାନ କରିଛନ୍ତି । ଉତ୍ତରପ୍ରଦେଶର ୧୪ ଟି ନିର୍ବାଚନମଣ୍ଡଳୀରେ ୫୪.୦୪ ପ୍ରତିଶତ ଭୋଟର ମତଦାନ କରିଛନ୍ତି । ଦିଲ୍ଲୀରେ ୫୮.୬୯ ପ୍ରତିଶତ ଭୋଟରଙ୍କ ସଂଖ୍ୟା ରେକର୍ଡ ହୋଇଥିବାବେଳେ ହରିୟାଣାରେ ୬୪.୮୦ ପ୍ରତିଶତ ମତଦାନ ହୋଇଛି । ଓଡ଼ିଶା ଏବଂ ଝାଡଖଣ୍ଡରେ ଯଥାକ୍ରମେ ୭୪.୪୫ ପ୍ରତିଶତ ଏବଂ ୬୫.୩୯ ପ୍ରତିଶତ ମତଦାନ ରେକର୍ଡ ହୋଇଛି ।

## ଟାଇଟନିକ୍ ଅବଶେଷ ଦେଖିବାକୁ ଯିବ ଆଉ ଏକ ବୁଡ଼ାଜାହାଜ



ୱାଶିଂଟନ, ୨୮ ।୫ (ଏଜେନ୍ସି): ଟାଇଟନିକ ଜାହାଜର ଅବଶେଷ ଦେଖିବାକୁ ଯାଇଥିବା ଟାଇଟନ୍ ବୁଡ଼ାଜାହାଜ ସମୁଦ୍ର ଗର୍ଭରେ ଫାଟି ଯାଇଥିଲା । ଏହି ଘଟଣାର ୧୧ ମାସ ପରେ ଏବେ ଆଉ ଜଣେ ଆମେରିକୀୟ ଅରବପତି ଲ୍ୟାରି କର୍ଣ୍ଣର ଟ୍ରାଇଟନ ଏପରି କରିବାକୁ ଯାଉଛନ୍ତି । ସେ ବୁଡ଼ାଜାହାଜର ସହ-ପ୍ରତିଷ୍ଠାତା ପ୍ୟାଟ୍ରିକ ଲାହେଙ୍କ ସହ ଟାଇଟନିକ ଜାହାଜ ଦେଖିବାକୁ ଯିବେ । ଏଥିପାଇଁ କର୍ଣ୍ଣର ୪୦୦୦/୨ ଏକ୍ସପ୍ଲୋରର ନାମକ ଏକ ସବମର୍ସିବୁଲ ଭେସେଲ ଡିଜାଇନ କରିଛନ୍ତି । ଏହାର ମୂଲ୍ୟ ୧୬୬ କୋଟି ଟଙ୍କା । ଏହା ସମୁଦ୍ରରେ ୪ ହଜାର ମିଟର ଗଭୀରତା ପର୍ଯ୍ୟନ୍ତ ଯାତ୍ରା କରିପାରିବ । ତେଣୁ ଏହାର ନାମ '୪୦୦୦' ରଖାଯାଇଛି । ତେବେ ଏହି ଯାତ୍ରା କେବେ ଆରମ୍ଭ ହେବ ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ ।

ବାଂଲାଦେଶୀ ସାଂସଦ ହତ୍ୟା ମାମଲା

## ସେପ୍‌ଟିକ ଟ୍ୟାଙ୍କରୁ ମିଳିଲା ମାଂସ ଖଣ୍ଡ

କୋଲକାତା, ୨୮ ।୫ (ଏଜେନ୍ସି)

ବାଂଲାଦେଶୀ ସାଂସଦ ଅନୱାରୁଲ ଅଜିମ ଅନାରଙ୍କ ମୃତ୍ୟୁ ମାମଲାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି । ପଶ୍ଚିମବଙ୍ଗ ସିଆଇଡି ଏବଂ ବାଂଲାଦେଶ



ଗୁଇନ୍ଦା ବିଭାଗ ସାଂସଦଙ୍କୁ ହତ୍ୟା କରାଯାଇଥିବା ଫ୍ଲାଟକୁ ଯାଇ ପୁନଃ ଯାଞ୍ଚ କରିଛି । ଏହି ସଞ୍ଜୀବ ଉଦ୍ୟାନ ଆବାସ ପରିସରରେ ଥିବା ଏକ ସେପ୍‌ଟିକ ଟ୍ୟାଙ୍କରୁ ମନୁଷ୍ୟ ମାଂସ ଏବଂ ଚୁଟି ମିଳିଛି । ଏହି ଫ୍ଲାଟରେ ହିଁ ସାଂସଦଙ୍କୁ ହତ୍ୟା କରାଯାଇଥିଲା ଏବଂ ମୃତଦେହକୁ ଖଣ୍ଡ ଖଣ୍ଡ କରି ଫୋପଡ଼ା ଯାଇଥିଲା ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି । ପଶ୍ଚିମବଙ୍ଗ ସିଆଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉଦ୍ଧାର ମାଂସ ଏବଂ ଚୁଟି କାହାର ତାହା ଜାଣିବା ପାଇଁ ନମୁନାକୁ ଫରେନସିକ ଯାଞ୍ଚ ଲାଗି ପଠାଇ ଦିଆଯାଇଛି । ରିପୋର୍ଟ ଆସିବା ପରେ ନମୁନା ମିଶାଇବା ପାଇଁ ମୃତକଙ୍କ ପରିବାର ସଦସ୍ୟଙ୍କ ଡିଏନ୍‌ଏ ପରୀକ୍ଷା କରାଯିବ । ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ସାଂସଦଙ୍କ ମୃତଦେହ ଉଦ୍ଧାର କରାଯାଇ ନାହିଁ । ପୁଲିସ ଟିମ୍ ଫ୍ଲାଟ୍‌ର ସ୍ୱରେଜ ଲାଇନ୍‌କୁ ସମ୍ପୂର୍ଣ୍ଣ ଭାଙ୍ଗି ପ୍ରମାଣ ସଂଗ୍ରହ ପାଇଁ ଉଦ୍ୟମ କରୁଛି । ବାଂଲାଦେଶ ଗୁଇନ୍ଦା ବିଭାଗ ଟିମ୍ ଏହାକୁ ଜଘନ୍ୟ ଏବଂ ବର୍ବର ହତ୍ୟା କହିଛି । ଏଭଳି ଜଘନ୍ୟ ଏବଂ ଯୋଜନାବଦ୍ଧ ହତ୍ୟା କେବେ ଦେଖିବାକୁ ମିଳିନାହିଁ । ଏ ସମ୍ବନ୍ଧିତ ଅନେକ ଡିଜିଟାଲ ପ୍ରମାଣ ମିଳିଛି । ଅଭିଯୁକ୍ତ କଂସେଇର ମଧ ବୟାନ ରେକର୍ଡ କରାଯାଇଛି । ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ଇଣ୍ଟରପୋଲ ଏବଂ ସିଆଇଡି ସହ ସହଯୋଗ କରାଯାଉଛି । ମୁଖ୍ୟ ଅଭିଯୁକ୍ତ ଅଖତାରୁଜମା କାଠମାଣ୍ଡୁରୁ ଦୁବାଇ ଦେଇ ଆମେରିକା ପଳାଇ ଯାଇଥିବା ସନ୍ଦେହ କରାଯାଉଛି ।

## କ୍ଷମା ମାଗିଲେ ପୋପ୍ ଫ୍ରାନ୍‌ସିସ୍

ଭାଟିକାନ ସିଟି, ୨୮ ।୫ (ଏଜେନ୍ସି): ସମଲିଙ୍ଗୀ ପୁରୁଷଙ୍କ ଉପରେ ପୋପ୍ ଫ୍ରାନ୍‌ସିସ୍ (୮୭) ଅଭଦ୍ର ମନ୍ତବ୍ୟ ଦେଇଥିବା ଅଭିଯୋଗ ଲାଗିଛି । ଇଟାଲୀର ୨ଟି ବଡ଼ ଖବରକାଗଜ କୋରିୟର ଡେଲା ସିଲା ଏବଂ ଲା ରିପବ୍ଲିକା ଏହି ଦାବି କରିଛନ୍ତି । ରିପୋର୍ଟ ଅନୁଯାୟୀ ଗତ ୨୦ ତାରିଖରେ ପୋପ୍ ରୁଦ୍ଧଦ୍ୱାର ବୈଠକ କରି ସମଲିଙ୍ଗୀଙ୍କ ପାଇଁ ଇଟାଲୀୟ ଭାଷାରେ ଏକ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ । ସେ ସମଲିଙ୍ଗୀ ପୁରୁଷଙ୍କୁ 'ଫେଗୋଟ' କହିଥିଲେ । ଏଭଳି ଲୋକଙ୍କୁ ପାଦ୍ରୀ ଭାବେ ପ୍ରଶିକ୍ଷଣ ନ ଦେବା ପାଇଁ ଇଟାଲୀୟ ବିସପ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ତୀବ୍ର ସମାଲୋଚନା କରାଯିବା ପରେ ପୋପ୍ କ୍ଷମା ମାଗିଛନ୍ତି ।

## ପ୍ରଜାଭବନ ଉଡ଼ାଇଦେବାକୁ ଧମକ

ହାଇଦରାବାଦ, ୨୮ ।୫(ଏଜେନ୍ସି): ହାଇଦରାବାଦର ବେଗମପେଟ୍‌ସ୍ଥିତ ପ୍ରଜା ଭବନକୁ ବିସ୍ଫୋରଣରେ ଉଡେଇଦେବା ପାଇଁ ପୁଲିସକୁ ଧମକ ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ କିଛି ସମୟ ପାଇଁ ଅରାଜକତା ଦେଖାଯାଇଥିଲା । ପୁଲିସ୍ କଣ୍ଟ୍ରୋଲ ରୁମକୁ ଏକ ଅଜଣା ଫୋନ କଲ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଖୋଲାଖୋଲି ଭାବେ ପ୍ରଜା ଭବନକୁ ବୋମାରେ ଉଡାଇ ଦିଆଯିବ ବୋଲି ପୁଲିସ୍‌କୁ ଧମକ ଦେଇଥିଲା । ବୋମା ବିଲଡିଂ ଭିତରେ ଖଞ୍ଜା ଯାଇଛି ଓ ପୁଲିସ୍‌ର ଯଦି ସକ୍ଷମତା ଅଛି, ତା'ହେଲେ ବିସ୍ଫୋରଣକୁ ରୋକି ଦେଖାଉ ବୋଲି କଲ କରିଥିବା ବ୍ୟକ୍ତି କହିଥିଲା । ବୋମା ଧମକ ମିଳିବା ପରେ ପ୍ରଜା ଭବନରେ ଆତଙ୍କ ଖେଳି ଯାଇଥିଲା । ପୁଲିସ୍ ଟିମ ଓ ବୋମା ନିଷ୍କ୍ରିୟ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ ।

● ପୁନେ ପୋର୍ସ କାର୍ ମାମଲା

## ସରକାରୀ ଡାକ୍ତରଖାନାରେ ବଦଳା ଯାଇଥିଲା ନମୁନା

ପୁନେ, ୨୮ ।୫ (ଏଜେନ୍ସି): ପୁନେ ପୋର୍ସ କାର୍ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି । ନାବାଳକ ପୁଅ ମଦ ପିଇଥିବା ଲୁଚାଇବା ପାଇଁ ବାପା ବିଶାଳ ଅଗ୍ରୱାଲ ସରକାରୀ ଡାକ୍ତରଖାନାର କର୍ମଚାରୀଙ୍କୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦେଇଥିଲେ । ପରେ ଡାକ୍ତର ରକ୍ତ ନମୁନା ବଦଳାଇ ଦେଇଥିଲେ । ଏହି ଟଙ୍କା ଫରେନସିକ ମୁଖ୍ୟ ଡ଼. ଅଜୟ ତାୱରେ ଏବଂ ଡ. ଶ୍ରୀହରି ହୈଲନୋରଙ୍କ ପାଖରେ ପହଞ୍ଚି ଥିଲା । ଏ ନେଇ ବିଶାଳ ଡ. ଅଜୟଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ହୈଲନୋର ମଧ ଏହା ସ୍ୱୀକାର କରିଛନ୍ତି । ତାୱରେ କହିବାରୁ ସେ ନାବାଳକଙ୍କ ରକ୍ତ ନମୁନାକୁ ଅଳିଆ ଗଦାକୁ ଫୋପାଡ଼ି ଦେଇଥିଲେ । ପରେ ଅନ୍ୟ ଜଣଙ୍କ ରକ୍ତ ନମୁନାରୁ ରିପୋର୍ଟ ବନାଇ ଥିଲେ । ଉଭୟ ଡାକ୍ତର ଏବଂ କର୍ମଚାରୀ ଅତୁଲ ଘଟକାମ୍ବଲେଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ଅମିତେଶ କୁମାର କହିଛନ୍ତି । ଏହା ମଧ୍ୟରେ ପୁନେ ଜିଲ୍ଲା କୋର୍ଟ ନାବାଳକର ବାପା ଏବଂ ଜେଜେଙ୍କ ନ୍ୟାୟିକ ହେପାଜତ ସୀମାକୁ ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ।

ଅନ୍ୟପକ୍ଷରେ ଡାକ୍ତରଙ୍କ ଗିରଫ ପରେ ଏନ୍‌ସିପି ବିଧାୟକ ସୁନୀଲ ଟିଙ୍ଗରେଙ୍କ ଏକ ସୁପାରିସ ପତ୍ର ଭାଇରାଲ ହେବାରେ ଲାଗିଛି । ସେ ଗତ ବର୍ଷ ଡିସେମ୍ବର ୨୬ରେ

**ନାବାଳକଙ୍କ ବାପା ଦେଇଥିଲେ ୩ ଲକ୍ଷ ଟଙ୍କା**

ମେଡିକାଲ ଏଜୁକେଶନ ମନ୍ତ୍ରୀ ହସନ ମୁଶ୍ରିଫଙ୍କ ପାଖକୁ ଏହି ଚିଠି ଲେଖିଥିଲେ । ଏଥିରେ ତାୱରେଙ୍କୁ ମେଡିକାଲ ସୁପରିଟେଣ୍ଡେଣ୍ଟ ବନାଇବାକୁ ସୁପାରିସ କରାଯାଇଥିଲା । ଚିଠିରେ ମୁଶ୍ରିଫଙ୍କ ହାତ ଲେଖା ନୋଟ୍ ମଧ ରହିଛି । ସେ ତାୱରେଙ୍କୁ ଅତିରିକ୍ତ ଦାୟିତ୍ୱ ଦେବାକୁ ସସୁନ ହସ୍ପିଟାଲର ଡିନ୍‌ଙ୍କୁ କହିଥିଲେ । ଟିଙ୍ଗରେ ପୋର୍ସ୍ କାର୍ ମାମଲାର ତଦନ୍ତରେ ମଧ ହସ୍ତକ୍ଷେପ ଉଦ୍ୟମ କରିଥିଲେ ।

### ବ୍ରିଟିଶ ବୈଜ୍ଞାନିକଙ୍କ ଦାବି

# ପୁଣି ଆସିବ କରୋନା ଭଳି ମହାମାରୀ

ଲଣ୍ଡନ, ୨୮ ।୫ (ଏଜେନ୍ସି)

ବ୍ରିଟେନ ସରକାରଙ୍କ ପୂର୍ବତନ ବୈଜ୍ଞାନିକ ପରାମର୍ଶଦାତା ସାର୍ ପାଟ୍ରିକ ଭାଲାନ୍ସ ବଡ଼ ଚେତାବନୀ ଦେଇଛନ୍ତି । ଆଗକୁ କରୋନା ଭଳି ମହାମାରୀ ଆସିବା ଧାର୍ଯ୍ୟ ବୋଲି କହିଛନ୍ତି । ସେ ସରାକାରଙ୍କୁ ଏହା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ କରୋନା ଭଳି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଜରୁରୀ । ବିଶ୍ୱ ଏ ପର୍ଯ୍ୟନ୍ତ ଆଉ ଏକ ମହାମାରୀର ସାମ୍ନାକୁ କରିବାକୁ ପ୍ରସ୍ତୁତ ହୋଇନାହିଁ । ରିପୋର୍ଟ ଅନୁଯାୟୀ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଭାଲାନ୍ସ କହିଥିଲେ ଯେ ଏଭଳି ବିପଦର ସନ୍ଧାନ କରିବା ପାଇଁ ଉତ୍ତମ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା କରିବା ଆବଶ୍ୟକ । ଏହି ପ୍ରସଙ୍ଗ ଉଠାଇବାର ପ୍ରକୃତ ସମୟ ଆସିଛି । ଏବେ ଦେଶର ନିର୍ବାଚନ ଚାଲିଛି । ଏହି ସମୟରେ ମହାମାରୀଠାରୁ ଥିବା ବିପଦକୁ ପ୍ରସଙ୍ଗ ବନାଇବା ଜରୁରୀ । ନିର୍ବାଚନ ପରେ



ସୁଦ୍ଧା ଜି୭ ତାଙ୍କ ପରାମର୍ଶ ଭୁଲିଯାଇଛି । ଯଦି ଜି୭ କିମ୍ବା ଜି୨୦ ଦେଶର ଏଜେଣ୍ଡାରୁ ମହାମାରୀ ପ୍ରସଙ୍ଗ ହଟାଇ ଦିଆଯାଏ ତେବେ ସ୍ଥିତି ପୂର୍ବଭଳି ହୋଇଯିବ । ଯୁଦ୍ଧ ଭଳି ମହାମାରୀର ମୁକାବିଲା କରିବା ଉଚିତ ବୋଲି ସେ କହିଛନ୍ତି । ଦେଶ ପାଖରେ ଏକ ସେନା ରହିଛି । ଚଳିତ ବର୍ଷ ଯୁଦ୍ଧ ହେବ ବୋଲି ଏହାକୁ ରଖାଯାଇ ନାହିଁ । ଏହା ରାଷ୍ଟ୍ର ପାଇଁ

- ଏହାର ସାମ୍ନା କରିବାକୁ ପ୍ରସ୍ତୁତ ନାହିଁ ବିଶ୍ୱ
- ଜନତା ଏହାକୁ ନିର୍ବାଚନୀ ପ୍ରସଙ୍ଗ କରନ୍ତୁ



ଜରୁରୀ । ଠିକ୍ ଏହିପରି ଭାବେ ମହାମାରୀକୁ ଦେଖିବା ଉଚିତ । ଏହାର ମୁକାବିଲା ପାଇଁ ସଦାସର୍ବଦା ପ୍ରସ୍ତୁତ ହୋଇ ରହିବା ଉଚିତ ।

ସୂଚନାଯୋଗ୍ୟ ଯେ ଭାଲାନ୍ସ କରୋନା ସମୟରେ ଋଷି ସୁନକଙ୍କୁ ସମାଲୋଚନା କରିଥିଲେ । ସେତେବେଳେ ସୁନକ ଚାନ୍‌ସେଲର ପଦରେ ଥିଲେ । କରୋନାର ଦ୍ୱିତୀୟ ଲହରରେ ସୁନକ ଲୋକଙ୍କୁ ମରିବା ପାଇଁ ଛାଡ଼ିଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ । ତେବେ ସୁନକଙ୍କ ଧୂମ୍ରପାନ ବିରୋଧୀ ଅଭିଯାନକୁ ସେ ପ୍ରଶଂସା କରିଥିଲେ ।



### ସାଇକ୍ଲିଷ୍ଟ ସ୍ୱାତୀଙ୍କୁ ୫ ରୌପ୍ୟ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-332 ◆BHUBANESWAR ◆WEDNESDAY ◆29 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୨ ◆ଭୁବନେଶ୍ୱର ◆ବୁଧବାର ◆୨୯ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦







# ପ୍ରକୃତିର କୋପ

## ମିଜୋରାମରେ ପ୍ରବଳ ବର୍ଷା; ଖଣି ଧସି ୧୭ ମୃତ

■ଗୌହାଟୀ, ୨୮।୫ (ଏଜେନ୍ସି): ସାମୁଦ୍ରିକ ଝଡ଼ ରେମଲ ଗତ ରବିବାର ରାତିରେ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବା ପରେ ଏହି ଅଞ୍ଚଳରେ ପ୍ରବଳ ବେଗରେ ପବନ ବହିବା ସହିତ ପ୍ରବଳ ବର୍ଷା ଯୋଗୁଁ ନାହିଁ ନଥିବା କ୍ଷତି ଘଟିଛି। କେବଳ ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ନୁହେଁ; ଆସାମ, ମିଜୋରାମ ଭଳି ଉତ୍ତର ପୂର୍ବାଞ୍ଚଳର କିଛି ରାଜ୍ୟ ମଧ୍ୟ ରେମଲ ଦ୍ୱାରା ପ୍ରଭାବିତ ହୋଇଛି। ଏହି ଦୁଇ ରାଜ୍ୟରେ ବିଗତ ଦୁଇ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଦ୍ୱାରା ମିଜୋରାମରେ ୧୭ ଜଣଙ୍କ ମୃତ୍ୟୁ ହେବା ସହିତ ଆସାମରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ଘଟଣାରେ ଉଭୟ ରାଜ୍ୟରେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମିଳିଥିବା ଖବର ଅନୁସାରେ ମିଜୋରାମର ଆଇଜ୍ୱାଲ ଜିଲ୍ଲାରେ ମଙ୍ଗଳବାର ସକାଳେ ପ୍ରାୟ ୬ଟା ବେଳେ ଏକ ପଥର ଖଣି ହଠାତ୍ ଧସିଯିବାରୁ ୨ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ପଥର ଖଣିରେ ପାଣି ଭର୍ତ୍ତି ହୋଇଯିବା ସହ ଖଣି ଧସିଯାଇଥିବା କୁହାଯାଇଛି। ଏହି ଘଟଣାରେ ଆହୁରି ଅନେକ ଶ୍ରମିକଙ୍କ ମଧ୍ୟ ପତ୍ତା ମିଳୁନାହିଁ। ସେଠାରେ ଉଦ୍ଧାରକାରୀ ଦଳ ପହଞ୍ଚିଛନ୍ତି। ମିଜୋରାମ ସରକାର ଆଜି ▶ପୃଷ୍ଠା-୯



### ଆସାମରେ ୨ ମୃତ, ୧୭ ଆହତ

## ରାଜସ୍ଥାନରେ ଗ୍ରୀଷ୍ମ ଲହରୀ ଜାରି

## ଦିନକରେ ୧୩ ମୃତ

■ଜୟପୁର, ୨୮।୫ (ଏଜେନ୍ସି): ଉତ୍ତର ଏବଂ ପଶ୍ଚିମ ଭାରତରେ ପ୍ରବଳ ଗ୍ରୀଷ୍ମ ଲହରୀକୁ ନେଇ ସ୍ଥିତି ଅସମ୍ଭାଳ ରହିଛି। କିନ୍ତୁ ରାଜସ୍ଥାନରେ ସ୍ଥିତି ସବୁଠୁ ଜଟିଳ ହୋଇପଡ଼ିଛି। ସିରୋହି-ମାଉଣ୍ଟ ଆବୁକୁ ଛାଡିଦେଲେ ରାଜ୍ୟର ଅଧିକାଂଶ ଜିଲ୍ଲାର ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ଉପରେ ରହିବା ସହିତ ପଶ୍ଚିମ ରାଜସ୍ଥାନର ଅନେକ ସହରରେ ପାଖାପାଖି ୫୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ରାଜସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଛି। ଏଭଳି ସ୍ଥିତିରେ ଗୋଟିଏ ଦିନରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବିଗତ ଦିନରେ ଅଂଶୁଘାତ କାରଣରୁ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୪୯ ଜଣଙ୍କ ଜୀବନ ନିର୍ବାପିତ ହୋଇଥିବା କୁହାଯାଇଛି। ମଙ୍ଗଳବାର ଚୁରୁ ସହର ସମଗ୍ର ଦେଶରେ ସବୁଠାରୁ ଉତ୍ତପ୍ତ ଥିଲା।ଏଠାକାର ତାପମାତ୍ରା ୫୦.୫ ଡିଗ୍ରୀ ରେକର୍ଡ କରାଯାଇଛି।ଫାଲୋଦି, ବଡମେର, ଜୈସଲମେର, ଯୋଧପୁର, ବାଲୋତ୍ରା, ଗଙ୍ଗାପୁର ସହର, କୋଟା, ଜୟପୁର ଏବଂ ଅନ୍ୟାନ୍ୟ ସହରରେ ପ୍ରବଳ ଉତ୍ତାପ ଯୋଗୁଁ ଜନ ଜୀବନ ବ୍ୟାହତ ହୋଇଥିବା ଦେଖାଯାଇଛି।

**ବର୍ତ୍ତମାନ ସୁଦ୍ଧା ଗଲାଣି ୪୯ ଜୀବନ**

### ମହାପ୍ରଭୁ ଜଗନ୍ନାଥଙ୍କୁ ନବୀନଙ୍କ ପ୍ରାର୍ଥନା

## ବିଜେପି ନେତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ

■ ଭୁବନେଶ୍ୱର, ୨୮।୫ (ସମିସ): ଓଡ଼ିଶାକୁ ଆସି ମିଛ ପରେ ମିଛ କହୁଥିବା, ଅଶାଳୀନ ମନ୍ତବ୍ୟ ଦେଉଥିବା ବିଜେପି ନେତାଙ୍କ କଲ୍ୟାଣ କାମନା କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେପି ନେତାମାନଙ୍କୁ ସଦ୍‌ବୁଦ୍ଧି ଦେବାକୁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି।

ନବୀନ କହିଛନ୍ତି ଯେ ଅତୀତରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ନେତାମାନେ କର୍ଣ୍ଣାଟକରେ ସରକାର ଗଢ଼ିବେ ବୋଲି କହିଲେ, ମାତ୍ର ସଫଳ ହେଲେ ନାହିଁ। ତେଲେଙ୍ଗାନା, ହିମାଚଳ ପ୍ରଦେଶରେ ମଧ୍ୟ ବିଜେପି ଓ ଏହାର ନେତାମାନଙ୍କୁ ସମଦଶା ଭୋଗିବାକୁ ପଡ଼ିଲା। ସେଠାରେ ସେମାନେ ଯେପରି ପଦ୍ଧତି ଅବଲମ୍ବନ କରୁଥିଲେ, ବର୍ତ୍ତମାନ ଓଡ଼ିଶାରେ ସେହିପରି କାର୍ଯ୍ୟ କରୁଛନ୍ତି। ଏହି ନିର୍ବାଚନରେ ବିଜେପି ପୁଣି ସେହି ପରିସ୍ଥିତିର ସାମ୍ନା କରିବାକୁ ଯାଉଛି ବୋଲି ମୋର ବିଶ୍ୱାସ।

ବିଜେପିର ବରିଷ୍ଠ ନେତା, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ୍ ମନ୍ତ୍ରୀମାନେ ଓଡ଼ିଶା ଗସ୍ତରେ ଅତିଥି ଭାବେ ଆସୁଛନ୍ତି। ଆମେ ଆଶା କରୁଛୁ ସେମାନେ ଏଠାରେ ଖରାପ ଭାଷା ବ୍ୟବହାର କରନ୍ତୁ ନାହିଁ କିମ୍ବା ମିଥ୍ୟା ଆରୋପ ଲଗାନ୍ତୁ ନାହିଁ। ଓଡ଼ିଶାବାସୀ ଏହାକୁ କେବେ ପସନ୍ଦ କରନ୍ତି ନାହିଁ। ମହାପ୍ରଭୁ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଏପରି ମନ୍ଦ ଆଚରଣକୁ ଓଡ଼ିଶାବାସୀ କେବେ ପସନ୍ଦ କରନ୍ତି ନାହିଁ**

**ତେଲଙ୍ଗାନା, କର୍ଣ୍ଣାଟକ, ହିମାଚଳ ପରି ସ୍ଥିତି ଭୋଗିବ ବିଜେପି**

### ଲୋକକଥା



ଏତେ ଯଦି ତୁମେ ଲୋକପ୍ରିୟ ନେତା
ଅଣ୍ଟିତ ତୁମର ଉଠିବ ପୂରି,
କାହିଁ ଏତେ ନେତା ଓଡ଼ିଶା ପଠାଅ
କୁଆଡ୍ରୁ କେମିତି ଯୋଗାଡ଼ କରି !
ଭୟରେ ଅନ୍ତର ଯାଏକି ଥରି,
ମିଛ କଥା କହି ଭାବିଛକି ତୁମେ
ଭୋଟ ବୈତରଣୀ ହୋଇବ ପାରି !!

## ପାଣ୍ଡିଆନଙ୍କ 'ନଅ' ବ୍ରହ୍ମାସ୍ତ୍ରରେ ବିଜେପି ଘାଇଲା

■ ଭୁବନେଶ୍ୱର, ୨୮।୫ (ସମିସ): ବାଲେଶ୍ୱର ଓ ମୟୂରଭଞ୍ଜ ଲୋକସଭା କ୍ଷେତ୍ରରେ ପ୍ରଚାର କାଳରେ ବିଜେପିକୁ 'ନଅ'ଟି ବ୍ରହ୍ମାସ୍ତ୍ର ମାରି ଘାଇଲା କରିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଟାଣିବାକୁ ଓଡ଼ିଶାବାସୀ କେବେ ବି ପସନ୍ଦ କରୁନାହାନ୍ତି। ବାହାରୁ ନେତା, କେନ୍ଦ୍ରମନ୍ତ୍ରୀ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ଭାଷାରେ ଅସମ୍ମାନ ଗାଳି ଗୁଲଜ କରୁଛନ୍ତି। ଯାହାକୁ ଓଡ଼ିଶାବାସୀ ପସନ୍ଦ କରୁନାହାନ୍ତି।

- **ମହାପ୍ରଭୁ ଓ ଶ୍ରୀମନ୍ଦିରକୁ ବି ରାଜନୀତିକୁ ଟାଣୁଛି ବିଜେପି**
- **ଅନ୍ୟ ରାଜ୍ୟରୁ ଆସି ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ଗାଳି କରୁଛନ୍ତି**
- **ମାଗଣା ବିଜୁଳି ଘୋଷଣା ବିଜେପି ନେତାଙ୍କୁ କରେଣ୍ଟ ଲାଗିଛି**

ବିଜେପିକୁ ୯ଟି ପ୍ରଶ୍ନ କରିବା ସହ ଏହାର ଜବାବ ଦେବାକୁ ଆହ୍ୱାନ ଦେଇଛନ୍ତି । ମାଗଣା ବିଜୁଳି ଘୋଷଣା ପରେ ବିଜେପି ନେତାଙ୍କୁ କରେଣ୍ଟ ଲାଗିଛି ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରକୁ ରାଜନୀତିକୁ ମିଶନଶକ୍ତିକୁ ବନ୍ଦ କରିବାକୁ ବିଜେପି ଇସ୍ତାହାର ଘୋଷଣା କରିଛି। ବିଜେପି ସରକାରକୁ ଆସିଲେ ମିଶନଶକ୍ତି ବନ୍ଦ କରିବେ। ମିଶନଶକ୍ତିକୁ ବନ୍ଦ କରିବାକୁ ବିଜେପି ଷଡଯନ୍ତ୍ର କରୁଛି। ବିଏସ୍‌କେୱାଇକୁ ବନ୍ଦ କରି ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ବିଜେପି ଇସ୍ତାହାର ଘୋଷଣା କରିଛି; କିନ୍ତୁ ଆୟୁଷ୍ମାନ ଭାରତ କେବଳ ବିପିଏଲ ପରିବାର ପାଇଁ। ଆମ ବିଏସ୍‌କେୱାଇ ଯୋଜନା ସମସ୍ତଙ୍କ ପାଇଁ। ରାଜ୍ୟର ୯୦ ପ୍ରତିଶତ ଲୋକ ସୁବିଧା ପାଉଛନ୍ତି। ଆଗକୁ ବିଏସ୍‌କେୱାଇ ନବୀନ କାର୍ଡରେ ସମସ୍ତଙ୍କୁ ସାମିଲ କରାଯିବ। ଯୁବ କ୍ଷେତ୍ରକୁ ଗୁରୁତ୍ୱ ଦେଇ ନବୀନ ▶ପୃଷ୍ଠା-୯



## 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ' ପ୍ରଦାନ ଉତ୍ସବ ଆଜି

### ରାଜ୍ୟର ୫ଟି ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

■ ଭୁବନେଶ୍ୱର, ୨୮।୫ (ସମିସ): 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବୁଧବାର ଅନୁଷ୍ଠିତ ହେଉଛି 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪'। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ପ୍ରତ୍ୟେକ ଜିଲ୍ଲା ଓ ବ୍ଲକସ୍ତରରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଜିଲ୍ଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାଳୟଗୁଡ଼ିକୁ ସମ୍ମାନିତ କରାଯିବ। ରାଜ୍ୟର ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ଜୟପୁର ଓ ଢେଙ୍କାନାଳରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩୫୪ରୁ ଅଧିକ ▶ପୃଷ୍ଠା-୯









# ଆଗକୁ ଭୟଙ୍କର ମହଙ୍ଗା ମାଡ଼

### ନିର୍ବାଚନ ଫଳ ପ୍ରକାଶ ପରେ ଖାଉଟିଙ୍କ ପାଇଁ ଆରମ୍ଭ ହେବ ଖରାପ ସମୟ



**୧୦% ପର୍ଯ୍ୟନ୍ତ ବଢ଼ିପାରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ମୂଲ୍ୟ**

**୨୦ ପ୍ରତିଶତ ପର୍ଯ୍ୟନ୍ତ ମହଙ୍ଗା ହେବ ମୋବାଇଲ କଲ୍ ଆଉ ଡାଟା !**

■ନୂଆଦିଲ୍ଲୀ, ୨୮।୫(ସମିସ): ସାରା ଦେଶରେ ନିର୍ବାଚନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଜୁନ୍ ପହିଲାରେ ଅନ୍ତିମ ପର୍ଯ୍ୟାୟ ମତଦାନ ହେବ ଏବଂ ଜୁନ୍ ୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ତେବେ ନିର୍ବାଚନ ଫଳ ପ୍ରକାଶ ପରେ ଖାଉଟିଙ୍କ ପାଇଁ ଖରାପ ସମୟ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ, ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଅର୍ଥାତ୍ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୧୦ ଟଙ୍କା ଯାଏ ବୃଦ୍ଧି ପାଇବ। ଏହା ସହ ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ସିଲିଣ୍ଡର କ୍ଷେତ୍ରରେ ଗ୍ରାହକଙ୍କୁ ଆଉ ଏକ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ପୁଣି ଥରେ ହଜାରେ ଟପିବ ଏଲ୍‌ପିଜି ସିଲିଣ୍ଡର ଦର, ଯାହା ମଧ୍ୟ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଗ୍ରାହକଙ୍କ ରୋଷେଇ ଘର ବଜେଟ ବଢ଼ାଇବ। ସେହିପରି ନିର୍ବାଚନ ପରେ ମୋବାଇଲ ଟାରିଫ୍‌ରେ ବୃଦ୍ଧି ଆକାରରେ ଉପଭୋକ୍ତାମାନଙ୍କୁ ସବୁଠାରୁ ବଡ଼ ଝଟ୍‌କା ଲାଗିବ ।ଏକସଙ୍ଗେ ମୋବାଇଲ କଲ୍ ଆଉ ଡାଟା ମହଙ୍ଗା ହେବ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ପରେ ଯେପରି ପରିସ୍ଥିତି ଦେଖିବାକୁ ମିଳିଥିଲା, ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବ। ▶ପୃଷ୍ଠା-୯

### ପୁଣି ବଢ଼ିଲା ଅତ୍ୟାବଶ୍ୟକ ସାମଗ୍ରୀ ଦର

## ଡାଲି, ଅଟା ୧୦ ଟଙ୍କା ମହଙ୍ଗା

■ ଭୁବନେଶ୍ୱର, ୨୮।୫ (ସମିସ): ମହଙ୍ଗା ବଜାର ଦର ଖାଉଟିଙ୍କ ପିଛା ଛାଡୁନାହିଁ। ନିର୍ବାଚନ ପରେ ମହଙ୍ଗା ହେବ ନିତ୍ୟ ବ୍ୟବହାର୍ଯ୍ୟ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ। କାରଣ ବର୍ତ୍ତମାନ ପାଇକକାରୀ ବଜାରରେ ପୁଣି ଥରେ ବଢ଼ିଛି ଡାଲି, ଅଟା , ସୁଜି, ମଇଦା ଏବଂ ଖାଇବା ତେଲ ଦର। ଏସବୁ ସାମଗ୍ରୀର କିଲୋ ପିଛା ଦର ୧୦ ଟଙ୍କା ବୃଦ୍ଧି ପାଇଛି। ହରଡଠାରୁ ଆରମ୍ଭ କରି ବିରି, ମୁଗ ଆଉ ମସୁର ଡାଲି ଦର ବୃଦ୍ଧି ପାଇଛି। ପାଇକାରୀ ବଜାରରେ ହରଡ ଡାଲି କ୍ୱିଣ୍ଟାଲ ପିଛା ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ସେହିପରି ଅଟା କ୍ୱିଣ୍ଟାଲ ପିଛା ୫୦ରୁ ୧୦୦ ଟଙ୍କା ବଢ଼ିଛି। ସମ୍ପ୍ରତି ଏପ୍ରିଲ ମାସରେ ଖୁଚୁରା ମୁଦ୍ରାସ୍ଫୀତିରେ ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ସର୍ବାଧିକ ୮.୭୦ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଗତ ମାସରେ ଆଳୁ ଓ ପିଆଜ ଦର କିଲୋ ପିଛା ୧୦ ଟଙ୍କା ବୃଦ୍ଧି ଘଟିଛି। ଏହାବାଦ୍ ଅନ୍ୟ ପନିପରିବା ଦର ଏବେ ବି ଖୁବ୍ ଉଚ୍ଚରେ ରହିଛି। ତେଣୁ ନିର୍ବାଚନ ପରେ ଅର୍ଥାତ୍ ଜୁନ୍‌ରୁ ଏସବୁ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆହୁରି ▶ପୃଷ୍ଠା-୯

## ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ ହରିପୁରଗଡ଼

# ପ୍ରଧାନମନ୍ତ୍ରୀଙ୍କ ଶିଳାନ୍ୟାସକୁ ୫ ବର୍ଷ; ଇଟା ଖଣ୍ଡେ ବି ପଡ଼ିନି

**ବାରିପଦା, ୨୮।୫ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି (ବୁଧବାର) ବାରିପଦା ଗସ୍ତରେ ଆସି ଛଉ ପଡ଼ିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଆଜକୁ ୫ ବର୍ଷ ୪ମାସ ତଳେ ବି ଏହି ଛଉ ପଡ଼ିଆରେ ପ୍ରଧାନମନ୍ତ୍ରୀଙ୍କ ପାଦ ପଡ଼ିଥିଲା। ୨୦୧୯ ଜାନୁଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ଏହି ପଡ଼ିଆରୁ ପୂର୍ବୋଦୟ ବିକାଶ ପାଇଁ ୪ ହଜାର ୫୦୦ କୋଟିର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର ସ୍ମୃତି ଏବେ ବି ଏଠିକାର ଲୋକଙ୍କ ମନରେ ତାଜା ଅଛି। ସେ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୟୂରଭଞ୍ଜ ଇତିହାସର ମୂକସାକ୍ଷୀ ହରିପୁରଗଡ଼ର ପୁନରୁଦ୍ଧାର ଓ ସଂରକ୍ଷଣ କାର୍ଯ୍ୟ ପ୍ରକଳ୍ପ ଅନ୍ୟତମ ଥିଲା। କାର୍ଯ୍ୟକ୍ରମରେ ତତ୍କାଳୀନ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ଜୁଏଲ ଓରାମ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏହି ଶିଳାନ୍ୟାସକୁ ୫ ବର୍ଷ ବିତି ଯାଇଥିଲେ ହେଁ ଏଯାଏ ପ୍ରକଳ୍ପ ସ୍ଥଳରେ ଇଟାଖଣ୍ଡିଏ ପଡ଼ି ପାରିନାହିଁ। କାମ ଆରମ୍ଭ ହେବା ତ ଦୂରର କଥା; ପ୍ରଧାନମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ ଓ ପରେ ଭୁବନେଶ୍ୱରରୁ କିଛି ଅଧିକାରୀ ତୋଫାନୀ ଗସ୍ତ କରି ଫେରିଥିଲେ ହେଁ ଏଯାବତ୍ ସର୍ଭେ ସମ୍ପନ୍ନ ହୋଇପାରିନାହିଁ। ପ୍ରତ୍ନତତ୍ତ୍ୱ ବିଭାଗର ଜଣେ ମାତ୍ର କର୍ମଚାରୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛନ୍ତି। ତେଣୁ ସଂରକ୍ଷଣ କାମ କିପରି ହେଉଥିବ, ତାହା ସହଜରେ ଯେକେହି ଅନୁମାନ କରିପାରିବ।






ଏହି ପ୍ରକଳ୍ପ ସାକାର ରୂପ ପାଇଲେ, ରାଜ୍ୟ ତଥା ମୟୂରଭଞ୍ଜର ପ୍ରାଚୀନ କୀର୍ତ୍ତି ଓ ଐତିହ୍ୟର ସୁରକ୍ଷା ସାଙ୍ଗକୁ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଜାତୀୟସ୍ତରର ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇବା ପରେ ପାରିପାର୍ଶ୍ୱିକ ଉନ୍ନତି ସାଙ୍ଗକୁ ଅଞ୍ଚଳର ଉନ୍ନତି ହେବ। ଅନେକ ରୋଜଗାରକ୍ଷମ ହେବେ। ଗଡ଼ ନିକଟବର୍ତ୍ତୀ ମାଣତ୍ରୀ ହରିହର ପୀଠ, ଦେବକୁଣ୍ଡ, ଲୁଲୁଙ୍ଗ, ସୀତାକୁଣ୍ଡ, କ୍ଷୀରଚୋରା ଗୋପୀନାଥ, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି ଓ ବାରିପଦା ଜଗନ୍ନାଥ ମନ୍ଦିର ଆଦି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। କିନ୍ତୁ ମୟୂରଭଞ୍ଜବାସୀଙ୍କ ସେ ଆଶା ଆଶାରେ ରହି ଯାଇଛି।

ଅପରପକ୍ଷେ ଏହାକୁ ନେଇ ବିରୋଧୀ ମୁହଁ ଖୋଲିଛନ୍ତି। ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ପ୍ରକାଶ କରମହାପାତ୍ର କହିଛନ୍ତି ଯେ ଏହା ବିଜେପିର ଏକ ନିର୍ବାଚନୀ ଚାଲ୍ ଥିଲା। ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ ନ ହୋଇ ଶିଳାନ୍ୟାସ ନାମରେ ସରକାରୀ ଅର୍ଥରେ ଏପରି ବିଶାଳ ଆୟୋଜନ କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ଥିଲା। ସେହିପରି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ଚେତାବନୀ ଦେଇଛନ୍ତି ଯେ ହରିପୁରଗଡ଼ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ ନ ହେଲେ ଅନୁଷ୍ଠାନ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବ।

- ପୁନରୁଦ୍ଧାର ଓ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ ସରିବ କେବେ?
- ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗ ବିଜେପି ପାଇଁ ଅଡୁଆ।

ସୂଚନା ଥାଉକି, କିଛି ଭଙ୍ଗାଇଟା, ପଥର ଓ ଗଡ଼ର ଧ୍ୱଂସାବଶେଷ ଦୃଶ୍ୟମାନ ହେଉଥିବା ୨୫ଏକର ବିଶିଷ୍ଟ ଖୋଲା ସ୍ଥାନ ଏକଦା ଗଡ଼ଜାତ ମୟୂରଭଞ୍ଜର ରାଜଧାନୀ ଥିଲା। ଏହା ଏବେ ବିଲୁପ୍ତ ହେବାକୁ ବସିଲାଣି। ମୟୂରଭଞ୍ଜ ରାଜତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ଗଡ଼ ବଡ଼ସାହିରୁ ପଶ୍ଚିମକୁ ୧୦କିମି ଓ ବାରିପଦାରୁ ଦକ୍ଷିଣକୁ ୨୭ କିମି ଦୂରରେ ଅବସ୍ଥିତ। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଉଦ୍ୟମରେ ୧୩୨୨ ଶକାବ୍ଦରେ ନିର୍ମିତ ଏହି ଗଡ଼ର ସାମାନ୍ୟତମ ଅଂଶ ଖୋଳାଯାଇଥିବା ବେଳେ କିଛି ବିରଳ କୀର୍ତ୍ତିରାଜି ବିଭାଗ ପକ୍ଷରୁ ସଂଗୃହୀତ ହୋଇଛି।

ଇତିହାସରେ ଜଣାପଡ଼େ ଯେ, ୧୩୬୧ ଶକାବ୍ଦରେ ମୋଗଲ ରାଜା ଫିରୋଜ ଶାହ ତୋଗଲ ରାଜଧାନୀ ଖିଚିଂକୋଟ ଆକ୍ରମଣ କରିବା ପରେ ମୟୂରଭଞ୍ଜ ଗଡ଼ଜାତର ତତ୍କାଳୀନ ମହାରାଜା ହରିହର ଭଞ୍ଜ ୧୩୨୨ ଶକାବ୍ଦ ଅର୍ଥାତ୍ ୧୪୦୦ ଖ୍ରୀଷ୍ଟାବ୍ଦରେ ଏହି ଗଡ଼କୁ ନିର୍ମାଣ କରିଥିଲେ। ଗଡ଼ ନିର୍ମାଣ ପରେ ଏହାର ଭୌଗୋଳିକ ସ୍ଥିତି ଓ ରମଣୀୟ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ସେ ଏହାକୁ ମୟୂରଭଞ୍ଜର ରାଜଧାନୀ ଭାବେ ଘୋଷଣା କରିଥିଲେ। ମହାରାଜା ହରିହର ଭଞ୍ଜଙ୍କ ନାମ ଅନୁଯାୟୀ, ଏହା ହରିହରଗଡ଼ ଭାବେ ନାମିତ କରାଯାଇଥିଲେ ମଧ୍ୟ କାଳକ୍ରମେ ହରିପୁରଗଡ଼ ନାମରେ ପରିଚିତ ହେଲା। ଗଡ଼ର ଉଭୟ ପାର୍ଶ୍ୱରେ ପ୍ରବାହିତ ମାଧବୀ ନାଳ ଓ ଗଙ୍ଗାହାର ନଦୀ ରାଜପରିବାର ଓ ସୈନିକଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ ତତକାଳୀନ ବଙ୍ଗୀୟ ମୁସଲମାନ ସୁଲେମାନ ଦାଉଦଖାନ ରାଜଦରବାରରେ କେତେକ ବିଶ୍ୱାସଘାତୀଙ୍କ ସାହାଯ୍ୟରେ ଏହି ଗଡ଼ ଦଖଲ କରିଥିଲେ। ମୋଗଲଙ୍କ ହରିପୁରଗଡ଼ ଦଖଲ ପରେ ରାଜରାଜେଶ୍ୱରୀ ସୁମିତ୍ରାଦେବୀ ଭଞ୍ଜ ମୟୂରଭଞ୍ଜର ରାଜଧାନୀକୁ ବାରିପଦା ସ୍ଥାନାନ୍ତର କରିଥିଲେ। ଫଳରେ ମୁସଲମାନଙ୍କ ଦଖଲରେ ଥିବା ଏହି ଗଡ଼ ଯତ୍ନ ଅଭାବରୁ ନଷ୍ଟ ହେବାକୁ ଲାଗିଲା।

ଗଡ଼ର ମୁଖ୍ୟଦ୍ୱାର ପୂର୍ବ ଦିଗକୁ ଥିବା ବେଳେ ଚତୁଃପାର୍ଶ୍ୱରେ ୪ଟି ବିକଳ୍ପ ଦ୍ୱାର ଥିଲା। ମହାରାଜା ବୈଦନାଥ ଭଞ୍ଜ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ପରେ ଗଡ଼ର ବାମପାର୍ଶ୍ୱରେ ସ୍ୱତନ୍ତ୍ର ଇଟାରେ ଏକ ରସିକରାୟ ମନ୍ଦିର ନିର୍ମାଣ କରିଥିଲେ। ଏହି ଇଟା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ସେହିପରି ଧର୍ମବିଶ୍ୱାସୀ ଭଞ୍ଜ ପରିବାର ଗଡ଼ ପରିସରରେ ଜଗନ୍ନାଥ ତଥା ବିଭିନ୍ନ ଦେବଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ। ରସିକରାୟ ମନ୍ଦିରର ଉତ୍ତରକୁ ରାଜଦରବାର ଅବସ୍ଥିତ ଥିଲା। ଗଡ଼ ଭିତରେ ଥିବା ସମସ୍ତ ଗୃହକୁ ସ୍ୱତନ୍ତ୍ର ଭାବେ ନିର୍ମିତ ମାଟି ପାଇପ ମାଧ୍ୟମରେ ପାଣି ଯୋଗାଣର ସୁବିଧା ସେ ସମୟରେ ଉପଲବ୍ଧ ଥିଲା; ଯାହାକି ପ୍ରତ୍ନତାତ୍ତ୍ୱିକ ବିଭାଗ ଉତ୍‌ଖନନରୁ ଜଣାଯାଏ। ଉତ୍‌ଖନନରୁ ଗଡ଼ରେ ଏକ ଗୁପ୍ତ ଗୃହର ସନ୍ଧାନ ମିଳିବା ପରେ ଭୂତଳେ ଅନେକ ଗୃହ ତଥା କିମ୍ବଦନ୍ତୀ ରହିଥିବା କୁହାଯାଉଛି। ନବେ ଦଶକର ପ୍ରଥମାର୍ଦ୍ଧରେ ବିଭାଗ ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତିବର୍ଷ କିଛି ଅଳ୍ପସ୍ୱଳ୍ପ କାର୍ଯ୍ୟ ହେଉଥିଲେ ହେଁ ଗଡ଼ର ପୁନରୁଦ୍ଧାର ସମ୍ଭବ ହୋଇନଥିଲା। ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୧୮ ମେ'ରେ ହରିପୁର ଗସ୍ତରେ ଆସି ରାତ୍ରିଯାପନ କରିବା ପରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅନୁରୋଧ ପରେ ସେ ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ମାତ୍ର କାର୍ଯ୍ୟ ଅଗ୍ରଗତି ନ ହେବା ଆଗାମୀ ନିର୍ବାଚନରେ ପ୍ରମୁଖ ପ୍ରସଙ୍ଗ ବିଜେପିକୁ ଅଡୁଆ କରିବ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଉଛନ୍ତି।

---

**ଆଜି ଶ୍ରୀକ୍ଷେତ୍ର ଭଉଁରୀ**

## ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିବେ ମହାପ୍ରଭୁ

**ପୁରୀ, ୨୮।୫ (ସମିସ):** ଆସନ୍ତାକାଲି (ବୁଧବାର) ଶ୍ରୀକ୍ଷେତ୍ର ଭଉଁରୀ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ଭଉଁରୀ ଯାତରେ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିବେ। ମହାପ୍ରଭୁଙ୍କର ଏହି ନିଆରା ଜଳକ୍ରୀଡ଼ା ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ଚନ୍ଦନ ଯାତ୍ରାର ୨୦ତମ ଦିବସରେ ଭଉଁରୀ ଯାତ ହୋଇଥାଏ। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତ୍ର ଚାପରେ ତିନିଘେରା ପରିକ୍ରମା କରିଥା'ନ୍ତି। କିନ୍ତୁ ଭଉଁରୀରେ ରାତ୍ର ଚାପରେ ମହାପ୍ରଭୁ ନରେନ୍ଦ୍ରରେ ୨୧ଘେରା ନୌବିହାର କରିଥାନ୍ତି। ୨୧ ଦିନରେ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ। ଏହି ଦିନ କେବଳ ଦିନ ଚାପ ଅନୁଷ୍ଠିତ ହୋଇଥାଏ। ଅପରପକ୍ଷେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ପ୍ରାତଃ ୩ଟାରେ ଶ୍ରୀମନ୍ଦିରର ଦ୍ୱାରଫିଟା ଯିବ। ୪ଟାରେ ମଙ୍ଗଳ ଆଳତି ସମ୍ପନ୍ନ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ସାଢେ ୯ଟାରେ ରଥ ଆଜ୍ଞାମାଳ ବିଜେ ହେବ। ଅପରାହ୍ନ ୨ଟାରେ ମହାପ୍ରଭୁ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ।



---

## ସୋସିଆଲ ମିଡିଆରୁ ହଟିଲା ନିର୍ବାଚନ ସଂକ୍ରାନ୍ତୀୟ ୪୨୦ଟି ଆପତ୍ତିଜନକ ପୋଷ୍ଟ

**କଟକ, ୨୮।୫ (ସମିସ):** ସାଧାରଣ ନିର୍ବାଚନ ସଂକ୍ରାନ୍ତୀୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅନେକ ଆପତ୍ତିଜନକ ମତମନ୍ତବ୍ୟ ତଥା ପୋଷ୍ଟକୁ ନେଇ ଓଡ଼ିଶା ପୁଲିସର ସୋସିଆଲ୍ ମିଡିଆ ମନିଟରିଂ ସେଲ୍ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସାଧାରଣ ନିର୍ବାଚନ-୨୦୨୪ ସହ ଜଡ଼ିତ ୪୨୦ଟି ଆପତ୍ତିଜନକ ବିଷୟବସ୍ତୁ ବା ପୋଷ୍ଟକୁ ହଟାଇଦେଇଛି। ଏହାବ୍ୟତୀତ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ନିୟମ ଉଲ୍ଲଂଘନ ପାଇଁ ୫ ଗୋଟି ଏତଲା ପଞ୍ଜିକୃତ ହୋଇଥିବା ବେଳେ ତାହାର ଅନୁସନ୍ଧାନ ଚାଲିଥିବା ଜଣାପଡ଼ିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ କଡ଼ା ନଜର ରଖାଯିବା ସହ ଆଇଟି ବିଶେଷଜ୍ଞଙ୍କ ସହାୟତାରେ ସାଇବର ପାଟ୍ରୋଲିଂ କଡ଼ାକଡ଼ି କରାଯାଉଥିବା ପୁଲିସ ପକ୍ଷରୁ କୁହାଯାଇଛି। ବିଭ୍ରାନ୍ତିକର ସୋସିଆଲ ମିଡିଆ ହ୍ୟାଣ୍ଡେଲ ଉପରେ ନଜର ରଖାଯାଇଛି ଏବଂ ଉପଯୁକ୍ତ ମୁହୂର୍ତ୍ତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ସୋସିଆଲ ମିଡିଆର ଅପବ୍ୟବହାରରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି।

- ସାଇବର ପାଟ୍ରୋଲିଂ କରୁଛି ଓଡ଼ିଶା ପୁଲିସ
- ନିୟମ ଉଲ୍ଲଂଘନ ପାଇଁ ୫ଟି ଏତଲା ରୁଜୁ

ସୋସିଆଲ ମିଡିଆରେ ଅସଦାଚରଣ, ନିର୍ବାଚନ ପାଇଁ ମଡେଲ ଆଚରଣ ବିଧି ଉଲ୍ଲଂଘନ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫେସବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର) ପରି ଏକାଧିକ ପ୍ଲାଟଫର୍ମରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ୟୁନିଟ୍ ପୂର୍ବରୁ କାର୍ଯ୍ୟକ୍ଷମ ଥିଲା। କିନ୍ତୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ପୁଲିସ୍ ଜିଲ୍ଲାରେ ସୋସିଆଲ୍ ମିଡିଆ ସେଲ୍ ଗଠନ କରାଯାଇଥିଲା। ରାଜ୍ୟ ସୋସିଆଲ ମିଡିଆ ୟୁନିଟ୍ ଏବଂ ଜିଲ୍ଲା ସୋସିଆଲ୍ ମିଡିଆ ସେଲର ମିଳିତ ପ୍ରୟାସ ଉଲ୍ଲେଖନୀୟ ସଫଳତା ଆଣିଛି। ଫେସବୁକ୍‌ରେ ୭୮୮ଟି ଆପତ୍ତିଜନକ ବିଷୟବସ୍ତୁ ଅପସାରଣ ପାଇଁ ଅନୁରୋଧ ପଠାଯାଇଥିଲା ବେଳେ ୨୫୭ଟି ପୋଷ୍ଟ/ଆକାଉଣ୍ଟକୁ ମେଟା ପକ୍ଷରୁ ହଟାଇ ଦିଆଯାଇଛି।

ଇନଷ୍ଟାଗ୍ରାମରେ ଏହିପରି ୪୭୧ଟି ଅନୁରୋଧ ଦାଖଲ କରାଯାଇଥିବା ବେଳେ ୧୫୪ଟି ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି ମେଟା। ସେହିପରି ୟୁଟ୍ୟୁବ୍ ପାଇଁ ୯୬ଟି ଅନୁରୋଧ ପଠାଯାଇଥିବା ବେଳେ ୯ଟି ବିଷୟବସ୍ତୁକୁ ଅପସାରଣ କରାଯାଇଥିଲା। ଏଗୁଡ଼ିକ ବ୍ୟତୀତ ଓଡ଼ିଶା ପୁଲିସର ବିଭିନ୍ନ ସୋସିଆଲ ମିଡିଆ ସେଲ ଦ୍ୱାରା ପ୍ରାୟ ୯୫୦ଟି ସୋସିଆଲ ମିଡିଆ ହ୍ୟାଣ୍ଡେଲ ସାରା ରାଜ୍ୟରେ ନଜର ରଖାଯାଇଛି। କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ମଧ୍ୟ ଏହାର ସରକାରୀ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛି। କାହାରି ଅନିଷ୍ଟ ନକରି ସୋସିଆଲ ମିଡିଆକୁ ଉପଯୁକ୍ତ ତଥା ଉପଯୁକ୍ତ ଉପାୟରେ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛି କ୍ରାଇମବ୍ରାଞ୍ଚ।

---

## ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡି ଆବେଦନ ଆଜିଠୁ

- ଜୁନ୍ ୧୦ ଯାଏଁ ଆବେଦନ ଅବଧି
- ଜୁଲାଇ ୨୪ ଓ ୨୫ରେ ପରୀକ୍ଷା
- ନାମଲେଖାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସାମିଲ
- ଆବାସିକ, ଜାତି ଓ ଆୟ ପ୍ରମାଣପତ୍ର ବାଧ୍ୟତାମୂଳକ

**ଭୁବନେଶ୍ୱର, ୨୮।୫ (ସମିସ):** ୨୦୨୪-୨୫ ଶିକ୍ଷାବର୍ଷରେ ୨ବର୍ଷିଆ ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡିରେ ନାମଲେଖା ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ ବୁଧବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନପତ୍ର ବା କମନ୍ ଆପ୍ଲିକେସନ୍ ଫର୍ମରେ ତ୍ରୁଟି ଥିଲେ, ଜୁନ୍ ୧୧ ତାରିଖ ଦିନ ସଂଶୋଧନ କରିପାରିବେ। ଜୁଲାଇ ୧୫ ତାରିଖରେ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ବିଇଡି ଓ ବିଏଚ୍‌ଇଡି ପାଇଁ ପ୍ରବେଶିକା ପରୀକ୍ଷା ଜୁଲାଇ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏମ୍‌ଇଡି ପାଇଁ ଜୁଲାଇ ୨୫ ତାରିଖରେ ଅନୁଷ୍ଠିତ ହେବ।

ବିଜ୍ଞପ୍ତିଅନୁଯାୟୀ, ଆଶାୟୀମାନେ ସାମ୍ସ୍ ପୋର୍ଟାଲ୍ www.samsodisha.gov.inରେ ଆବେଦନ କରିବେ। ଆବେଦନ ଓ ନାମଲେଖା ପ୍ରକ୍ରିୟା ସାମ୍ସ୍ ପୋର୍ଟାଲ୍ ମାଧ୍ୟମରେ କରାଯାଉଥିବା ବେଳେ ଏସ୍‌ଏସ୍‌ବି ପରୀକ୍ଷା ସଞ୍ଚାଳନ କରିବ। ଆବେଦନ ପ୍ରକ୍ରିୟା ସରିବା ପରେ ଆବେଦନକାରୀଙ୍କ ସମସ୍ତ ତଥ୍ୟ ଜୁନ୍ ୧୮ ତାରିଖରେ ଏସ୍‌ଏସ୍‌ବିକୁ ପ୍ରଦାନ କରାଯିବ। ପରୀକ୍ଷା ସରିବା ପରେ ଜୁଲାଇ ୧୫ରୁ ୨୨ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିପାରିବେ। ତା' ପରେ ଫଳ ପ୍ରକାଶ ପାଇବା ସହ ସିଟ୍ ଆବଣ୍ଟନ କରାଯିବ। ପରବର୍ତ୍ତୀ ସମୟରେ ଏହାର ତାରିଖ ପ୍ରକାଶ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତିଟି ପର୍ଯ୍ୟାୟରେ ୪ଟି ରାଉଣ୍ଡ ରହିଛି। ଛାତ୍ରଛାତ୍ରୀମାନେ ଯେଉଁ ରାଉଣ୍ଡରେ ନାମ ଲେଖାଇବାକୁ ଚୟନ ହେବେ, ସେହି ରାଉଣ୍ଡରେ ନାମ ଲେଖାଇବେ। ଅନ୍ୟଥା ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚାହୁଁଥିଲେ, ସ୍ଲାଇଡ୍-ଅପ୍ ଅପସନ୍ ଦେଇପାରିବେ। ସେହିପରି ଚଳିତ ବର୍ଷ ଆବେଦନ ସମୟରେ ଆବାସିକ, ଜାତି ଓ ଆୟ ପ୍ରମାଣପତ୍ର ଅପଲୋଡ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଦୁଇଟି ସୁଯୋଗ ମଧ୍ୟ ଦିଆଯାଇଛି। ସ୍ନାତକ ବା ତୁଲ୍ୟ ମାର୍କ ଅପଡେଟ୍ କରିବା ସମୟରେ ମଧ୍ୟ ଏହି ସବୁ ପ୍ରମାଣପତ୍ର ଅପଲୋଡ୍ କରିପାରିବେ। ଚଳିତ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏହି ନାମଲେଖା ପ୍ରକ୍ରିୟାରେ ସାମିଲ କରାଯାଇଛି। ସେହିପରି ଏନ୍‌ସିଟିଇ ଅନୁମୋଦନକ୍ରମେ ଚଳିତ ବର୍ଷ କୋରାପୁଟ୍‌ସ୍ଥିତ ଡିଏଭି-ସିଟିଇରେ ୧୦୦ ସିଟ୍ ବିଶିଷ୍ଟ ୨ବର୍ଷିଆ ବିଇଡି ପାଠ୍ୟକ୍ରମ ଖୋଲିବ। ସମ୍ବଲପୁରରେ ଡ. ପର୍ଶୁରାମ ମିଶ୍ର ଆଇଏଏସ୍‌ଇ ଓ ଅନଗୁଳର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୫୦ଟି ଲେଖାଏଁ ସିଟ୍ ବିଶିଷ୍ଟ ୨ବର୍ଷିଆ ଏମ୍‌ଇଡି ପାଠ୍ୟକ୍ରମ ଖୋଲିବା ନେଇ ବିଜ୍ଞପ୍ତିରେ ଦର୍ଶାଯାଇଛି।

---

## ଟ୍ରେଞ୍ଚରେ ପଡ଼ି ଗର୍ଭବତୀ ହାତୀର ମୃତ୍ୟୁ

**ବାରିପଦା, ୨୮।୫(ସମିସ):** ଟ୍ରେଞ୍ଚ ଲାଇନ ଖାଲରେ ପଡ଼ି ଏକ ଗର୍ଭବତୀ ମାଈ ହାତୀର ମୃତ୍ୟୁ ଘଟିଛି। ଠିକ୍ ସମୟରେ ବନ ବିଭାଗର ଟିମ ହାତୀକୁ ଉଦ୍ଧାର କରିବାରେ ବିଫଳ ହେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଏବଂ କୁଳଡିହା ରେଞ୍ଜର ଅସନଘାଟି ଜଙ୍ଗଲ ଅଞ୍ଚଳରେ ଘଟିଛି।



ସୂଚନା ଅନୁଯାୟୀ, ଅସନଘାଟି ଜଙ୍ଗଲ ଭିତରେ ବନ ବିଭାଗ ପକ୍ଷରୁ ସୁରକ୍ଷା ନିମନ୍ତେ ଖୋଳା ଯାଇଥିବା ଟ୍ରେଞ୍ଚ ଲାଇନ୍ ଖାଲରେ ଏକ ମାଈ ହାତୀ ପଡ଼ିଯାଇଥିଲା। ଖବର ପାଇ ବନ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ହାତୀକୁ ଉଦ୍ଧାର କରିବା ପାଇଁ ଜେସିବି ସହାୟତାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଦୀର୍ଘ ୪ଘଣ୍ଟା ଧରି ଉଦ୍ୟମ ପରେ ମଧ୍ୟ ବନ ବିଭାଗ ଟିମ ହାତୀକୁ ଉଦ୍ଧାର କରିପାରିନଥିଲା। ବହୁ ଉଦ୍ୟମ ପରେ ବି ହାତୀଟିକୁ ବଞ୍ଚାଇ ପାରିନଥିଲେ। ଶେଷରେ ଗର୍ଭବତୀ ହାତୀର ମୃତ୍ୟୁ ଘଟିଛି। ମୃତ ମାଈ ହାତୀର ବୟସ ୧୦ ବର୍ଷରୁ ଅଧିକ ହେବ ବୋଲି ଜଣାପଡ଼ିଛି।

---

**ଟଳିଲା ବଡ଼ ଧରଣର ବିପଦ**

## କମ୍ବିଂ ବେଳେ ଜଙ୍ଗଲରୁ ଟିଫିନ୍ ବୋମା ଉଦ୍ଧାର

**ଫୁଲବାଣୀ/କୋଟଗଡ଼, ୨୮।୫ (ସମିସ):** କୋଟଗଡ଼ ଥାନା ଡେଙ୍ଗାଗୁଡ଼ା ଗାଁ ନିକଟସ୍ଥ ଲାସେରୀ ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଅପରେସନ୍ ବେଳେ ଯବାନମାନେ ଦୁଇଟି ଟିଫିନ୍ ବୋମା ଓ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଯବାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଘଞ୍ଚ ଜଙ୍ଗଲରେ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। କିନ୍ତୁ ଡଗ୍‌ସ୍କ୍ୱାଡ୍ ସହାୟତାରେ ଯବାନମାନେ ଲ୍ୟାଣ୍ଡମାଇନକୁ ଠାବ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳି ଯାଇଛି।

ସୂଚନାନୁଯାୟୀ, କୋଟଗଡ଼ ଥାନାର ବିଭିନ୍ନ ଅଞ୍ଚଳରେ ମାଓ ଗତିବିଧି ସକ୍ରିୟ ଥିବା ନେଇ ଗୁଇନ୍ଦା ରିପୋର୍ଟ ମିଳିଥିଲା। ଏହା ଆଧାରରେ ଏସ୍‌ଓଜି, ସିଆରପିଏଫ୍ ଓ ଡିଭିଏଫ୍ ଯବାନମାନେ କମ୍ବିଂ ଅପରେସନ୍ ଜାରି ରଖିଛନ୍ତି। ଏହା ଜାଣିପାରି ମାଓବାଦୀମାନେ ଜଙ୍ଗଲରେ ଲ୍ୟାଣ୍ଡମାଇନ ବିଛାଇଥିଲେ। କିନ୍ତୁ ଡଗ୍‌ସ୍କ୍ୱାଡ୍ ସହାୟତାରେ ଯବାନମାନେ ଉକ୍ତ ଲ୍ୟାଣ୍ଡମାଇନ୍‌କୁ ଠାବ କରିବାରେ ସକ୍ଷମ ହୋଇଥିଲେ। ଅପରପକ୍ଷେ, ଏହି ଅପରେସନ୍ ବେଳେ ଲାସେରୀ ସଂରକ୍ଷିତ ଜଙ୍ଗଲରୁ ବହୁ ବିସ୍ଫୋରକ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।



ଉଲ୍ଲେଖଯୋଗ୍ୟ, କୋଟଗଡ଼ ଥାନା ଅଞ୍ଚଳରେ ନିର୍ବାଚନ ପୂର୍ବରୁ ପୋଷ୍ଟର୍ ମାରି ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବାକୁ ଚେଷ୍ଟା ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ସୋମବାର ଦିନ ଦୁର୍ଗାପଙ୍ଗା ପଞ୍ଚାୟତର ବାଡ଼ିପଙ୍ଗା ଗାଁର ମେଟଲା ରଇତ ମାଝୀ ନାମକ ଜଣେ ଯୁବକଙ୍କୁ ମଧ୍ୟ ପୁଲିସ୍ ଇନଫର୍ମର୍ ସନ୍ଦେହରେ ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ଏହି ହିଂସାକାଣ୍ଡ ପଛରେ ସିପିଆଇ ମାଓବାଦୀ ସଂଗଠନର ବାଘୁନା ଡିଭିଜନାଲ କମିଟିର ହାତ ଥିବା ଜଣାଯାଇଛି।

---

## ପିକନିକ୍ ସ୍ପଟ୍ ଓ ପର୍ଯ୍ୟଟନ ସ୍ଥଳରେ ଲାଗିବ ଦୁର୍ଘଟଣା ପୋଷ୍ଟର୍

**ଭୁବନେଶ୍ୱର, ୨୮।୫ (ସମିସ):** ରାଜ୍ୟର ପିକ୍‌ନିକ୍ ତଥା ପର୍ଯ୍ୟଟନ ସ୍ଥଳରେ ଦୁର୍ଘଟଣା ଦୃଶ୍ୟ ସମ୍ବଳିତ ହୋର୍ଡିଂ ଲାଗିବ। ଏହା ପାଖରେ ଦୁର୍ଘଟଣାରେ ଆହତ ହୋଇ ବଞ୍ଚିଯାଇଥିବା ପୀଡିତଙ୍କ ବୟାନ୍ ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ବେପରୁଆ ଗାଡି ଚାଳନାର ପ୍ରଭାବ ଯେ କେତେ ଗଭୀର ଆଉ କିପରି ପରିବାର ଛାରଖାର ହୋଇଯାଉଛି ତାହା ଉଲ୍ଲେଖ ରହିବ। ପରିବହନ ବିଭାଗ ପକ୍ଷରୁ ଆରଟିଓ ମାନଙ୍କୁ ଏପରି ଫଟୋ ଏବଂ ଆହତଙ୍କ ସ୍ୱୀକାରୋକ୍ତି ଯୋଗାଇ ଦିଆଯିବ। ସେମାନେ ଏହାକୁ ନିଜ ଅଞ୍ଚଳରେ ଥିବା ପିକନିକ୍ ସ୍ପଟ୍ ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଲଗାଇ ଲୋକଙ୍କୁ ସେଚତନ କରିବେ। ଅନ୍ତତଃପକ୍ଷେ ଏହା ଲୋକଙ୍କୁ ସଡ଼କ ସୁରକ୍ଷା ପାଇଁ ପ୍ରବର୍ତ୍ତାଇବ ଏବଂ ଦୁର୍ଘଟଣା ହ୍ରାସ ପାଇବ ବୋଲି ପରିବହନ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି।

ରାଜ୍ୟରେ ପ୍ରତି ବର୍ଷ ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି।

- ରହିବ ଆହତ ଏବଂ ମୃତାହତଙ୍କ ପରିବାର ସଦସ୍ୟଙ୍କ ସ୍ୱୀକାରୋକ୍ତି
- ପିକ୍‌ନିକ୍ ଋତୁରେ ଯାଉଛି ୨୫% ଜୀବନ

ସେଥି ମଧ୍ୟରୁ ପ୍ରାୟ ୨୫% ଜୀବନହାନୀ ପିକ୍‌ନିକ୍ ଋତୁରେ ହୋଇଥାଏ। ପିକ୍‌ନିକ୍‌ରେ ମଦ ପିଇ ମଉଜ କରିବା ସମସ୍ତଙ୍କୁ ଭଲ ଲାଗେ। କିନ୍ତୁ ରାସ୍ତାରେ ଯିବା ଆସିବା ସମୟରେ ସମସ୍ତେ ନିଜ ଦାୟିତ୍ୱ ଭୁଲି ଯାଉଛନ୍ତି। ସମସ୍ତଙ୍କୁ ଯାଞ୍ଚ କରି ଜୋରିମାନା କରିବା ପୁଲିସ କିମ୍ବା ପରିବହନ ବିଭାଗ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଲୋକଙ୍କ ମନରେ ଦୁର୍ଘଟଣାର ଚିତ୍ରକୁ ନେଇ ସମ୍ବେଦନଶୀଳତା ସୃଷ୍ଟି ପାଇଁ ବିଭାଗର ଏହି ଉଦ୍ୟମ କରୁଛି।

ପରିବହନ ବିଭାଗ କର୍ତ୍ତୃପକ୍ଷ କହିଛନ୍ତି, ରାଜ୍ୟରେ ବହୁ ସଂଖ୍ୟକ ପିକ୍‌ନିକ୍ ଏବଂ ପର୍ଯ୍ୟଟନ ସ୍ଥଳରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ପିକ୍‌ନିକ୍ ଋତୁ ବ୍ୟତୀତ ବର୍ଷ ତମାମ୍ ଭୋଜିଭାତ ଚାଲିଥାଏ। ତେଣୁ ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ଏସ୍‌ଓପି ଅନୁସାରେ ପିକନିକ୍ ଓ ପର୍ଯ୍ୟଟନ ସ୍ଥଳରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଫଟୋ ଲଗାଯିବ। ଏଥିସହ ବର୍ତ୍ତିଯାଇଥିବା ଲୋକ ଏବଂ ମୃତାହତ ହୋଥିବା ଲୋକଙ୍କ ପରିବାର ସଦସ୍ୟଙ୍କ ମନ୍ତବ୍ୟ ଉଲ୍ଲେଖ ରହିବ। ସଡ଼କ ସୁରକ୍ଷା ନିୟମ ମାନିବା କେତେ ଜରୁରୀ, ମଦ୍ୟପାନ କରି ଗାଡ଼ି ନ ଚଳାଇବା କେତେ ଜରୁରୀ ତାହା ସେମାନଙ୍କ ମୁହଁରୁ କୁହାଯିବ। ଏହା ପିକ୍‌ନିକ୍, ବଣଭୋଜୀ ଅବା ବୁଲାବୁଲି ପାଇଁ ଆସୁଥିବା ଲୋକେ ଦେଖିଲେ ନିଶ୍ଚିତ ଭାବେ ସଚେତନ ହୋଇ କାର୍ଯ୍ୟ କରିବେ ବୋଲି ଆମର ଆଶା। ଏଥିସହ ପିକ୍‌ନିକ୍ ତଥା ପର୍ଯ୍ୟଟନ ଗାଡ଼ି ପାଇଁ ମଧ୍ୟ ନିୟମ ପ୍ରଣୟନ ହେବ। ସେମାନେ ଏସ୍‌ଓପି ଅନୁସାରେ ଗାଡ଼ି ଚଳାଇବେ। ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ଏହା ସହାୟକ ହେବ ବୋଲି ସେ ବିଶ୍ୱାସବ୍ୟକ୍ତ କରିଛନ୍ତି।

### ଗଡ଼ାଚାଲିଛି ତିନିରଥ...

# ଆଜି ଚକଡେରା



**ପୁରୀ, ୨୮।୫ (ସମିସ):** ବୁଧବାର ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକଡେରା ଯିବାର ବିଧି ରହିଛି। ଏଥିଲାଗି ରଥଖଳାରେ ଆବଶ୍ୟକ ଚକ ଓ ଅଖ ପ୍ରସ୍ତୁତ ହୋଇଥିବା ବେଳେ ରଥ ନିର୍ମାଣକାରୀ ସେବକ ଏହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ରଥ ଆଜ୍ଞାମାଳ ଆସି ଲାଗି ହେବା ପରେ ଚକ ଡେରାଯିବ। ମଙ୍ଗଳବାର ସୁଦ୍ଧା ତିନି ରଥର ୧୮ଟି ଚକ ସମ୍ପୂର୍ଣ୍ଣ ହୋଇଛି। ଆଉ ୬ଟି ତୁମ୍ବରେ ଅର ସଂଯୋଗ ସରିଛି। କେବଳ ପଇ ସଂଯୋଗ ପରେ ଆଉ ୬ଟି ଚକ ପୂର୍ଣ୍ଣାଙ୍ଗ ହେବ। ଏତଦ୍‌ବ୍ୟତୀତ ତିନି ରଥର ପ୍ରଥମ ଭୂଇଁ ଓରା ନିର୍ମାଣ ଶେଷ ହୋଇ ସେଥିରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଚାଲିଛି। ତିନି ରଥର ଗୋଟିଏ ଗୋଟିଏ ସିଂହାସନ ରାଏ ଚଉପଟ କରାଯାଇଛି। ମହାରଣା ସେବକମାନେ ଏଥିରେ ତିନିଥାକିଆ ରାହା କାଟିବା ପରେ ରୂପକାରଙ୍କୁ ପ୍ରଦାନ କରିବେ। ରୂପକାର ସେବକମାନେ ସେଥିରେ ପୂର୍ଣ୍ଣ କୁମ୍ଭ, ଡାଳିଲତା, ଗଜ ଆଦି ଖୋଦେଇ କରିବେ। ପ୍ରତ୍ୟେକ ରଥର ୬ଟି ଲେଖାଏଁ କୁଡୁକା ଚଉପଟ କରାଯାଇଥିବା ବେଳେ ରୂପକାର ସେବକମାନେ ତିନିରଥର ଏଗାରଟି ଲେଖାଏଁ ସାଲ ଗୁହରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ଦାଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ୧୨ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ ଶେଷ କରିଛନ୍ତି। ପ୍ରତ୍ୟେକ ରଥର ମୋଟ ୮୪ଟି ପଦାରୀ ନିର୍ମାଣ ଶେଷ କରି ପଦାରୀ ଚାବି ଏବଂ ତୁମ୍ବ ବାହ୍ୟ ବଳା ନିର୍ମାଣ କରିଛନ୍ତି।

### ଆସନ୍ତା ୧ରେ ଶେଷ ଲଢ଼େଇ

# ମଇଦାନରେ ବହୁ ମନ୍ତ୍ରୀ, ଟାଣୁଆ ବିଧାୟକ

**ଭୁବନେଶ୍ୱର,୨୮।୫ (ସମିସ):** ଆସନ୍ତା ୧ ତାରିଖରେ ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି। ଶେଷ ପର୍ଯ୍ୟାୟରେ ୬ ଲୋକସଭା ଯଥା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ପାଇଁ ମତଦାନ ହେବ। ସେହିପରି ଏହା ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ ଭୋଟର ନିଜର ପ୍ରତିନିଧି ବାଛିବାକୁ ଯାଉଛନ୍ତି। ଆସନ୍ତା ୩୦ ତାରିଖ ପ୍ରଚାରର ଶେଷ ଦିନ ହୋଇଥିବା ବେଳେ ଶାସକ ବିଜେଡି ସହ ବିଜେପି ଓ କଂଗ୍ରେସ ବିଭିନ୍ନ ଆସନ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଉପରୋକ୍ତ ଆସନଗୁଡ଼ିକରେ ଚଳିତଥର ବହୁ ହେଭିୱେଟ୍ ମଇଦାନକୁ ଓହ୍ଲାଇଥିବା ବେଳେ ନିର୍ବାଚନ ଜିଣିବା ସେମାନଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି।

ଉପରୋକ୍ତ ୬ ଲୋକସଭା କ୍ଷେତ୍ରରେ ଚଳିତଥର ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜର ବହୁ ହେଭିୱେଟ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛନ୍ତି। ବିଶେଷକରି ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଶେଷ ପର୍ଯ୍ୟାୟର ସବୁଠୁ ରୋଚକ ଲଢ଼େଇ ଦେଖିବାକୁ ମିଳିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଜେଡି ଏଠାରୁ ଚର୍ଚ୍ଚିତ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଜାତୀୟ ତଥା ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ନେତା ଶ୍ରୀକାନ୍ତ ଜେନାଙ୍କୁ ଟିକଟ ଦେଇଛି। ସେହିପରି ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପୁନଃ ପ୍ରାର୍ଥୀ କରିଛି। ଉପରୋକ୍ତ ୩ ନେତାଙ୍କର ରାଜ୍ୟ ରାଜନୀତିରେ ବେଶ୍ ସୁନାମ ରହିଥିବା ବେଳେ ବାଲେଶ୍ୱରର ତ୍ରିକୋଣୀୟ ଲଢ଼େଇ ବର୍ତ୍ତମାନ ରାଜ୍ୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

- ନିର୍ବାଚନ ଜିଣିବା ପାଲଟିଛି ସମ୍ମାନର ପ୍ରଶ୍ନ
- ବିଜେପି ରାଜ୍ୟ ସଭାପତି, ପୂର୍ବ ପିସିସି ସଭାପତି ମଧ୍ୟ କରୁଛନ୍ତି ଭାଗ୍ୟ ପରୀକ୍ଷା
- ଗତଥର ୪୨ ଆସନରୁ ୩୩ଟିରେ ବିଜୟ ଲାଭ କରିଥିଲା ବିଜେଡି

ସେହିପରି ମୟୂରଭଞ୍ଜରେ ବିଜେଡି ସାଂସଦ ପ୍ରାର୍ଥୀ ଭାବେ ରାଜ୍ୟର ଅନ୍ୟତମ ବଡ଼ ଆଦିବାସୀ ଚେହେରା ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। କେନ୍ଦ୍ରାପଡ଼ା ଲୋକସଭା ଆସନରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଭଦ୍ରକ ଲୋକସଭା ଆସନରେ କଂଗ୍ରେସର ବରିଷ୍ଠ ନେତା ଅନନ୍ତ ପ୍ରସାଦ ସେଠୀ ମଧ୍ୟ ନିର୍ବାଚନ ଲଢ଼ୁଛନ୍ତି। ନିର୍ବାଚନ ଜିତିବା ପାଇଁ ଏହି ହେଭିୱେଟ୍ ନେତା ଝାଳବୁହା ପରିଶ୍ରମ କରୁଥିବା ବେଳେ ନିଜ ନିଜ ଦଳର ଶୀର୍ଷ ନେତୃତ୍ୱଙ୍କୁ ଆଣି ନିଜ ସପକ୍ଷରେ ପ୍ରଚାର କରାଉଛନ୍ତି।

ସେହିପରି ବିଧାନସଭା କ୍ଷେତ୍ରରେ ମଧ୍ୟ ଶେଷ ପର୍ଯ୍ୟାୟରେ ରାଜ୍ୟର ବହୁ ହେଭିୱେଟ୍ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଭଦ୍ରକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ନିର୍ବାଚନ ଲଢ଼ୁଛନ୍ତି। ବାଲେଶ୍ୱର ଜିଲ୍ଲାରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ନିଜ ଭାଗ୍ୟ ପରୀକ୍ଷା କରୁଥିବା ବେଳେ କେନ୍ଦ୍ରାପଡ଼ାରେ ମନ୍ତ୍ରୀ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଯାଜପୁରରେ ବାଚସ୍ପତି ପ୍ରମିଳା ମଲ୍ଲିକ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଏହି ୬ ଲୋକସଭା ଆସନରେ ବଡ଼ ବିଜୟ ହାସଲ କରିଥିଲା। ୬ ଲୋକସଭା ଆସନରୁ ୪ଟି ବିଜେଡି ଖାତାକୁ ଯାଇଥିବା ବେଳେ ୪୨ବିଧାନସଭା ଆସନରୁ ୩୩ଟିରେ ଦଳ ବିଜୟ ବାନା ଉଡ଼ାଇଥିଲା। ଏପରିକି ୩ଜିଲ୍ଲା ଯଥା କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ବିଜେଡି ସବୁ ଆସନ ପୋଛି ନେଇଥିଲା। ଚଳିତଥର ବିଜେଡି ସହ ବିଜେପି ଓ କଂଗ୍ରେସ ନିଜନିଜ ବିଜୟ ନେଇ ଆଶାବାଦୀ ଥିବା ବେଳେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି, ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

### ଅଧିକ ସୁଧ ଲୋଭ ଦେଖାଇ ୫୦ କୋଟି ଠକେଇ

## ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ମାଲିକ ଗିରଫ

**ଭୁବନେଶ୍ୱର, ୨୮।୫ (ସମିସ):** ୩ ମାସରେ ୨୬ ପ୍ରତିଶତ ସୁଧ ଦେବାର ଲୋଭ ଦେଖାଇ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପାଖାପାଖି ୫୦ କୋଟି ଟଙ୍କା ଠକି ନେଇଥିବା ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ମୋହନ ପରିଡ଼ାଙ୍କୁ ଆଜି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା

**ଓଡ଼ିଶାରେ ୨ହଜାର ଲୋକଙ୍କୁ ଠକିଛନ୍ତି ଦମ୍ପତି**

(ଇଓଡବ୍ଲ୍ୟୁ) ଗିରଫ କରିଛି। ମୋହନ ଏହି ସଂସ୍ଥାର ନିର୍ଦ୍ଦେଶକ ଥିବା ବେଳେ ତାଙ୍କ ପତ୍ନୀ ପୁଷ୍ପଲତା ବେଉରା ଅନ୍ୟତମ ନିର୍ଦ୍ଦେଶକ ଥିଲେ। ୨୦୨୦ ମସିହାରେ କଟକ, ଭୁବନେଶ୍ୱରର ପ୍ରାଚୀବିହାର, ପଳାସୁଣି ଏବଂ ରସୁଲଗଡ଼ରେ ସଂସ୍ଥାର ଅଫିସ୍ ପଞ୍ଜୀକରଣ ଅଫିସ ରହିଥିଲା। ଏହି କମ୍ପାନୀ ଓଡ଼ିଶାରୁ ପାଖାପାଖି ୨ ହଜାର ଲୋକଙ୍କୁ ଠକିଛି। ୨୦୨୦ରୁ ୨୦୨୩ ମଧ୍ୟରେ ୨ଟି ସ୍କିମ୍ ମାଧ୍ୟମରେ ଲୋକଙ୍କୁ ଠକି ସଂସ୍ଥା ଗାୟବ ହୋଇଯାଇଥିଲା। ଏ ସଂପର୍କରେ ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଥିଲା।

ସୂଚନାନୁଯାୟୀ, ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲ ଏହି ସଂସ୍ଥା ଜାଲରେ ପଡ଼ିଥିଲେ। ୨୦୨୩ରେ ଚିତ୍ତରଞ୍ଜନ ଉକ୍ତ ସଂସ୍ଥାରେ ୪୪.୬୦ଲକ୍ଷ ଟଙ୍କା ଜମା କରିଥିଲେ। ସେ ଟଙ୍କା ଜମା କରିବା ପରେ ସଂସ୍ଥା ପକ୍ଷରୁ ତାଙ୍କୁ କିଛି ମାସ ପାଇଁ ୧୨ ହଜାର ୬ ଶହ ଟଙ୍କା ଲାଭ ଦିଆଯାଇଥିଲା। କିନ୍ତୁ ଏହାପରେ ଚିତ୍ତରଂଜନ ଆଉ ସୁଧ ଅର୍ଥ ପାଇନଥିଲେ; ବରଂ ସଂସ୍ଥା ଅଫିସ୍ ବନ୍ଦ କରି ଫେରାର୍ ହୋଇଯାଇଥିଲେ। ଏନେଇ ସେ ଅଭିଯୋଗ କରିବାରୁ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଏହି ସଂସ୍ଥା ଖାଲି ଚିତ୍ତରଂଜନ ନୁହେଁ, ତାଙ୍କ ଭଳି ୨ ହଜାର ଲୋକଙ୍କୁ ଚୂନ ଲଗାଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ବୀଭତ୍ସ ହତ୍ୟା

**ବ୍ରହ୍ମପୁର, ୨୮।୫ (ସମିସ):** ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ନିକଟରେ ଥିବା ଏକ ଟାଟୁ ଦୋକାନ ଭିତରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଖଲାସି ସାହିର ଟୁନା ଦାସ। ଟୁନା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ଗୋଷାଣୀ ନୂଆଗାଁ ଥାନା ପୁଲିସ୍ ଦୋକାନରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି।

**ଦୋକାନ ଭିତରେ ପଶି ହାଣିଦେଲେ**

ସୂଚନାନୁଯାୟୀ, ଆଜି ସଂଧ୍ୟା ପ୍ରାୟ ସାଢ଼େ ୮ଟା ବେଳେ ଟୁନା ସେହି ଟାଟୁ ଦୋକାନ ଭିତରେ ଥିବା ବେଳେ ୪ ଜଣ ଯୁବକ ସେଠାରେ ପହଞ୍ଚି ହଠାତ୍ ତାଙ୍କୁ ଲୁହାଛଡ଼ ସହ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଟୁନା ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଦୋକାନ ଭିତରଟି ପୂରା ରକ୍ତରେ ଭିଜି ଯାଇଥିଲା। ଅପରପକ୍ଷେ ଏହି ଆକ୍ରମଣରେ ଦୋକାନର ସାମଗ୍ରୀ ମଧ୍ୟ ଭାଙ୍ଗିରୁଜି ଯାଇଛି। ହତ୍ୟାକାଣ୍ଡ ପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୁରୁତର ଟୁନାଙ୍କୁ ଉଦ୍ଧାର କରି ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଟୁନାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

## ବିଜେଡିରେ ମିଶିଲେ ଭଦ୍ରକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ



**ଭୁବନେଶ୍ୱର, ୨୮।୫ (ସମିସ):** ଭଦ୍ରକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ ଆଜି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ତାଙ୍କ ସହ ଶତାଧିକ ବିଜେପି ଦଳରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ସମସ୍ତଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। ବହୁସଂଖ୍ୟାରେ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ଭଦ୍ରକ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ନାୟକ କହିଛନ୍ତି। ବିଜେଡିରେ ସାମିଲ୍ ହେବା ପରେ ପ୍ରତିକ୍ରିୟା ରଖି ହରପ୍ରିୟା କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବି। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସୁସ୍ଥ

**ପୁରୀ,୨୮।୫(ସମିସ):** ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିଛନ୍ତି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ସେ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ନିଜର ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ଅସୁସ୍ଥତା ବାବଦରେ ସୂଚନା ଦେଇଛନ୍ତି। ପଦ୍ମଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ ପୋଷ୍ଟ କୋଭିଡ୍ ଯୋଗୁଁ ଏଭଳି ହୋଇଥାଇପାରେ। ମୋତେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେଉଛି। ଏଥିପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛି। ଡାକ୍ତରମାନେ ମୋର ଉପଯୁକ୍ତ ଯତ୍ନ ନେଉଛନ୍ତି ବୋଲି ଲେଖିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

## ରାତିରେ ଛାତ ଉପରେ ଶୋଇଥିଲେ; ସକାଳେ ଶବ ମିଳିଲା

**ଭେଡେନ, ୨୮।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ୍ ଥାନା ସହରାଟିକ୍ରାରେ ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଜଣଙ୍କ ସେହି ଗ୍ରାମର ମଗନିଆ ସେଟ (୫୮)। ତେବେ

**ହତ୍ୟା ସନ୍ଦେହରେ ପୁଅ ଅଟକ**

ପୁଲିସ ସନ୍ଦେହରେ ତାଙ୍କ ପୁଅ ଗୋପାଳ ସେଟ (୨୮)କୁ ଥାନାରେ ଅଟକ ରଖିଛି। ସୋମବାର ରାତିରେ ଖିଆପିଆ ସାରି ପରିବାରର ସମସ୍ତେ ତଳ ଘରେ ଶୋଇଥିଲେ। ମଗନିଆ କିନ୍ତୁ ଘରର ଛାତ ଉପରେ ଶୋଇଥିଲେ। ମଙ୍ଗଳବାର ସକାଳୁ ଉଠିବା ଡେରି ହେବାରୁ ପରିବାର ଲୋକେ ମଗନିଆକୁ ଉଠାଇବାକୁ ଛାତ ଉପରକୁ ଯାଇଥିଲେ; ହେଲେ ଖଟ



ଉପରେ ମଗନିଆଙ୍କ ମୃତଦେହ ପଡ଼ିଥିଲା। ବେକରେ କଳାଦାଗ ଥିବା ସହ ଆଣ୍ଠୁରେ କ୍ଷତ ଚିହ୍ନ ମଧ୍ୟ ଥିଲା। ଏନେଇ ପରିବାର ଲୋକେ ପ୍ରଥମେ ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ଦାଶଙ୍କୁ ଖବର ଦେଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ମଗନିଆଙ୍କ ପୁଅ ଗୋପାଳ ତା' ବାପାକୁ ତଣ୍ଟି ଚିପି ହତ୍ୟା କରିଥିବା ସନ୍ଦେହ କରିଛି। ଏଣୁ ତାକୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ଘଟଣାରେ ଆଉ କିଛି ବ୍ୟକ୍ତିଙ୍କ ହାତ ଥିବା ନେଇ ପରିବାରଲୋକ କହିଛନ୍ତି। ଏ ଦିଗରେ ମଧ୍ୟ ପୁଲିସ ତଦନ୍ତ ଚଳାଇଛି।

## ପରମେଶ୍ୱର ଫୁଙ୍କୱାଲ ପୂର୍ବତଟ ରେଳପଥର ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୮।୫ (ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଆଇଆର୍‌ଏସ୍‌ଇ ପରମେଶ୍ୱର ଫୁଙ୍କୱାଲ। ଆଇଆଇଟି କାନପୁରରୁ ଉତ୍ତୀର୍ଣ୍ଣ ହୋବା ସହ ୧୯୮୮ ବ୍ୟାଚ୍ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା (ଆଇଆର୍‌ଏସ୍‌ଇ) ଅଧିକାରୀ। ପୂର୍ବରୁ ସେ



ଡିଆରଏମ୍ ରାଜକୋଟ, ଏଡିଆରଏମ୍ ଅହମ୍ମଦାବାଦ, ଆରଆରବି ଅଧକ୍ଷ ଏବଂ ଆରଡିଏସ୍‌ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପରି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳବାଇ, ମୁମ୍ବାଇରେ ପ୍ରିନ୍ସିପାଲ୍ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ଆରଡିଏସଓରେ କାର୍ଯ୍ୟ କରୁଥିବା ସମୟରେ ଟ୍ରେନ୍‌ର ବେଗ ବୃଦ୍ଧି କରିବା ପାଇଁ ଟ୍ରାକ୍ ଏବଂ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଟ୍ରାକ୍, ବ୍ରିଜ୍ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ତାଙ୍କର ବହୁ ଗବେଷଣା ପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ପାଇଛି।

## ସାରା ରାଜ୍ୟରେ ଆତଙ୍କ ଖେଳାଇଛି ବିଜେପି



- ଧର୍ମଶାଳା ବିଧାୟକଙ୍କୁ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ
- ପିପିଲି ବିଧାୟକଙ୍କ ଉପରେ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର ୨୮।୫(ସମିସ):** ପରାଜୟ ଭୟରେ ବିଜେପି ସାରା ରାଜ୍ୟରେ ଆତଙ୍କ ଖେଳାଇଛି। ରକ୍ତମୁଖା ବିଜେପି ନେତା ଓ କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି ରାଜ୍ୟରେ ଶାନ୍ତ ପରିବେଶକୁ ସମ୍ପୂର୍ଣ୍ଣ କଳୁଷିତ କରି ରଖିଛି। ଜନତାଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଉଛି। ଗଣତନ୍ତ୍ରର ମହାପର୍ବରେ ବିଜେପିର ମହାଆତଙ୍କ ବଡ଼ ବିପଦ ସୃଷ୍ଟି କରିଛି। କେଉଁଠି ଛୁରାମାଡ଼ କଲେଣି ତ ଆଉ କେଉଁଠି ବିଜେଡି ପ୍ରାର୍ଥୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଲାଣି। ଏ ପରିସ୍ଥିତିରେ ତୁରନ୍ତ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ବିଜେପିର ଆତଙ୍କ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଗତକାଲି ଧର୍ମଶାଳା ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କ ନିର୍ବାଚନୀ ରାଲିରେ ଗାଡି ଚଢ଼ାଇ ଦିଆଯାଇଥିଲା। ଗାଡ଼ିରେ ପୂର୍ବତନ ବିଜେପି ନେତା ତଥା ବର୍ତ୍ତମାନର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଏହି କାଣ୍ଡ ଘଟାଇଥିଲେ। ଏହି ଘଟଣାରେ ୪୦ରୁ ଅଧିକ ଲୋକ ଆହତ ହୋଇଥିଲା ବେଳେ ୨୦ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏହା କେବଳ ଏକ ଦୁର୍ଘଟଣା ନଥିଲା; ବରଂ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ବଳବନ୍ତରାୟ ଏବଂ ତାଙ୍କ ସମର୍ଥକମାନଙ୍କୁ ହତ୍ୟା କରିବା ଲାଗି ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି।

ଆଉ ଏକ ଘଟଣାର ଉଦାହରଣ ଦେଇ ବିଜେଡି କହିଛି ଯେ ୨୬ ତାରିଖରେ ପିପିଲି ବିଧାୟକ ରୁଦ୍ର ମହାରଥୀ ନିମାପଡ଼ା ବ୍ଲକରେ ନିଜ ଗାଡ଼ିରେ ଯାଉଥିବା ସମୟରେ ତାଙ୍କ ଗାଡ଼ି ଉପରେ ଆକ୍ରମଣ କରାଯାଇଥିଲା। ଆକ୍ରମଣକାରୀମାନେ ବିଜେପି ନେତା ସମୀର ରଞ୍ଜନ ଦାଶଙ୍କ ସମର୍ଥକ ଥିଲେ। ଶ୍ରୀ ଦାଶ ନିମାପଡ଼ା ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ସମର୍ଥନରେ ଏପରି କାଣ୍ଡ ଭିଆଇଛନ୍ତି ବୋଲି ଅଭିଯୋଗ ହୋଇଛି।

ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ ପାଇଁ ଉଦ୍ୟମ କରାଯାଉଥିବା ବେଳେ ବିଜେପି ନେତାମାନଙ୍କର ଏପରି କାଣ୍ଡ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଏଥିରେ ହସ୍ତକ୍ଷେପ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ. ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ମିହିର ରାୟ, ଡ. ପ୍ରିୟବ୍ରତ ମାଝୀ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

# ଓଡ଼ିଶାରେ ବି ପୁଳାପୁଳା ନାବାଳକ ଗାଡ଼ି ଚାଳକ

### ଗତବର୍ଷ ନାବାଳକଙ୍କ ଗାଡ଼ି ଧକ୍କାରେ ଯାଇଛି ୬୦ ଜୀବନ

**ଭୁବନେଶ୍ୱର, ୨୮।୫ (ସମିସ):** ପୁଣେରେ ଜଣେ ଧନୀ ବ୍ୟକ୍ତିଙ୍କ ନାବାଳକ ପୁଅ ଗାଡ଼ି ଚଢ଼ାଇ ୨ଜଣଙ୍କ ଜୀବନ ନେବା ଘଟଣା ସାରା ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏଥିରେ ସମ୍ପୃକ୍ତ ଜଣକ ପରେ ଜଣେ ଅଭିଯୁକ୍ତ ଗିରଫ ହେଉଛନ୍ତି। ତେବେ ଓଡ଼ିଶାରେ ବି ନାବାଳକ ଗାଡ଼ି ଚାଳକଙ୍କ ସଂଖ୍ୟା କିଛି କମ୍ ନୁହେଁ। ପୁଣେ ଭଳି ଆମ ରାଜ୍ୟରେ ବି ନାବାଳକ ଚାକଳଙ୍କ ଗାଡ଼ି ଧକ୍କାରେ ବହୁ ଧନଜୀବନ ହାନି ହେଉଛି। ନାବାଳକ ଚାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ବେଶ୍ ଚିନ୍ତାଜନକ ରହିଛି। ପରିବହନ ବିଭାଗର ତଥ୍ୟ ଅନୁଯାୟୀ, ୨୦୨୩ରେ ନାବାଳକ/ନାବାଳିକା ଗାଡ଼ି ଚାଳନା ଯୋଗୁଁ ରାଜ୍ୟରେ ଶତାଧିକ ଦୁର୍ଘଟଣା ଘଟିଛି। ଏଥିରେ ୬୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯୨ଜଣ ଗୁରୁତର ଆହତ ହୋଇଛନ୍ତି।

ସହର ହେଉ କିମ୍ବା ଗ୍ରାମାଞ୍ଚଳ; ନାବାଳକ ଗାଡ଼ି ଚାଳକଙ୍କ ଅଭାବ ନାହିଁ। କିଏ ସ୍କୁଲ ତ ଆଉ କିଏ କଲେଜ ପଢୁଆ। ଅଭିଭାବକମାନେ ପିଲାଙ୍କ

- ଗୁରୁତର ହୋଇଛନ୍ତି ୨୯୨ଜଣ
- ପୁଣେ ଦୁର୍ଘଟଣା ସବୁ ଅଭିଭାବକଙ୍କ ଲାଗି ବଡ଼ ଶିକ୍ଷା: ପରିବହନ ବିଭାଗ

ଖୁସି ଲାଗି ହାତରେ ଗାଡ଼ି ଧରାଇ ଦେଉଛନ୍ତି। କିନ୍ତୁ ନା ସେମାନଙ୍କର ଗାଡ଼ି ଚାଳନାରେ ଅଭିଜ୍ଞତା ଅଛି ନା ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ସେମାନେ ଯୋଗ୍ୟ ହୋଇଛନ୍ତି। କିନ୍ତୁ ସେମାନଙ୍କ ହାତରେ ଧରାଇ ଦିଆଯାଉଛି ସ୍ପିଡ୍ ବାଇକ୍ ଓ ଦାମୀ କାର୍। ଏପରି କରି ପିତାମାତା, ଅଭିଭାବକମାନେ ସତେଯେପରି ନିଜର ପ୍ରତିପ୍ରତି ଦେଖାଇବା ପାଇଁ ଏକପ୍ରକାର ପ୍ରତିଯୋଗିତା ଚଳାଇଛନ୍ତି। ଏଭଳି ଅନଭିଜ୍ଞ ଗାଡ଼ି ଚାଳକଙ୍କ ଯୋଗୁଁ ରାସ୍ତାରେ ଲୋକଙ୍କ ବିପଦରେ ପଡୁଛି। ତେବେ କିଛି ଦିନ ତଳେ ପୁଣେର ଘଟିଥିବା ଦୁର୍ଘଟଣା ସବୁ ନାବାଳକ ଗାଡ଼ି ଚାଳକଙ୍କ ବାପା-ମା'ଙ୍କ ପାଇଁ ଏକ ବଡ଼ ଶିକ୍ଷା ବୋଲି କୁହାଯାଉଛି।

ଅପରପକ୍ଷେ ଏହି ଘଟଣାକୁ ରାଜ୍ୟ ପରିବହନ ବିଭାଗ ମଧ୍ୟ ଗୁରୁତ୍ୱର ସହ ନେଇଛି। ଅନଭିଜ୍ଞଙ୍କ ଗାଡ଼ି ଚାଳନାର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଛି। ଆଜି ପରିବହନ ବିଭାଗ ଟୁଇଟ୍ କରି କହିଛି ଯେ ପୁଣେରେ ନାବାଳକ ଗାଡ଼ି ଚାଳକଙ୍କ ପାଇଁ ଯେଉଁ ଜଘନ୍ୟ କାଣ୍ଡ ଘଟିଲା, ତାହା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ନାବାଳକ ପୁଅ-ଝିଅଙ୍କୁ ଗାଡ଼ି ଚଳାଇବା ପାଇଁ ସୁଯୋଗ ଦେଉଥିବା ସବୁ ବାପା ମା'ଙ୍କ ପାଇଁ ଏହା ବଡ଼ ଶିକ୍ଷା। ଅନ୍ତତଃ ଏବେ ଅଭିଭାବକମାନେ ନିଜ ଦାୟିତ୍ୱ ସମ୍ପାଦନ କରନ୍ତୁ ଏବଂ ପିଲାମାନଙ୍କୁ ଗାଡ଼ି ଚାଳନାରୁ ଦୂରେଇ ରଖନ୍ତୁ ବୋଲି କୁହାଯାଇଛି।

ଅପରପକ୍ଷେ, ନାବାଳକ/ ନାବାଳିକା ଗାଡ଼ି ଚାଳନା ରୋକିବାକୁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ନାବାଳକ ଗାଡ଼ି ଚଳାଚଳ ଉପରେ କଟକଣା ଜାରି କରିବା ସହ ସ୍ୱତନ୍ତ୍ର ଧରପଗଡ଼ କରାଯାଉଛି। ଏଥିରେ ନାବାଳକ ଚାଳକଙ୍କୁ ଧରିବା ସହ ଜରିମାନା ଆଦାୟ ଏବଂ ସେମାନଙ୍କୁ ଅଭିଭାବକଙ୍କ ନାମରେ ମାମଲା ରୁଜୁ କରାଯାଉଛି। ଏସବୁ କଠୋର୍ ଆଭିମୁଖ୍ୟ ସତ୍ତ୍ୱେ ଅନେକ ଅଭିଭାବକ ନିଜ ପିଲାଙ୍କୁ ଅଟକ କରିବା ପରିବର୍ତ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏହି କ୍ଷେତ୍ରରେ ପରିବହନ ବିଭାଗ ଓ ଓଡ଼ିଶା ପୁଲିସ ପକ୍ଷରୁ ମିଳିତ ଧରପଗଡ଼ ଜାରି ରହିଛି।




ବାଲେଶ୍ୱର ଏବଂ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

# ମିଶନ ଶକ୍ତି ମା'ମାନେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛନ୍ତି: ବିଜେଡି

**ଭୁବନେଶ୍ୱର,୨୮ ।୫(ସମିସ):** ମହିଳାମାନେ ହେଉଛନ୍ତି ଶକ୍ତିର ପ୍ରତିନିଧି। ପ୍ରତି ନିର୍ବାଚନରେ ଏହି ଶକ୍ତି ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରହିଛନ୍ତି। ମହିଳାଙ୍କ ପ୍ରତି ବିଜେଡିରେ ପ୍ରତିବଦ୍ଧତା ଯୋଗୁଁ ଦଳ ଉପରେ ମହିଳାମାନଙ୍କ ଆସ୍ଥା ଅତୁଟ ରହିଛି। ପଞ୍ଚାୟତିରାଜ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନରେ ମହିଳାଙ୍କ ପାଇଁ ୫୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସହ ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ ମହିଳାଙ୍କ ସଶକ୍ତୀକରଣ ଓ କଲ୍ୟାଣ ପାଇଁ ଦଳର ପ୍ରତିବଦ୍ଧତାକୁ ଆମେ ଦୋହରାଉଛୁ ବୋଲି ରାଜ୍ୟସଭା ସାଂସଦ ମମତା ମହନ୍ତ କହିଛନ୍ତି।

ଶ୍ରୀମତୀ ମହନ୍ତ ଗଣମାଧ୍ୟମକୁ କହିଛନ୍ତି ଯେ ସଶକ୍ତୀକରଣ ପାଇଁ ଗତ କିଛି ବର୍ଷର ପ୍ରୟାସର ମୁଖ୍ୟ ବାହକ ହେଉଛି ମିଶନ ଶକ୍ତି। ୨୦୦୧ ମସିହା ମାର୍ଚ୍ଚ ୮ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଗ୍ରାମ, ସହର, ଉପତ୍ୟକା, ପାହାଡ଼ ଏବଂ ରାଜ୍ୟର କୋଣ ଅନୁକୋଣରେ ଥିବା ୭୦ ଲକ୍ଷ ମହିଳାଙ୍କୁ ଛୋଟ ଛୋଟ ଗୋଷ୍ଠୀରେ ସଂଯୋଗ କରିଛି। ୬ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀକୁ ତାଲିମ, ଋଣ ସୁବିଧା, ଦକ୍ଷତା ବୃଦ୍ଧି ଇତ୍ୟାଦି ପ୍ରଦାନ କରାଯାଇଛି। ଫଳତଃ ବର୍ତ୍ତମାନ ମିଶନ୍ ଶକ୍ତି ଗୋଷ୍ଠୀ ଧାନ କିଣାଠାରୁ ଆରମ୍ଭ କରି ବିଦ୍ୟୁତ୍ ମିଟର ରିଡିଂ ଏବଂ ବ୍ୟାଙ୍କ ମିତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ମହିଳାମାନେ ନିୟୋଜିତ ହୋଇଛନ୍ତି।

ମିଶନ ଶକ୍ତି ଗୋଷ୍ଠୀଙ୍କ ପୋଷାକ ପାଇଁ ୟୁନିଫର୍ମ ଟୁ ବ୍ଲେଜର- ଯୋଜନାରେ ୭୩୦ କୋଟି ବଜେଟ୍ ସହାୟତା, ୧ ଲକ୍ଷଙ୍କୁ ସଶକ୍ତ କରିବା ପାଇଁ ସ୍କୁଟର ମୋବିଲିଟିରେ ସେମାନଙ୍କ ପସନ୍ଦର ସ୍କୁଟର କିଣିବା, ଟାର୍ଗେଟ ଗ୍ରୁପରେ ୭୫୦୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ୧୨୫୦୦୦ ବିଜନେସ କରିସପେଣ୍ଡେଣ୍ଟ ଏଜେଣ୍ଟ ରହିଛନ୍ତି। ୪୦,୦୦୦ ସଦସ୍ୟ ଏହି ସେବାର ଲାଭ ଉଠାଇଛନ୍ତି ଏବଂ ଆସନ୍ତା ପାଞ୍ଚ ବର୍ଷ ପାଇଁ ୫୨୮ କୋଟି ବଜେଟ୍ ସହାୟତା ପ୍ରଦାନ କରାଯାଇଛି। ନୂଆ ନୂଆ ବିଷୟରେ ଜାଣିବା ପାଇଁ ଦୁବାଇ ଓ ସିଙ୍ଗାପୁର ଭଳି ଦେଶକୁ ସେମାନଙ୍କୁ ପଠାଯାଉଛି। ଏଥିପାଇଁ ୫୦୧ ଏସଏଚ୍‌ଜି ମୁଖ୍ୟଙ୍କୁ ମିଳିଛି ସୁଯୋଗ। ଲିଙ୍ଗଗତ ତାରତମ୍ୟ ଦୂର ପାଇଁ ଲକ୍ଷ୍ମୀ ଯୋଜନାରେ ଏସ୍‌ଏଚଜିମାନଙ୍କୁ କଣ୍ଡକ୍ଟର ନିଯୁକ୍ତି, ଟିକେଟ୍, ଭଡ଼ା ଆଦାୟ, ଅର୍ଥ ଜମା ପାଇଁ ସୁଯୋଗ ପ୍ରଦାନ କରିଛି। କୋଭିଡ ସମୟରେ ବିପଦରୁ ମୁକୁଳିବା ପାଇଁ ମାସ୍କ ତିଆରି/ ଗୋଷ୍ଠୀ ଖାଦ୍ୟ ପ୍ରସ୍ତୁତି ସମେତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ମିଶନ ଶକ୍ତି କାଫେ ଜରିଆରେ ୨୧୫ ବିଭିନ୍ନ ଖାଦ୍ୟ ସହିତ କାଫେ ଏବଂ ଆହୁରି ଅନେକ ଏକ ନୂତନ ପରିଚୟ ପ୍ରଦାନ କରିଛି। ମିଶନ ଶକ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସରକାର ବିଭିନ୍ନ ଉପାୟରେ ସମର୍ଥନ ଜାରି ରଖିଛନ୍ତି। ଏଥି ମଧ୍ୟରେ ଏସ୍‌ଏଚଜି- ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମରେ ସହଜରେ ଋଣ ଉପଲବ୍ଧ କରାଇବା ପାଇଁ ୨୦୨୩-୨୪ରେ ୧୫୦୦୦ କୋଟିର ସଂସ୍ଥାଗତ ଅର୍ଥ ପ୍ରଦାନ କରାଯାଇଛି।

ବିଗତ ୫ବର୍ଷରେ ୪୦,୦୦୦ କୋଟି ଟଙ୍କା ଉଦ୍ୟୋଗ ଓ ଜୀବିକାକୁ ପ୍ରୋତ୍ସାହିତ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହାକୁ ୭୫,୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ପ୍ରାୟ ଶୂନ ହୋଇଥିବାରୁ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଛନ୍ତି। ୨୦୨୩ ଏପ୍ରିଲ ପହିଲାରୁ ଏହା ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ପାଇଛି। ଗତ ୪ ବର୍ଷରେ ରାଜ୍ୟ ସରକାର ୯୨୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। କେବଳ ଚଳିତ ବର୍ଷ ଏହା ୨୯୨ କୋଟି ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ଏହା ୧୦୦୦ କୋଟି ଛୁଇଁବାର ସମ୍ଭାବନା ରହିଛି। କୃଷି ବିଭାଗ ସହଯୋଗରେ ମିଶନ ଶକ୍ତି ଉଦ୍ୟୋଗରେ ୭ଟି ମିଲେଟ୍ ଶକ୍ତି କାଫେ; ୮ଟି ବାଜରା ଶକ୍ତି କେନ୍ଦ୍ର; ୧୭୫ଟି ମିଲେଟ୍ ଟିଫିନ୍ କେନ୍ଦ୍ର; ୪ଟି ମିଲେଟ୍ ଭ୍ରାମ୍ୟମାଣ ଯାନ; ଅଙ୍ଗନବାଡି ପାଇଁ ୫୯ଟି ରାଗି ଲଡୁ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ୨୪୦୯ ମିଲେଟ୍ ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି।

ରାଜ୍ୟର ଅର୍ଥନୈତିକ କାର୍ଯ୍ୟକଳାପ ସହ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଜଡ଼ିତ କରାଯାଇଛି। ଏଥିମଧ୍ୟରେ ୨୦୦୯ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୫ବର୍ଷରେ ୫୦୦୦ କୋଟି ଟଙ୍କାର ସାମଗ୍ରୀ କିଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରୁ ଏପର୍ଯ୍ୟନ୍ତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୮୧୨୭ କୋଟି ଟଙ୍କାର ସରକାରୀ ବ୍ୟବସାୟ ସୃଷ୍ଟି କରିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ମାଛ ଧରିବା ପାଇଁ ପଞ୍ଚାୟତ ପୋଖରୀକୁ ପ୍ରାଥମିକତା ଦିଆଯାଉଛି। ଗର୍ଭବତୀ ମହିଳା ଏବଂ ଅନ୍ୟମାନଙ୍କ ପାଇଁ ଅଙ୍ଗନବାଡି ଜରିଆରେ ୪୦୦ କୋଟି ଟଙ୍କା ମୂଲ୍ୟର ଛତୁଆ ଯୋଗାଇ ଦିଆଯାଉଛି। ଧାନ କିଣା; ସ୍କୁଲ ୟୁନିଫର୍ମ ତିଆରି; ଛତୁ ଓ ପନିପରିବା ଚାଷ; ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ଆଦି କରାଯାଉଛି। ମିଶନ ଶକ୍ତି ମହାସଂଘ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସରକାରୀ ସମ୍ପତ୍ତି, ବୈଷୟିକ ହସ୍ତାନ୍ତର, ବଜାର ସଂଯୋଗ ଇତ୍ୟାଦି ପ୍ରଦାନ କରି ଖୁଚୁରା କ୍ଷେତ୍ରରେ ପ୍ରବେଶ ପାଇଁ କାର୍ଯ୍ୟ କରୁଛି। ୨୦୨୨-୨୩ରେ ୧୩ଟି ଜିଲ୍ଲାରେ ମିଶନ ଶକ୍ତି ବଜାର ପ୍ରତିଷ୍ଠା ହୋଇଥିବା ବେଳେ ୨୬୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ୨୩ଟି କ୍ଷୁଦ୍ର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ୪୩ କୋଟି ରାଜସ୍ୱ ଆଦାୟ କରିଛନ୍ତି।

ସେହିପରି ଭୁବନେଶ୍ୱରରେ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଆରମ୍ଭ ହୋଇଛି। ମିଶନ ଶକ୍ତିର ଭବିଷ୍ୟତ ସୁଦୃଢ଼ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିମଧ୍ୟରେ ଏସଏଚ୍‌ଜିରୁ ଏସଏମ୍‌ଇ, ସେମାନଙ୍କୁ ଦୃଢ଼ ସ୍ଥିତିରେ ରଖିବା ପାଇଁ ୫୦,୦୦୦ କୋଟି ବ୍ୟାଙ୍କ ଋଣ, ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ସାମଗ୍ରୀ ଉପଲବ୍ଧ, ୫୦୦ ମିଶନ ଶକ୍ତି ବଜାର ପ୍ରତିଷ୍ଠା ପାଇଁ ସବୁ ଜିଲ୍ଲାକୁ ପାଣ୍ଠି ଯୋଗାଇ ଦିଆଯାଇଛି। ସାମାଜିକ ପରିବର୍ତ୍ତନର ଉପକରଣ ଭାବେ ସେମାନଙ୍କର ସଫଳତା ଯୁବତୀ ଏବଂ ସେମାନଙ୍କ ପିତାମାତାଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ଅଂଶୀଦାର କରିବାକୁ ଉତ୍ସାହିତ କରିବ ବୋଲି ଶ୍ରୀମତୀ ମହନ୍ତ କହିଛନ୍ତି ବୋଲି ସେ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ବିଜେଡି ମୁଖପାତ୍ର ଡ. ସସ୍ମିତ ପାତ୍ର ଓ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ।



- ମହିଳା ସଶକ୍ତୀକରଣ ପାଇଁ ସରକାର ପ୍ରତିବଦ୍ଧ
- ମିଶନ୍ ଶକ୍ତିରେ ଅଛନ୍ତି ୭୦ଲକ୍ଷ ମହିଳା ସଦସ୍ୟ
- ବିନା ସୁଧରେ ଦିଆଯାଉଛି ୧୦ଲକ୍ଷ ଟଙ୍କାର ଋଣ
- ବିଦେଶ ଯାଉଛନ୍ତି ଓଡ଼ିଶାର ମିଶନ ଶକ୍ତି ମା'
- ଏସ୍‌ଏଚ୍‌ଜିର ମହିଳାମାନେ ଏବେ ସଫଳ ଉଦ୍ୟୋଗୀ

## ସୁନାବେଡ଼ା ଅଭୟାରଣ୍ୟରେ ପୁଣି ଏକ ହତ୍ୟାକାଣ୍ଡ

**ନୂଆପଡ଼ା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟର ଦାତୁନାମାରେ ଜଣେ ଯୁବକଙ୍କୁ ଧନୁତୀର ମାରି ହତ୍ୟା ଘଟଣାକୁ ୪ଦିନ ନ ବିତୁଣୁ ମଙ୍ଗଳବାର ପୁଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଅଭୟାରଣ୍ୟ ଅଧୀନ ଗୋଦୁମା ପଥର ଚଟାଣରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି। ମୃତ ଯୁବକଜଣକ ସ୍ଥାନୀୟ ସୋସେଙ୍ଗ ପଞ୍ଚାୟତ ଅଡ଼ାର ଗାଁର ଗୋପାଳ ପହରିଆ (୨୫)। ଖବର ଲେଖା ହେବା ବେଳକୁ ମୃତଦେହଟି ଉଦ୍ଧାର ହୋଇନଥିଲା।

- ସାଙ୍ଗମେଳିରେ ମଦ୍ୟପାନ ଜନିତ ହତ୍ୟା ଆଶଙ୍କା
- ୪ ଦିନ ତଳେ ଗଡ଼ିଥିଲା ଆଉ ଏକ ମୁଣ୍ଡ

ସୋସେଙ୍ଗରୁ ସୁନାବେଡ଼ା ଯିବା ରାସ୍ତାରେ ଅଡାର ନିକଟବର୍ତ୍ତୀ ରାସ୍ତାକଡ଼ରେ ଗୋପାଳଙ୍କ ମୃତଦେହ ପଡ଼ି ରହିଥିବା ଲୋକେ ଦେଖିବାକୁ ପାଇଥିଲେ। ଅପରାହ୍ଣ ୩ଟାରେ ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରେ ମଦ୍ୟପାନ କରିଥିଲେ। ସେମାନଙ୍କ ଭିତରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମାରପିଟ୍ ହେବା ପରେ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ବୁଧବାର ସକାଳେ ପୁଲିସର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଗତ ବର୍ଷ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି।




## ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରୀ ଘଟଣା

# ତୁରନ୍ତ ତଦନ୍ତ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର/ଖୋର୍ଦ୍ଧା,୨୮ ।୫(ସମିସ):** ବୁଥରେ ପଶି ମାରପିଟ୍, ଗଣ୍ଡଗୋଳ କରିବା ସହ ଇଭିଏମ୍ ମେସିନ୍ ଭାଙ୍ଗିବା ଅଭିଯୋଗରେ ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଗିରଫ ହୋଇଛନ୍ତି। ଏବେ ଏହି ଘଟଣାରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଏକ ସିସିଟିଭି ଫୁଟେଜ୍ ଘୂରି ବୁଲୁଛି। ଫୁଟେଜ୍‌ଟି ପ୍ରଶାନ୍ତ ଜଗଦ୍ଦେଙ୍କ ଭୋଟଦାନ ବେଳର ବୋଲି ଦାବି କରାଯାଉଛି। ସେଥିରେ ପ୍ରଶାନ୍ତ ମତଦାନ କରୁଥିବା ବେଳେ ବୁଥରେ ଗଣ୍ଡଗୋଳ ହେଉଥିବା ଦେଖାଯାଉଛି। ଏହି ଭିଡିଓକୁ ଭିତ୍ତି କରି ଶ୍ରୀ ଜଗଦ୍ଦେବ ନିର୍ଦ୍ଦୋଷ ବୋଲି ବିଜେପି ଦାବି କରୁଥିବା ବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସିସିଟିଭି ଫୁଟେଜ୍‌ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ଘଟଣା ଦିନ ରେକର୍ଡ ହୋଇଥିବା ୱେବ୍‌କାଷ୍ଟିଂ ଭିଡିଓ ରେକର୍ଡର ତୁରନ୍ତ ଯାଞ୍ଚ କରି ଘଟଣା ସମ୍ପର୍କରେ ସ୍ପଷ୍ଟ କରିବାକୁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

- ସିସିଟିଭି ଫୁଟେଜ ହସ୍ତଗତ ହୋଇନି: ଏସ୍‌ପି
- ଅପରାଜିତାଙ୍କ ଗାଡ଼ି ଚାଳକଙ୍କ ବୟାନକୁ ଖଣ୍ଡନ

ଅପରପକ୍ଷେ, ଏହି ଭାଇରାଲ ଫୁଟେଜ୍ ସମ୍ପର୍କରେ ଖୋର୍ଦ୍ଧା ଏସ୍.ପି ଅବିନାଶ କୁମାରଙ୍କ କହିବା କଥା, ଉକ୍ତ ବୁଥର ସିସିଟିଭି ଫୁଟେଜ୍ ଆମେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ମାଗିଛୁ। ଏ ପର୍ଯ୍ୟନ୍ତ ତାହା ମିଳିନାହିଁ। ଆଜି ଭାଇରାଲ ହେଉଥିବା ଏକ ଭିଡିଓକୁ ଆମେ ଗଣମାଧ୍ୟମରେ ଦେଖୁଛୁ। ନିର୍ବାଚନ ପ୍ରକ୍ରିୟା ସରିଲେ ନିର୍ବାଚନ ଅଧିକାରୀ ଦେବାକୁ ଥିବା ସିସିଟିଭି ଫୁଟେଜର ଯାଞ୍ଚ କରାଯିବ। ଏଥିରେ ଯେ କେହି ବି ସମ୍ପୃକ୍ତ ରହିଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ତେବେ ପୁଲିସକୁ ଏପର୍ଯ୍ୟନ୍ତ ସିସିଟିଭି ଫୁଟେଜ ମିଳିନଥିବା ବେଳେ ବାହାରକୁ କିପରି ଆସିଲା, ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପଟେ, ଏହି ଘଟଣାରେ ପୁଲିସ ବିରୋଧରେ



ସାଂଘାତିକ ଅଭିଯୋଗ ଆଣିଥିବା ଅପରାଜିତାଙ୍କ କାର୍ ଚାଳକ ବନମାଳୀ ବେହେରାଙ୍କ ବୟାନକୁ ଏସ୍‌ପି ଖଣ୍ଡନ କରିଛନ୍ତି। ତାଙ୍କୁ ଘରୁ ଉଠାଇନେବା, ଧମକ ଚମକ ଦେବା ଘଟଣାରେ ଖୋର୍ଦ୍ଧା ଜିଲ୍ଲା ପୁଲିସର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି। ଯଦି କେହି ତାଙ୍କୁ ହଇରାଣ କରୁଛନ୍ତି, ତେବେ ସେ ସ୍ଥାନୀୟ ଥାନାରେ ଏନେଇ ଅଭିଯୋଗ କରନ୍ତୁ। ତାଙ୍କ ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଇଭିଏମ୍ ଭଙ୍ଗାରୁଜାରେ ପ୍ରଶାନ୍ତଙ୍କ ସମ୍ପୃକ୍ତି ଥିବା ନେଇ ବୟାନ ଦେବାକୁ ବନମାଳୀକୁ ପୁଲିସ ଚାପ ପକାଇଥିଲା ବୋଲି ସେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ।

## ଫେରିଲା ତାତି
# ୩ ସହରରେ ୪୫ ଡିଗ୍ରୀ

**ଭୁବନେଶ୍ୱର, ୨୮ ।୫ (ସମିସ):** ବେଶ୍ କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଅନୁଭୂତ ହୋଇଛି। ଏକାଥରକେ ୩ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବା ସହ ଏକାଧିକ ସହରରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ଗତ କିଛିଦିନ ହେବ ବାତ୍ୟା ରେମଲ ଓ ଏହା ପୂର୍ବରୁ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ବିଶେଷ ଅଧିକ ରହୁ ନଥିଲା। ହେଲେ ରେମଲ ଯିବା ପରେ ପୁଣିଥରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ଆଜି ରାଜ୍ୟର ୧୭ଟି ସହରର ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଊର୍ଦ୍ଧ୍ୱରେ ରହିଥିବା ବେଳେ ୧୦ଟି ସହରର ତାପମାତ୍ରା ୪୩ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ଅପରପକ୍ଷେ, ହିଟ୍‌ୱେଭ୍ ପାଇଁ ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର୍ ନିର୍ଦ୍ଦେଶ ଦେଇଛନ୍ତି। ସବୁ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ କହିଛନ୍ତି।



- ୪୫.୯ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ
- ଉପକୂଳରେ କଳବଳ କଲା ଗୁଳୁଗୁଳି
- ଭୁବନେଶ୍ୱରରେ ୩୯ ଡିଗ୍ରୀ, ୬୩ ଡିଗ୍ରୀ ଭଳି ଅନୁଭବ
- ୪୩ ଡିଗ୍ରୀ ଉପରେ ୧୦ ସହରର ତାପମାତ୍ରା

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ୪୫.୯ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ସୋନପୁରରେ ତାପମାତ୍ରା ୪୫.୩ ଓ ଟିଟିଲାଗଡ଼ରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ବ୍ୟତୀତ ଝାରସୁଗୁଡ଼ାରେ ୪୪.୮, ସମ୍ବଲପୁରରେ ୪୪.୬, ବଲାଙ୍ଗିରରେ ୪୪.୫, ହୀରାକୁଦରେ ତାପମାତ୍ରା ୪୩.୬, ଫୁଲବାଣୀରେ ୪୩.୩, ନୂଆପଡ଼ାରେ ୪୩, ତାଳଚେରରେ ୪୨.୨, ବରଗଡ଼ରେ ୪୨.୨, ମାଲକାନଗିରିରେ ୪୧.୬, ସୁନ୍ଦରଗଡ଼ରେ ୪୧.୬, ପାରଳାଖେମୁଣ୍ଡିରେ ୪୧.୫, ଅନୁଗୋଳରେ ୪୧.୧ ଓ ନୟାଗଡ଼ରେ ୪୦.୩ ଡିଗ୍ରୀ ରେକର୍ଡ କରାଯାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାତିର ପ୍ରକୋପ ଅଧିକ ରହିଥିବା ବେଳେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଉପକୂଳରେ ତାପମାତ୍ରା ବିଶେଷ ରହୁ ନଥିଲେ ମଧ୍ୟ ଆର୍ଦ୍ରତା ହେତୁ ରେକର୍ଡ ହେଉଥିବା ତାତି ତୁଳନାରେ ଅଧିକ ଅସହଜ ସ୍ଥିତି ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଏହାକୁ (ଫିଲ୍ ଲାଇକ୍ ଟେମ୍ପରେଚର୍) କୁହାଯାଉଛି। ଭୁବନେଶ୍ୱରରେ ୩୯ ଡିଗ୍ରୀ ତାତି ଓ ୬୩ ପ୍ରତିଶତ ଆର୍ଦ୍ରତା ଥିବା ବେଳେ ତାତି ୬୩ ଡିଗ୍ରୀ ତାତି ଭଳି ଅନୁଭୂତ ହୋଇଛି। ଏହା ସାରା ରାଜ୍ୟରେ ସର୍ବାଧିକ ବୋଲି ପାଣିପାଗ କେନ୍ଦ୍ର କହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'ଏକ୍ସ'ରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଗାମୀ ୩ଦିନରେ ଦିନର ସର୍ବୋଚ୍ଚ ତାପମାତ୍ରା ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରାଯାଇଛି।






# ନିର୍ବାଚନ ପରେ କଠୋର ଟ୍ରାଫିକ୍ ପୁଲିସ



ଭୁବନେଶ୍ୱର, ୨୮ ।୫(ସମିସ):

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ନିର୍ବାଚନ ସରିବା ପରେ ପୁଣି କଠୋର ହୋଇଛି ଟ୍ରାଫିକ୍ ପୁଲିସ। ନିର୍ବାଚନ ସମୟରେ ବେଫିକର ଗାଡ଼ି ଚାଳକ ସଂଖ୍ୟା ବଢ଼ିଚାଲିଛି। ଟ୍ରାଫିକ୍ କଟକଣା ଭୁଲି ଗାଡ଼ି ଚାଳକମାନେ ରାଜଧାନୀରେ ଗାଡ଼ି ଚଳାଉଥିବା ନଜରକୁ ଆସିଛି। ଟ୍ରାଫିକ ଉଲ୍ଲଂଘନକାରୀ ଗାଡ଼ିଚାଳକଙ୍କ ବିରୋଧରେ କମିସନରେଟ୍ ପୁଲିସ ପୁଣି କଠୋର ହୋଇଛି। ଶୃଙ୍ଖଳିତ ଗାଡ଼ିଚାଳନା ଲାଗି ସହରରେ ପୁଣି ଧରପଗଡ଼କୁ ଜୋର୍‌ଦାର କରାଯାଇଛି। ସହରରେ ୪ଟି ଟ୍ରାଫିକ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ କୁହାଯାଇଛି।

ବିପରୀତ ଦିଗରେ ଗାଡ଼ି ଚାଳନା, ନାଲିବତି ଡେଇଁବା, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପିବା ଏବଂ ମୋଡିଫାଏଡ୍ (ବିକୃତ) ସାଇଲେନ୍ସର ଆଦି କ୍ଷେତ୍ରରେ ଚଢ଼ଉକୁ ଜୋର୍‌ଦାର କରାଯାଉଛି। ଏଥିଲାଗି ଦୁଇଟି ଟ୍ରାଫିକ ଥାନା ସମେତ ସମସ୍ତ ଥାନାଗୁଡ଼ିକୁ କୁହାଯାଇଛି। ପ୍ରତିଦିନ ଦୁଇଟି ଟ୍ରାଫିକ୍ ଥାନା ପକ୍ଷରୁ ୫୦ଟି ଲେଖାଏଁ ପିଆର୍ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଟ୍ରାଫିକ ଥାନା ନୁହେଁ, ସହରାଞ୍ଚଳର ସମସ୍ତ ଥାନାଗୁଡ଼ିକୁ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଗାଡ଼ିଗୁଡ଼ିକ ଜବତ ହେବା ପରେ କୋର୍ଟରେ ପ୍ରୋସିକ୍ୟୁସନ ରିପୋର୍ଟ ଦାଖଲ କରାଯିବ। ଚାଳକମାନେ କୋର୍ଟରୁ ରିଲିଜ ଅର୍ଡର ଆଣିବା ପରେ ଚାଳକ ଗାଡ଼ି ମୁକୁଳାଇ ନେଇପାରବେ ବୋଲି କୁହାଯାଇଛି।

**ପୁଣି ୪ଟି କ୍ଷେତ୍ରରେ ଧରପଗଡ଼ ଜୋର୍‌ଦାର**

**ଜବତ ହେବ ମୋଡିଫାଏଡ ସାଇଲେନ୍ସର୍**

ଅନ୍ୟପକ୍ଷରେ ପ୍ରଚାର ସମୟରେ କିଛି ଚାଳକ ଗାଡ଼ିଗୁଡ଼ିକୁ ମୋଡିଫାଏଡ୍ କରିଥିଲେ। ଗାଡ଼ିରେ ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଲଗାଇ ସହରରେ ପ୍ରଚାରରେ ମାତିଥିଲେ କିଛି ଚାଳକ। ଦ୍ରୁତଗତିରେ ଗାଡ଼ି ଚଳାଇବା ସହ ଉଚ୍ଚଶବ୍ଦ ବ୍ୟବହାର କରି ସହରରେ ଗାଡ଼ି ଚଳାଉଛନ୍ତି। ଏଥିସହ ଗାଡ଼ିର ସାଇଲେନ୍ସର୍ ବଦଳାଇ ଅନ୍ୟ ଗାଡି ଚାଳକଙ୍କ ମନରେ ଅସ୍ଥିରତା ସୃଷ୍ଟି କରୁଛନ୍ତି। ମୋଡିଫାଏଡ୍ ଗାଡ଼ି ଚାଳକ ବା ସାଇଲେନ୍ସର ବଦଳାଇଥିବା ଗାଡ଼ିଗୁଡ଼ିକୁ ଜବତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେଇ ଗାଡ଼ିଗୁଡ଼ିକୁ ଜବତ କରିବା ସହ ମୋଡିଫାଏଡ୍ ସାଇଲେନ୍ସର ଦୋକାନ ଉପରେ ଚଢ଼ଉ କରିବାକୁ କୁହାଯାଇଛି।

## ■ ଗାଡ଼ି ଚାଳନା ବେଳେ ମୋବାଇଲ୍ ବ୍ୟବହାର

## ୪୩୩ ଦୁର୍ଘଟଣାରେ ୧୬୩ ମୃତ

ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା ଚାଳକଙ୍କ ଲାଗି ବିପଦ ସୃଷ୍ଟିକରୁଛି। ବାଇକ କିମ୍ବା ଭାରୀଯାନ ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାରରୁ ଦୁର୍ଘଟଣା ହାର ବଢ଼ିଛି। ଗତବର୍ଷ ଏସଂକ୍ରାନ୍ତୀୟ ୪୩୩ଟି ଦୁର୍ଘଟଣାରେ ୧୬୩ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୪୭ଜଣ ଗୁରୁତର ଆହତ ହୋଇଛନ୍ତି। ସେଭଳି ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର କରୁଛନ୍ତି, ଆଉ ଭାବୁଛନ୍ତି ଏମିତି କଲେ କିଛି ଅସୁବିଧା ହେବନି ତାହେଲେ ଆପଣ ବଡ଼ ଭୁଲ କରୁଛନ୍ତି। ଆପଣଙ୍କ ଭଳି ଭାବୁଥିବା ଅନେକ ଲୋକ ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ଟ୍ରାଫିକ ସିଗ୍ନାଲ ପାଳନ, ଗାଡ଼ି ଚଳାଇବା ସମୟରେ ସତର୍କ ରହିବା, ଗାଡ଼ିର ବେଗ ଉପରେ ନିୟନ୍ତ୍ରଣ, ରାସ୍ତା ଉପରେ ନଜର ପାଳନ କରିବାକୁ କୁହାଯାଇଛି।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା

## ଅଭିଯୁକ୍ତ ଗିରଫ, କଟୁରି ଜବତ

ଭୁବନେଶ୍ୱର, ୨୮ ।୫(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି କଟୁରିରେ ହାଣିବା ଘଟଣାରେ ଖଣ୍ଡଗିରି ଥାନା ପୁଲିସ ରଘୁନାଥ ନଗରର ଜାମୁନି ପ୍ରଧାନଙ୍କୁ ଗିରଫ କରିଛି। ଜାମୁନି ନିକଟରୁ ଗୋଟିଏ କଟୁରି ଜବତ କରାଯାଇଛି। ଦିଲ୍ଲୀପ ସାହୁଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଜାମୁନି ନିଶାସକ୍ତ ଅବସ୍ଥାରେ ଦିଲ୍ଲୀପଙ୍କ ଘର ନିକଟକୁ ଆସିଥିଲେ। ପୂର୍ବ କଥାକୁ ନେଇ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଏହାପରେ ଅଭିଯୁକ୍ତ ଘରକୁ ଯାଇ କଟୁରି ଆଣିଥିଲେ। ଏଥିରେ ଦିଲ୍ଲୀପଙ୍କ ଛାତିକୁ ହାଣିଥିଲେ। ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକ ଦିଲ୍ଲୀପକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮ ।୫(ସମିସ): ମାର୍‌ପିଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନେ ହେଲେ ଈଶ୍ୱର ଦାସ ଓ ମୁନ୍ନା ଦାସ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଦୁଇ ଜଣ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେହିପରି ବାଇକ ଚୋରି ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ସୌମ୍ୟରଞ୍ଜନ ଦାଶ। ସେ ନକଲି ଚାବି ବ୍ୟବହାର କରି ଗାଡ଼ି ଚୋରିକରି ନେଇଥିଲା।

## ସ୍କୋର୍ପିଓକୁ ବୋମାମାଡ଼ ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୮ ।୫(ସମିସ): ଖଣ୍ଡଗିରି ଥାନା ବରମୁଣ୍ଡାରେ ଏକ ଚଳନ୍ତା ସ୍କୋର୍ପିଓ ଉପରକୁ ବୋମା ମାଡ଼ ହୋଇଥିଲା। ଏଥିରେ ନୂଆପଲ୍ଲୀର ରାଜେଶ ସାମନ୍ତସିଂହାର ଆହତ ହୋଇଥିଲେ। ଏହି ଘଟଣାରେ ଖଣ୍ଡଗିରି ଥାନା ପୁଲିସ ବୋମା ପକାଇଥିବା ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାରେ ପଚରାଉଚରା କରାଯାଉଛି। ଏଥିରେ ଅନ୍ୟ ଅଭିଯୁକ୍ତମାନେ ସାମିଲ୍ ଥିବାରୁ ସେମାନଙ୍କୁ ଧରିବାକୁ ଚଢ଼ଉ ମଧ୍ୟ ଜୋର୍‌ଦାର କରାଯାଉଛି। ଗତ ଜାନୁୟାରୀ ମାସରେ ହୋଇଥିବା ଏକ ରାଜନୈତିକ ସଭାରୁ କେବିଏନ୍ ଗ୍ୟାଙ୍ଗର ରାଜେଶ ଓ ଦିଗବିଜୟ ସିଂଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବିବାଦକୁ ନେଇ ଜାନୁୟାରୀ ୩୦ ସନ୍ଧ୍ୟା ସମୟରେ ରାଜେଶ, ଅମନ ଓ ଅନ୍ୟ ସହଯୋଗୀମାନେ ମିଶି ଦିଗବିଜୟ ଶୁଭମ୍ ଓ ତାଙ୍କ ସହଯୋଗୀମାନେ ଜାଗମରା ନୂଆ ରାସ୍ତାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ସେବେଠାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିଥିଲା। ରାଜେଶର ବିପକ୍ଷ ଗୋଷ୍ଠୀର ସଦସ୍ୟ ମଫି ଓ ତାର ସାଙ୍ଗ ସୋମବାର ଭୋରରୁ ପୁରୀରୁ ଫେରୁଥିଲେ। ସେହି ସମୟରେ ରାଜେଶ, ଅମନ, ଦୀପକ ଓ ଲେଲିନ୍ ମଧ୍ୟ ପୁରୀରୁ ଫେରୁଥିଲେ। ରାଜେଶର ଗୋଷ୍ଠୀ ରାସ୍ତାରେ ମଫିକୁ କମେଣ୍ଟ ମାରିବା ସହିତ ଗାଡ଼ିରେ ସାଇଡ୍ ମାରିଥିଲେ। ପୁରୀରୁ ଫେରିବା ପରେ ଦୀପକ ଓ ଲେଲିନ୍‌କୁ ଘରେ ଛାଡ଼ି ଦେଇ ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ରାଜେଶ ଓ ଅମନ ଚା ପିଇଥିଲେ। ଅମନକୁ ସେଠାରେ ଛାଡ଼ିଦେଇ ରାଜେଶ ସ୍କୋର୍ପିଓ ନେଇ ଆପିକଲ ଅଫିସ ରାସ୍ତା ଦେଇ ବରମୁଣ୍ଡା ଆଡ଼କୁ ଯାଉଥିଲେ। ଏହି ସମୟରେ ମଫି ଓ ତାର ସହଯୋଗୀମାନେ ବାଇକ୍‌ରେ ଆସି ସ୍କୋର୍ପିଓ ଉପରକୁ ବୋମାମାଡ଼ କରିଥିଲେ।

## ରାଜ୍ୟ ବାହାରୁ ସାଇବର୍ ଟ୍ରେନିଂ ନେବେ ୧୫ ଡିଏସ୍‌ପି

ଭୁବନେଶ୍ୱର, ୨୮ ।୫(ସମିସ): ଗତ କିଛିବର୍ଷ ରାଜଧାନୀ ସମେତ ରାଜ୍ୟରେ ସାଇବର୍ ଠକେଇ ମାମଲା ବଢ଼ିବାରେ ଲାଗିଛି। ପୁଲିସ ନିକଟରେ ବୈଷୟିକ ଜ୍ଞାନକୌଶଳର ଅଭାବ ଯୋଗୁଁ ଠକଙ୍କୁ ଧରିବା କାଠିକର ପାଠ ହୋଇପଡୁଛି। ଏପରିସ୍ଥଳେ ସାଇବର୍ ଥାନା ଦାୟିତ୍ୱରେ ଥିବା ୧୫ ଜଣ ଡିଏସ୍‌ପିଙ୍କୁ ରାଜ୍ୟ ବାହାରେ ତାଲିମ ଦିଆଯିବ। ରାଜ୍ୟ ବାହାରର ଏକ୍ସପର୍ଟମାନେ ସେମାନଙ୍କୁ ଟ୍ରେନିଂ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୫ ଜଣ ପ୍ରଶିକ୍ଷଣ ନେବାକୁ ଥିବା ବେଳେ ପର୍ଯ୍ୟାୟକ୍ରମେ ଅନ୍ୟମାନେ ପ୍ରଶିକ୍ଷଣ ନେବେ। ଆସନ୍ତା ମାସ ଶେଷ ଆଡ଼କୁ ଏହି ଟ୍ରେନିଂ ଦିଆଯିବ। ଏବେ ରାଜ୍ୟରେ ସାଇବର ମାମଲାରେ ଗିରଫ ହାର କମ୍ ରହିଛି। ପ୍ରତିବର୍ଷ ଅନେକ ମାମଲା ରୁଜୁ କରାଯାଉଥିବା ବେଳେ ଗିରଫ ହାର ନଗଣ୍ୟ ରହୁଛି। ଠକେଇ ଟଙ୍କା ଫେରାଇ ଆଣିବାରେ ମଧ୍ୟ ପୁଲିସ ବିଫଳ ହେଉଛି। ବଡ଼କଥା ହେଲା ତଦନ୍ତ କରି ଚାର୍ଜସିଟ୍ ଦେବାରେ ପୁଲିସ ବିଳମ୍ବ କରୁଛି। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିପାରୁ ନ ଥିବାରୁ ଚାର୍ଜସିଟ୍ ଦାଖଲ କରିପାରୁନି। ଯାହାର ପ୍ରଭାବ ସଜାହାର ଉପରେ ପଡୁଛି। ତେଣୁ ଏହି ଟ୍ରେନିଂ ନେବା ପରେ ସଜାହାର ବଢ଼ିବ ବୋଲି ଅନେକ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।



ଟାଣ ଖରାରୁ ରକ୍ଷା ପାଇବା ପାଇଁ ଏମ୍‌ୟୁଭିଆଇ ସଂସ୍ଥା ସହଯୋଗରେ କମିସନରେଟ୍ ପୁଲିସ ୬ଶହ ଛତାକୁ ଟ୍ରାଫିକ୍ ପୁଲିସକୁ ବଣ୍ଟାଗଲା

## ଦୁର୍ଘଟଣାରେ ୭ ମହିଳା କନ୍‌ଷ୍ଟେବଲ ଆହତ



**ପିକ୍‌ଅପ୍ ଭ୍ୟାନ୍ ବ୍ରେକ୍ ମାରିବାରୁ ପଛରୁ ପିଟିଲା ବସ୍**

ଭୁବନେଶ୍ୱର, ୨୮ ।୫(ସମିସ): ନିର୍ବାଚନୀ ଡ୍ୟୁଟି ଯିବା ବେଳେ ପୁଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସହିଦନଗର ଥାନା ସତସଙ୍ଗବିହାର ନିକଟରେ ପିକ୍‌ଅପ୍ ଭ୍ୟାନ୍ ହଠାତ୍ ବ୍ରେକ୍ ମାରିବାରୁ ପଛରୁ ଆସୁଥିବା ବସ୍‌ଟି ପଛରୁ ଧକ୍କା ଦେଇଥିଲା। ଫଳରେ ଏଥିରେ ୭ଜଣ ମହିଳା କନ୍‌ଷ୍ଟେବଲ ଆହତ ହୋଇଥିଲେ। ଆହତ ପୁଲିସ କର୍ମଚାରୀ ହେଉଛନ୍ତି ସାଧବୀ ମାଝି, ଗୋପାଳୁଣି ବଗର୍ତ୍ତି, ପଦ୍ମାଳୟା ନାଗ, ରଶ୍ମିତା ପାଣ୍ଡିଆ, ମନିଷା କୁମ୍ଭାର, ମଞ୍ଜୁ ବେହେରା ଓ ସସ୍ମିତା ମାଝି। ସେମାନଙ୍କ କେବଳ ନାକ ଓ ମୁହଁରେ ଆଘାତ ଲାଗିଥିବା ନେଇ ସୂଚନା ରହିଛି। ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି ଯେ, ବଲାଙ୍ଗୀରରୁ ଡ୍ୟୁଟି ସାରି ପୁଲିସ ଭ୍ୟାନ୍ କେନ୍ଦ୍ରାପଡ଼ା ନିର୍ବାଚନ ଡ୍ୟୁଟି ପାଇଁ ଯାଉଥିଲେ। ଏହି ପୁଲିସ ଗାଡ଼ିରେ ଥିବା ୧୯ଜଣଙ୍କ ମଧ୍ୟରୁ ୭ଜଣ ମହିଳା କନ୍‌ଷ୍ଟେବଲ ଆହତ ହୋଇଛନ୍ତି। ଏ ନେଇ ପିକଅପ୍ ଭ୍ୟାନକୁ ଜବତ କରାଯାଇଛି। ଆହତ ମହିଳା କନଷ୍ଟେବଲମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଛି ବୋଲି ଡିସିପି କହିଛନ୍ତି।

## ଶିଶୁ ଅନନ୍ତ ମହାବିଦ୍ୟାଳୟର ଛାତ୍ରୀଙ୍କ ସଫଳତା

ବାଲିପାଟଣା,୨୮।୫ (ସମିସ): ଗତ ମଇ ୨୬ ତାରିଖରେ ପ୍ରକାଶ ପାଇଥିବା +୨ କଳା ପରୀକ୍ଷାରେ ଶିଶୁ ଅନନ୍ତ ମହାବିଦ୍ୟାଳୟର ଛାତ୍ରୀ ଅମ୍ବିକା ରାଉତରାୟ ସର୍ବାଧିକ ନମ୍ବର ରଖି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ସେ ଏହି ସଫଳତା ପାଇଁ ପିତାମାତା, ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ସେ ପଢୁଥିବା ସାଧନା ଟ୍ୟୁଟରିଆଲର ଶିକ୍ଷକ ବଦ୍ରି ନାରାୟଣ ମହାପାତ୍ର ଓ ରାଜକିଶୋର ପରିଡ଼ାଙ୍କୁ ଶ୍ରେୟ ଦେଇଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୨୪୩ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ୭୦ ଜଣଙ୍କ ମଧ୍ୟରୁ ୩୪ ଜଣ ସାଧନା ଟ୍ୟୁଟୋରିଆଲରେ ପାଠ ପଢୁଥିଲେ। ବାଣିଜ୍ୟ ବିଭାଗରେ ମଧ୍ୟ ଅନୁରୂପ ଭାବରେ ଏଠାରେ ପଢୁଥିବା ୭ ଜଣ ପ୍ରଥମ ଶ୍ରେଣୀ ପ୍ରାପ୍ତ ହୋଇଛନ୍ତି।

## ଗୁଳୁଗୁଳିରେ ଛଟପଟ ରାଜଧାନୀବାସୀ

ଭୁବନେଶ୍ୱର, ୨୮ ।୫(ସମିସ): କିଛିଦିନ ଧରି ରାଜଧାନୀରେ ପାଗ ମେଘୁଆ ରହିବା ସହ ଆଂଶିକ ବର୍ଷା ରାଜଧାନୀବାସୀଙ୍କୁ ଆରାମ ଦେଇଥିଲା। ହେଲେ ମଙ୍ଗଳବାର ତାପମାତ୍ରରେ ବୃଦ୍ଧି ଘଟିଛି। ଆଗାମୀ ୩ ଦିନ ମଧ୍ୟରେ ଦିନବେଳର ତାପମାତ୍ରରେ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜ୍ୟର ଉପକୂଳ ଅଞ୍ଚଳରେ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଉଷ୍ମ ଆର୍ଦ୍ର ସ୍ଥିତି ଲାଗି ହିଟ୍ ଇଣ୍ଡେକ୍ସ ରେକର୍ଡ ଭାଙ୍ଗିଛି। ଭୁବନେଶ୍ୱରରେ ସର୍ବାଧିକ ହିଟ୍ ଇଣ୍ଡେକ୍ସ ୬୩ ପ୍ରତିଶତ ରେକର୍ଡ ହୋଇଛି। ଭୁବନେଶ୍ୱରରେ ଆଉ ୨ ଦିନ ଭୀଷଣ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳି ଲାଗି ରହିବ ବୋଲି ଅନୁମାନ କରାଯାଉଛି।

ରାଜଧାନୀରେ ମଙ୍ଗଳବାର ସକାଳୁ ଗୁଳୁଗୁଳି ଆରମ୍ଭ ହୋଇଯାଇଥିଲା। ପବନ ବହିବା ବନ୍ଦ କରିଦେଲା। ଦେହରୁ ଗମ୍ ଗମ୍ ହୋଇ ଝାଳ ବାହାରୁଥିଲା। ଫ୍ୟାନ ପବନ, ଏସି ରୁମ୍ ବ୍ୟତୀତ ଆଉ କେଉଁଠି ବି ଶାନ୍ତି ମିଳୁ ନ ଥିଲା। ଗଛ ଛାଇରେ ଛିଡା ହେଲେ ବି ଦେହରୁ ଗମ୍ ଗମ୍ ହୋଇ ଝାଳ ବାହାରୁଥିଲା। ଫ୍ୟାନ୍ ପବନ ଛାଡ଼ିବା ମାତ୍ରେ କପଡ଼ା ଓଦା ହୋଇଯାଉଥିଲା। ତେଣୁ ବାହାରକୁ ବାହାରିବା ମାତ୍ରେ କପଡ଼ା ବଦଳିବାକୁ ପଡୁଥିଲା। ଲୋକେ କେବଳ ପାଣି ପିଇ ଚାଲିଥିଲେ। ଖାଦ୍ୟ ଖାଇବାକୁ ଇଚ୍ଛା ହେଉ ନ ଥିଲା। ଶ୍ରମିକମାନେ ପାଗ ଠିକ୍ ଥିବା ଭାବି କାମକୁ ବାହାରି ଯାଇଥିଲେ। ହେଲେ ଗୁଳୁଗୁଳି ଯୋଗୁଁ ଦିନ ୧୦ଟା ୩୦ ପରେ କାମ କରିବା କଷ୍ଟ ହୋଇପଡ଼ିଲା। ସେହିପରି ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ଲୋକେ ଘରୁ ବାହାରିପାରି ନ ଥିଲେ। ଗାଡ଼ି ମୋଟର ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଥିଲା।

### ଅବସରପ୍ରାପ୍ତ ଡିଜିପିଙ୍କ ଘରୁ ଚୋରି ମାମଲା

## ଦୁଇ ଚୋରଙ୍କୁ ୨ ବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, ୨୮ ।୫(ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଅବସରପ୍ରାପ୍ତ ପୁଲିସ ମହାନିର୍ଦ୍ଦେଶକଙ୍କ ଘରୁ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଦୁଇ ଅଭିଯୁକ୍ତ ଅଜୁ ବର୍ଦ୍ଧନ ଏବଂ ଏସ୍‌କେ ଇସଲାମ ଓରଫ କଦମଙ୍କୁ ଦୁଇବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ପୂଜା ଜୈନ ଏହି ରାୟ ଶୁଣାଇଛନ୍ତି। ପୂର୍ବତନ ଅବସରପ୍ରାପ୍ତ ପୁଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ ନୂଆପଲ୍ଲୀ ଥାନା ଆଇଆରସି ଭିଲେଜ ଅନ୍ତର୍ଗତ ଭିଆଇପି -୪ରେ ପରିବାର ସହ ରହୁଥିଲେ। ୨୦୨୩ ମସିହା ସେପ୍ଟେମ୍ବର ୩୦ ତାରିଖରେ ସେ ମଧ୍ୟାହ୍ନ ଭୋଜନ ସାରି ପତ୍ନୀ ଏବଂ ପୁଅଙ୍କ ସହ ନିଜ ପୈତୃକ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଅଜୁ ବର୍ଦ୍ଧନ ଓ ଅଭିଯୁକ୍ତ ଏସ.କେ ଇସ୍‌ଲାମ ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପ୍ରବେଶ କରିବା ସହିତ ଏକ ଲୁହା ଆଲମାରୀ ଓ ସିକ୍ୟୁରିଟି ଲକରକୁ ତାଡ଼ି ଦେଇଥିଲେ। ପରେ ଅଭିଯୁକ୍ତମାନେ ସେଠାରୁ ୧୨ ଭରି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ଏସବୁ ଦେଖିଥିଲେ ପରିବାର ଲୋକେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ବର୍ଦ୍ଧନ ଓ ଇସଲାମକୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାର କରି ବିଚାରପତି ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକୁ ଆଧାର କରି ଦୁଇଜଣଙ୍କୁ ୨ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦୦ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।



ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୮୨ଟି ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ସାରିଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଚଳିତବର୍ଷ ଏଯାବତ ୫୧ଟି ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି।

### ବିଏମ୍‌ସି ଭେଣ୍ଡିଂ ଜୋନ୍

## ସିଆରପି ଛକରୁ ଆସୁନାହାନ୍ତି ବ୍ୟବସାୟୀ

ଭୁବନେଶ୍ୱର, ୨୮ ।୫(ସମିସ):

ରାଜଧାନୀର ଛାତି ଉପରେ ଉଠାଦୋକାନୀଙ୍କୁ ଥଇଥାନ କରିବାର ଲକ୍ଷ୍ୟ ନେଇ ସ୍ମାର୍ଟ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌ର କିଓସ୍କରେ ପାର୍କିଂ ଠାରୁ ଆରମ୍ଭ କରି, ସିଟିଂ ପ୍ଲେସ୍, ବିଦ୍ୟୁତ ସଂଯୋଗ, ଉତ୍ତମ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଏହାମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଚିହ୍ନଟ ନୂତନ ଭାବେ ପ୍ରତିଷ୍ଠିତ ସ୍ଥାନ ନିର୍ଦ୍ଧାରଣରେ ତ୍ରୁଟି ଯୋଗୁଁ ଉଠାଦୋକାନୀଙ୍କ ବ୍ୟବସାୟ କମିବାର ଆଶଙ୍କା ରହିଛି। ଏହି ଦୃଷ୍ଟିରୁ ଥଇଥାନ ହୋଇଥିବା ବ୍ୟବସାୟୀମାନେ ନୂତନ ଭେଣ୍ଡିଂ ଜୋନ୍‌କୁ ଆସିବାକୁ ଅମଙ୍ଗ ହେଉଛନ୍ତି। ଆବଣ୍ଟନ ହୋଇଥିବା ଅଧିକାଂଶ କିଓସ୍କ ବନ୍ଦ ପଡ଼ିଛି। ୫୦ରୁ ଅଧିକ ଏଭଳି କିଓସ୍କ ରହିଛି ଯାହା ପ୍ରଥମ ଦିନ ଠାରୁ ଆଜି ପର୍ଯ୍ୟନ୍ତ ତାଲା ଖୋଲିନାହିଁ। ଏଠାରେ କାହାକୁ ଓ କିପରି ଥଇଥାନ କରାଯିବ ସେ ନେଇ ଏବେ ଚିନ୍ତାରେ ବିଏମ୍‌ସି।

**ନିର୍ମାଣ ଦିନରୁ ୫୦ କିଓସ୍କରେ ତାଲା**

**ଖୁବ୍‌ଶୀଘ୍ର ବିଏମ୍‌ସି ମାଗିବ କାରଣ ଦର୍ଶାଅ**



୨୦୧୭ ମସିହାରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ୟୁନିଟ୍-୨ରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୨୭୦କିଓସ୍କ ନିର୍ମାଣ କରାଯାଇଥିଲା। ଯେଉଁଠାରେ ଉଠା ଦୋକାନୀମାନେ ବସି ବ୍ୟବସାୟ କରି ପାରିବେ। ଏଣୁ ଏଗୁଡ଼ିକୁ ଆବଣ୍ଟନ ଏବଂ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ପରବର୍ତ୍ତୀ ସମୟରେ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ହେଲେ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇଥିବା କିଛି ବ୍ୟବସାୟୀ ଏଠାରେ ବ୍ୟବସାୟ କରୁଥିଲା ବେଳେ ଅଧିକାଂଶ ନାମକୁ ମାତ୍ର ଦୋକାନ ହାତେଇ ବସିଛନ୍ତି। ଆଉ କିଛି ବ୍ୟବସାୟୀ ଏଠାରେ ଦୋକାନ ନେବାକୁ ସିଧାସଳଖ ମନାକରି ଦେଇଛନ୍ତି। ସିଆର୍‌ପି ଛକରୁ ଆସିବାକୁ ଥିବା ପ୍ରାୟ ୫୦ ବ୍ୟବସାୟୀ ଏଠାରେ ବ୍ୟବସାୟ କରିବାକୁ ମନାକରି ଦେଇଛନ୍ତି। ତେଣୁ ଉଦ୍‌ଘାଟନ ପର ଠାରୁ ଏପର୍ଯ୍ୟନ୍ତ କେବେବି ଏହି କିଓସ୍କଗୁଡ଼ିକର ତାଲା ଖୋଲିନି।

ସେପଟେ ସହରର ଡ୍ରେନ୍‌ଗୁଡ଼ିକ ଉପରେ ବସିବା ବେଆଇନ୍। ତେବେ ଷ୍ଟିୱାର୍ଟ ଛକ ଠାରୁ ବ୍ୟବସାୟୀଙ୍କୁ ହଟାଯିବା ପରେ ବିଏମ୍‌ସି ସ୍ୱଳ୍ପ ସମୟ ପାଇଁ ଡ୍ରେନ୍ ଉପରେ ଥଇଥାନ କରିଥିଲା। ସ୍ମାର୍ଟ ଜନପଥରେ ନୂତନ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ପରେ ଏମାନଙ୍କୁ ଏଠାକୁ ସ୍ଥାନାନ୍ତର କରାଯାଇ ଡ୍ରେନ୍ ଉପରେ ଥିବା ଭେଣ୍ଡିଂ ଜୋନ୍‌କୁ ଭାଙ୍ଗିଦେବାର ଯୋଜନା ରହିଥିଲା। ହେଲେ ଏମାନେ ସେଠାରୁ ନ ହଟିବାରୁ ଏହି ଭେଣ୍ଡିଂ ଜୋନ୍ ଭଙ୍ଗା ଯାଇପାରୁ ନାହିଁ। ଭେଣ୍ଡିଂ ଜୋନ୍ ଥିବାରୁ ଏଠାରେ ଡ୍ରେନ୍ ସଫା ହୋଇପାରୁ ନାହିଁ। ଏଠାରେ ଡ୍ରେନ୍ ଚୋକ୍ ହେବାର ସମ୍ଭାବନା ମଧ୍ୟ ରହିଛି। ଏସମ୍ପର୍କରେ ବିଏମ୍‌ସିର ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେଉଁମାନେ ସିଆର୍‌ପି ଛକରୁ ଆସୁନାହାନ୍ତି, କ'ଣ ପାଇଁ ଆସୁନାହାନ୍ତି, ପୁଣି ଥରେ ପଚରାଯିବ। କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଏହାପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଠା ଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁ କହିଛନ୍ତି, ଯେଉଁ ସ୍ଥାନରେ ଦୋକାନ ଭଙ୍ଗାଯାଇଛି ସେହି ସ୍ଥାନରେ ଥଇଥାନ କରିବା ଆବଶ୍ୟକ। ନ ହେଲେ ବ୍ୟବସାୟ ମାନ୍ଦା ହେବ ଓ ଦୋକାନୀ କ୍ଷତି ସହିବେ। ସେଥିପାଇଁ ଉଠା ଦୋକାନୀମାନେ ନୂଆ ଜାଗାକୁ ଯିବା ପାଇଁ ରାଜି ହେଉନାହାନ୍ତି।



ମୁଁ ଜାଣିଥିଲି ଯେ ମୋତେ ସେଠାକୁ ଯିବାକୁ ହେବ...;
କାରଣ ମୋ ପାଇଁ ଏଭେରେଷ୍ଟ ଶୃଙ୍ଗର ଆକର୍ଷଣ ପୃଥିବୀର ଯେକୌଣସି ଶକ୍ତି ତୁଳନାରେ ଅଧିକ ଲାଗୁଥିଲା।
- ପ୍ରଥମ ଏଭେରେଷ୍ଟ ବିଜୟୀ(୨୯ ମେ'୧୯୫୩) ସେର୍ପା ତେନ୍‌ଜିଙ୍ଗ

ସକାଳ
THE SAKALA

## ମୌସୁମୀ ପ୍ରବାହରେ ବ୍ୟତିକ୍ରମ

# ଆସୁଛି ପ୍ରବଳ ଗ୍ରୀଷ୍ମ ଲହରୀ

ଉତ୍ତର-ପଶ୍ଚିମ ଭାରତରେ ଅଭୂତପୂର୍ବ ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଛି। ବହୁବର୍ଷ ପରେ ରାଜସ୍ଥାନ, ହରିଆଣା ଓ ପଞ୍ଜାବ ଆଦି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୫୧ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ପ୍ରାୟ ଏକସପ୍ତାହ ପୂର୍ବରୁ ଆମେ ଓଡ଼ିଶାରେ ସେଭଳି ଅସହ୍ୟ ଖରା ଓ ଝାଞ୍ଜି ଅନୁଭବ କରିଥିଲୁ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଥିଲା। ଅନେକେ ଏହାକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି କହୁଛନ୍ତି। ହୋଇପାରେ; କିନ୍ତୁ ପ୍ରତିବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ପୂର୍ବରୁ ପ୍ରାୟ ଦୁଇସପ୍ତାହ ପ୍ରବଳ ଝାଞ୍ଜି ଓ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଥାଏ। ବାତ୍ୟା 'ରେମଲ'ର ପ୍ରବାହରୁ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳରେ କେତେକ ସ୍ଥାନରେ ବର୍ଷା ଯୋଗୁଁ ତାତି ସାମାନ୍ୟ କମିଛି। ଆକାଶ ମେଘାଚ୍ଛନ୍ନ ରହିବା ସହିତ ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ଯୋଗୁଁ ଅସହ୍ୟ ଗୁଳୁଗୁଳି ଓ ତାତି ଅନୁଭୂତ ହେଉଛି।

ଏହା ଏକ ପ୍ରାକୃତିକ ସ୍ଥିତି ଏବଂ ଏଥିରୁ ତତ୍କାଳ ନିସ୍ତାର ପାଇବା ସହଜ ନୁହେଁ। ତେବେ ପ୍ରାକ୍‌ମୌସୁମୀ ବର୍ଷା, ଯାହା ସ୍ୱାଭାବିକ ଭାବେ ଏହି ସମୟରେ ହୋଇଥାଏ, ତାହା ଆରମ୍ଭ ହେଲେ ମୌସୁମୀ ଆଗମନ ଯାଏଁ ପାଗ ଅପେକ୍ଷାକୃତ ଥଣ୍ଡା ରହିବ। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ଗଣନା କିନ୍ତୁ ଆଦୌ ଉତ୍ସାହଜନକ ନୁହେଁ। ସୋମବାର ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ଜୁନ୍‌ରେ ମଧ୍ୟ ଅଧିକାଂଶ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଅବ୍ୟାହତ ରହିବ। କେବଳ ଦେଶର ଦକ୍ଷିଣ ଅନ୍ତରୀଣ ଅପେକ୍ଷାକୃତ ଶୀତଳ ହେବାର ସମ୍ଭାବନା ଅଛି। ତେବେ ଦେଶର ଅଧିକାଂଶ ଭାଗ ଜୁନ୍ ମାସରେ ଗ୍ରୀଷ୍ମ ଲହରିର ସମ୍ମୁଖୀନ ହେବାକୁ ଥିବାରୁ ଆଇଏମ୍‌ଡି ସମ୍ପୃକ୍ତ ରାଜ୍ୟ ପ୍ରଶାସନକୁ ପ୍ରସ୍ତୁତ ରହିବାକୁ ସତର୍କ କରାଇ ଦେଇଛି।

ପାଣିପାଗ ଅସ୍ୱାଭାବିକ ଏବଂ ଅସହ୍ୟ ହେଲେ ଧନଜୀବନ ଉପରେ ତାହାର ପ୍ରଭାବ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଉତ୍ତର ଓ ପଶ୍ଚିମ-ଭାରତର ଅନେକ ଲୋକ ଗ୍ରୀଷ୍ମ ପ୍ରବାହରେ ପ୍ରାଣ ହରାଇଲେଣି। ଏହି ଅଘଟଣ ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏଭଳି ସ୍ଥଳେ ଆବଶ୍ୟକ ପଦକ୍ଷେପ ଆଗୁଆ ଗ୍ରହଣ କରିବା ସବୁ ରାଜ୍ୟ ପ୍ରଶାସନର ଦାୟିତ୍ୱ। ପାଣିପାଗର ଏଭଳି ଏକ ଅସ୍ୱାଭାବିକ ସ୍ଥିତି ମଧ୍ୟରେ ଆଇଏମ୍‌ଡି କହୁଛି ଯେ ଏଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ତା'ର ସ୍ୱାଭାବିକ ତାରିଖ ଜୁନ୍ ପହିଲାର ଦିନକ ଆଗରୁ ଅର୍ଥାତ୍ ମେ'୩୧ ତାରିଖରେ ଭାରତୀୟ ମୁଖ୍ୟ ଭୂଖଣ୍ଡ କେରଳ ଉପକୂଳ ଛୁଇଁବ। ଏଥିପାଇଁ ପରିବେଶ ଅନୁକୂଳ ରହିଛି। ତେଣୁ ମୌସୁମୀ ପ୍ରବାହ ପରେ ଗ୍ରୀଷ୍ମପ୍ରବାହ ଜନିତ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିବା ନିଶ୍ଚିତ।

ଓଡ଼ିଶାରେ ଜୁନ୍ ୧୦ ରୁ ୧୫ ମଧ୍ୟରେ ମୌସୁମୀ ପ୍ରବାହ ହୁଏ। ଏବେ ପାଗ ଅନୁକୂଳ ଥିବାରୁ ଏହା ହୁଏତ ଆଉ ଦୁଇ ସପ୍ତାହ ପରେ ଓଡ଼ିଶାରେ ପହଞ୍ଚି ଯାଇପାରେ। ପାଣିପାଗ ବିଭାଗ କହୁଛି ଯେ ସମ୍ପ୍ରତି ଘଟିଥିବା ବାତ୍ୟା ଯୋଗୁଁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ପ୍ରଭାବିତ ହେବ ନାହିଁ ଏବଂ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ଭାଗରେ ସ୍ୱାଭାବିକ ବୃଷ୍ଟିପାତ ହେବ। ଖରିଫ ଚାଷ ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭଲ ବର୍ଷା ଓ ଖରିଫ ଫସଲ ଉପରେ ଦେଶର ଅର୍ଥନୀତି ବିଶେଷ ଭାବେ ନିର୍ଭର କରେ।

ଠିକ୍ ସମୟରେ ମୌସୁମୀ ପ୍ରବାହ, ଏହାର ସ୍ୱାଭାବିକ ଅଗ୍ରଗତି ଓ ବର୍ଷା ସତ୍ତ୍ୱେ ଜୁନ୍ ମାସରେ ଦେଶର ଅଧିକାଂଶ ଭାଗରେ ତାପପ୍ରବାହ ଅବ୍ୟାହତ ରହିବା ଏକ ପରସ୍ପର ବିରୋଧୀ ବିବୃତି। ଜୁନ୍ ଶେଷ ସୁଦ୍ଧା ଦେଶର ଅଧିକାଂଶ ଭାଗରେ ମୌସୁମୀ ପ୍ରବାହ ଘଟିଥାଏ। ଏହାଫଳରେ ବର୍ଷା ହୋଇ ପାଗ ଥଣ୍ଡା ରହେ। ଏଭଳି ସ୍ଥିତିରେ ଗ୍ରୀଷ୍ମ ପ୍ରବାହ ଲାଗି ରହିବାର ସତର୍କତା ଅର୍ଥ ମୌସୁମୀ ପ୍ରବାହର ଦୁର୍ବଳତାକୁ ବୁଝାଏ। ଥରେ ଥରେ ଠିକ୍ ସମୟରେ ମୌସୁମୀ ବର୍ଷା ଆରମ୍ଭ ନ ହୋଇ ହଠାତ୍ ଦୁର୍ବଳ ହୋଇଯାଏ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ ଗଜାମରୁଡ଼ି ଅବସ୍ଥା ସୃଷ୍ଟି ହୁଏ।

ପାଣିପାଗର ଗତିବିଧି ନିର୍ଭୁଲ୍ ଭାବେ ନିର୍ଣ୍ଣୟ କରିବା କଷ୍ଟ। ଆଇଏମ୍‌ଡି ଯେତେବେଳେ ଜୁନ୍ ମାସ ପାଇଁ ତାପପ୍ରବାହ ସତର୍କତା ଜାରି କରିଛି ସେତେବେଳେ ବୁଦ୍ଧିମାନର କାର୍ଯ୍ୟ ହେଉଛି ଏଥିପାଇଁ ପ୍ରସ୍ତୁତ ରହିବା। କେବଳ ମଣିଷ ପ୍ରସ୍ତୁତ ହୋଇ ରହିଲେ ଚଳିବ ନାହିଁ। ଚାଷୀକୁଳଙ୍କ ସ୍ୱାର୍ଥ ରକ୍ଷା ପାଇଁ ମଧ୍ୟ ବିଭିନ୍ନ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହି ଖରିଫ୍ ଫସଲ ଚାଷ କିପରି ହେବ ସେ ଉପାୟ ବାହାର କରିବା ଆବଶ୍ୟକ। ଜୁନ୍‌ର ଗ୍ରୀଷ୍ମ ପ୍ରବାହ ଦେଶରେ ପାନୀୟ ଜଳ ଓ ବିଜୁଳି ଅଭାବ ଭଳି ସ୍ଥିତି ମଧ୍ୟ ସୃଷ୍ଟି କରିପାରେ। ଏଥିପାଇଁ ଆଗୁଆ ପ୍ରସ୍ତୁତି ଲୋଡ଼ା।

ସର୍ବୋପରି ଭାରତରେ ମୌସୁମୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ଖରିଫ୍ ଚାଷ ଆଶାନୁରୂପ ନ ହେଲେ ଖାଦ୍ୟ ଶସ୍ୟ ଦରଦାମ ଉତ୍କଟ ହେବ। ଏବେ ଖାଉଟିଙ୍କ ମୁଖ୍ୟ ଖାଦ୍ୟ ଶସ୍ୟ ଚାଉଳ ଓ ଗହମ ଦର ବଢ଼ି ଚାଲିଥିବା ବେଳେ ଡାଲି ଦର ଗତ ଦେଢ଼ବର୍ଷ ଭିତରେ ପ୍ରାୟ ଦୁଇଗୁଣା ହୋଇଯାଇଛି। ଏବେ ଆଳୁର ଅମଳ ସମୟ ହୋଇଥିଲେ ମଧ୍ୟ ଖୁଚୁରା ବଜାରରେ କିଲୋ ପିଛା ଦର ୩୦ ଟଙ୍କା ରହୁଛି। ସେହିଭଳି ଆମ୍ବ ଋତୁ ଅଧା ହେବାକୁ ବସିଥିଲେ ମଧ୍ୟ କିଲୋ ପିଛା ଦର ଏ ଯାଏଁ ୭୦ ଟଙ୍କାରୁ ଖସୁନି। ଖାଉଟି ସାମଗ୍ରୀ, ପନିପରିବା, ଫଳମୂଳ ଦରଦାମ ଆକାଶଛୁଆଁ ହୋଇଥିବାରୁ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି। ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଗତାନୁଗତିକ ଧାରାରେ ଖାଉଟି ସାମଗ୍ରୀ, ପେଟ୍ରୋଲ୍, ଡିଜେଲ୍ ଓ ଅତ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ ଯଦି ଚଳିତ ବର୍ଷ ମୌସୁମୀ ଅସ୍ୱାଭାବିକ ହୁଏ ତେବେ ତାହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ପକେଟ୍ ଉପରେ ପଡ଼ିବ। ଉଚ୍ଚବର୍ଗ ଲୋକଙ୍କୁ ଦରଦାମ ବୃଦ୍ଧି ଫରକ୍ ନ ଆଣିବା ସ୍ୱାଭାବିକ। ବିପିଏଲ୍ ବର୍ଗରେ ଥିବା ଲୋକେ ମାଗଣା ରାସନ୍ ପାଉଥିବାରୁ ମହଙ୍ଗା ମାଡ଼ରୁ କିଛିଟା ଆଶ୍ୱସ୍ତି ପାଇବେ। କିନ୍ତୁ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଏଥିରେ ଅଧିକ ପ୍ରଭାବିତ ହେବେ। ଦେଶର ଅର୍ଥନୀତିକୁ ମଧ୍ୟ ଅସ୍ୱାଭାବିକ ମୌସୁମୀ ପ୍ରଭାବିତ କରିବ, ଯାହାର ବୋଝ ଦେଶର ଜନତା ହିଁ ମୁଣ୍ଡାଇବେ। ତେଣୁ ଚଳିତ ବର୍ଷ ଇନ୍ଦ୍ର ଦେବତା ପ୍ରସନ୍ନ ହେଲେ ଯାଇ ଭାରତବାସୀଙ୍କ ସମସ୍ୟା ଓ ଆଶଙ୍କା ଦୂର ହୋଇପାରିବ।

# ନିର୍ବାଚନ ପ୍ରଚାରରେ ଶାଳୀନତା



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ରାଜା ଓ ପ୍ରଜାର ସମ୍ପର୍କକୁ ନେଇ ଏକ ଲୋକକଥା ଅଛି। ତାହା ହେଲା - 'ଯଥା ରାଜା ତଥା ପ୍ରଜା।' ଅର୍ଥାତ ପ୍ରଜା ରାଜାଙ୍କ ଅନୁଗାମୀ ହୋଇଥାଏ। ଗଣତନ୍ତ୍ରରେ ରାଜାର ସଂଜ୍ଞା ପରିବର୍ତ୍ତନ ହୋଇଗଲାଣି। ଏବେ ରାଜା ମାନେ ହେଉଛି ଶାସକ ଓ ଜନପ୍ରତିନିଧି, ଯେଉଁମାନେ ନେତୃତ୍ୱ ନେଉଛନ୍ତି ଏବଂ ଯେଉଁମାନଙ୍କର ଅନେକ ଅନୁଗାମୀ ଅଛନ୍ତି। ପ୍ରଜା ହେଉଛନ୍ତି ସାଧାରଣ ନାଗରିକ, ଯେଉଁମାନେ ନେତାଙ୍କୁ ମନୋନୀତ କରନ୍ତି। ତେଣୁ ଉପରୋକ୍ତ ଆପ୍ତବାକ୍ୟର ପ୍ରାସଙ୍ଗିକତା ହେଉଛି ଯେ ନାଗରିକଙ୍କ ସାମାଜିକ ଆଚରଣ ଏବଂ ମୂଲ୍ୟବୋଧକୁ ଗଢ଼ିବାରେ ନେତୃତ୍ୱର ପ୍ରଭାବଶାଳୀ ଭୂମିକା ରହିଛି। ସାମ୍ପ୍ରତିକ ନିର୍ବାଚନ ପ୍ରଚାରରେ ଶାଳୀନତା ଓ ଭାଷଣରେ ସଂଯମ ରକ୍ଷା ପରିପ୍ରେକ୍ଷୀରେ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ।

ବିଡ଼ମ୍ବନା ଯେ ସାଧାରଣ ଜନତାର ଆଦର୍ଶ ସାଜିଥିବା କେତେଜଣ ରାଜନେତା ଚଳିତ ନିର୍ବାଚନ ପ୍ରଚାର ଅଭିଯାନରେ ସେମାନଙ୍କର ଭାଷା ପ୍ରୟୋଗ ଓ ବ୍ୟବହାରରେ ସଂଯମ ଓ ଶାଳୀନତା ରକ୍ଷା କରିବାରେ ଅପରିଣାମଦର୍ଶୀ ଭଳି ହୃଦ୍‌ବୋଧ ହେଉଛନ୍ତି। ଅଜାଣତରେ ସେମାନଙ୍କର ବ୍ୟବହାର ଏବଂ ଅନୁପଯୁକ୍ତ ଭାଷା ଜନସାଧାରଣଙ୍କ ଆଚରଣକୁ ଯଥେଷ୍ଟ ପ୍ରଭାବିତ କରୁଛି। ଜଣେ ରାଜନେତାଙ୍କ ଆଶାନୁରୂପ ଆଚରଣ ହେଉଛି ନିଜକୁ ସମ୍ମାନଜନକ, ଚିନ୍ତାଶୀଳ ଏବଂ ସାମଗ୍ରିକ ଯୋଗାଯୋଗରେ ନିୟୋଜିତ କରିବା, ଯାହା ନାଗରିକଙ୍କ ଆଚରଣରେ ସିଧାସଳଖ ପ୍ରତିଫଳିତ ହୁଏ। ଏହାସହ ଶାଳୀନତା ଓ ପାରସ୍ପରିକ ସମ୍ମାନର ସଂସ୍କୃତିକୁ ମଧ୍ୟ ସୃଷ୍ଟି କରିଥାଏ। ଅପରପକ୍ଷେ, ଯେତେବେଳେ ରାଜନୈତିକ ବ୍ୟକ୍ତିମାନେ ଉତ୍ତେଜନାମୂଳକ, ବିଭାଜନକାରୀ କିମ୍ବା ବ୍ୟକ୍ତିଗତ ଅପମାନଜନକ ଭାଷାର ଆଶ୍ରୟ ନିଅନ୍ତି, ସେତେବେଳେ ଏକ ବିଷାକ୍ତ ସାମାଜିକ-ରାଜନୈତିକ ପରିବେଶ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ, ପାଖାପାଖି ଚାଳିଶ କୋଟି ଭାରତୀୟ ଫେସବୁକ ଭଳି ଏକ ଲୋକପ୍ରିୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରନ୍ତି। ଫେସବୁକରେ ଘୃଣ୍ୟ ଭାଷଣର ମାତ୍ରାକୁ ନେଇ ଇକ୍ୱାଲିଟି ଲ୍ୟାବ୍ (ଇକ୍ୱାଲିଟି ଲାବ୍ ଅନ୍ କ୍ୱାଣ୍ଟମ୍ ଅଫ୍ ହେଟ୍ ସ୍ପିଚ୍ ଇନ୍ ଫେସ୍‌ବୁକ୍) ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟ ଅନୁଯାୟୀ ବିଭାଜନକାରୀ ଭାବନା ମୋଟ ଘୃଣ୍ୟ ଭାଷଣର ୩୭% ସହିତ ଶୀର୍ଷରେ ଥିଲା। ଘୃଣ୍ୟ ଭାଷଣରେ ମିଥ୍ୟା ଖବରର ସ୍ଥାନ ୧୭% ଓ ଲିଙ୍ଗ ସମ୍ବନ୍ଧୀୟ କିମ୍ବା ମହିଳା ବିରୋଧୀ ଘୃଣା ଭାଷଣ ଏବଂ ଦଳିତ କିମ୍ବା ଜାତି ସମ୍ବନ୍ଧୀୟ ଘୃଣ୍ୟ ଭାଷଣର ଅଂଶ ୧୩% ଥିଲା। ଫେସ୍‌ବୁକ୍‌ରେ ହିଂସା ଘୃଣ୍ୟ ଭାଷଣର ୧୧% ଏବଂ ସମ୍ପ୍ରଦାୟିକ ଭାଷଣର ୯% ଥିଲା।

ପ୍ରତି ନିର୍ବାଚନରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କୁ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବା ପାଇଁ ଏକ ମଞ୍ଚ ମିଳିଥାଏ। ସେ ମଞ୍ଚ ହେଉଛି ଦୃଢ଼ ବିତର୍କ, ଚିନ୍ତାଧାରା ପ୍ରଦର୍ଶନ ଏବଂ ଆଲୋଚନାର ମଞ୍ଚ। ଏହିସବୁ ଉପାଦାନ ସହିତ କିଛି ଦାୟିତ୍ୱ ମଧ୍ୟ ଆସିଥାଏ। ସେଗୁଡ଼ିକ ହେଉଛି ଶାଳୀନତା, ସମ୍ମାନ ଏବଂ ସଚ୍ଚୋଟତାର ନୀତିକୁ ବଜାୟ ରଖିବାର ଦାୟିତ୍ୱ। କିନ୍ତୁ ଚଳିତ ନିର୍ବାଚନ ସମୟରେ ରାଜନୈତିକ



ଶାଳୀନତା ଏବଂ ବ୍ୟକ୍ତିଗତ ମନ୍ତବ୍ୟ ସବୁ ସୀମା ଅତିକ୍ରମ କରିସାରିଛି ବୋଲି ଅଭିଯୋଗ ହେଉଛି। ରାଜନେତାଙ୍କୁ ମନେ ରଖିବାକୁ ହେବ ଯେ ସେମାନେ ବ୍ୟବହାର କରୁଥିବା ପ୍ରତ୍ୟେକଟି ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାଷା ଏକ ଧାରଣାକୁ ଆକାର ଦିଏ, ସାମଗ୍ରିକ ଆଚରଣକୁ ପ୍ରଭାବିତ କରେ ଏବଂ ସମାଜର ମୂଲ୍ୟବୋଧକୁ ପ୍ରତିଫଳିତ କରେ। ଯେତେବେଳେ ରାଜନେତାମାନେ ଅପମାନଜନକ ଭାଷା ଏବଂ ବ୍ୟକ୍ତିଗତ ମନ୍ତବ୍ୟ ବ୍ୟବହାର କରନ୍ତି, ସେମାନେ କେବଳ ବିରୋଧୀଙ୍କୁ ଅପମାନିତ କରନ୍ତି ନାହିଁ, ବରଂ ଗଣତାନ୍ତ୍ରିକ ପ୍ରକ୍ରିୟାର ମର୍ଯ୍ୟାଦାକୁ ମଧ୍ୟ କ୍ଷୁଣ୍ଣ କରନ୍ତି। ଏହିପ୍ରକାର ଆଲୋଚନା ବିଭାଜନ ସୃଷ୍ଟି କରେ, ଶତ୍ରୁତାକୁ ପ୍ରୋତ୍ସାହିତ କରେ ଏବଂ ପ୍ରକୃତ ନିର୍ବାଚନୀ ପ୍ରସଙ୍ଗକୁ ବିଭ୍ରାନ୍ତ କରେ। ଏହାସହ ରାଜନୈତିକ ଅନୁଷ୍ଠାନଗୁଡ଼ିକ ଉପରେ ନାଗରିକଙ୍କ ବିଶ୍ୱାସ ହ୍ରାସ ପାଏ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଦୁର୍ବଳ ହୋଇଯାଏ। ଭାଷା ସଭ୍ୟତାର ଅବକ୍ଷୟ ଏବଂ ରାଜନୈତିକ ଅଭିଯାନରେ ବ୍ୟକ୍ତିଗତ କଟାକ୍ଷର ଅତ୍ୟଧିକ ବ୍ୟବହାର ସୁସ୍ଥ ରାଜନୈତିକ ବାତାବରଣ ପାଇଁ ଏକ ବିପଦ।

ଅନେକ ଗବେଷଣା ଓ ରିପୋର୍ଟରୁ ଜଣାପଡ଼ିଛି ଯେ ନିର୍ବାଚନ ସମୟରେ ନେତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ ଏବଂ ସାମର୍ଥ୍ୟହୀନ ଭାଷଣ ଭୋଟରଙ୍କୁ ବିଶ୍ୱବ୍ୟାପୀ ପ୍ରଭାବିତ କରିଛି। ଏଠାରେ ଦୁଇଟି ରିପୋର୍ଟ କଥା ଚୁମ୍ବକରେ ଆଲୋଚନା କରିବା। ପ୍ରଥମଟି ହେଉଛି ଇପ୍ସୋସ୍ ଦ୍ୱାରା ପ୍ରକାଶିତ 'ଗ୍ଲୋବାଲ ପରସ୍ପେକ୍ଟିଭ୍ସ ଅନ ଆଣ୍ଟି-କ୍ୟାମ୍ପେନିଂ ଆଣ୍ଡ ପରସ୍‌ନାଲ ଆଟାକ।' ଏହି ରିପୋର୍ଟରେ ବିଭିନ୍ନ ଦେଶରେ ବ୍ୟକ୍ତିଗତ ଆକ୍ରମଣ ଏବଂ ନକାରାତ୍ମକ ପ୍ରଚାର ଭୋଟରଙ୍କ ମନୋଭାବ ଏବଂ ନିର୍ବାଚନ ଫଳାଫଳକୁ କିପରି ପ୍ରଭାବିତ କରେ ତାହାର ଏକ ଗଭୀର ବିଶ୍ଳେଷଣ କରାଯାଇଛି। ଇପ୍ସୋସ୍ ରିପୋର୍ଟରୁ ଜଣାପଡ଼ିଛି ଯେ କିଛି ଭୋଟର ବ୍ୟକ୍ତିଗତ ଆକ୍ରମଣରେ ପ୍ରଭାବିତ ହେଉଥିବା ବେଳେ ଅନ୍ୟମାନେ ଏହାକୁ ମୂଳ ନୀତିଗତ ପ୍ରସଙ୍ଗରୁ ବିଭ୍ରାନ୍ତ ବୋଲି ବିବେଚନା କରନ୍ତି। ଦ୍ୱିତୀୟଟି ହେଉଛି ୨୦୧୯ ସାଧାରଣ ନିର୍ବାଚନରେ 'ଆସୋସିଏସନ ଅଫ୍ ଡେମୋକ୍ରେଟିକ ରିଫର୍ମ'(ଏଡିଆର) ଦ୍ୱାରା ହୋଇଥିବା ଏକ ଅଧ୍ୟୟନ। ଭାରତରେ ରାଜନୈତିକ ଅଭିଯାନରେ ବ୍ୟକ୍ତିଗତ ମନ୍ତବ୍ୟ କିପରି ଉଭୟ ଭୋଟରମାନଙ୍କୁ ଉତ୍ସାହିତ ଏବଂ ବିଚ୍ଛିନ୍ନ କରିପାରେ ତାହା ଉପରେ ଉକ୍ତ ରିପୋର୍ଟ ଆଲୋକପାତ କରିଛି। ଏହି ରିପୋର୍ଟର ମୁଖ୍ୟ ତଥ୍ୟ ହେଉଛି ପ୍ରତ୍ୟେକ ନେତା ନିର୍ବାଚନ ପ୍ରଚାରରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ବ୍ୟକ୍ତିଗତ ମର୍ଯ୍ୟାଦାକୁ ସମ୍ମାନ ଦେବା ଉଚିତ। ଏହି ଅଧ୍ୟୟନରେ ଏକ ଛୋଟ ବର୍ଗ ନିଜ ପସନ୍ଦର ନେତାଙ୍କ ନକାରାତ୍ମକ ସ୍ୱରକୁ ଓ ଦୃଢ଼ ଆଭିମୁଖ୍ୟକୁ ପ୍ରଶଂସା କରିଥିବା ବେଳେ ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ ଅଂଶ ଏଭଳି ପ୍ରଚାରରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଆକ୍ରମଣ ଅପେକ୍ଷା ପ୍ରସଙ୍ଗଭିତ୍ତିକ ଆଲୋଚନାକୁ ପ୍ରାଧାନ୍ୟ ଦେଉଥିବା ଯୁବ ଓ ପ୍ରଥମ ଥର ମତଦାତାଙ୍କ ମଧ୍ୟରେ ଏହି ଅସନ୍ତୋଷ ଅଧିକ ଦେଖିବାକୁ ମିଳିଛି।

ସମଗ୍ର ଇତିହାସରେ ଆମେ ଅନେକ ଉଦାହରଣ ଦେଖିଛୁ, ଯେଉଁଠାରେ ନେତାମାନଙ୍କ ଚରିତ୍ର, ବ୍ୟବହାର ଏବଂ ନୀତି ସେମାନଙ୍କ ଦେଶ ଉପରେ ଗଭୀର ପ୍ରଭାବ ପକାଇଥିଲା। ଉଦାହରଣ ସ୍ୱରୂପ, ମହାତ୍ମା ଗାନ୍ଧୀ, ନେଲସନ ମଣ୍ଡେଲାଙ୍କ ଭଳି ନେତାମାନେ ସମାନତା ଓ ଅହିଂସା ନୀତି ମାଧ୍ୟମରେ ସମାଜ ଉପରେ ପରିବର୍ତ୍ତନମୂଳକ ପ୍ରଭାବ ପକାଇଥିଲେ। ୱିନଷ୍ଟନ ଚର୍ଚ୍ଚିଲଙ୍କ ନିର୍ବାଚନ ଭାଷଣ ଏକ ମାଷ୍ଟରପିସ୍ ଭାବେ ନୋବେଲ ପୁରସ୍କାର ପାଇଥିଲା। ନେହେରୁଙ୍କ ନିର୍ବାଚନ ଭାଷଣ ହେଉଛି ଭାଷା ଦକ୍ଷତା, ଶାଳୀନତା ଏବଂ ଜ୍ଞାନରେ ପରିପୂର୍ଣ୍ଣ। ଏହି ଭାଷଣଗୁଡ଼ିକ କେବଳ ସେମାନଙ୍କର ତତ୍କାଳ ରାଜନୈତିକ ପ୍ରଭାବ ପାଇଁ ନୁହେଁ, ବରଂ ସେମାନଙ୍କର ସ୍ଥାୟୀ ସାହିତ୍ୟିକ ମୂଲ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଡ଼ମ୍ବନା ଯେ ସାମ୍ପ୍ରତିକ ରାଜନୈତିକ ଭାଷଣରୁ ଅନେକାଂଶ ଆତ୍ମଗର୍ବ, ଅହଂକାର, ଭ୍ରାନ୍ତିଜନକ ତଥ୍ୟରେ ପରିପୂର୍ଣ୍ଣ, ଯେଉଁଠି ସମ୍ପୃକ୍ତ ରାଜନେତାମାନେ ନିଜକୁ ଭଗବାନ ବା ଯୁଗଜନ୍ମା କହିବାକୁ କୁଣ୍ଠାବୋଧ କରୁନାହାନ୍ତି। ତେଣୁ ସମ୍ପୃକ୍ତ ନେତାମାନଙ୍କର ଭାଷା, ବ୍ୟବହାର, କାର୍ଯ୍ୟ, ନିଷ୍ପତ୍ତି ଏବଂ ମୂଲ୍ୟବୋଧ ସେମାନେ ନେତୃତ୍ୱ ନେଉଥିବା ସମାଜ ଉପରେ ପ୍ରତିଫଳିତ ହୁଏ। ସାମ୍ପ୍ରତିକ କଳୁଷିତ ରାଜନୈତିକ ବାତାବରଣରେ ଅନେକ ନେତା ନିଜ ଭାଷଣରେ ଏତେ ତଳକୁ ଖସି ଯାଇଛନ୍ତି ଯେ ଏହା ଅନେକଙ୍କ ପାଇଁ ଉପହାସ ପାଲଟିଛି।

ଭାରତର କିଛି ଲୋକପ୍ରିୟ ରାଜନୈତିକ ନେତାଙ୍କ ମଧ୍ୟରୁ ନବୀନ ପଟ୍ଟନାୟକ ଅନ୍ୟତମ। ତାଙ୍କର ରାଜନୈତିକ ଶାଳୀନତା ଏବଂ ଉଚ୍ଚ ନାଗରିକ ଜ୍ଞାନ ପାଇଁ ସେ ଖୁବ ଜଣାଶୁଣା। କିନ୍ତୁ ଚଳିତ ନିର୍ବାଚନ ପ୍ରଚାରରେ ନବୀନ ବାବୁଙ୍କୁ ବ୍ୟକ୍ତିଗତ ଆକ୍ଷେପ ଦେଖିବାକୁ ମିଳିଛି। ଦେଶରେ ବେରୋଜଗାରୀ, ମୁଦ୍ରାସ୍ଫୀତି ଓ ଗ୍ରାମୀଣ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ବିରୋଧୀ ଦଳର ଏହା ଏକ ହୀନ ଉଦ୍ୟମ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି। ତେଣୁ ରାଜନୈତିକ ଆଲୋଚନାରେ ବ୍ୟକ୍ତିଗତ ଆକ୍ରମଣ ଓ କଟାକ୍ଷ ଗଣତାନ୍ତ୍ରିକ ପ୍ରକ୍ରିୟାର ମୂଳଦୁଆକୁ ଦୁର୍ବଳ କରିବାର ଏକ ପ୍ରୟାସ ବୋଲି ଧରିବାକୁ ହେବ।

ରାଜନୈତିକ ଅଭିଯାନରେ ଶାଳୀନତାର ଅର୍ଥ ହେଉଛି ନୀତି ସହିତ ଅସହମତ ଥିଲେ ମଧ୍ୟ ବିରୋଧୀଙ୍କୁ ସମ୍ମାନର ସହ ବ୍ୟବହାର କରିବା। ଏହାର ମୂଳମନ୍ତ୍ର ହେଉଛି ପ୍ରସଙ୍ଗ ଉପରେ ଧ୍ୟାନ ଦେବା, ପ୍ରମାଣଭିତ୍ତିକ ଯୁକ୍ତି ଉପସ୍ଥାପନ କରିବା ଏବଂ ବ୍ୟକ୍ତିଗତ ଅପମାନ କିମ୍ବା ଚରିତ୍ର ସଂହାରରୁ ଦୂରେଇ ରହିବା। ଏହି ଆଭିମୁଖ୍ୟ କେବଳ ବିତର୍କର ଗୁଣବତ୍ତାକୁ ଉନ୍ନତ କରେ ନାହିଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ସକାରାତ୍ମକ ଉଦାହରଣ ମଧ୍ୟ ସୃଷ୍ଟି କରେ। ରାଜନୈତିକ ଆଲୋଚନା ଯେତେ ଗଠନମୂଳକ ରହିବ ତାହା ଏକ ଉଜ୍ଜ୍ୱଳ ଏବଂ ଅଧିକ ସମାବେଶୀ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିବ। ଭୋଟର ହିସାବରେ ସାଧାରଣ ଜନତାଙ୍କର ମଧ୍ୟ କିଛି ଭୂମିକା ରହିଛି। ଆମେ ଆମର ପ୍ରାର୍ଥୀଙ୍କଠାରୁ ଉଚ୍ଚ ମାନଦଣ୍ଡ ଦାବି କରିବା ଉଚିତ। ନେତୃତ୍ୱରେ ଥିବା ବ୍ୟକ୍ତି ମଧ୍ୟ ଆଦର୍ଶର ଏକ ଉଦାହରଣ ସୃଷ୍ଟି କରିବା ଜରୁରୀ। ମୁଖ୍ୟକଥା ହେଲା ସମ୍ମାନଜନକ ଓ ପ୍ରସଙ୍ଗଭିତ୍ତିକ ଅଭିଯାନରେ ନିୟୋଜିତ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଏବଂ ଏକ ସୁସ୍ଥ ଗଣତନ୍ତ୍ରକୁ ବଜାୟ ରଖିବା ହିଁ ଭୋଟରର ଲକ୍ଷ୍ୟ ହେବା ଦରକାର। ଆସନ୍ତୁ ଏଭଳି ଏକ ରାଜନୈତିକ ପରିବେଶ ଗଢ଼ିବା ଯେଉଁଠି ବିଭାଜନ ଉପରେ ଶାଳୀନତା, ଲୋଭ ଉପରେ ନିଃସ୍ୱାର୍ଥପରତା ଏବଂ ବିଶୃଙ୍ଖଳା ଉପରେ ସମ୍ମାନର ବିଜୟ ହେବ।

# ପାଣିପାଗ ଦୁର୍ବିପାକ ନିୟନ୍ତ୍ରଣ



କାହ୍ନୁଚରଣ ବେହେରା
ବୈପାରିଗୁଡ଼ା, ମୋ: ୮୮୯୫୨୯୮୨୩୫

ପୃଥିବୀ ସୃଷ୍ଟି ହେବା ଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି। ଘଟିବା ସ୍ୱାଭାବିକ ମଧ୍ୟ। କିନ୍ତୁ ପୃଥିବୀର ଜଳବାୟୁରେ ଯେଉଁ ପରିବର୍ତ୍ତନ ଘଟୁଛି ତାହା ସମଗ୍ର ଜୀବଜଗତ ପାଇଁ ବିପଦ ସୃଷ୍ଟି କରୁଛି। ବର୍ତ୍ତମାନ ମଣିଷର ଲୋଭ ଓ ପ୍ରକୃତିଠାରୁ ମାତ୍ରାଧିକ ଦୋହନ ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ନଷ୍ଟ କରିଦେଉଛି। ଏହି କାରଣରୁ ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ପ୍ରଦୂଷଣ ଭଳି ସମସ୍ୟା ସମଗ୍ର ବିଶ୍ୱ ପାଇଁ ଆଜି ଏକ ମୁଖ୍ୟ ଆହ୍ୱାନ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ଫଳରେ ଜଙ୍ଗଲରେ ବସବାସ କରୁଥିବା ଜଙ୍ଗଲ ଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯଦି ଏହି ଧାରା ଜାରି ରହେ ତେବେ ହୁଏତ ଆମର ଉତ୍ତର ପିଢ଼ି ବହୁ ପ୍ରଜାତିର ଜୀବଙ୍କୁ ଦେଖିବା ଏକପ୍ରକାର ସ୍ୱପ୍ନ ପାଲଟିଯିବ।

ପୂର୍ବରୁ ଏମିତି ସମୟ ଥିଲା ଯେଉଁଠି ବିଦ୍ୟୁତ ନଥିଲେ ମଧ୍ୟ ଗ୍ରୀଷ୍ମ ଋତୁରେ ପଙ୍ଖା କିମ୍ବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ଆବଶ୍ୟକତା ପଡୁ ନଥିଲା। ମନେ ପଡ଼େ, ପିଲାବେଳେ ଆମେମାନେ ଘର ପିଣ୍ଡାରେ ବସି ଶୀତଳ ଦକ୍ଷିଣା ପବନର ମଜା ନେଉଥିଲୁ। ଆଜି ତାହା ସାତସପନ ପାଲଟିଯାଇଛି। ୧୯୭୮ ମସିହା ପରଠାରୁ ଅଧିକ ଲୋକ ଦୀର୍ଘସମୟ ଧରି ଗରମ ଭୋଗୁଛନ୍ତି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୪୦ ବର୍ଷ ଭିତରେ ଗ୍ରୀଷ୍ମ ପ୍ରବାହରେ ସର୍ବାଧିକ ବୃଦ୍ଧି ଘଟିଛି। ପରିବେଶ ବିଜ୍ଞାନୀ ଓେଇ ଝାଙ୍ଗ ଏବଂ ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟର ଗ୍ରାବିଏଲ ଲାଉ କହିଛନ୍ତି ଯେ ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ପୂର୍ବାପେକ୍ଷା ଅଧିକ ଦୀର୍ଘ ଓ ଅସହ୍ୟ ହୋଇଛି। ବିଶେଷକରି ଦୀର୍ଘସ୍ଥାୟୀ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୟୁରେସିଆ ଅଧିକ ପ୍ରଭାବିତ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି। ଆଫ୍ରିକାରେ ଗ୍ରୀଷ୍ମପ୍ରବାହ ସବୁଠାରୁ ମନ୍ଥର ହୋଇଥିବା ବେଳେ ଉତ୍ତର ଆମେରିକା ଓ ଅଷ୍ଟ୍ରେଲିଆରେ ତାପମାତ୍ରା ଓ କ୍ଷେତ୍ରଫଳ ହିସାବରେ ସବୁଠାରୁ ଅଧିକ ବୃଦ୍ଧି ଘଟିଛି। ଆଫ୍ରିକାର ତାଞ୍ଜାନିଆ ଓ ଉଗାଣ୍ଡା ପ୍ରଭୃତି



ଦେଶରେ ସାଧାରଣ ଭାବେ ବର୍ଷର ହାରାହାରି ଉତ୍ତାପ ୧୪-୧୫ ଡିଗ୍ରୀରୁ ଆରମ୍ଭ କରି ୨୨-୨୩ ଡିଗ୍ରୀ ମଧ୍ୟରେ ସୀମିତ ରହେ। ଏହାର ଏକମାତ୍ର କାରଣ ହେଲା ସେହି ଦେଶରେ ଭରି ରହିଛି ନିଘଞ୍ଚ ଜଙ୍ଗଲ। ବିଶ୍ୱର ଶତକଡ଼ା ୫୦ ଭାଗ ଅରଣ୍ୟ ସମ୍ପଦ ରୁଷ, ବ୍ରାଜିଲ, କାନାଡ଼ା, ଆମେରିକା ଓ ଚୀନରେ ରହିଛି। ଧୀରେ ଧୀରେ ଅରଣ୍ୟ କ୍ଷୟ ଘଟୁଛି ଓ ତାଳ ଦେଇ ତାପମାତ୍ର ବୃଦ୍ଧି ପାଇ ଚାଲିଛି। ଗ୍ରୀଷ୍ମ ଦିନେ ଭାରତର ତାପମାତ୍ର ୪୦ ଡିଗ୍ରୀ ହେବା ଏବେ ସାଧାରଣ କଥା ହୋଇଗଲାଣି। ଭବିଷ୍ୟତରେ ଏହା ୫୦ ଡିଗ୍ରୀ ଟପିବା ବିଚିତ୍ର ନୁହେଁ।

ଆଗକୁ ଜଳବାୟୁ ପରିବର୍ତ୍ତନ ଓ ଗ୍ରୀଷ୍ମ ପ୍ରବାହ ଅଧିକ ଭୟଙ୍କର ହେବାକୁ ଯାଉଛି ବୋଲି ଗବେଷକମାନେ କହିଛନ୍ତି। ଗ୍ଲୋବାଲ ଓାର୍ମିଂ କାରଣରୁ ମେରୁ ବରଫ ତରଳୁଛି। ଯାହାଫଳରେ ମେରୁ ଅଞ୍ଚଳରେ ପୃଥିବୀର ବସ୍ତୁତ୍ୱ ହ୍ରାସ ପାଉଛି ଏବଂ ବିଷୁବବୃତ୍ତ ଅଞ୍ଚଳରେ ବୃଦ୍ଧି ପାଉଛି। ଏଥିଯୋଗୁଁ ପୃଥିବୀର ଗତି ପ୍ରଭାବିତ ହେଉଛି। ଯେଉଁ କାରଣରୁ ପୃଥିବୀ ପୂର୍ବାପେକ୍ଷା କମ ବେଗରେ ଗତି କରୁଛି। ପାଖାପାଖି ୭୦ ନିୟୁତ ବର୍ଷ ପୂର୍ବେ ଦିନଗୁଡ଼ିକ ଛୋଟ ଥିଲା(୨୩.୫ ଘଣ୍ଟା) ବୋଲି ପାଲିଓସେନୋଗ୍ରାଫି ଏବଂ ପାଲିଓକ୍ଲାଇମେଟୋଲୋଜିରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୨୦୨୯ ସୁଦ୍ଧା ଆମ ଘଡ଼ିରୁ ଗୋଟିଏ ସେକେଣ୍ଡ ବିୟୋଗ କରିବାକୁ ପଡ଼ିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ପୃଥିବୀ ହେଉଛି ଆମ ସମସ୍ତଙ୍କର ପ୍ରଥମ ବା ମୂଳ ବାସସ୍ଥାନ। ଏହାର ସୁରକ୍ଷା ଉପରେ ଆମେ ଗୁରୁତ୍ୱ ନଦେଇ ଆମର ବ୍ୟକ୍ତିଗତ ବାସସ୍ଥାନ, ନିଜ ରାଜ୍ୟ ବା ନିଜ ଦେଶ ତଥା ଦ୍ୱିତୀୟ ବାସଗୃହ କଥା ସବୁବେଳେ ଚିନ୍ତା କରୁଛେ। ଯୁଦ୍ଧଖୋର ମନୋବୃତ୍ତି ମଧ୍ୟ ପୃଥିବୀର ଆୟୁଷ କମାଇବାରେ ଏକପ୍ରକାର ମାଧ୍ୟମ ହୋଇ ଯାଇଛି। ବଡ଼ମାଛ ସାନମାଛକୁ ଖାଇଲା ପରି ଯୁଦ୍ଧଲିପ୍ସୁ ଶକ୍ତିଶାଳୀ ଦେଶମାନେ ଅପେକ୍ଷାକୃତ ଦୁର୍ବଳ ତଥା କ୍ଷୁଦ୍ର ଦେଶଗୁଡ଼ିକୁ ନିଜ ଅଧୀନକୁ ଆଣିବାକୁ ଉଦ୍ୟମରତ। ଏହି ଯୁଦ୍ଧଖୋର ମନୋବୃତ୍ତି ସମ୍ପନ୍ନ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସମଗ୍ର ବିଶ୍ୱ ପାଇଁ ବିପଦ ପାଲଟିଛନ୍ତି। ୨୪ ଫେବୃଆରୀ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ରୁଷିଆ ଓ ୟୁକ୍ରେନ ଯୁଦ୍ଧ ୨ ବର୍ଷ ଅତିକ୍ରମ କରିସାରିଛି। ଏଥିରେ ବ୍ୟବହୃତ ହୋଇଚାଲିଥିବା ଗୋଳାବାରୁଦ ଓ ଆଣବିକ କ୍ଷେପଣାସ୍ତ୍ର ମଧ୍ୟ ପୃଥିବୀର ବାୟୁମଣ୍ଡଳକୁ ଦୂଷିତ କରୁଛି। ନିଜର ଅହଂଭାବ ଯୋଗୁଁ ପୃଥିବୀବାସୀଙ୍କୁ ବିପଦ ଆଡ଼କୁ ଠେଲି ଦେବାର ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଜଳବାୟୁ ପରିବର୍ତ୍ତନ ପାଇଁ କେବଳ ମାନବ ସମାଜ ହିଁ ଦାୟୀ।

ପୃଥିବୀରେ ସଂଗଠିତ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ କରିବାକୁ ଏବେ ବିଶ୍ୱବ୍ୟାପୀ ବୈଜ୍ଞାନିକ ଓ ପରିବେଶବିତମାନେ ଅହରହ ଲଢ଼େଇ ଜାରି ରଖିଛନ୍ତି। ଆମେରିକୀୟ ଅନୁଧ୍ୟାନ ସଂସ୍ଥା ଏୟାର କ୍ୱାଲିଟ ଲାଇଫ୍ ଇଣ୍ଡେକ୍ସ (ଏକ୍ୟୁଏଲଆର) ତଥ୍ୟ ଅନୁସାରେ ବାୟୁ ପ୍ରଦୂଷଣ ଯୋଗୁଁ ଅତିକମରେ ଶତକଡ଼ା ୪୦ ଭାଗ ଭାରତୀୟଙ୍କର ଜୀବନଧାରଣ କ୍ଷମତା ୯ ବର୍ଷ ଯାଏଁ କମିଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଚିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜି ପଲସି ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ବର୍ତ୍ତମାନର ବାୟୁ ପ୍ରଦୂଷଣ ଯୋଗୁଁ ବିଶ୍ୱସ୍ତରରେ ନାଗରିକମାନେ ସେମାନଙ୍କର ହାରାହାରି ବୟସ ୨.୨ ବର୍ଷ ହରାଇବାକୁ ପଡ଼ିଛି। ଏ ସବୁ ଜାଣିଲା ପରେ ମଧ୍ୟ ଆମେ ଗଛଟିଏ ଲଗାଇବା ପାଇଁ ଇଚ୍ଛା କରୁନେ। ଆମେ ସମସ୍ତେ ଉପଭୋଗବାଦୀ ଜୀବନଯାପନରେ ଏତେ ବ୍ୟସ୍ତ ଯେ, ପରିବେଶ କଥା ଚିନ୍ତା କରିବା ପାଇଁ ଆମ ପାଖରେ ସମୟ ନାହିଁ। ଦିନେ ଗାଁ ଛାଡ଼ି ସହରାଭିମୁଖୀ ହେଉଥିବା ମଣିଷ ସୁସ୍ଥ ପରିବେଶ ପାଇଁ ଗାଁକୁ ଫେରିବା ପୂର୍ବରୁ ସେହି ଗାଁ ଯେ ବୃକ୍ଷଶୂନ୍ୟ ହୋଇ ଯାଇ ନଥିବ ସେ କଥା କିଏ ବା କହିବ? ପରିବେଶକୁ ଦୃଷ୍ଟିରେ ରଖି ଆମ ପାଖରେ ଥିବା ଯାଗାରେ କିଛିଅଂଶ ଗଛ ଲଗାଇବା ପାଇଁ ଛାଡ଼ିବା ଦରକାର। ପରିବାରର ପ୍ରତ୍ୟେକ ସଦସ୍ୟ ଅତିକମରେ ୨ଟି ଲେଖାଏଁ ଗଛ ଲଗାଇବା ଉଚିତ୍। ଆମେ ସମସ୍ତେ ପ୍ରକୃତିପ୍ରେମୀ ହେବା ସହିତ ପିଲାମାନଙ୍କ ଭିତରେ ପରିବେଶ ପ୍ରତି ଭଲ ପାଇବା ମନୋବୃତ୍ତି ସୃଷ୍ଟି କରିବା, ଯାହାଫଳରେ ପୃଥିବୀ ଓ ପ୍ରକୃତିର ମହତ୍ତ୍ୱ ବିଷୟରେ ସେମାନେ ଜାଣି ପାରିବେ। ଦୈନନ୍ଦିନ ଜୀବନରେ ଗଣିତ ଭଳି ପରିବେଶ ବିଜ୍ଞାନକୁ ମଧ୍ୟ ବ୍ୟବହାର କରିପାରିଲେ ପୃଥିବୀର ଜଳବାୟୁ ପରିବର୍ତ୍ତନରେ ସୁଧାର ଆସିପାରିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

### ଜଗଦେବଙ୍କୁ ନେଇ ପଦାରେ ପଡ଼ିଲା ବିଜେପି ନେତାଙ୍କ ଦୋମୁହାଁ ଚରିତ୍ର

# ବିଜେଡିରେ 'ଅପରାଧୀ'; ବିଜେପିରେ 'ମହାପୁରୁଷ'

■ **ଭୁବନେଶ୍ୱର, ୨୮।୫ (ସମିସ):** ଖୋର୍ଦ୍ଧା ପାଇଁ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଜଣେ ଅଭ୍ୟାସଗତ ଅପରାଧୀ। ମତଦାନ କେନ୍ଦ୍ରରେ ଗୁଣ୍ଡାଗର୍ଦ୍ଦି ପାଇଁ କିଛି ଦିନ ତଳେ ତାଙ୍କୁ ଗିରଫ କରାଯାଇଥିଲା। ଏପରି ଜଣେ ଗୁଣ୍ଡାଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଛନ୍ତି ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ। ଗଣମାଧ୍ୟମରେ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ଓଡ଼ିଶା ବିଜେପି ନେତାଙ୍କ ମଧ୍ୟରେ ଯେପରି ପ୍ରତିଯୋଗିତା ଆରମ୍ଭ ହୋଇଛି। ଯେତେବେଳେ ଶ୍ରୀ ଜଗଦେବ ଲୋକଙ୍କ ଉପରେ ଗାଡି ଚଳାଇଦେଲେ, ବିଜେପି ନେତାଙ୍କୁ ମାଡ଼ ମାରିଲେ ସେତେବେଳେ ସେମାନେ ତାଙ୍କୁ କୁଖ୍ୟାତ ଅପରାଧୀ ବୋଲି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରି ଏନଏସ୍ଏରେ ଗିରଫ କରି ଜେଲରେ ପୂରାଇବାକୁ ଚିତ୍କାର କରୁଥିଲେ। ଏବେ ତାଙ୍କୁ ବିଜେପି ନେତାମାନେ ମହାପୁରୁଷ ଭାବେ ଚିତ୍ରଣ କରିବାକୁ ଲଜ୍ଜାବୋଧ କରୁ ନାହାନ୍ତି ବୋଲି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର କହିଛନ୍ତି।



ବିଜେଡିରେ ଥିବା ବେଳେ ଜଗଦେବଙ୍କୁ କୁଖ୍ୟାତ ଅପରାଧୀ ବୋଲି କହୁଥିଲା ବିଜେପି

ଏବେ ଜଗଦେବଙ୍କୁ ମହାପୁରୁଷ ଭାବେ ଚିତ୍ରଣ କରିବା ପାଇଁ ବିଜେପିରେ ପ୍ରତିଯୋଗିତା

ପ୍ରଦୀପ ପାଣିଗ୍ରାହୀ ଓ ବୈଜୟନ୍ତ ପଣ୍ଡାଙ୍କ ଭଳି ଠକଙ୍କୁ ପୋଷ୍ଟର ବୟ କରିଛି ବିଜେପି

ଜଣେ ଗୁଣ୍ଡାକୁ ଗଣମାଧ୍ୟମରେ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ଅପରାଜିତା ଶତଚେଷ୍ଟିତ

ସେତେବେଳେ ଗିରଫ ପାଇଁ ଦାବି କରୁଥିଲେ, ଏବେ ବେକରେ ଫୁଲମାଳ ଦେଉଛନ୍ତି

ଏକ ସାମ୍ବାଦିକ ସମ୍ମିଳନୀରେ ସସ୍ମିତ କହିଛନ୍ତି ଯେ ଏହି ଜଗଦେବ ହେଉଛନ୍ତି ସେହି ବ୍ୟକ୍ତି ଯିଏ ୨୦୨୨ରେ ମାତାଲ ଅବସ୍ଥାରେ ବିଜେପି କର୍ମୀଙ୍କ ଉପରେ କାର ଚଢାଇ ଦେଇଥିଲେ । ସେ ସେହି ବ୍ୟକ୍ତି ଯିଏ ବାଲୁଗାଁର ବିଜେପି ନଗର ସଭାପତିଙ୍କୁ ମାଡ଼ ମାରିଥିଲେ। ତାଙ୍କ ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଓଡ଼ିଶା ବିଜେପି ନେତାମାନେ ତାଙ୍କୁ ଫୁଲମାଳ ପକାଇ ସ୍ୱାଗତ କରିବା ପରେ ଚଳିତ ନିର୍ବାଚନରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦେଇ ପୁରସ୍କୃତ କରିଛି। ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭାଇଙ୍କୁ କଟକର ବାଇମୁଣ୍ଡି କହିବା କିମ୍ବା ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ ପେଟ୍ରୋଲ ପମ୍ପ ଦେବା ହେଉ ଓଡ଼ିଶା ବିଜେପିର ଅପରାଧୀଙ୍କ ପ୍ରତି ଥିବା ଦରଦ ଜଳ ଜଳ ଦେଖାଯାଉଛି।

ଡ଼ ପାତ୍ର କହିଛନ୍ତି ଗୁଣ୍ଡାଗର୍ଦ୍ଦି ପାଇଁ ଶ୍ରୀ ଜଗଦେବଙ୍କ ବିରୋଧରେ ଓଡ଼ିଶା ବିଜେପିର ଅନେକ ନେତା ନକାରାତ୍ମକ ମନ୍ତବ୍ୟ ଦେଇଥିଲେ। ପ୍ରଶାନ୍ତ ଜଗଦେବଙ୍କ ପରି ଲୋକର ଜାଗା ବାହାରେ ନୁହେଁ, ଜେଲ ଭିତରେ ଅଛି ବୋଲି ଅପରାଜିତା ଷଡ଼ଙ୍ଗୀ କହିଥିଲେ। ପୁରୀ ଲୋକସଭା ପାଇଁ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ଓ ଚିଲିକା ବିଧାନସଭାର ବିଜେପି ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଶ୍ରୀ ଜଗଦେବଙ୍କୁ ଭୟଙ୍କର କ୍ରିମିନାଲ ମାନସିକତା ଥିବା ଅପରାଧି ଉଲ୍ଲେଖ କରି ତାଙ୍କୁ ଏନ୍ଏସ୍ଏ ବଳରେ ଗିରଫ କରିବା ଆବଶ୍ୟକତା ବୋଲି କହିଥିଲେ। ଭୁବନେଶ୍ୱର ମଧ୍ୟ ବିଧାନସଭା ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ନିମାପଡ଼ା ବିଧାନସଭା ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ମଧ୍ୟ ଏହି ପ୍ରସଙ୍ଗରେ ପ୍ରଶାନ୍ତ ଜଗଦେବଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। କେନ୍ଦୁଝର ବିଧାନସଭା ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ଜଗତସିଂହପୁର ଲୋକସଭା ପାଇଁ ବିଜେପି ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ପ୍ରମୁଖ ଶ୍ରୀ ଜଗଦେବଙ୍କୁ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାଁରେ ୨୦ରୁ ଉଦ୍ଧ୍ୱର୍ ଫୌଜଦାରି ମାମଲା ଥିବା କହିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ଆଜିକାଲି ଏହି ନେତାମାନେ ଜଗଦେବଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି । ଏହି ବୟାନରୁ ଓଡ଼ିଶା ବିଜେପି ନେତାଙ୍କ ଦୋମୁହାଁ ନୀତି ଏବଂ ଦୋମୁହାଁ ଚରିତ୍ରକୁ ଭଲ ଭାବରେ ଦେଖିପାରିବେ ବୋଲି ଶ୍ରୀ ପାତ୍ର କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ନିଜ ନିର୍ବାଚନମଣ୍ଡଳୀର ଗରିବ ଲୋକଙ୍କୁ ଠକିଥିବା ପ୍ରଦୀପ ପାଣିଗ୍ରାହୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ଜନବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡି ବହିଷ୍କାର କରିଥିଲା। ଯେଉଁ ବ୍ୟକ୍ତିଙ୍କ ବିରୋଧରେ ବିଜେପି ଆନ୍ଦୋଳନ କରୁଥିଲା, ସେହି ବ୍ୟକ୍ତିଙ୍କୁ ଫୁଲମାଳ ପକାଇ ଟିକଟ ଦେଇଛି ବିଜେପି । ଯାହାଙ୍କୁ ଚିଟ୍‌ଫଣ୍ଡ ଚୋର ବୋଲି କହୁଥିଲେ ଏବଂ ଆଜି ତାଙ୍କୁ ପୋଷ୍ଟର ବୟ କରିଛନ୍ତି। ବିଜେପିର ଆଉ ଜଣେ ପୋଷ୍ଟର ବୟ ହେଉଛନ୍ତି ଜମି ଜବରଦଖଲକାରୀ ବୈଜୟନ୍ତ ପଣ୍ଡା। ତାଙ୍କ କମ୍ପାନୀ ଅନୁସୂଚିତ ଜାତିର ଲୋକଙ୍କ ଠାରୁ ବେଆଇନ ଜମି ଜବରଦଖଲ କରିଛି। ଏଥିପାଇଁ ତାଙ୍କ ବିରୋଧରେ ଏକ ମାମଲା ମଧ୍ୟ ରହିଛି। ସେହିଭଳି ତାଙ୍କ ମାଲିକାନାରେ ଥିବା ଟିଭି ଚ୍ୟାନେଲ ସରକାରୀ ଜମିକୁ ଦଖଲ କରିଛି। ଶ୍ରୀ ପଣ୍ଡାଙ୍କୁ ଦଳରୁ ହଟାଇ ଦେଇଥିଲା ବିଜେଡି । କିନ୍ତୁ ବିଜେପି ତାଙ୍କୁ ସାମିଲ କରିଛି। ଅନୁରୂପ ଭାବରେ ବୈଜୟନ୍ତ ପଣ୍ଡା ମଧ୍ୟ ବାହାମାସ ଦୁର୍ନୀତିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା ଯେତେବେଳେ ବାହାମାସରେ ପଞ୍ଜିକୃତ ହୋଇଥିବା ଫିନ୍‌ଲେ, ମେସିନା ଓ ପିକିକା ନାମକ ତିନୋଟି ସେଲ୍ କମ୍ପାନୀ ତାଙ୍କ ମାଲିକାନାରେ ଥିବା ଟିଭି କମ୍ପାନୀରେ ଟଙ୍କା କାରବାର କରିଥିଲେ ଏବଂ ଏହି ପାଣ୍ଠିର ତଦନ୍ତ ଏକ ମଲ୍ଟି ଏଜେନ୍ସି ଗ୍ରୁପ୍ ଜରିଆରେ କରାଯାଇଥିଲା।

ନିର୍ବାଚନ ସମୟରେ ଯେଉଁ କେନ୍ଦ୍ରୀୟ ନେତାମାନେ ନିର୍ବାଚନ ପର୍ଯ୍ୟଟକ ଭାବରେ ଓଡ଼ିଶା ଆସୁଛନ୍ତି ଏବଂ ଓଡ଼ିଶା ବିଜେପି ନେତାମାନେ ସେମାନଙ୍କୁ ଦିଆଯାଇଥିବା ଲେଖାକୁ ଶୁଆ ଭଳି ଦୋହରାଉଛନ୍ତି । ସେମାନେ ବୋଧହୁଏ ଓଡ଼ିଶା ବିଜେପି ଏବଂ ଅପରାଧୀଙ୍କୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ଟିକେଟ ଦେବାର ନୀତି ବିଷୟରେ ଅବଗତ ନୁହଁନ୍ତି। ଓଡ଼ିଶା ବିଜେପି ନେତାମାନେ ପ୍ରଶାନ୍ତ ଜଗଦେବଙ୍କ ଭଳି ଅପରାଧୀଙ୍କୁ ରକ୍ଷା କରିବା ପାଇଁ ଆଜି ଲାଇଭ୍ ଟେଲିଭିଜନରେ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ହେଉଛି ଓଡ଼ିଶା ବିଜେପିର ଅସଲ ଚେହେରା। ଯେଉଁ ଦଳ ଗୁଣ୍ଡା, ଜମି ଜବରଦଖଲକାରୀ, ଠକ ଓ କଳାଧନ କାରବାରକାରୀଙ୍କୁ ଖୋଲା ହାତରେ ସ୍ୱାଗତ କରି ଦଳୀୟ ଟିକେଟ ଦେଇଥାଏ। ସେମାନେ ଏଭଳି ଅପରାଧୀଙ୍କୁ ଯେତେ ସୁରକ୍ଷା ଦେଉଛନ୍ତି, ଲୋକଙ୍କ ଆଖିରେ ସେତିକି ତଳକୁ ଖସି ପଡୁଛନ୍ତି ଏବଂ ସେଥିପାଇଁ ଓଡ଼ିଶା ବିଜେପି ଗୋଟିଏ ପରେ ଗୋଟିଏ ନିର୍ବାଚନ ହାରିଯାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ବିଷ ପିଇ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ବନ୍ଦ କୋଠରିରୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର, ଡାକ୍ତରଖାନାରେ ମୃତ୍ୟୁ**

**ରାଉରକେଲା, ୨୮।୫ (ସମିସ):** ବିଶ୍ରା ଥାନା ଅଞ୍ଚଳରେ ଏକ ପ୍ରେମୀଯୁଗଳ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ନାବାଳିକା ଥିବା ଜଣାଯାଇଛି। ସୂଚନା ମୁତାବକ, ସମ୍ପୃକ୍ତ ନାବାଳିକା ଏବଂ ଯୁବକ ତାଙ୍କ ଶୋଇବା ଘରେ ପଶି ଭିତରପଟୁ ଦ୍ୱାର ବନ୍ଦ କରିଦେଇଥିଲେ। ପରିବାରଲୋକେ କବାଟ ଭାଙ୍ଗି ଭିତରେ ପଶି ଦୁହିଁଙ୍କୁ ସଂକଟାପନ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ବି ତାଙ୍କର ମୃତ୍ୟୁ ଘଟିଥିଲା। ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେଉଁ କାରଣରୁ ପ୍ରେମୀଯୁଗଳ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ଜଣାପଡ଼ିନାହିଁ।

## ଦେଶ ବିଦେଶ

### ଯୁବକଙ୍କ ପାକସ୍ଥଳୀରୁ ବାହାରିଲା କଣ୍ଟା, ଛୁଞ୍ଚି, ଚାବି

**ଜୟପୁର, ୨୮।୫ (ଏଜେନ୍ସି):** ଜୟପୁରର ସୱାଇ ମାନ ସିଂହ ହସ୍ପିଟାଲରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କ ପାକସ୍ଥଳୀରୁ ଡାକ୍ତର କଣ୍ଟା, ଛୁଞ୍ଚି, ଚାବି, ନଟ୍ ଏବଂ ବୋଲ୍ଟ ବାହାର କରିଛନ୍ତି। ଯୁବକ ଏହାକୁ ଗିଳି ଦେଇଥିଲେ ବୋଲି ପରିବାର ସଦସ୍ୟ କହିଛନ୍ତି। ବରିଷ୍ଠ ଡାକ୍ତର ରାଜେନ୍ଦ୍ର ମାଣ୍ଡିଆ କହିଛନ୍ତି ଯେ ଗତ ୬ ତାରିଖରେ ଜଣେ ରୋଗୀ ହସ୍ପିଟାଲକୁ ଆସିଥିଲେ। ତାଙ୍କର ଅସହ୍ୟ ପେଟ ଯନ୍ତ୍ରଣା ହେଉଥିଲା। ଏକ୍ସ-ରେ ଏବଂ ସିଟି ସ୍କାନ କରିବା ପରେ ତାଙ୍କ ପେଟରେ ଲୁହା ଭଳି ସାମଗ୍ରୀ ଥିବା ଜଣାପଡ଼ିଥିଲା। ଏହା ବୃହଦନ୍ତ୍ରକୁ ପହଞ୍ଚି ଯାଇଥିଲା। ଦୀର୍ଘ ତିନି ଘଣ୍ଟାର ଅସ୍ତ୍ରୋପଚାର କରି ଏ ସବୁ ସାମଗ୍ରୀକୁ ତାଙ୍କ ପେଟରୁ ବାହାର କରାଯାଇଥିଲା।

### ଅଗ୍ନିକାଣ୍ଡରେ ଗେମିଂ ଜୋନ୍ ମାଲିକ ମୃତ

**ଡିଏନ୍ଏ ଯାଞ୍ଚରୁ ଜଣାପଡ଼ିଲା**

**ରାଜକୋଟ, ୨୮।୫ (ଏଜେନ୍ସି):** ରାଜକୋଟ ଟିଆରପି ଗେମ୍ ଜୋନ୍ ଅଗ୍ନିକାଣ୍ଡରେ ମାଲିକ ପ୍ରକାଶ ହିରେନଙ୍କ ମୃତ୍ୟୁ ହୋଇଛି। ଗେମ୍ ଜୋନ୍‌ରୁ ମିଳିଥିବା ଅବଶେଷର ଡିଏନ୍ଏ ପରୀକ୍ଷାରୁ ଏହା ଜଣାପଡ଼ିଛି। ପ୍ରକାଶଙ୍କ ନମୁନା ତାଙ୍କ ମାଆଙ୍କ ସହ ମେଳ ଖାଇଛି। ଏହି ଗେମିଂ ଜୋନ୍‌ର ସର୍ବାଧିକ ଲାଭାଂଶ ପ୍ରକାଶଙ୍କୁ ମିଳୁଥିଲା। ନିଆଁ ଲାଗିବା ସମୟରେ ତାଙ୍କୁ ସିସିଟିଭିରେ ଦେଖା ଯାଇଥିଲା। ଏ ନେଇ ପ୍ରକାଶଙ୍କ ଭାଇ ଜିତେନ୍ଦ୍ର ହିରେନ ଥାନାରେ ଅଭିଯୋଗ କରିଥିଲେ। ଅଗ୍ନିକାଣ୍ଡ ପରେ ସେ ପରିବାର ସହ ଯୋଗାଯୋଗ କରି ନ ଥିବା କହିଥିଲେ। ତାଙ୍କର ସବୁ ଫୋନ୍ ନଂ ସ୍ୱିଚ୍ ଅଫ୍ ଥିଲା। ପ୍ରକାଶଙ୍କ ଭାଇଙ୍କ ନିବେଦନରେ ପରିବାରର ଡିଏନଏ ନିଆ ଯାଇଥିଲା। ଉଦ୍ଧାର ମୃତଦେହ କାହାର ଜାଣିବା ପାଇଁ ସବୁର ଡିଏନଏ ପରୀକ୍ଷା କରାଯାଇଥିଲା। ପରିଶେଷରେ ଗୋଟିଏ ନମୁନା ପ୍ରକାଶଙ୍କ ମାଆଙ୍କ ସହ ମେଳ ଖାଇଥିଲା।

● ମାନିଲେ ନୱାଜ ସରିଫ

### ଭାରତ ସହ ହୋଇଥିବା ଚୁକ୍ତି ଭାଙ୍ଗିଥିଲା ପାକିସ୍ତାନ

**ଇସଲାମାବାଦ, ୨୮।୫ (ଏଜେନ୍ସି):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ ବହୁତ ଦିନ ପରେ ସତ ସ୍ୱୀକାର କରିଛନ୍ତି। ଭାରତ ସହ ହୋଇଥିବା ୧୯୯୯ର ଲାହୋର ଚୁକ୍ତିକୁ ପାକିସ୍ତାନ ଉଲ୍ଲଙ୍ଘନ କରିଥିଲା ବୋଲି କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ନୱାଜ ସରିଫ ଏଥିପାଇଁ ପରୋକ୍ଷରେ ଜେନେରାଲ ପରଭେଜ ମୁସରଫଙ୍କୁ ଦୋଷ ଦେଇଛନ୍ତି। କାରଗିଲରେ ଅନୁପ୍ରବେଶ ବିଷୟରେ ଉଲ୍ଲେଖ କରି ଏହା ପାକିସ୍ତାନର ଭୁଲ୍ ଥିଲା ବୋଲି କହିଛନ୍ତି। ନୱାଜ ନିଜ ଦଳର ଏକ ବୈଠକରେ ସ୍ୱୀକାର କରିଛନ୍ତି ଯେ ୧୯୯୮ ମେ' ୨୮ରେ ପାକିସ୍ତାନ ୫ଟି ପରମାଣୁ ପରୀକ୍ଷଣ କରିଥିଲା। ଏହା ପରେ ବାଜପେୟୀ ସାହବ ପାକିସ୍ତାନ ଗସ୍ତରେ ଆସିଥିଲେ। ସେ ଏହି ସମୟରେ ପାକିସ୍ତାନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ ପାକିସ୍ତାନ ହିଁ ଉଲ୍ଲଙ୍ଘନ କରି ଦେଇଥିଲା।

## ଅବଶିଷ୍ଟାଂଶ...

### ଔଦ୍ଧତ୍ୟର ଜବାବ୍...

ଗରିବ ଲୋକ ଅଛନ୍ତି। ପ୍ରଥମେ ଆପଣ ଯେଉଁ ରାଜ୍ୟରେ ସରକାର କରିଛନ୍ତି ସେ ରାଜ୍ୟକୁ ଠିକ୍ କରନ୍ତୁ। ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ଆମ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି, ଆଉ କାହାର ଦୟା ଓଡ଼ିଶାବାସୀଙ୍କୁ ଦରକାର ନାହିଁ। ନବୀନ ପଟ୍ଟନାୟକଙ୍କ ଶାସନରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହେବ। ମୁଖ୍ୟମନ୍ତ୍ରୀ ଯେଉଁଟାକୁ ଛୁଇଁବେ ତାକୁ ସୁନା କରି ଦେଖାଇବେ, କ୍ରୀଡ଼ାକ୍ଷେତ୍ରକୁ ଛୁଇଁଲେ, ଭାରତବର୍ଷରେ ଓଡ଼ିଶାକୁ ଅଗ୍ରଣୀ କରି ଏକ ନମ୍ବର କଲେ। ବିପର୍ଯ୍ୟୟ ପରିଚାଳନାକୁ ଛୁଇଁଲେ, ଏ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱରେ ଏକ ନମ୍ବର କଲେ। ଖାଦ୍ୟ ସୁରକ୍ଷାକୁ ଛୁଇଁଲେ, ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଇ ଭାରତରେ ୩ ନମ୍ବର ସ୍ଥାନ ହାସଲ କଲେ। ଏବେ ବିରୋଧୀ ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ମିଛ ଭିଡିଓ ଛାଡୁଛନ୍ତି, ତେଣୁ ଏହି ମିଛ ଭିଡ଼ିଓ ପ୍ରତି ଆପଣମାନେ ସତର୍କ ରୁହନ୍ତୁ । ଡବଲ ଇଞ୍ଜିନ ଛତିଶଗଡ଼ କଥା ଦେଖନ୍ତୁ, ସେଠାରେ ଶାନ୍ତି ନାହିଁ, ବମ୍ ଫୁଟୁଛି, ଗୁଳି ଫୁଟୁଛି। ଆପଣମାନେ ପ୍ରଥମେ ଛତିଶଗଡରେ ଶାନ୍ତି ଫେରାଇ ଆଣନ୍ତୁ। ତା'ପରେ ଓଡ଼ିଶା କଥା ଚିନ୍ତା କରିବେ। ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ, ନବୀନବାବୁଙ୍କ ଶାସନରେ ଲୋକମାନେ ଏଠାରେ ଖୁସିରେ ଅଛନ୍ତି, ଶାନ୍ତିରେ ଅଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ମୁଖ୍ୟମନ୍ତ୍ରୀ ମୋତେ କାମର ହିସାବ ଦେବା ପାଇଁ ଆପଣଙ୍କ ପାଖକୁ ପଠାଇଛନ୍ତି। କିନ୍ତୁ ଏଠାରୁ ଯିଏ ସାଂସଦ ହୋଇଥିଲେ ସେ ଆପଣମାନଙ୍କ ପାଇଁ କିଛି କଲେ ନାହିଁ। ବାଲେଶ୍ୱର ସାଂସଦ କେନ୍ଦ୍ରମନ୍ତ୍ରୀ ମଧ୍ୟ ରହିଥିଲେ; କିନ୍ତୁ ଏ ଅଞ୍ଚଳ ପାଇଁ କିଛି କଲେ ନାହିଁ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଉ ଅବା ଜବାହର ନବୋଦୟ ବିଦ୍ୟାଳୟ, ମୋବାଇଲ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ମଧ୍ୟ କିଛି କଲେ ନାହିଁ। ସେ ଲୋକଙ୍କର ସୁଖଦୁଃଖ ଠାରୁ ଦୂରରେ ଥିଲେ। କିନ୍ତୁ ବର୍ତ୍ତମାନ ବିଜୁ ଜନତା ଦଳର ନୀଳଗିରି ବିଧାନସଭା ପ୍ରାର୍ଥୀ ସୁକାନ୍ତ ବାବୁ ବିଜେପି ଦଳରେ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆସି ଏ ଅଞ୍ଚଳର ଲୋକଙ୍କ ପାଇଁ କାମ କରିଛନ୍ତି ।

ରେମୁଣାରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ରେମୁଣାକୁ ବହୁତ ପୁଞ୍ଜି ଆସିବ, ଇଣ୍ଡଷ୍ଟ୍ରୀ ଆସିବ, ଏଠାକାର ଯୁବପିଢ଼ି ରୋଜଗାର ପାଇବେ। ଆମ ନିର୍ବାଚନୀ ଇସ୍ତାହାର ଅନୁଯାୟୀ ବାଲେଶ୍ୱର-ବାରିପଦା-ଭଦ୍ରକକୁ ନେଇ ଏକ ଶିଳ୍ପ କ୍ଲଷ୍ଟର ହେବ । ଏହି ଅଞ୍ଚଳମାନଙ୍କରେ ବଡ଼ ବଡ଼ ଇଣ୍ଡଷ୍ଟ୍ରୀ ଗଢ଼ି ଉଠିବ, ନିଯୁକ୍ତି ସୃଷ୍ଟି ହେବ, ରୋଜଗାର ବଢ଼ିବ ଓ ସହରାଞ୍ଚଳର ବିକାଶ ହେବ। ଆସନ୍ତା ୧୦ ବର୍ଷରେ ନୂଆ ରୂପ ପାଇବ ବାଲେଶ୍ୱର-ରେମୁଣା ଅଞ୍ଚଳ। ୨୦୧୯ରେ ମୁଖ୍ୟମନ୍ତ୍ରୀ ଜଣେ ମିଶନ ଶକ୍ତି ମା'ଙ୍କୁ ସାଂସଦ କରିଥିଲେ। ଏଥର ମଧ୍ୟ ଜଣେ ମିଶନ ଶକ୍ତି ମା'ଙ୍କୁ ଯାଜପୁରରେ ବିଧାୟକ ପ୍ରାର୍ଥୀ କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଜଣେ ସରପଞ୍ଚ ମା'ଙ୍କୁ ନବୀନ ପଟ୍ଟନାୟକ ରେମୁଣାରୁ ବିଧାୟକ ପ୍ରାର୍ଥୀ କରିଛନ୍ତି। ସେ ବିଜୟୀ ହେଲେ ସାରା ଓଡ଼ିଶାକୁ ଏକ ନୂତନ ବାର୍ତ୍ତା ଯିବ, ଏକ ନୂଆ ଇତିହାସ ରଚନା ହେବ ଓଡ଼ିଶାରେ। ନବୀନ ପଟ୍ଟନାୟକଙ୍କ ସରକାରରେ ଜଣେ ସରପଞ୍ଚ ବି ବିଧାୟକ ଓ ସାଂସଦ ହୋଇପାରିବେ। ସେହିପରି ବସ୍ତାରେ ଅନୁଷ୍ଠିତ ସମାବେଶରେ ସେ କହିଛନ୍ତି ଯେ ବାହାରୁ ନେତା ଆସି କହୁଛନ୍ତି କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଭଦ୍ରକରେ ମେଡିକାଲ କଲେଜ କରିବେ; କିନ୍ତୁ ସେମାନେ ଜାଣି ନାହାନ୍ତି ନବୀନ ବାବୁ ୩ରୁ ୧୩ଟି ମେଡିକାଲ କଲେଜ କରି ସାରିଛନ୍ତି। ଯିଏ ୧୩ଟି ମେଡ଼ିକାଲ କଲେଜ କରିଛି, ସିଏ ୩୦ଟି ମେଡିକାଲ କଲେଜ କରିପାରିବେ। ଏବେ ହାରିବା ଭୟରେ ସେମାନେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ କରିବୁ ବୋଲି କହୁଛନ୍ତି। କିନ୍ତୁ ୧୦ ବର୍ଷ କ୍ଷମତାରେ ଥାଇ କାହିଁକି କଲେ ନାହିଁ। ଓଡ଼ିଶାରୁ ଯିଏ କେନ୍ଦ୍ରଶିକ୍ଷା ମନ୍ତ୍ରୀ ରହିଲେ, ସେ କ'ଣ ପାଇଁ ଗୋଟିଏ ବି ଶିକ୍ଷାନୁଷ୍ଠାନ ଖୋଲି ପାରିଲେ ନାହିଁ? ନବୀନ ବାବୁ ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବେ। ବିରୋଧୀ କହୁଛନ୍ତି କେମିକାଲ ପ୍ଲାଣ୍ଟ ପାଇଁ ଆପଣମାନଙ୍କୁ ବିସ୍ଥାପିତ କରାଯିବ; କିନ୍ତୁ ମୁଁ ଆପଣମାନଙ୍କୁ ଏଠାରେ କହି ରଖୁଛି, ଜଣେ ହେଲେ ବି ପ୍ଲାଣ୍ଟ ପାଇଁ ବିସ୍ଥାପିତ ହେବେ ନାହିଁ, ଏହା ନବୀନ ଗ୍ୟାରେଣ୍ଟି। ନବୀନ ବାବୁଙ୍କ ମାଗଣା ବିଜୁଳି ଗ୍ୟାରେଣ୍ଟି ଶୁଣି ବିରୋଧୀଙ୍କୁ କରେଣ୍ଟ ମାରୁଛି। ସେଥିପାଇଁ ସେମାନେ ମାଗଣା ବିଜୁଳି ଦେବେ ବୋଲି କହୁଛନ୍ତି। କିନ୍ତୁ କିଛି ମାଗଣା ନୁହେଁ, ସେଥିପାଇଁ ଗରିବ ଲୋକଙ୍କ ଠାରୁ ପ୍ରଥମେ ୫୦ ହଜାର ଟଙ୍କା ଆଦାୟ କରିବେ।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶାଳନ୍ଦୀ ବାମପାଶ୍ୱର୍ କେନାଲ ପାଇଁ ୨୭୦ କୋଟି ଟଙ୍କା ମଞ୍ଜୁର କରି ନୀଳଗିରି ଅଞ୍ଚଳର ବିକାଶକୁ ଆହୁରି ଆଗକୁ ନେଇଛନ୍ତି। ନୀଳଗିରି ଅଞ୍ଚଳରେ ଆମର ଜନଜାତି ଭାଇଭଉଣୀ ମାନେ ବହୁ ସଂଖ୍ୟାରେ ବାସ କରନ୍ତି। ଆପଣମାନଙ୍କର କଳା, ସଂସ୍କୃତି, ଭାଷା, ପୂଜାସ୍ଥଳୀ, ଜାହିରା ଆଦିର ବିକାଶ ପାଇଁ ଆମର ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଲାଭ ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଆପଣମାନେ ଠିକ୍ ଦାମ୍ ପାଇବେ, ଆପଣଙ୍କୁ କେହି ଠକି ପାରିବେ ନାହିଁ । ଦରଦାମ ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କର ସବୁଠାରୁ ବଡ ଦାୟିତ୍ୱ। ଡାଲି ଦର କମିଲା କି ? ତେଲ ଦର କମିଲା କି ? ଏଲପିଜି ଦର କମିଲା କି ବୋଲି ଶ୍ରୀ ପାଣ୍ଡିଆନ ଜନତାଙ୍କୁ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଦରଦାମ ନିୟନ୍ତ୍ରଣରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। କେନ୍ଦ୍ର ସରକାର କହିଥିଲେ ପ୍ରତିବର୍ଷ ଦୁଇ କୋଟି ଚାକିରୀ ଦେବେ। ଦଶ ବର୍ଷରେ କୋଡିଏ କୋଟି ; ଓଡିଶା ଭାଗ ପଡିଥାନ୍ତା ୮୦ ଲକ୍ଷ। ବାଲେଶ୍ୱର ଭାଗ ପଡିଥାନ୍ତା ୬ ଲକ୍ଷ ଚାକିରୀ। ନୀଳଗିରି ଭାଗରେ ୧ ଲକ୍ଷ ଚାକିରୀ ପଡିଥାନ୍ତା। କେନ୍ଦ୍ର ସରକାରଙ୍କ ଚାକିରୀ ନୀଳଗିରିରୁ କିଏ ପାଇଲେ କି ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ନୀଳଗିରିରୁ ଯଦି ୨ ହଜାର ଲୋକ ଚାକିରି ପାଇଥିବେ, ତେବେ ମୁଁ ରାଜନୀତି ଛାଡ଼ିଦେବି ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଏହା ସହିତ ଡ଼ବଲ ଇଞ୍ଜିନ୍ ୩୦୦ ଟଙ୍କା ଭତ୍ତା ଦେଉଥିବାବେଳେ ନବୀନ ଇଞ୍ଜିନ ୧ ହଜାର ଟଙ୍କା ଭତ୍ତା ଦେଉଛି ବୋଲି ପାଣ୍ଡିଆନ କହିଛନ୍ତି ।

ଭୋଗରାଇରେ ସେ କହିଛନ୍ତି ଯେ ଭୂଷଣ୍ଡେଶ୍ୱର ମନ୍ଦିର କାମ ଚାଲିଛି। ଭୋଗରାଇ ସଂସ୍କାର ପ୍ରକଳ୍ପ ପାଇଁ ୧୦୦ କୋଟି, ଓଡ଼ିଶା କୋଷ୍ଟ କେନାଲ ପ୍ରକଳ୍ପ ପାଇଁ ୨୧୮ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରି ନୂଆ ଓଡ଼ିଶା ଗଢ଼ିବା ପାଇଁ ବହୁତ ପଦକ୍ଷେପ ନେଇଛନ୍ତି। ବିଜେପିର ନିର୍ବାଚନୀ ଇସ୍ତାହାରରେ ଯୁବ ପିଢ଼ିଙ୍କ ପାଇଁ କିଛି ନାହିଁ। ସେମାନେ ଯଦି କ୍ଷମତାକୁ ଆସିବେ ଓଡ଼ିଶାକୁ ୨୫ ବର୍ଷ ପଛକୁ ନେଇଯିବେ। ଅନନ୍ତ ଦାସ ବିଜୁ ଜନତା ଦଳର ବରିଷ୍ଠ ନେତା। ସେ ଭୋଗରାଇ ପାଇଁ ବହୁତ କିଛି କରିଛନ୍ତି, ତାଙ୍କୁ ଆମେ ସମ୍ମାନ ଦେବା। ଯାହା ସବୁ କାମ ବାକି ଅଛି ତାହା ଗୌତମ ବାବୁ ପୂରଣ କରିବେ। ସେହିପରି ବସ୍ତାରେ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ୍ତା ଓ ବାଲିଆପାଳକୁ ଏନ୍ଏସି ମାନ୍ୟତା ଦେଇଛନ୍ତି। କର୍ମୀମାନଙ୍କୁ ଉତ୍ସାହିତ କରି ସେ କହିଥିଲେ ଆଗାମୀ ୩ ଦିନ ଆପଣମାନେ କଠିନ ପରିଶ୍ରମ କରନ୍ତୁ। ବିଜେପି ଦଳ ମିଛ କଥା କହିବେ, ଆମ ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେବେ, ଅପପ୍ରଚାର କରିବେ। ଆପଣମାନେ ତାହାର ମୁହଁତୋଡ଼ ଜବାବ୍ ଦେବେ। ଶେଷରେ ଶ୍ରୀ ପାଣ୍ଡିଆନ ଜୁନ ପହିଲା ଦିନ ବହୁ ସଂଖ୍ୟାରେ ଭୋଟ କେନ୍ଦ୍ରକୁ ଆସି ବିଜୁ ଜନତା ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର ଓ ବିଭିନ୍ନ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ।

### ନବୀନ 'ରାଷ୍ଟ୍ରନାୟକ'...

ମଙ୍ଗଳବାର ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ସେ ବିଜେପି ପାଇଁ ପ୍ରଚାର କରିଛନ୍ତି। ଭିତ୍ତିଭୂମି ଦୃଷ୍ଟିରୁ ଆସାମଠାରୁ ଓଡ଼ିଶା ବହୁ ଆଗରେ ରହିଥିବା ବେଳେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ସାରା ବିଶ୍ୱରେ ଓଡ଼ିଶାର ପ୍ରସିଦ୍ଧି ରହିଛି। ଏହା ପୂର୍ବରୁ ଓଡ଼ିଶା ବହୁ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହଯୋଗ କରି ଉଦାହରଣ ସୃଷ୍ଟି କରିଛି। ଆସାମ ଭଳି ମିଜୋରାମରେ ପଥର ଖଣ୍ଡ ଖସିଯିବାରୁ ୧୭ ଜଣଙ୍କ ପ୍ରାଣହାନୀ ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ମିଜୋରାମରେ ପ୍ରବଳ...

ରାଜ୍ୟର ସମସ୍ତ ଅଫିସ, ସ୍କୁଲ ଆଦି ଛୁଟି କରିଦେଇଛନ୍ତି। କେବଳ ଅତ୍ୟାବଶ୍ୟକ ସେବା ଯୋଗାଉଥିବା କାର୍ଯ୍ୟାଳୟ ଖୋଲାଅଛି। ଭୂସ୍ଖଳନ କାରଣରୁ ଆଇଜ୍ୱାଲ ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇପଡ଼ିଛି। ହୁନ୍ଥାରଠାରେ ଭୂସ୍ଖଳନ ଘଟି ୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ତଥା ଯାତାୟାତ ବନ୍ଦ ରହିଛି। ମେଘାଳୟର ଅନେକ ଜିଲ୍ଲାରେ ସ୍କୁଲ ଛୁଟି କରି ଦିଆଯାଇଛି। ସେଠାରେ ପବନର ବେଗ ଘଣ୍ଟା ପ୍ରତି ୬୦ କିଲୋମିଟର ରହିଥିବାରୁ ପାଣିପାଗ ବିଭାଗ ଲୋକଙ୍କୁ ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବା ପାଇଁ ସତର୍କ କରାଇଛି। ମେଘାଳୟର ପୂର୍ବ ଜୟନ୍ତିଆ, ପୂର୍ବ ଖାସି, ଦକ୍ଷିଣପଶ୍ଚିମ ଖାସି, ପଶ୍ଚିମ ଜୟନ୍ତିଆ ଓ ପଶ୍ଚିମ ଖାସି ଭଳି ଦୁର୍ଗମ ପାର୍ବତ୍ୟ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଲାଗିରହିବା ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଆସାମରେ ଏକ ସ୍କୁଲ ବସ୍ ଉପରେ ଏକ ବଡ଼ ଗଛ ପଡ଼ିଯିବାରୁ ଦୁଇ ଜଣଙ୍କ ମୃତ୍ୟୁ ହେବା ସହିତ ୧୭ ଜଣ ଆହତ ହୋଇଛନ୍ତି। ରାଜ୍ୟର ଅନ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଜଟିଳ ହୋଇପଡ଼ିଥିବା କୁହାଯାଇଛି।

### ପାଣ୍ଡିଆନଙ୍କ 'ନଅ'...

ସରକାର ୫-ଟି ସ୍କୁଲ ,୫-ଟି କଲେଜ, ଯୁବ ବଜେଟ ବ୍ୟବସ୍ଥା କରିଛନ୍ତି। ୯୮ ପ୍ରତିଶତ ପିଲାଙ୍କ ପାଇଁ ନୂଆ ଓ ଛାତ୍ର ବୃତ୍ତି ଯୋଜନା ଆରମ୍ଭ ହୋଇଛି। ଯୁବକଙ୍କ ପାଇଁ ବିଜେପି ଇସ୍ତାହାର ରେ କିଛି ନଥିବା ବେଳେ ଏହାକୁ ବନ୍ଦ କରିବାକୁ ଯୋଜନା କରୁଛି ବିଜେପି। ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପରିଚୟ ପାଇଁ ଏସ୍‌ଡିସି ଗଠନ କରିଛନ୍ତି। ଡବଲ ଇଞ୍ଜିନ ଚାଲିଥିବା ରାଜ୍ୟରେ ଅଧିକ ଆଦିବାସୀ ଥାଇ ବି ଏସ୍‌ଡିସି ଗଠନ କରାଯାଇ ନାହିଁ। ବିଜେପି ସରକାର କୁ ଆସିଲେ ଏହାକୁ ବି ବନ୍ଦ କରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ବିଜେଡ଼ିର ମାଗଣା ବିଦ୍ୟୁତ୍ ଘୋଷଣା ପରେ ବିଜେପିକୁ କରେଣ୍ଟ ଲାଗିଛି। ବିଜେପି ସୋଲାର ବ୍ୟବସ୍ଥାରେ ବିଦ୍ୟୁତ୍ ଯୋଗାଇବା କଥା କହୁଛି। ରନ୍ଧନ ଗ୍ୟାସ ମାଗଣାରେ ଯୋଗାଇବା କଥା କହି ବାରମ୍ବାର ଦର ବଢାଇ ଚାଲିଛି। ଏଲ୍‌ପିଜି ଗ୍ୟାସ ପରି ବିଜେପିର ସୋଲାର ବିଦ୍ୟୁତ୍ ଘୋଷଣା ଏକ ବଡ ଜୁମଲା। ଚାଷୀଙ୍କ ପାଇଁ ୩୧୦୦ ଟଙ୍କା ଏମ୍ଏସ୍‌ପି ଆଉ ଏକ ବଡ ଜୁମଲା। ଏମ୍ଏସ୍‌ପି ବୃଦ୍ଧି କେନ୍ଦ୍ର ବିଚାରାଧୀନ ହୋଇଥିଲେ ବି ୧୦ ବର୍ଷ ଧରି ଚାଷୀଙ୍କ କଥା ଚିନ୍ତା କରି ନ ଥିଲା ବିଜେପି। ଏବେ ନିର୍ବାଚନ ପାଇଁ ଚାଷୀଙ୍କ କଥା ମନେ ପଡୁଛି। ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଭାଉଚର ଦେବାକୁ ବିଜେପିର ଘୋଷଣା ମଧ୍ୟ ଆଉ ଏକ ଜୁମଲା। ଯଦି ୫୦ ହଜାର ଟଙ୍କା ଦିଆଯାଏ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଓଡ଼ିଶାରେ ବିକାଶମୂଳକ ବାବଦରେ ସ୍କିମ ୨୫ ହଜାର କୋଟି ଟଙ୍କା ବଜେଟ ରହୁଛି। ୧୫ ଲକ୍ଷ ଆକାଉଣ୍ଟକୁ ଦେବା ଘୋଷଣା କରି ଏହ ବିଜେପିର ଆଉ ଏକ ଜୁମଲା । ଓଡିଶା ବାସୀ ଜାଣିଛନ୍ତି ଓଡିଶାରେ ବିଜେପିର ସ୍ଥିତି କିଛି ନାହିଁ। ବିଜେଡ଼ି ତୃତୀୟ ପର୍ଯ୍ୟାୟ ପରେ ଲୋକଙ୍କ ଆଶୀର୍ବାଦରେ ବହୁମତ ପାଇ ସାରିଛି। ବିଜେଡ଼ି ସୁଇପ କରିବ। ବିଜେଡିର ୯୦-୯୫ ଷ୍ଟ୍ରାଇକ ରେଟ ହେବ। ଅନ୍ୟ ସ୍ଥାନରେ ଯଦି ୮୦-୮୫ ପ୍ରତିଶତ ରହିଛି ଏଇଟା ବିଜେଡ଼ିର ଗଡ଼। ଯାଜପୁର, ଭଦ୍ରକ ,ଜଗତସିଂପୁର ,କେନ୍ଦ୍ରାପଡ଼ା ବାଲେଶ୍ୱର ,ମୟୂରଭଞ୍ଜ। ମୟୂରଭଞ୍ଜରେ ଜିଲ୍ଲା ପରିଷଦ ନିର୍ବାଚନରେ ୫୬ରୁ ୫୪ ବିଜେଡ଼ି ଜିତିଲା ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ଅମିତ ଶାହାଙ୍କ ଓଡିଶା ଗସ୍ତ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଓଡ଼ିଶା ବହୁତ ନେତା ମାନେ ଆସୁଛନ୍ତି । ହେଲେ ଓଡିଶା ଆସି ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନ କରୁଛନ୍ତି। ଏହାର ଜବାବ ଆଗାମୀ ଦିନରେ ଓଡ଼ିଶାବାସୀ ଦେବେ। ମତେ ଗାଳି କି ଆକ୍ରମଣ କଲେ କିଛି ପ୍ରଭାବ ପଡ଼ିବ ନାହିଁ। ମୁଁ ବହୁତ ଖୁସୀ ଅଛି। ମୋତେ ଯଦି ଗାଳି ଦେଲେ ତାହାର ଜବାବ ଓଡ଼ିଶାବାସୀ ଦେବେ। ଓଡିଶାର ସବୁ ଯୋଜନା ୫-ଟିରେ ହେଉଛି, ସେମାନେ ଏଇଟା ଜାଣିଛନ୍ତି। ମତେ ଗାଳି ଦେଲେ ଲୋକ ବୁଝିବେ। ୨୦୧୯ ପରଠୁ ଓଡିଶାରେ ବହୁତ ଭଲ କାମ କରାଯାଇଛି। ୫-ଟି ଘୋଷଣା ପରେ ସବୁ କାମ ଭଲ ହୋଇଛି। କୋଭିଡ ବେଳେ ଓଡିଶାବାସୀ ମାଗଣା ଚିକିତ୍ସା ପାଇଛନ୍ତି। ଏହାସହ ଅନେକ ଯୋଜନା ଲୋକଙ୍କ ହୃଦୟକୁ ଛୁଇଁଛି। ଏବେ ସବୁ କିଛି ସବୁ ରୂପାନ୍ତରିକରଣ ହେଉଛି, ସ୍କୁଲ, କଲେଜଠୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ। ମୋ ସରକାର ଲାଗୁ ହେବା ପରେ ସବୁ ଅଫିସ ବିଷୟରେ ଆପଣ ଲୋକଙ୍କଠୁ ମତାମତ ନେଲେ ସେମାନେ କହିବେ। ୫ଟି ଓ ମୋ ସରକାର ଦ୍ୱାରା କିପରି ଉପକୃତ ହେଉଛନ୍ତି। ବିଜେଡ଼ି ହେଉଛି ଲୋକଙ୍କ ସରକାର ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

### ମାଟ୍ରିକ୍ ଉତ୍କର୍ଷ...

ଛାତ୍ରଛାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନୁରୂପ ଭାବରେ ବାଲେଶ୍ୱର ସଂସ୍କରଣ ଅଧୀନସ୍ଥ ଜିଲ୍ଲାଗୁଡ଼ିକ ପାଇଁ ଏହି ସମ୍ମାନପ୍ରଦାନ ଉତ୍ସବ ୧ତାରିଖ ପରେ ଅନୁଷ୍ଠିତ ହେବ।

ଭୁବନେଶ୍ୱରର ଜୟଦେବ ଭବନରେ ଭୁବନେଶ୍ୱର ମହାନଗର ନିଗମ ସମେତ ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ସମ୍ବଲପୁର ଅଇଁଠାପାଲି ସ୍ଥିତ ଡଲଫିନ୍ ହୋଟେଲ୍‌ରେ ହେବାକୁ ଥିବା ସମ୍ବର୍ଦ୍ଧନା ଉତ୍ସବରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, ବୌଦ୍ଧ, ଦେବଗଡ଼, ବଲାଙ୍ଗୀର, ସୋନପୁର, କଳାହାଣ୍ଡି ଓ ରାଉରକେଲା ଜିଲ୍ଲାର ଛାତ୍ରଛାତ୍ରୀ ସାମିଲ୍ ହେବେ। ବ୍ରହ୍ମପୁରର ଗୁଡ୍ସ ସେଡ୍ ରୋଡ୍ ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାସ୍‌ନାଲ୍ ପବ୍ଲିକ୍ ସ୍କୁଲରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ଜିଲ୍ଲାର ମେଧାବୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଅନୁରୂପ ଭାବେ ଜୟପୁର ନେହେରୁ ନଗର ସ୍ଥିତ ଅଗ୍ରସେନ୍ ଭବନରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନାଗିରି ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଢେଙ୍କାନାଳର ସିନର୍ଜି ଇଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରର ଜୟଦେବ ଭବନରେ ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମରେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଓ ଗାନ୍ଧୀବାଦୀ ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂ ପ୍ରମୁଖ ଅତିଥି ରୂପେ ଯୋଗ ଦେବେ।

### ଆଗକୁ ଭୟଙ୍କର...

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମାର୍ଚ୍ଚ ମାସରେ ଦେଶରେ ପେଟ୍ରୋଲ ଦର ଲିଟର ପିଛା ୭୪ ଟଙ୍କା ୮୮ ପଇସା ଏବଂ ଡିଜେଲ ଲିଟର ପିଛା ୬୬ ଟଙ୍କା ୧୪ ପଇସା ରହିଥିବାବେଳେ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୬୭୩ ଟଙ୍କା ୫୦ ପଇସା ରହିଥିଲା। ତେବେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ୨୦୧୯ ଜୁନ୍ ମାସରେ ପେଟ୍ରୋଲ ଦର ଲିଟର ପିଛା ୭୫ ଟଙ୍କା ୭୫ ପଇସା ଏବଂ ଡିଜେଲ ଲିଟର ପିଛା ୬୬ ଟଙ୍କା ୯୯ ପଇସା ରହିଥିବାବେଳେ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୭୩୭ ଟଙ୍କା ୫୦ ପଇସାକୁ ବୃଦ୍ଧି ଘଟିଥିଲା। ବର୍ତ୍ତମାନ ପେଟ୍ରୋଲ ଲିଟର ପିଛା ୧୦୧ ଟଙ୍କା ୩୭ ପଇସା ରହିଥିବାବେଳେ ଡିଜେଲ ଦର ୯୨ ଟଙ୍କା ୮୬ ପଇସା ରହିଛି। ନିର୍ବାଚନ ପରେ ଉଭୟ ତୈଳ ଦରରେ ଲିଟର ପିଛା ୧୦ ଟଙ୍କା ବୃଦ୍ଧି ଘଟିପାରେ। ସେହିପରି ବର୍ତ୍ତମାନ ସିଲିଣ୍ଡର ପିଛା ୯୨୯ ଟଙ୍କା ରହିଥିଲା ରନ୍ଧନ ଗ୍ୟାସ୍ ଦର ନୂଆ ସରକାର ଆସିବା ପରେ ପୁଣିଥରେ ୧୦୦୦ ଟଙ୍କା ଅତିକ୍ରମ କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଏ ସମ୍ପର୍କରେ ଅର୍ଥନୀତିଜ୍ଞ ତ୍ରିନାଥ ଲେଙ୍କା କହିଛନ୍ତି ଯେ, ନିର୍ବାଚନ ପରେ ଟେଲିକମ୍ ଅପରେଟରମାନେ ମୋବାଇଲ ଟାରିଫ୍‌ରେ ବଡ଼ ଧରଣ ବୃଦ୍ଧି କରିପାରନ୍ତି। ଏପରିକି ସେମାନେ ଟାରିଫ୍ ମୂଲ୍ୟରେ ୨୦-୨୫% ବୃଦ୍ଧି କରିବା ସମ୍ଭାବନା ରହିଛି। ଯଦି ଏହା ହୁଏ ତେବେ ଉପଭୋକ୍ତାମାନଙ୍କୁ କଲ୍ କରିବା ଏବଂ ଡାଟା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିପାରେ। ଏସବୁବ୍ୟତୀତ ମୁଦ୍ରାସ୍ଫୀତି କ୍ଷେତ୍ରରେ ସରକାରଙ୍କୁ ସେଭଳି ବଡ଼ ସଫଳତା ମିଳୁ ନ ଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥାତ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ପ୍ରମୁଖ ସୁଧହାରରେ କୌଣସି ପ୍ରକାର ହ୍ରାସ ଘଟାଉନାହିଁ। ଯାହା ଫଳରେ ଉଚ୍ଚ ଋଣ ସୁଧହାରରେ ଭାରାକ୍ରାନ୍ତ ଥିବା ଗ୍ରାହକମାନଙ୍କୁ ଇଏମ୍ଆଇରେ କୌଣସି ପ୍ରକାର ଆଶ୍ୱସ୍ତି ମିଳିପାରୁନାହିଁ। ତେଣୁ ନିର୍ବାଚନ ପରେ ବଜାର ମହଙ୍ଗା ହେଲେ ମୁଦ୍ରାସ୍ଫୀତି ଆହୁରି ବଢ଼ିଯିବ। ଯାହା ଫଳରେ ଆର୍‌ବିଆଇ ନିକଟରେ ସୁଧହାର ହ୍ରାସ କରିବା ନେଇ କୌଣସି ସୁଯୋଗ ରହିବନି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

### ଡାଲି, ଅଟା...

ବଢ଼ିପାରେ ବୋଲି କୁହାଯାଇଛି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ବଜାର ଦର କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ନାହିଁ। ଏଥିରେ କର୍ପୋରେଟ୍ ସଂସ୍ଥାଗୁଡିକ ମନମାନୀ ବଜାର ଦର ବଢ଼ାଉଥିବା ଶ୍ରୀ ପଣ୍ଡା କହିଛନ୍ତି।

**TOLET**
Two Shoprooms (10'x10')
Near Biju Patnaik College, Jayadev Vihar, Main Road, Bhubaneswar.
9938511622

**AFFIDAVIT**
I, Pradip Khatua, S/o- Hrushikesh Khatua, resident of At-Sujanpur, Po-Barapara, Ps-Pattamundai, Dist-Kendrapara, Pin-754245, Odisha declare by this affidavit No.931, dated- 24/05/2024, that now onwards I shall be known as **PRADIP KUMAR KHATUA** for all future purposes.





### ମମତା ସାହୁରୁ ରିହାନ କମଲ୍ କୁମାର ସଂଘର୍ଷର ଯାତ୍ରା

# ମୁଁ ଋତୁସ୍ରାବ ଯନ୍ତ୍ରଣାର ସମ୍ମୁଖୀନ ହୋଇଛି

ଭୁବନେଶ୍ୱର, ୨୮ ।୫(ସମିସ):

**ପ୍ରତ୍ୟେକ ଯୁବତୀଙ୍କ ପରି ସେ ଋତୁସ୍ରାବ ଭଳି ଏକ ପ୍ରାକୃତିକ ପ୍ରକ୍ରିୟାକୁ ସାମ୍ନା କରିଥିଲେ । ବିଭିନ୍ନ ସାମାଜିକ କଟକଣା ହେଉ ଅବା ପ୍ରଚଳିତ ପ୍ରଥାକୁ ମାନିଥିଲେ । ଏହି ସମୟରେ ପ୍ରତ୍ୟେକ ଯୁବତୀଙ୍କ କ୍ଷେତ୍ରରେ ଘଟୁଥିବା ଶାରୀରିକ ଯନ୍ତ୍ରଣାକୁ ସେ ଅନୁଭବ କରିଥିଲେ, କିନ୍ତୁ ମାନସିକ କ୍ଷେତ୍ରରେ ଯେଉଁ ଯନ୍ତ୍ରଣା ପାଉଥିଲେ ତାହା ଶାରୀରିକ ଯନ୍ତ୍ରଣାଠାରୁ ଢେର୍ ଅଧିକ ଥିଲା । ଯାହା ସେ କାହାରି ଆଗରେ ପରିପ୍ରକାଶ କରିପାରୁ ନଥିଲେ । କାରଣ ସେ ଜଣେ ପୁରୁଷ ଭାବେ ନିଜକୁ ଦେଖୁଥିଲେ । ହେଲେ ଯୁବତୀ ଶରୀର ନେଇ ଜନ୍ମ ନେଇଥିବା ମଣିଷ ଭିତରେ ପ୍ରତି ମୁହୂର୍ତ୍ତରେ ପୁରୁଷର ବ୍ୟତିକ୍ରମ ଘଟୁଥିଲା । ସମାଜ ହୁଏତ ତାଙ୍କୁ ଜଣେ ପୁରୁଷ ଆଖ୍ୟା ଦେଇ ନ ଥିଲା । କିନ୍ତୁ ସାମାଜିକ କଟକଣା ମଧ୍ୟରେ ସେ ନିଜକୁ ବାନ୍ଧି ରଖି ପାରି ନ ଥିଲେ । ଶେଷରେ ମମତା ସାହୁରୁ ସେ ପାଲଟିଥିଲେ ରେହାନ କମଲ୍ କୁମାର । ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ଟ୍ରାନ୍ସମ୍ୟାନ୍ ରେହାନ କମଲ କୁମାରଙ୍କ ସହ ସ୍ୱତନ୍ତ୍ର ଆଲୋଚନା ।**

■ **ଆପଣ ଝିଅ ଭାବେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ବର୍ତ୍ତମାନ ଜଣେ ପୁଅ ଭାବେ ସାମାଜିକ ପରିଚୟ ପାଇଛନ୍ତି । ଏ ସମ୍ପର୍କରେ କ'ଣ କହିବେ?**

କଟକ ଜିଲ୍ଲା କଳାପଥର ଆମ ଘର । ୫ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ଗେହ୍ଲା ଥିଲି, ତେଣୁ ମୋ ନାଁ ବାପା ମା' ରଖିଥିଲେ ମମତା । ସମସ୍ତଙ୍କ ପରି ବୟସ ବଢ଼ିବା ସହ ମୋ ଶରୀରରେ ପରିବର୍ତ୍ତନ ଘଟିଥିଲା । ଦୁଇ ଭଉଣୀ ସାଙ୍ଗରେ ରହୁଥିଲେ ବି ମନ ଭାଇମାନଙ୍କ ପଥକୁ ଅନୁସରଣ କରୁଥିଲି । କିନ୍ତୁ ଏହାକୁ ପିଲାଳିଆମି ଭାବି ପରିବାର ଲୋକେ ଏଡ଼ାଇ ଦେଇଥିଲେ । କିନ୍ତୁ ମୁଁ ନିଜକୁ ରୋକି ପାରି ନଥିଲି, ପରବର୍ତ୍ତୀ ସମୟରେ ପାଲଟିଗଲି ଟ୍ରାନ୍ସମ୍ୟାନ୍ ।

**ଏହି ସମୟରେ ପ୍ରତ୍ୟେକ ପୁରୁଷ ଦାୟିତ୍ୱ ତୁଲାଇବା ଉଚିତ୍**

■ **ଯେତେବେଳେ ପ୍ରଥମେ ଋତୁସ୍ରାବର ସାମ୍ନା କରିଥିଲେ କେମିତି ଅନୁଭୂତି ରହିଥିଲା?**

୧୨ ବର୍ଷ ବୟସରେ ମୁଁ ଋତୁବତୀ ହୋଇଥିଲି । କିନ୍ତୁ ମୋର ଶରୀରରେ କେବଳ ପରିବର୍ତ୍ତନ ହେଉଥିଲା । ବହୁତ ଭୟ ଲାଗୁଥିଲେ ବି କାହାକୁ କହିପାରୁନଥିଲି । ବିଶେଷ କରି ଏହି ସମୟରେ ସାମାଜିକ କଟକଣା ଯଥା, ଗୋବର ପାଣି ପିଇବା, ହଳଦୀ ଲଗାଇବା, ଗୋଟେ ଘର ଭିତରେ ଏକାକୀ ରହିବା, ଭୋଜି ଭାତ ସବୁକିଛି ହୋଇଥିଲା । କିନ୍ତୁ ମନ ଚାହୁଁଥିଲା ଖୋଲା ଆକାଶରେ ବୁଲିବାକୁ ଜଣେ ପୁରୁଷ ପରି । କିନ୍ତୁ ସବୁକିଛି ଅକୁହା କଥା ହୋଇ ରହିଯାଏ ।

■ **ସେତେବେଳେ ଝିଅ ଥିଲେ, ବର୍ତ୍ତମାନ ପୁଅ । ଏ ସମ୍ପର୍କରେ କ'ଣ କହିବେ?**

ଋତୁସ୍ରାବ ସମୟରେ ଜଣେ ଝିଅ କେବଳ ଶାରୀରିକ ଯନ୍ତ୍ରଣା ନୁହେଁ, ମାନସିକ ଯନ୍ତ୍ରଣା ଅଧିକ ପାଇଥାଏ । ମା'ଙ୍କୁ ଛାଡ଼ିଦେଲେ ପରିବାର ସଦସ୍ୟଙ୍କ ସହ ଏ ବିଷୟରେ ଆଲୋଚନା କରିପାରେ ନାହିଁ । କାରଣ ଜଣେ ନାରୀର ଭୟ ହେଉଛି ପୁରୁଷ । ବାପା, ଭାଇ, ପୁରୁଷ ବନ୍ଧୁ ସାଙ୍ଗ ଏହି ସମୟରେ ଝିଅର ଯନ୍ତ୍ରଣାକୁ ବୁଝି ପାରନ୍ତିନି । ଯାହା କି ଗୋଟେ ଝିଅ ପାଇଁ ସବୁଠୁ ବଡ଼ କଷ୍ଟ । କିନ୍ତୁ ଏହି ସମୟରେ ଜଣେ ପୁରୁଷର ସହଯୋଗ ନାରୀ ପାଇଁ ଯଥେଷ୍ଟ ଆବଶ୍ୟକତା ରହିଛି । ବର୍ତ୍ତମାନ ମୁଁ ଜଣେ ପୁରୁଷ ଭାବେ ଏହାକୁ ନିଶ୍ଚିତ ପାଳନ କରୁଛି । ସମସ୍ତେ ଫ୍ରେଣ୍ଡଲି ଏହାକୁ ପାଳନ କରିବା ଉଚିତ୍ ।

■ **ଆପଣ ଜଣେ ଅନ୍ତର୍ଜାତୀୟ ଗୋଲ୍ଡ ମେଡାଲିଷ୍ଟ କ୍ରୀଡ଼ାବିତ୍ । କିନ୍ତୁ ବର୍ତ୍ତମାନ ଆପଣଙ୍କ ଜୀବନଶୈଳୀ ଭିନ୍ନ । ଏହାର କାରଣ କ'ଣ?**

୧୪ବର୍ଷ ବୟସରେ ଗାଁରେ କରାଟେ ଓ ରେସଲିଙ୍ଗ୍ ପ୍ରଶିକ୍ଷଣ ନେଉଥିଲି । +୨ ପରେ ଭୁବନେଶ୍ୱର ଆସି ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଇ ମହିଳା ଖେଳାଳି ଭାବେ ଓଡ଼ିଶାକୁ ବାହାର ରାଜ୍ୟରେ ପ୍ରତିନିଧିତ୍ୱ କରି ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ହାସଲ କରିଥିଲି । କିନ୍ତୁ ଏହି ସମୟରେ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯେଉଁଥିପାଇଁ ମୋତେ ଖେଳରୁ ବାସନ୍ଦ କରାଗଲା । ଯାହାକୁ ନେଇ କ୍ୟାରିୟର କରିବି ବୋଲି ଭାବିଥିଲି ସେଥିରୁ ବାସନ୍ଦ ହେବା ପରେ ବାଭିଥିଲି ପ୍ରେମିକା ସହ ସଂସାର କରିବି । କିଛିଦିନ ପରେ ସେ ମଧ୍ୟ ଛାଡ଼ି ଚାଲିଗଲା । ଅନେକ ସାମାଜିକ କଟକଣା, ଲୋକଙ୍କ ଥଟ୍ଟା ଓ ଟାହିଟାପରା ଶୁଣି ମୁଁ ମାନସିକ କ୍ଷେତ୍ରରେ ଦୁର୍ବଳ ହୋଇଗଲି । ଧୀରେ ଧୀରେ ନିଜକୁ ପରିବର୍ତ୍ତନ କରି ଆଜି ଏହି ସ୍ଥାନରେ ପହଞ୍ଚିଛି ।

■ **ଆପଣ ଝିଅରୁ ପୁଅ ହେଲେ, ଏଥିରେ ପରିବାର ଲୋକଙ୍କ ସହମତି ଥିଲା?**

ମୋ ପରିବାର ଲୋକେ ସବୁ କ୍ଷେତ୍ରରେ ସହଯୋଗ କରିଛନ୍ତି । ହରମୋନ୍ ଟ୍ରିଟମେଣ୍ଟ ଠାରୁ ଆରମ୍ଭ କରି ସମସ୍ତ ସର୍ଜରୀ ସମୟରେ ସେମାନେ ଉପସ୍ଥିତ ରହି ମୋ ମନୋବଳ ଦୃଢ଼ କରିଛନ୍ତି । କାରଣ ସେମାନେ ଅନୁଭବ କରି ସାରିଥିଲେ ଯେ, ମୁଁ ଜଣେ ନାରୀ ଶରୀର ନେଇ ଖୁସି ନୁହେଁ ।

■ **ପିଲାଦିନରୁ ଆପଣଙ୍କର ଅନେକ ଝିଅଙ୍କ ପ୍ରତି ଦୁର୍ବଳତା ଥିଲା, କିନ୍ତୁ କହିପାରି ନଥିଲେ । ବର୍ତ୍ତମାନ ଜଣେ ଭଲ ସ୍ୱାମୀ ହୋଇପାରିଛନ୍ତି ବୋଲି କହିପାରିବେ?**

ଯେ ହେତୁ ମୁଁ ଝିଅ ଥିଲି, ସ୍କୁଲ ସମୟରୁ ଝିଅମାନଙ୍କ ପ୍ରତି ମୋର ଦୁର୍ବଳତା ରହିଥିଲା । କିନ୍ତୁ ଏହାକୁ ସେମାନେ ପ୍ରେମ ନୁହେଁ ବରଂ ବନ୍ଧୁର ସମ୍ପର୍କ ଭାବୁଥିଲେ । ମୁଁ ମଧ୍ୟ ଭୟ ଓ ଲାଜରେ ମନକଥା କାହାରିକୁ କହିପାରୁନଥିଲି । ମୁଁ ଭାବେ ଦୁନିଆରେ ମୋ ଭଳି କେହି ନଥିବେ । କିନ୍ତୁ ଏକ କାର୍ଯ୍ୟକ୍ରମରେ ଜଣେ ଟ୍ରାନ୍ସ ୱିମେନ୍‌ଙ୍କ ସହ ସାକ୍ଷାତ ହୋଇଥିଲା । ଦୁହେଁ ପରସ୍ପରକୁ ଭଲରେ ବୁଝିବା ପରେ



ବିବାହ କରିଛୁ । ଏଥିରେ ପରିବାର ସହମତି ମଧ୍ୟ ରହିଛି । ଆମେ ଖୁସିରେ ଅଛୁ ।

■ **ଋତୁସ୍ରାବ ସମୟରେ ନାରୀ ପ୍ରତି ଜଣେ ପୁରୁଷର କ'ଣ ଦାୟିତ୍ୱ ରହିଛି?**

ଏହି ସମୟରେ ପୁରୁଷ ଅଧିକ କେୟାର କରିବା ଉଚିତ୍ । ସେ ଭାଇ, ବାପା, ସ୍ୱାମୀ କିମ୍ବା ବନ୍ଧୁ ହୋଇପାରନ୍ତି । ଏହି ସମୟରେ ସମସ୍ତେ ଫ୍ରେଣ୍ଡଲି ବ୍ୟବହାର ଉଚିତ୍ । କାରଣ ମାନସିକ କ୍ଷେତ୍ରରେ ଶାନ୍ତି ମିଳେ ଏବଂ ମନରେ ପୁରୁଷମାନଙ୍କ ପ୍ରତି ଯେଉଁ ଭୟ ରହିଥାଏ ତାହା ଦୂରେଇ ଯାଏ । ଆଉ ପିରିୟଡ ସମୟରେ ପ୍ରତ୍ୟେକ ପୁରୁଷ ଜଣେ ମହିଳାଙ୍କ ପ୍ରତି ଯତ୍ନବାନ ହେବା ଉଚିତ୍ । ଏହା ଏକ ଦାୟିତ୍ୱ ।

## ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଲା ୧ କେଜି ସୁନା

ପୁରୀ, ୨୮ ।୫(ସମିସ): ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଛି ୧ କେଜି ସୁନା । ମଙ୍ଗଳବାର ହୁଣ୍ଡି ଗଣତି ହୋଇଥିଲା । ହୁଣ୍ଡିରୁ ୬ ଲକ୍ଷ ୨୮ ହଜାର ୨୩୭ ଟଙ୍କା ସହ ୧ କେଜି ୮୦୦ ମିଲିଗ୍ରାମ୍ ସୁନା ଏବଂ ୧ ଗ୍ରାମ୍ ୨୦୦ ମିଲିଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବୃଦ୍ଧାଙ୍କଠାରୁ ସୁନା ଚେନ୍ ଲୁଟ୍

ନନ୍ଦନକାନନ, ୨୮।୫(ସମିସ): ନନ୍ଦନକାନନ ଥାନା ରଘୁନାଥପୁର ଗ୍ରାମର ଜଣେ ବୃଦ୍ଧାଙ୍କ ବେକରୁ ମଙ୍ଗଳବାର ଦୁର୍ବୃତ୍ତମାନେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସୁନା ଚେନ୍ ଲୁଟି ନେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂଚନା ଅନୁସାରେ ରଘୁନାଥପୁର ଗ୍ରାମର ସୌଦାମିନୀ ପଢ଼ିଆରୀ (୭୨) ତାଙ୍କ ଘର ଦାଣ୍ଡରେ ଅପରାହ୍ଣରେ ବସିଥିଲେ । ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ପଲ୍‌ସର ବାଇକ୍‌ରେ ଆସି ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ପଳାଇଥିଲେ ।

## ଦୁଷ୍କର୍ମ ଅଭିଯୁକ୍ତ ବାପାର ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୮।୫(ସମିସ): ଝିଅକୁ ଦୁଷ୍କର୍ମ ଅଭିଯୁକ୍ତ ବାପା ଥାନା ବାରଣ୍ଡାରେ ମୁଣ୍ଡ ପିଟି ଆତ୍ମହତ୍ୟା ଉଦ୍ୟମ କରିଛି । ଅଭିଯୁକ୍ତ ହେଉଛି ମୈତ୍ରୀବିହାର ଥାନା ଅଧୀନ ସାଲିଆ ସାହିର ବାଦଲ ଦାସ । ବାଦଲକୁ ଗୁରୁତର ଅବସ୍ଥା ।।ରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି ।

ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ବାଦଲ ଗତ ୨୭ ତାରିଖ ରାତି ଦୁଷ୍କର୍ମ କରିଥିଲା । ଭୟ ଏବଂ ଲଜ୍ଜାରେ ପୀଡିତା ତାଙ୍କ ମା'ଙ୍କୁ ଏହି ଘଟଣା ଜଣାଇ ନ ଥିଲେ । କିନ୍ତୁ ଯେତେବେଳେ ତାଙ୍କ ବାପା କାମକୁ ବାହାରକୁ ଯାଇଥିଲେ ସେତେବେଳେ ସେ ତାଙ୍କ ମା'ଙ୍କ ନିକଟରେ ସବୁକିଛି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ମା ମୈତ୍ରୀବିହାର ଥାନାକୁ ଆସି ଅଭିଯୋଗ କରିଥିଲେ ପୁଲିସ ଏନେଇ ମାମଲା ରୁଜୁ କରିଥିଲା । ପୁଲିସ ଗତ ୨୮ ତାରିଖରେ ବାଦଲକୁ ଗିରଫ ପରେ ଡାକ୍ତରୀ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ । ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କ ସହିତ ଏସକର୍ଟ ପାର୍ଟି ପୁଣି ଥାନାକୁ ଆସିଥିଲେ । ଏହି ସମୟରେ ହଠାତ୍ ଅଭିଯୁକ୍ତ ଥାନାରେ ଥିବା ଶୌଚାଳୟକୁ ପଶି ଯାଇ କବାଟ ବନ୍ଦ କରି ଦେଇଥିଲା । ବାଦଲ ଦାଶ ତାଙ୍କ ମୁଣ୍ଡକୁ ପିଟି ଥିବାରୁ ପ୍ରବଳ ରକ୍ତସ୍ରାବ ହେଉଥିଲା ଅଭିଯୁକ୍ତ ଏକ ଗଭୀର ଅନୁତାପରେ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ନିଜ ଉପରେ ଏକ ତୀକ୍ଷ୍ଣ ବସ୍ତୁ ବ୍ୟବହାର କରି ନିଜକୁ ଆଘାତ ଦେଇଥିଲା ।

## 'ବାଳିକାଙ୍କ ସହ ପରିବାର ସଦସ୍ୟ ଆଲୋଚନା କରିବା ଆବଶ୍ୟକ'

ଭୁବନେଶ୍ୱର, ୨୮ ।୫(ସମିସ): ଜାତିସଂଘର ଚିରନ୍ତନ ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ରେ ଋତୁସ୍ରାବ ଜନିତ ସ୍ୱଚ୍ଛତାକୁ ସାମିଲ୍ କରିଛି । ଏହି କାରଣରୁ ପ୍ରତିବର୍ଷ ମଇ ୨୮ ତାରିଖକୁ 'ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ' ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ଥିମ୍ ରହିଛି 'ପିରିୟଡ୍

**ଓଡ଼ିଶା ଏମ୍‌ଏଚ୍‌ଏଚ୍ ଆଲାଏନ୍ସ ପକ୍ଷରୁ ଋତୁସ୍ରାବ ପରିଚ୍ଛନ୍ନତା ଦିବସ**

ଫ୍ରେଣ୍ଡଲି ୱାର୍ଲଡ' । ଅର୍ଥାତ୍ ପିରିୟଡ୍ ବା ଋତୁସ୍ରାବ ବିଷୟରେ ସମସ୍ତଙ୍କ ସହ ଖୋଲା ଖୋଲି ଆଲୋଚନା କରିବା । ଏ ବିଷୟରେ ପ୍ରଥମେ ନିଜ ପରିବାରରୁ ଆରମ୍ଭ ହେବା ଉଚିତ୍ ବୋଲି ଅତିଥିମାନେ ଆହ୍ୱାନ ଦେଇଛନ୍ତି । 'ଓଡ଼ିଶା ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମୂହ'(ଓଡ଼ିଶା ଏମ୍‌ଏଚ୍‌ଏଚ୍ ଆଲାଏନ୍ସ) ତରଫରୁ 'ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ଋତୁସ୍ରାବ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବକ୍ତାମାନେ ଏହା କହିଛନ୍ତି ।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଅବସରରେ ଓଡ଼ିଶା ଏମ୍‌ଏଚ୍‌ଏଚ୍ ଆଲାଏନ୍ସର ସମ୍ପାଦିକା ସ୍ନେହ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ଟି ପର୍ଯ୍ୟାୟରେ ଋତୁସ୍ରାବ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନଟି ଶିଳ୍ପୀ ରିମା ରଥଙ୍କ ସଂଯୋଜନା ଏବଂ ବିଶାଖା ଭଞ୍ଜଙ୍କ ଆବାହକତ୍ୱରେ ହୋଇଥିଲା । ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆର ବରିଷ୍ଠ କାର୍ଯ୍ୟକର୍ତ୍ତା ବିରାଜିତା ଚିମଲାପତି, ଆଭାସୀ ମାଧ୍ୟମରେ ମୟୂରୀ, ଆର୍‌ସିଡିସିର ଜଗନ୍ନାଥ ଚାଟାର୍ଜୀ, ସିଡ୍‌ସ୍‌ର ଦିବ୍ୟା ଗୁପ୍ତା, ୟୁନିସେଫ୍‌ର ସିପ୍ରା ସାକ୍‌ସେନା ପ୍ରମୁଖ ଯୋଗଦେଇଥିଲେ । ସେହିପରି ଜ୍ୟୋତ୍ସ୍ନା ସାହୁଙ୍କ ସଂଯୋଜନା ଓ ୱାଟର ଏଡ୍‌ର ବିକାଶ ପତିଙ୍କ ଆବାହକତ୍ୱରେ ସ୍ୱତନ୍ତ୍ର ଶିକ୍ଷକ ଓଏଲ୍‌ସ୍‌ର ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ସୁଦୀପ୍ତା ମିଶ୍ର, କିନ୍ନର ରିହାନ କମଳ କୁମାର, ୟୁଏସ୍‌ଏଡ୍ କାର୍ଯ୍ୟକ୍ରମ ପ୍ରବନ୍ଧକ ରୁଦ୍ରପ୍ରସାଦ ପ୍ରଧାନ, ସ୍ୱତନ୍ତ୍ର ପ୍ରଶିକ୍ଷିକା-ଭୀମଭୋଇ ବିଦ୍ୟାଳୟର ସାବିତ୍ରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଋତୁସ୍ରାବ ସମ୍ପର୍କରେ ପ୍ରଥମେ ପରିବାର ପ୍ରତ୍ୟେକ ସଦସ୍ୟଙ୍କ ସହ ଖୋଲାଖୋଲି ଭାବେ ଆଲୋଚନା କରିବା ନିହାତି ଜରୁରୀ ବୋଲି ବକ୍ତାମାନେ କହିଥିଲେ । ଏହି ସମୟରେ ନିଜର ଯତ୍ନ ଓ ପରିଚ୍ଛନ୍ନତା ଦିଗରେ ସଚେତନ ହେବାକୁ ଅତିଥିମାନେ କହିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆଭା ମିଶ୍ରଙ୍କ ସଂଯୋଜନା ଏବଂ ବିରାଜଲକ୍ଷ୍ମୀ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଅବସରପ୍ରାପ୍ତ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ସେବା ମହାପାତ୍ର କହିଥିଲେ ଯେ, ଏବେ ମଧ୍ୟ ଆମ ସମାଜରେ ଋତୁସ୍ରାବ ସଚେତନତାର ଅଭାବ ବହୁମାତ୍ରାରେ ପରିଲକ୍ଷିତ ହେଉଛି । ଜଳବାୟୁ ପରିବର୍ତ୍ତନ କିଭଳି ଋତୁସ୍ରାବ ଉପରେ ପ୍ରଭାବ ପକାଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଋତୁସ୍ରାବ ସଚେତନତାଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର 'କାଚ କଣ୍ଢେଇ', 'ରଜସ୍ୱଳା', 'ବ୍ଲାକ୍ ଟୁ ୱେଲ୍ ରେଡ୍' ପ୍ରଦର୍ଶିତ ହୋଇଥିଲା । ଶେଷରେ ଆଇନାର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



## 'ନଟସମ୍ରାଟ'ରେ ଜଣେ ପୋଖତ ଅଭିନେତାଙ୍କ ଜୀବନୀ

ଭୁବନେଶ୍ୱର, ୨୮ ।୫(ସମିସ):

୫ଦିନ ଧରି ସ୍ଥାନୀୟ ରବୀନ୍ଦ୍ରମଣ୍ଡପରେ ବିଦ୍ୟା କନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ 'ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୪' ଉଦ୍‌ଯାପିତ ହୋଇଯାଇଛି । ଏହି ଶେଷ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ହିନ୍ଦୀ ନାଟକ 'ନଟସମ୍ରାଟ' । ମୁମ୍ବାଇର ଏକରଙ୍ଗ ପକ୍ଷରୁ ପରିବେଷିତ ଏହି ନାଟକର ରଚନା ମରାଠୀ ନାଟ୍ୟକାର ବିଷ୍ଣୁ ୱାମନ୍ ଶରିଭାଦିକର କରିଥିବାବେଳେ ଏହାର ହିନ୍ଦୀ ରୂପାନ୍ତର କରିଛନ୍ତି ସଚ୍ଚିଦାନନ୍ଦ ଯୋଶୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଜୟନ୍ତ ଦେଶମୁଖ ।

ପ୍ରସିଦ୍ଧ ମଞ୍ଚ ଅଭିନେତା ଗଣପତରାଓ ବିଲୱାଲ୍‌କରଙ୍କ ଜୀବନ କାହାଣୀକୁ ନେଇ ନାଟକଟି ପ୍ରସ୍ତୁତ ହୋଇଛି । ଯେ କି ତାଙ୍କ ଅଭିନୟ ଜୀବନରେ ସେକ୍ସପିଅରଙ୍କ ରଚିତ ଅନେକ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ଲୋକପ୍ରିୟତା ହାସଲ କରିପାରିଥିଲେ । ନିଜର ପୁଅ, ଝିଅ, ସ୍ତ୍ରୀଙ୍କୁ ନେଇ ତାଙ୍କର ଥିଲା ଏକ ସୁଖର ପରିବାର । ଧୀରେଧୀରେ ତାଙ୍କର ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ କମିଗଲା । ସମୟ ବଦଳିଗଲା । ପରିବାରର ପ୍ରତିଟି ସଦସ୍ୟ ନିଜର ଧନ, ମାନ, ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପ୍ରତି ସମ୍ବେଦନଶୀଳ ହୋଇପଡ଼ିଲେ । କିନ୍ତୁ ପରିବାରର ମୁଖ୍ୟ ଗଣପତ ରାଓ ବିଲୱାଲକରଙ୍କର ମଞ୍ଚ ଜଗତର ଲୋକପ୍ରିୟତାକୁ ଭୁଲିଗଲେ । କେବଳ ଏହି ସମୟରେ ତାଙ୍କୁ ସାହସ, ସମ୍ମାନ ଓ ଭରସା ଦେଉଥାଆନ୍ତି ତାଙ୍କର ସ୍ତ୍ରୀ କାବେରୀ । ହଠାତ୍ ଦିନେ କାବେରୀଙ୍କର ମୃତ୍ୟୁ ଘଟେ । ପରିବାର ମଧ୍ୟରେ ଗଣପତରାଓ ଏକାକୀ ଅଲୋଡ଼ା ପାଲଟି ଯାଆନ୍ତି ଓ ଅସୁସ୍ଥ ହୋଇପଡ଼ନ୍ତି । ଏହି ପରିସ୍ଥିତିରେ ତାଙ୍କ ଦୁରବସ୍ଥାରୁ ଉଦ୍ଧାର କରିବା ପାଇଁ ରାଜା ନାମକ ଏକ ଯୁବକ ତାଙ୍କର ସେବାଶୁଶ୍ରୂଷା କରିବା ପାଇଁ ନିଜ ପାଖକୁ ନେଇଯାଆନ୍ତି । ପରିବାର ଲୋକମାନଙ୍କର ଶ୍ରଦ୍ଧା, ସ୍ନେହ ଫେରିପାଇବା ଆଗରୁ ସେ ଆରପାରିକୁ ଚାଲିଯାଇଥାଆନ୍ତି । ଆଜିକାଲିର ବସ୍ତୁବାଦୀ, ସ୍ୱାର୍ଥବାଦୀ, ଅର୍ଥବାଦୀ ଦୁନିଆରେ ସମସ୍ତେ ଅତିମାତ୍ରାରେ ସ୍ୱାର୍ଥପର ହୋଇଯାଉଛନ୍ତି ବୋଲି ନାଟକରେ ଦର୍ଶାଯାଇଛି । ଏହି ଅବସରରେ ଆଲୋକ ଚାଟାର୍ଜୀ, ସୁଦୀପ କୁମାର ପାତ୍ର, ପିୟୁଷ ମହାନ୍ତି, ପ୍ରଦୀପ ଭାରତୀଙ୍କୁ ସମ୍ମାନିତ କରାଯାଇଥିଲା । ସନ୍ଧ୍ୟାରେ ଅତିଥି ଭାବେ ସତ୍ୟବ୍ରତ ସାହୁ, ମଧୁସୂଦନ ଦାସ, ମନ୍ମଥ କୁମାର ଶତପଥୀ, ଶୈଳେଶ୍ୱର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶୁଭକାନ୍ତ ପାଢ଼ୀ ।

## ନିଶ୍ଚିହ୍ନ ହୋଇଗଲାଣି ବାଲିବନ୍ତ

ପୁରୀ, ୨୮।୫(ସମିସ):

ପୁରୀ ଜିଲାରେ ମାତିଛନ୍ତି ବାଲି ମାଫିଆ । ଖୁଲମ ଖୁଲା ଲୁଟ୍ ହେଉଛି ବାଲି । କେଉଁଠି ନଦୀ ପଠା ତ ଅନ୍ୟ କେଉଁଠି ଅନାବାଦି ଗୋଚର ଜମି । ବେଧଡ଼କ ଭାବେ ହାଇୱା ଆଉ ଟ୍ରାକ୍ଟର ଲଗାଇ ଏକର ଏକର ଜମିରୁ ଅବାଧରେ ଲୁଟ୍ ହେଉଛି ହଜାର ହଜାର ଟନ୍ ବାଲି । ସ୍ଥିତି ଏମିତି ହେଲାଣି ଯେ, ପୂର୍ବରୁ ଉପକୂଳ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲିବନ୍ତ ଦେଖିବାକୁ ମିଳୁଥିଲା । ହେଲେ ୮/୧୦ ବର୍ଷ ହେବ ଉପକୂଳର ସୁରକ୍ଷା କବଚ କୁହାଯାଉଥିବା ବାଲିବନ୍ତ ଆଉ ଦେଖିବାକୁ ମିଳୁନାହିଁ । ଏକପ୍ରକାର ନିଶ୍ଚିହ୍ନ ହୋଇଗଲାଣି ବାଲିବନ୍ତ । ଫଳରେ ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଅଧିକ କ୍ଷୟକ୍ଷତି ହେଉଛି । ଏହା ଜାଣି ବି କେହି ସଚେତନ ହେଉନାହାନ୍ତି । ଫଳରେ ଏବେ ବାଲି ଲୁଟ୍ କରି ବଡ଼ ବଡ଼ ଗାତ ସୃଷ୍ଟି କରୁଛନ୍ତି ।

ପୁରୀ ଜିଲ୍ଲାରେ କେବଳ ବାଲି ନୁହେଁ ମୋରମ ଏବଂ ପଥର ମାହାଲକୁ ବି ଛାଡୁନାହାନ୍ତି ମାଫିଆ । ଏହାଦ୍ୱାରା ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର । ଅନ୍ୟପକ୍ଷରେ ସରକାରୀ ଖଣିଜ ଚୋରି କରି ମାଲେମାଲ୍ ହେଉଛନ୍ତି ମାଫିଆ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲି ଲୁଟ୍ ଯୋଗୁ ନଦୀବନ୍ଧଗୁଡିକ ଦୁର୍ବଳ ହେଉଛି । ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି । ଏହି ବାଲି ମାଫିଆଙ୍କ ଯୋଗୁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ । ବରଂ ମାଫିଆଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ଜମିକୁ ବି ବାଦ୍ ଦେଉନାହାନ୍ତି ମାଫିଆ । ଦିନକୁ ଦିନ ଜିଲ୍ଲାରେ ବାଲି ଚୋରାଚାଲାଣ ବଢ଼ିଥିଲେ ହେଁ ଶୁଣିବାକୁ କେହି ନାହାଁନ୍ତି । ବରଂ ମାଫିଆମାନଙ୍କୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ପୁଲିସ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି । ଫଳସ୍ୱରୂପ ସ୍ୱଚ୍ଛ ଦିବାଲୋକରେ ବେଧଡକ ଚୋରି ହେଉଛି ବାଲି ।

ଜିଲ୍ଲାର ସବୁ ଅଞ୍ଚଳରେ ବାଲି, ମାଟି ଲୁଟ୍ ହେଉଥିବା ବେଳେ କଣାସ ଓ ଡେଲାଙ୍ଗ ବ୍ଲକରେ ପଥର ଏବଂ ମୋରମ୍ ଖଣି ଉପରେ ମାଫିଆଙ୍କ ଦବ୍‌ଦବା ରହିଛି । ସ୍ଥାନୀୟ କେତେକ ରାଜସ୍ୱ ଅଧିକାରୀଙ୍କୁ ସନ୍ତୁଷ୍ଟ କରି ଏହି ଚୋରା କାରବାର ଦୀର୍ଘବର୍ଷ ହେବ କରିଆସୁଛନ୍ତି । ତେବେ ଜିଲ୍ଲାର ପ୍ରତ୍ୟେକ ତହସିଲ ଅଞ୍ଚଳରେ ବାଲି ଲୁଟ୍ ଏବେ ବଢ଼ିଯାଇଛି । ପୁରୀ ତହସିଲ ଅଧୀନରେ ଥିବା ବଳିଆପଣ୍ଡା, ନୂଆନଈ ଓ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ହେଉଛି । ବାଲିପଡ଼ା ନିକଟ ଭାର୍ଗବୀ ଓ ନୂଆନଦୀ ପଠାରୁ ବର୍ଷ ବର୍ଷ ଧରି ବାଲି, ମାଟି ଚୋରାଚାଲାଣ ଚାଲିଛି । ଗୋପ ବ୍ଲକ ଅନ୍ତର୍ଗତ କୁଶଭଦ୍ରା ନଦୀପଠା ସମତେ ବିଭିନ୍ନ ଅଞ୍ଚଳରୁ ବାଲି ଲୁଟ୍ ହେଉଛି । ବିଶେଷକରି କୁଶଭଦ୍ରା ନଦୀପଠା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । ରାତିଦିନ ଏଠାରୁ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରାଯାଉଛି । କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ସହ ହାତ ମିଳାଇ ମାଫିଆ ଲୁଟ୍ କରୁଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି । ସେହିପରି ସତ୍ୟବାଦୀ ତହସିଲ ଅଧୀନ ବିଭିନ୍ନ ବାଲିଘାଟ ଏବଂ



ନଦୀପଠାରୁ ବେଆଇନ ଭାବେ ବାଲିଚାଲାଣ କରାଯାଉଛି । କେତେକ ସ୍ଥାନରୁ ବାଲି ଉତ୍ତୋଳନ ଏବଂ ପରିବହନ ପାଇଁ ଅନୁମତି ଦିଆଯାଇଥିଲେ ହେଁ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ବାଲି ଉତ୍ତୋଳନ କରାଯାଉଛି । ବାଲି ମାଫିଆଙ୍କ ବେଆଇନ କାରବାର ଯୋଗୁ ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଭର୍ଗବୀ, କୁଶଭଦ୍ରା, ଦୟା, ନୂଆନଈ, ପ୍ରାଚୀ ଆଦି ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବ୍ରହ୍ମଗିରି ବ୍ଲକର ଷଣ୍ଢପୁର, ଗୋପୀନାଥପୁର ଓ ସିପସରୁବାଲି ଅଞ୍ଚଳରୁ ବେଧଡ଼କ ବାଲି ଲୁଟୁଛନ୍ତି ମାଫିଆ । ବିଶେଷକରି ସିପସରୁବାଲି ଅଞ୍ଚଳରୁ ଅଧିକ ମାତ୍ରାରେ ବାଲି ଲୁଟ୍ ହେଉଛି । ସମୁଦ୍ରକୁ ଲାଗି ରହିଥିବା ଏହି ଅଞ୍ଚଳରେ ପୂର୍ବରୁ ଶହ ଶହ ସଂଖ୍ୟାରେ ବାଲିବନ୍ତ ଥିଲା, ଯାହାକି ପ୍ରାକୃତିକ ସୁରକ୍ଷା କବଚ ଭାବେ ଠିଆ ହୋଇ ରହିଥିଲା । ହେଲେ ମାଫିଆମାନେ ଶହ ଶହ ବାଲିବନ୍ତକୁ ଭାଙ୍ଗି ଲୁଟି ନେଇଛନ୍ତି । ଏବେ ଆଉ ବାଲିବନ୍ତ ଦେଖିବାକୁ ମିଳୁନାହିଁ । ପୂର୍ବରୁ ଝଡ଼ ବତାସ ହେଉ କି ସମୁଦ୍ର ଜୁଆର ମାଡି ଆସିଲେ ଏହି ବାଲିବନ୍ତ ହିଁ ଜନବସତିକୁ ସୁରକ୍ଷା ଦେଉଥିଲା । ଝଡ଼ ପବନକୁ ଅଟକାଉଥିଲା । ମାତ୍ର ଏବେ ବାଲିବନ୍ତ ଆଉ ନାହିଁ । ଫଳରେ ଏହାର ପ୍ରଭାବ ପଡୁଛି ଜନବସତି ଉପରେ ।

# ଭୁବନେଶ୍ୱର ସିଟି



### ରାସ୍ତା କାମ ମରାମତିରେ ବିଳମ୍ବ

# ମୌସୁମୀ ପାଇଁ ଆଶଙ୍କାରେ ଅଞ୍ଚଳବାସୀ



ଭୁବନେଶ୍ୱର, ୨୮ ।୫(ସମିସ):

ଦେଢ଼ମାସ ହେଲା କାମ ଚାଲିଥିଲେ ମଧ୍ୟ ଆଇଟିଆର କଲେଜ ଏରିଆ, ଜଗମୋହନ ନଗର-ପ୍ରଗତି ପରିଷଦ ଲେନ ଆର୍-୩ର ରାସ୍ତା କାମ ଏଯାଏ ସରୁନାହିଁ । ଫଳରେ ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଉ ଦିନ କେଇଟା ପରେ ବର୍ଷା ଆସିଯିବ । ଯଦି ସେହି ସମୟ ଭିତରେ ରାସ୍ତା କାମ ସରି ନ ଥିବ ତେବେ ଯିବାଆସିବା ପାଇଁ ଲୋକେ ଅଧିକ ଅସୁବିଧା ଭୋଗିବାକୁ ପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶଙ୍କା କରିଛନ୍ତି ।

ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଆଇଟିଆର କଲେଜ ଏରିଆ, ଜଗମୋହନ ନଗର-ପ୍ରଗତି ପରିଷଦ ଲେନ ଆର-୩ର ରାସ୍ତା ମରାମତି ପାଇଁ ଗତ ଦେଢ଼ମାସ ତଳେ କାମ ଆରମ୍ଭ ହୋଇଥିଲା । କାମ ଅରମ୍ଭ ପରେ ପ୍ରଥମେ ଡ୍ରେନେଜ୍ ମରାମତି ଆରମ୍ଭ ହୋଇଥିଲା । ଏହିକ୍ରମରେ ଡ୍ରେନ୍ କାମ ଅଧା ସରିଥିବା ବେଳେ ବାକି କାମ ଅଧା ପଡ଼ିଛି । ରାସ୍ତା କାମ ବିଳମ୍ବ ଯୋଗୁଁ ଏହା ଏବେ ସ୍ଥାନୀୟ ଲୋକମାନଙ୍କର ଚିନ୍ତାର କାରଣ ପାଲଟିଛି । ଯେଉଁ ଗତିରେ କାମ ଚାଲିଛି ସେହିଭଳି ଯଦି ଚାଲେ ରାସ୍ତାକାମ ସମ୍ପୂର୍ଣ୍ଣ ହେବା ପାଇଁ ଅତି କମ୍‌ରେ ଆଉ ଦେଢ଼ମାସ ଲାଗିବ । କିନ୍ତୁ ଏହି ସମୟ ମଧ୍ୟରେ ମୌସୁମୀ ଆସିଯାଇଥିବ । ମୌସୁମୀ ବର୍ଷା ପ୍ରଭାବରେ ପରିସ୍ଥିତି ଅଣାୟତ୍ତ ହେବାର ଆଶଙ୍କା ରହିଛି । ରାସ୍ତା ଉପରେ ପାଣି ଜମି ରହିଲେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି । ଏ ନେଇ ବାସନ୍ତୀ ଖାଡ଼େଙ୍ଗା ନାମକ ୭୭ ବର୍ଷୀୟା ଜଣେ ସ୍ଥାନୀୟ ଅଞ୍ଚଳବାସୀ କୁହନ୍ତି ଆଗରୁ ରାସ୍ତା ଯେଉଁ ଭଳି ଥିଲା ଭଲ ଥିଲା, ସେଥିରେ ଆମେ ଟିକେ ଯିବା ଆସିବା କରପାରୁଥିଲୁ । କିନ୍ତୁ ଏବେ ଏହି ରାସ୍ତା କାମ ହେବା ପରଠାରୁ ଗାଡ଼ି ଟିକେ ଯିବା ଆସିବା କରିପାରୁନାହିଁ । ସେଥିରେ ପୁଣି ରାସ୍ତା ଯଦି ଗୋଟେ ପଟ ବନ୍ଦ କରାଯାଉଛି ତେବେ ଆଉ ଗୋଟେ ପଟରେ ଲୋକମାନେ ନିଜ କାର୍‌କୁ ବାହାରେ ପାର୍କିଂ କରୁଛନ୍ତି । ଫଳରେ ଆମେ କାର୍‌କୁ ନେଇ ଯାଇପାରୁନାହିଁ । ସେଥିରେ ପୁଣି ଲୋକମାନେ ନିଜ ଘରର ପାଚେରିକୁ ଲଗାଇ ବାହାରେ ଗଛ ଲଗେଇଛନ୍ତି ଆଉ ସେହି ଗଛମୂଳର ଚାରିପଟେ ସିମେଣ୍ଟରେ ପିଣ୍ଡି କରିଛନ୍ତି । ଯେଉଁଥିପାଇଁ କାର୍ ପାର୍କିଂ ଓ ଏହି ପିଣ୍ଡି କରିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି । ଆଉ ଅଲଗା ଗାଡ଼ି ଯାଇପାରୁନାହିଁ । ଆଉ ଏକ ସପ୍ତାହ ଲାଗିବ ଭିତରେ ସବୁ କାମ ସରିଯିବ ବୋଲି ରାସ୍ତା କାମ ଦାୟିତ୍ୱରେ ଥିବା ସୁପରଭାଇଜର ଅକ୍ଷୟ ସାହୁ କହିଛନ୍ତି ।

■ ଏନ୍‌ଜିଟିରେ ଟିଟିଏସ୍ ମାମଲା

## ସରକାରୀ ଓକିଲ ଅନୁପସ୍ଥିତ; ପୁଣି ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର, ୨୮ ।୫(ସମିସ): ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ରେ ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିୟାର୍ଡ ଟିଟିଏସ୍ ମାମଲାର ଶୁଣାଣି ପୁଣିଥରେ ଘୁଞ୍ଚିଲା । ମଙ୍ଗଳବାର ମାମଲାର ଶୁଣାଣି ହେବାକୁ ଥିବାବେଳେ ସରକାରୀ ଓକିଲ ଉପସ୍ଥିତ ନ ରହିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଘୁଞ୍ଚାଯାଇଥିବା ସୂଚନା ମିଳିଛି । ଏହାପୂର୍ବରୁ ଏପ୍ରିଲ୍ ୧୯ରେ ମାମଲାର ଶୁଣାଣି ହୋଇଥିଲା । ସୂଚନାଯୋଗ୍ୟ, ଟିଟିଏସ୍ ଯୋଗୁଁ ସ୍ଥାନୀୟ ଲୋକ ଏଠାରେ ରହିବା କଷ୍ଟକର ହୋଇପଡୁଛି । ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି । ଏହାକୁ ବିରୋଧକରି ଚନ୍ଦ୍ରଶେଖରପୁର ଅଞ୍ଚଳର ହରିପ୍ରିୟା ପଟେଲ ଏନ୍‌ଜିଟିରେ ଅଭିଯୋଗ କରିଥିଲେ । ପରେ ଏନ୍‌ଜିଟି ଏହାକୁ ଗୁରୁତର ସହ ଗ୍ରହଣ କରି ନିଜଆଡୁ ମାମଲା ରୁଜୁ କରିଥିଲା । ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଆଧାରରେ ଏକ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଥିଲା । ଫେବୃଆରୀ ୨୪ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ଅଚାନକ ଟିଟିଏସ୍ ଗସ୍ତ କରିଥିଲେ । ଫେବୃଆରୀ ୨୯ ସୁଦ୍ଧା ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଜିଟିରେ ଦାଖଲ କରିବା ପରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ଥିଲା । ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ ହୋଇପାରି ନ ଥିବାରୁ ଶୁଣାଣିକୁ ଏପ୍ରିଲ୍ ୧୯ ଯାଏ ଘୁଞ୍ଚାଯାଇଥିଲା । ଏହାପରେ ଶୁଣାଣୀରେ ଅଭିଯୋଗକାରୀଙ୍କ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ମେ ୨୮ ପର୍ଯ୍ୟନ୍ତ ଘୁଞ୍ଚା ଯାଇଥିଲା । ମାତ୍ର ଚଳିତ ଶୁଣାଣିରେ ସରକାରୀ ଓକିଲଙ୍କ ଅନୁପସ୍ଥିତି ପାଇଁ ପୁନର୍ବାର ଏହାକୁ ଘୁଞ୍ଚା ଯାଇଥିବା ସୂଚନା ଦିଆଯାଇଛି ।

## ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୭ ଲକ୍ଷ ଠକେଇ



ଭୁବନେଶ୍ୱର, ୨୮ ।୫(ସମିସ): ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୭ ଲକ୍ଷ ସାଇବର ଠକେଇ ହୋଇଛି । ଠକାମୀର ଶିକାର ହୋଇଥିବା ରୁମିତ୍ ଗୁପ୍ତା ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି । ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରିଥିଲେ ମଧ୍ୟ ସେଥିରେ ଟଙ୍କା ନ ଥିବା ଜଣାପଡ଼ିଛି । ସାଇବର୍ ଠକ ଟଙ୍କା ନେବା ପରେ ଏହାକୁ ଅନ୍ୟ ଆକାଉଣ୍ଟକୁ ପଠାଇ ଖାଲିକରି ଦେଇଛନ୍ତି । ଠକେଇରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ରାଜ୍ୟ ବାହାରର ହୋଇଥିବାରୁ ପୁଲିସ ତାଙ୍କୁ ଧରିବାକୁ ତନାଘନା କରୁଛି ।

**ଅଧିକ ଟଙ୍କା ସୁଧ ଦେବାକୁ ଲୋଭ ଦେଖାଇଥିଲେ**

ଅଭିଯୋଗ ଅନୁସାରେ, ରୁମିତ୍ ଗୁପ୍ତାଙ୍କ ମୋବାଇଲ୍‌କୁ ଏକ ଅଜଣା ନମ୍ବରରୁ ଏକ ମେସେଜ୍ ଆସିଥିଲା । ଯେଉଁଥିରେ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ କୁହାଯାଇଥିଲା । ଲୋଭରେ ପଡ଼ି ରୁମିତ୍ ଠକ ଦେଇଥିବା ଲିଙ୍କ୍‌କୁ କ୍ଲିକ୍ କରିଥିଲେ । ପ୍ରଥମେ ରୁମିତ୍ ୧ଲକ୍ଷ ଟଙ୍କା ଲଗାଇବା ପରେ ବିଶ୍ୱାସ ଜମାଇବା ପାଇଁ ଠକ କିଛି ଟଙ୍କା ଦେଇଥିଲେ । ଲୋଭରେ ପଡ଼ି ରୁମିତ ପୁଣି ୨ଲକ୍ଷ ଏବଂ ପରେ ପରେ ୫ ଲକ୍ଷ ଲଗାଇଥିଲେ । ଏହିଭଳି ସେ ୧୭ ଲକ୍ଷ ଲଗାଇବା ପରେ ଠକ ସାଇଟ୍ ବନ୍ଦ କରିବା ସହ ଫୋନ୍‌କୁ ଆସିଥିବା ଲିଙ୍କ୍‌କୁ ମଧ୍ୟ କାଟି ଦେଇଥିଲେ ।

## 'ଋତୁସ୍ରାବ ସମ୍ପର୍କିତ ସଚେତନତା ଜରୁରୀ'




ଭୁବନେଶ୍ୱର, ୨୮ ।୫(ସମିସ): ଋତୁସ୍ରାବ ହେଉଛି ମହିଳାଙ୍କ ଜୀବନର ଏକ ପ୍ରମୁଖ ଶାରୀରିକ ପରିବର୍ତ୍ତନ । ମରତୁସ୍ରାବ ଏକ ସମସ୍ୟା ନୁହେଁ, ଏହା ଏକ ସମ୍ମାନ । ଋତୁସ୍ରାବକୁ ନେଇ ଥିବା ଅନ୍ଧ ବିଶ୍ୱାସକୁ ପ୍ରତିହତ କରିବା ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ ଓ କଲ୍ୟାଣ ଦିଗରେ ଆଗକୁ ବଢ଼ିବା ପାଇଁ ଆକ୍ୱନଏଡ ଆସୋସିଏସନ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଅବକାଶରେ ୱାର୍ଡ ନଂ-୧୬ ଅଧୀନ ନୀଳଚକ୍ରନଗର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଏଥିରେ ସ୍ନିଗ୍ଧା ଦାସ, ଶ୍ରୁଶ୍ରୀ ଶୁଭେଚ୍ଛା ଶୁକ୍ଲା, ସସ୍ମିତା ବାଣ୍ଡ, ରେଣୁବାଳା ସାହୁ, ସବିତା ରାଉତ ପ୍ରମୁଖ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସରସ୍ୱତୀ ପରିଡ଼ା ପ୍ରଦାନ କରିଥିବାବେଳେ ସୁଚରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ ଫୋରମର ପ୍ରତିନିଧିମାନେ ସାମିଲ ହୋଇ ରଙ୍ଗୋଲି ପ୍ରଦର୍ଶନ କରିଥିଲେ ।

## ଡ. ଅସିତ ମହାନ୍ତିଙ୍କୁ ନାରଦ ସମ୍ମାନ



ଭୁବନେଶ୍ୱର, ୨୮।୫(ସମିସ): ନାରଦ ଜୟନ୍ତୀ ଅବସରରେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ୨୦୨୪ ବର୍ଷ ପାଇଁ ଡ.ଅସିତ ମହାନ୍ତିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନ ପ୍ରଦାନ କରାଯାଇଛି । ପ୍ରାୟ ୪୫ବର୍ଷ ଧରି ଓଡ଼ିଶାର ସାହିତ୍ୟ, ସାମ୍ବାଦିକତା ଓ ସମ୍ପାଦନା କ୍ଷେତ୍ରରେ ବେଶ୍ ପାରଦର୍ଶିତା ରହିଛି । ସେ ଜଣେ ଅନୁବାଦକ ଭାବରେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କରିଛନ୍ତି । ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ବରିଷ୍ଠ ସ୍ତମ୍ଭଲେଖକ ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ବିଂଶତମ ନାରଦ ସମ୍ମାନ ଉତ୍ସବ' ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ରାଜ୍ୟ ନିର୍ବାଚନ କମିସନର ଡ. ଅଜିତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଆର୍‌ଏସ୍‌ଏସ୍‌ର ସହ କ୍ଷେତ୍ର ପ୍ରଚାର ପ୍ରମୁଖ ତଥା ଶାହା ଇନ୍‌ଷ୍ଟିଚ୍ୟୁଟ ଅଫ୍ ନିଉକ୍ଲିୟର ଫିଜିକ୍ସ ପରମାଣୁ ଉର୍ଜା ବିଭାଗ, କୋଲକାତାର ସଦସ୍ୟ ପ୍ରାଧ୍ୟାପକ ଡ.ଜିଷ୍ଣୁ ବସୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେଙ୍ଗ ଡ.ମହାନ୍ତିଙ୍କୁ ମାନପତ୍ର ସହ ୨୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ମହାନଗର ସଂଘଚାଳକ ଶ୍ରୀନିବାସ ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଗୋଟିଏ ଦିନରେ ୩ ଅପମୃତ୍ୟୁ

## ଟ୍ରେନ୍ ଓ ଅଟୋରୁ ପଡ଼ି ୨ ମୃତ

ଭୁବନେଶ୍ୱର, ୨୮ ।୫(ସମିସ): ରାଜଧାନୀରେ ଗୋଟିଏ ଦିନରେ ୩ ଜଣଙ୍କ ଅପମୃତ୍ୟୁ ଘଟିଛି । ଜଣେ ଅଟୋ ଡ୍ରାଇଭର ଟୋରୁ ଖସି ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଟ୍ରେନ୍‌ରୁ ଖସି ମୃତ୍ୟୁବରଣ କରିଛନ୍ତି । ସେହିପରି ଅନ୍ୟଜଣ ବ୍ୟକ୍ତିଙ୍କ ଟ୍ରାଫିକ୍ ନିକଟ ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର କରାଯାଇଛି । ମଧ୍ୟାହ୍ନରେ ସହିଦନଗର ଥାନା ବାଣୀବିହାର ଓଭରବ୍ରିଜ୍ ଉପରେ ଜଣେ ଅଟୋ ଡ୍ରାଇଭର ରସୁଲଗଡ଼ରୁ ଆଚାର୍ଯ୍ୟ ବିହାର ଅଭିମୁଖେ ଯାଉଥିଲେ । ହେଲେ ଆରଟିଓ ସମ୍ମୁଖ ଓଭରବ୍ରିଜ୍ ଉପରେ ସେ ଅଟୋରୁ ଗଳି ପଡ଼ିଥିଲେ । ପଛରୁ ଆସୁଥିବା ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଟୋ ଡ୍ରାଇଭରଙ୍କ ପୂର୍ବରୁ ରୋଗ ରହିଥିଲା । ଯେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ଭୁବନେଶ୍ୱର ଷ୍ଟେସନ ଟ୍ରେନ୍ ଲାଇନରୁ ଜଣେ ଯାତ୍ରୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି । ଯୁବକ ଜଣଙ୍କ ବେଙ୍ଗାଲୁରୁରୁ ବିହାର ଯାଉଥିବା ବେଳେ ଟ୍ରେନ୍‌ରୁ ଖସି ପଡ଼ିଥିଲେ । ଫଳରେ ତାଙ୍କ ଉପରେ ଟ୍ରେନ୍ ଚଢି ଯାଇଥିଲା । ସେହିପରି ଲିଙ୍ଗରାଜ ଥାନା ଗ୍ୟାରେଜ ଛକ ନିକଟ ରାସ୍ତା କଡ଼ରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।

## ସିପିଇଟି ପାଇଁ କମିଲା ପଞ୍ଜୀକରଣ

ଭୁବନେଶ୍ୱର,୨୮ ।୫(ସମିସ): ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ସୋମବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି । ପୂର୍ବବର୍ଷ ତୁଳନାରେ ପଞ୍ଜିକରଣ କମିଥିବା ଜଣାଯାଇଛି । ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ୨୦୨୩ ମସିହାରେ ମୋଟ୍ ୬୯ ହଜାର ୭୦୫ଜଣ ପରୀକ୍ଷା ଦେବାପାଇଁ ପଞ୍ଜିକରଣ କରିଥିଲେ । ଚଳିତବର୍ଷ ଏହି ସଂଖ୍ୟା ୬୩ହଜାର ୧୫୦କୁ କମି ଆସିଛି । ଅର୍ଥାତ୍ ଏଥର ୬ହଜାର ୫୫୫ କମ୍ ଆବେଦନ ହୋଇଛି । ଆବେଦନକାରୀଙ୍କ ମଧ୍ୟରୁ ୬୨ହଜାର ୫୧୦ ଜଣ ଆବଶ୍ୟକ ଫି' ଦାଖଲ କରିଛନ୍ତି । ସେହିପରି ୬୪୦ ଜଣ ଆବେଦନକାରୀ ଫି' ଦାଖଲ କରିନାହାନ୍ତି । ସେହିପରି ଆବେଦନକାରୀଙ୍କ ମଧ୍ୟରେ ୪୩ ହଜାର ୬୨୫ଜଣ ଛାତ୍ରୀ ଥିବା ବେଳେ ୨୧ ହଜାର ୩୫୯ଜଣ ଛାତ୍ରୀ ରହିଛନ୍ତି । ସମ୍ପ୍ରତି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲୁଥିବାରୁ ତହସିଲ୍‌ରୁ ଜାତି, ବାସସ୍ଥାନ ଓ ଜାତି ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି । ଫଳରେ ଆବେଦନ କରିବା ପାଇଁ ଛାତ୍ରଛାତ୍ରୀମାନେ ପର୍ଯ୍ୟାପ୍ତ ସୁଯୋଗ ପାଇ ପାରିନଥିବା ଅଭିଯୋଗ କରିଛନ୍ତି । ଅପରପକ୍ଷେ ଶେଷ ସମୟରେ ସାମ୍ସ୍ ପୋର୍ଟାଲ୍‌ର ସର୍ଭର ଧିମା ଚାଲିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନାହାନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ସୁଯୋଗ ଦେବା ପାଇଁ ଆବେଦନ ଅବଧିକୁ ବଢ଼ାଇବାକୁ ଉଚ୍ଚଶିକ୍ଷା ବିଭାଗ ନିକଟରେ ବହୁ ଛାତ୍ରଛାତ୍ରୀ ଦାବି କରିଛନ୍ତି ।

**ଆବେଦନ ଅବଧି ବଢ଼ାଇବାକୁ ଦାବି**

### କବାଡ଼ିଆଙ୍କ ଠିକଣା ଶ୍ୱେତଙ୍କ ଗୋଦାମ

## କୋଭିଡ୍ ପରଠୁ ବେପାର ମାନ୍ଦା



ଭୁବନେଶ୍ୱର, ୨୮ ।୫(ସମିସ): ଭୁବନେଶ୍ୱର ଜାଗମରା ରାସ୍ତାକଡ଼ରେ ରହିଛି ଶ୍ୱେତ କୁମାରଙ୍କ ରଦି କାଗଜ ଗୋଦାମ । ଯେଉଁଠାରେ ପୁରୁଣା ବହି, ଖବରକାଗଜ, କାର୍ଟୁନ ଆଦିକୁ ବିକ୍ରି କରନ୍ତି କବାଡ଼ିଆ ଓ ସାଧାରଣ ଲୋକେ । ଗୋଦାମର ମାଲିକ ଶ୍ୱେତ କୁମାର ସୁବୁଦ୍ଧି କୁହନ୍ତି ନିଜ ଘର ନୟାଗଡ଼ ଦଶପଲ୍ଲା ହୋଇଥିବା ବେଳେ ସେ ଏବେ ଡୁମୁଡୁମାରେ ଆସି ନିଜ ପରିବାର ସହିତ ରହୁଛନ୍ତି । ପ୍ରାୟ ଛଅବର୍ଷ ହେବ ଏହି ବ୍ୟବସାୟ କରିଲେଣି । ଖବରକାଗଜକୁ କିଲୋପ୍ରତି ୧୫ଟଙ୍କା, କାର୍ଟୁନ କିଲୋପ୍ରତି ୧୦ରୁ ୧୧ ଟଙ୍କା, ପୁରୁଣା ବହି, ଖାତାକୁ ୧୦ରୁ ୧୧ଟଙ୍କାରେ କିଣୁଥିବା ବେଳେ ସେଥିରେ ଦୁଇରୁ ୩ ଟଙ୍କା ଅଧିକ ଦାମ୍‌ରେ ଭୁବନେଶ୍ୱରର ମଞ୍ଚେଶ୍ୱର ଥିବା ଗୋଦାମରେ ବିକ୍ରି କରନ୍ତି ଶ୍ୱେତ କୁମାର । ଏଥିରେ ତାଙ୍କର ଯେତିକି ଲାଭ ହୁଏ ସେଥିରେ ପରିବାର ପ୍ରତିପୋଷଣ କରି ଆସୁଛନ୍ତି । ଏ ନେଇ ଶ୍ୱେତ କୁମାର କୁହନ୍ତି କୋଭିଡ୍ ପୂର୍ବରୁ ପୁରୁଣା ଖବରକାଗଜକୁ ୩୦ଟଙ୍କାରେ କିଣୁଥିଲୁ ହେଲେ ଏବେ ସେଗୁଡ଼ିକୁ ୧୪ରୁ ୧୫ଟଙ୍କାରେ କିଣୁଛୁ । ଏବେ ଘରଭଡ଼ା ୧୦ହଜାର ହୋଇଥିବା ବେଳେ ବେପାର ଅବସ୍ଥା ଆଉ ଆଗଭଳି ନାହିଁ । ମାସକୁ ଥରେ ମାତ୍ର ମାଲ୍ ସବୁ ବିକ୍ରି କରାଯାଉଥିବା ବେଳେ ସେଥିରୁ କୌଣସି ଲାଭ ବାହାରି ପାରେନାହିଁ ବୋଲି ଛଳଛଳ ଆଖିରେ କୁହନ୍ତି । ସେ ଅହୁରି ମଧ୍ୟ କୁହନ୍ତି କୋଭିଡ୍ ପୂର୍ବରୁ ଏହି ସବୁ ମାଲ୍‌କୁ ଆଗରୁ ବାଲେଶ୍ୱରରେ ଦେଉଥିଲେ ହେଲେ ଏବେ ବେପାର ସେହିଭଳି ନ ହେବାରୁ କେବଳ ମଞ୍ଚେଶ୍ୱରରେ ଦେଉଛୁ । ଏସବୁକୁ ମାସକୁ ଥରେ ବିକ୍ରି କରାଯାଉଛି । ସେଥିରୁ ଯାହା ମିଳେ ସେଥିରେ ପରିବାର ଚଳୁଛି ବୋଲି କୁହନ୍ତି ।

## ଚାକିରି ଛାଡ଼ି ବିଟେକ୍ ଛାତ୍ରଙ୍କ ନିଆରା ପ୍ରୟାସ

# ବାଉଁଶ ଓ ଫସଲ ବର୍ଜ୍ୟରେ ଆକର୍ଷଣୀୟ ସାମଗ୍ରୀ



ଭୁବନେଶ୍ୱର, ୨୮।୫(ସମିସ):

ଚାକିରି ଛାଡ଼ି ପରିବେଶ ସଚେତନତା ନିଆରା ବାର୍ତ୍ତା ଦେବା ସହ ସମାଜ ପାଇଁ ଆଦର୍ଶ ପାଲଟିଛନ୍ତି ବିଟେକ୍ ଛାତ୍ର ଅଜିତ କୁମାର ପଲେଇ । ଅଜିତ ଆଇଆଇଆଇଟି ଭୁବନେଶ୍ୱରରୁ ବିଟେକ୍ ସାରିବା ପରେ ଚାକିରି ମଧ୍ୟ କରିଥିଲେ । ହେଲେ ପରିବେଶ ସୁରକ୍ଷା ଚିନ୍ତାରେ ସେ ଚାକିରି ଛାଡ଼ି ଏବେ ଲୋକଙ୍କୁ ସଚେତନ କରିବାରେ ଲାଗିଛନ୍ତି । ଗତ ୩ ବର୍ଷ ଧରି 'ଇକୋ ସାଥୀ' ନାମରେ ଏକ ଅନୁଷ୍ଠାନ ଗଢ଼ି ତା ମାଧ୍ୟମରେ ବାୟୁ ପ୍ରଦୂଷଣ ଓ ପ୍ଲାଷ୍ଟିକ ବ୍ୟବହାର ରୋକିବାର ଚେଷ୍ଟା ଚଳେଇଛନ୍ତି । ତାଙ୍କ ସହ ଆଉ ୪ ଜଣ ଯୁବକ ମଧ୍ୟ ରହିଛନ୍ତି । ବିଭିନ୍ନ ଜିଲ୍ଲାରେ ଏମାନେ ପରିବେଶ ଉପଯୋଗୀ ବାଉଁଶର ବ୍ରଶ, ଜିଭ ପାତିଆ, ପାଣି ବୋତଲ, କାନ ସଫା, ଚାମଚ, ପେନ୍ ଷ୍ଟାଣ୍ଡ, ପେନ୍, ରେଜର ଏବଂ ନିମ୍ବ କାଠର ବ୍ରଶ ଓ ପାନିଆ ମଧ୍ୟ ଏମାନେ ତିଆରି କରି ବିକ୍ରି କରିବା ସହ ଲୋକଙ୍କୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ବ୍ୟବହାର କରିବା ପାଇଁ ମଧ୍ୟ ନିବେଦନ କରୁଛନ୍ତି । କେବଳ ସେତିକି ନୁହଁ ଫସଲର ଯେଉଁ ବର୍ଜ୍ୟବସ୍ତୁ ବାହାରୁଛି ସେଥିରୁ ମଧ୍ୟ ପରିବେଶ ଅନୁକୂଳ ଜିନିଷ ତିଆରି ହେଉଛି । ଫଳରେ ବର୍ଜ୍ୟର ମଧ୍ୟ ନଷ୍ଟ ନ ହୋଇ ସଠିକ୍ ବ୍ୟବହାର ହୋଇପାରୁଛି । ଏହି ସବୁ ଉପକରଣର ମୂଲ୍ୟ ୩୦ ଟଙ୍କାରୁ ଆରମ୍ଭ ହୋଇ ଏକ ହଜାର ପର୍ଯ୍ୟନ୍ତ ରହିଛି । ତ୍ରିପୁରା, ମେଘାଳୟ, ଆସାମ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ନିଜର କିଛି ଗ୍ରୁପ ସଦସ୍ୟଙ୍କ ମାଧ୍ୟମରେ ସମାନ କାର୍ଯ୍ୟ କରୁଛନ୍ତି । ରାଜଧାନୀରେ ଆୟୋଜିତ ଉଟ୍ ଫେଷ୍ଟ, ତୋଷାଳି ଏବଂ ଅନ୍ୟାନ୍ୟ ସରକାରୀ ଷ୍ଟାର୍ଟଅପ୍ ପୋଗ୍ରାମଗୁଡ଼ିକରେ ମଧ୍ୟ ତାଙ୍କ ଇକୋ ସାଥୀର ଷ୍ଟଲ ଦେଖିବାକୁ ମିଳେ ।



**ଦେଉଛନ୍ତି ପରିବେଶ ସଚେତନତାର ବାର୍ତ୍ତା**

## ଡକାୟତି ଯୋଜନା ପଣ୍ଡ; ୪ ଗିରଫ

ଖଲ୍ଲିକୋଟ, ୨୮ ।୫(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥୁରିନାଳଠାରେ ଡକାୟତି ଯୋଜନା କରୁଥିବାବେଳେ ପୁଲିସ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଛି । ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ପଥୁରିନାଳ ନିକଟରେ ଥିବା ସାତ ଭଉଣୀ ମନ୍ଦିରରେ ଏକ ଡକାୟତ ଦଳ ଡକାୟତି ଯୋଜନା କରୁଥିବା ଖବର ପାଇ ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର କିଶାନ, ପିଙ୍କିନି ପଟ୍ଟନାୟକ, ହାବିଲଦାର ଆରକେ. ରାଉତ କନେଷ୍ଟବଳ ଅଜୟ କୁମାର ବେହେରା ଓ ଅନ୍ୟ ପୁଲିସ କର୍ମଚାରୀ ମାନେ ଚଢ଼ଉ କରି ଜଣେ ନାବାଳକ ସମେତ ୪ ଜଣ ଡକାୟତଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତମାନେ ହେଲେ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ବରପଦର ଗ୍ରାମର କାହ୍ନା ନାୟକ (୪୮), ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସୁମଣ୍ଡଳ ଗ୍ରାମର ଅନିଲ କୁମାର ଜେନା (୨୨) ଓ ଗଗନ ବିଶ୍ୱାଳ ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ଗୋଟିଏ ଲୁହା ରଡ଼, ଦୁଇଟି ଅଫୁଟା ବୋମା ଓ ୪ଟି ଖାଲି ମଦ ବୋତଲ ଜବତ କରିଛି । ଏ ସମ୍ପର୍କରେ ଥାନା କେସନଂ୪୪୯/୨୪ ଅନୁଯାୟୀ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି ପୁଲିସ ।

**ଖଣ୍ଡା, ଛୁରୀ, ବୋମା ଜବତ**

## ଶୃଙ୍ଖଳା କୂଅରୁ ହରିଣ ଉଦ୍ଧାର

ସାନଖେମୁଣ୍ଡି, ୨୮ ।୫ (ସମିସ): ପାଟପୁର ବନ ବିଭାଗ ଅଧୀନ ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ କୂଅରୁ ହରିଣ ଉଦ୍ଧାର ହୋଇଛି । ପାଣି ଅଭାବରୁ ହରିଣମାନେ ଗାଁମୁହାଁ ହେଉଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ଭୋର୍‌ରେ କିଛି ହରିଣ ରାସ୍ତାକଡ଼ରେ ବୁଲୁଥିବା ବେଳେ ରାସ୍ତା କଡ଼ରେ ଥିବା ଏକ କୂଅରେ ଏକ ହରିଣ ପଡ଼ିଯାଇଥିଲା । ଦିଗପହଣ୍ଡି ବନ ବିଭାଗ କର୍ମଚାରୀ ଆସି ହରିଣଟିକୁ ଉଦ୍ଧାର କରି ଚିକିତ୍ସା ପରେ ନିକଟସ୍ଥ ଜଙ୍ଗଲରେ ଛାଡିଥିବାର ଜଣାପଡ଼ିଛି ।

## ଉଦ୍ଧାର ହେଲା ୧୫ ଫୁଟ୍‌ର ଅହିରାଜ



ମାଲକାନଗିରି,୨୮ ।୫(ସମିସ): ମାଲକାନଗିରି ବନାଞ୍ଚଳରେ ବିଲୁପ୍ତପ୍ରାୟ ପ୍ରଜାତିର ଅହିରାଜ ସାପକୁ ଉଦ୍ଧାର କରାଯାଇଛି । ତଥ୍ୟ ଅନୁଯାୟୀ, ମାଲାକନଗିରି ବନାଞ୍ଚଳ ଏମଭି ୨୩ ଗ୍ରାମ ନିକଟସ୍ଥ ଏକ କ୍ରସର ମିଲ ଗୃହରେ ଗୋଟିଏ ଅହିରାଜ ସାପ ଛପି ରହିଥିବା ଲୋକେ ଦେଖିବାକୁ ପାଇଥିଲେ । ଅହିରାଜଟି ଫଣା ଟେକି ପ୍ରାୟ ୬ ଫୁଟ୍ ଉଚ୍ଚରେ ଠିଆ ହେଉଥିଲା । ଯାହାକୁ ଦେଖି ଭୟଭୀତ ହେବା ସହ ଆତଙ୍କିତ ହୋଇ ପଡ଼ିଥିଲେ ସ୍ଥାନୀୟ ଲୋକ । ପରେ ସ୍ଥାନୀୟ ଲୋକେ ଜଣେ ସାପ ଧରାଳିଙ୍କୁ ଯୋଗାଯୋଗ କରିବା ପରେ ଅହିରାଜକୁ କାବୁ କରିବାକୁ ଦୀର୍ଘ ସମୟ ଲାଗିଥିଲା । ଅତି ସତର୍କତାର ସହ ସାପ ଧରାଳି ଅହିରାଜକୁ କାବୁ କରିଥିଲେ । ପରେ ଏହି ସାପର ଲମ୍ବ ୧୫ ଫୁଟ୍ ଏବଂ ଓଜନ ୧୦ କେଜି ଥିବା ଜାଣିବାକୁ ପାଇଥିଲେ । ବନ ବିଭାଗକୁ ଖବର ଦେବା ପରେ ସାପକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ବନ ବିଭାଗ ସାପର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜଙ୍ଗଲରେ ନେଇ ଛାଡ଼ି ଦେଇଛନ୍ତି ।

## ମୋବାଇଲ୍ ଦେଖିବାକୁ ବାରଣ କରିବାରୁ ନାବାଳିକାର ଆତ୍ମହତ୍ୟା

ମାଲକାନଗିରି,୨୮ ।୫(ସମିସ): ମାଲକାନଗିରି ଥାନା ବେଜାଗୁଡ଼ା ପଞ୍ଚାୟତ ପୁଲାପାଲ୍ଲୀ କଲୋନୀରେ ଜଣେ ୧୪ ବର୍ଷୀୟା ନାବାଳିକା ଉକୁଣୀମରା ଔଷଧ ଖାଇ ଆତ୍ମହତ୍ୟା କରିଛି । ସେ ମୋବାଇଲ୍ ଫୋନରେ ଗପିବା ଓ ଭିଡିଓ ଗେମ୍ ଖେଳୁଥିବାରୁ ତାକୁ ପରିବାର ଲୋକେ ବାରଣ କରୁଥିଲେ ହେଁ କିଛି ଶୁଣି ନଥିଲା । ଗତ ସୋମବାର ସେ ମୋବାଇଲ ଫୋନରେ ଗପୁଥିବାବେଳେ ପରିବାରଲୋକେ ତା'ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ । ଏହି ରାଗରେ ନାବାଳିକା ଜଣକ ଉକୁଣୀମରା ଔଷଧ ଖାଇ ଦେଇଥିଲେ । ପରିବାର ଲୋକେ ତାକୁ ପ୍ରଥମେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । କିନ୍ତୁ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିଲେ । ମାଲକାନଗିରି ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି ।

## ୧୧ କେଭି ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଶଗଡ଼ା, ୨୮ ।୫(ସମିସ): ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ କୁମେଲବନ୍ଧ ଗ୍ରାମ ନିକଟରେ ଏହି ଅଘଟଣ ଘଟିଛି । ମୃତକ ହେଲେ କୁମେଲବନ୍ଧ ଗ୍ରାମର କ୍ଷେତ୍ରବାସୀ ପୋଢ । କୁମେଲବନ୍ଧ ଗ୍ରାମର ଉଠା ଜଳ ସେଚନ ପ୍ରକଳ୍ପ ଆଡ଼କୁ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ତଳକୁ ଝୁଲି ରହିଛି । ସେହି ବାଟ ଦେଇ କୌଣସି କାମରେ ଯାଉଥିବା କ୍ଷେତ୍ର ଅସାବଧାନତା ବଶତଃ ତାର ସଂସ୍ପର୍ଶରେ ଆସିଥିଲେ ।

**ଫିରିଙ୍ଗିଆ ଶନି ମନ୍ଦିର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା**

# ବସ୍ ଓଲଟି ୨ ମୃତ; ୩୭ ଆହତ





ଫୁଲବାଣୀ/ଫିରିଙ୍ଗିଆ,୨୮ ।୫(ସମିସ):

ମଙ୍ଗଳବାର ଫିରିଙ୍ଗିଆ ବ୍ଲକ୍ ଛକ ନିକଟ ଶନିମନ୍ଦିର ବାଙ୍କରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବସ୍ ତଳେ ଚାପି ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରୁ ଜଣେ ସେହି ସାଲୁଙ୍କ ଗାଡ଼ିର କଣ୍ଡକ୍ଟର ଟୁଲୁ ପଟ୍ଟନାୟକ ଏବଂ ଅନ୍ୟ ଜଣେ ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତ ସାରୁକୋଇ ଗାଁର ଅର୍ଜୁନ କହଁର ବୋଲି ଜଣାପଡ଼ିଛି । ସେହିପରି ଏହି ଦୁର୍ଘଟଣାରୁ ୩୭ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭ ଗୁରୁତରଙ୍କୁ ଜିଲ୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୩୦ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରାଯାଇଛି ।

ସୂଚନାନୁସାରେ, ମୁନିଗୁଡ଼ା ପଟୁ ଫୁଲବାଣୀ ଅଭିମୁଖେ ଆସୁଥିବା ସାଲୁଙ୍କ ବସ୍ ଫିରିଙ୍ଗିଆ ବସ୍‌ଷ୍ଟାଣ୍ଡରେ ରହିବା ପରେ ସନ୍ଧ୍ୟା ୬ଟାରେ ଛାଡ଼ିଥିଲା । ତେବେ ଫିରିଙ୍ଗିଆ ଶନିମନ୍ଦିର ବାଙ୍କ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍ ତଳେ ଚାପି ହୋଇ ୨ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳରେ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

ଫୁଲବାଣୀ ଓ ବିଭିନ୍ନ ସ୍ଥାନରୁ ୫ରୁ ଅଧିକ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଘଟଣାସ୍ଥଳରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛନ୍ତି । ବସ୍ ତଳେ ଚାପି ହୋଇଥିବା ୨ଜଣଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରେ ଶହଶହ ଲୋକ ପହଞ୍ଚି ଥିବା ବେଳେ କାନ୍ଦବୋବାଳିରେ ଫାଟିପଡ଼ିଥିଲା ଘଟଣାସ୍ଥଳ । ଫିରିଙ୍ଗିଆ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି ।

ଫିରିଙ୍ଗିଆ ମେଡିକାଲରେ ଫୁଲବାଣୀ ସଦର ଥାନାର ଥାନା ଅଧିକାରୀ ଉପଜିଲ୍ଲାପାଳ ଓ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ଉପସ୍ଥିତ ରହି ଆହତମାନଙ୍କ ଚିକିତ୍ସା କରିବା ସହ ଗୁରୁତର ଆହତମାନଙ୍କୁ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି । ଅନ୍ୟପଟେ ଘଟଣାସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଆଜି ନିମାପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ମେଗା ରୋଡ ଶୋ'

ଭୁବନେଶ୍ୱର୨୮ ।୫(ସମିସ): ଆସନ୍ତାକାଲି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିମାପଡ଼ା ଯାଇ ନିର୍ବାଚନ ପ୍ରଚାର କରିବେ । ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଶାଳ ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ ଯୋଗଦେବେ । ସୂଚନା ଅନୁସାରେ, ଶ୍ରୀ ପଟ୍ଟନାୟକ ବୁଧବାର ଅପରାହ୍ଣ ସାଢ଼େ ୫ଟାରେ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି ନିମାପଡ଼ାରେ ପହଞ୍ଚିବେ । ଏହା ପରେ ଗୁଲୁଗୁଲା ଛକରୁ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ଆରମ୍ଭ ହେବ । ଏହା ପରେ ଏର୍‌ଡିଏଫ୍‌ସି ଛକ ଓ ପରେ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ, ଜୟଶ୍ରୀ ଛକ, ବମ୍ବେ ଡାବା ଛକରେ ଆୟୋଜିତ ଜନସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ । ସଂଧ୍ୟା ୭.୩୦ରେ ରୋଡ୍ ଶୋ' ଶେଷ କରି ସଡ଼କ ପଥରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

■ ସିଇଓଙ୍କୁ ଫେରାଦ ହେଲା ବିଜେଡି

## ବାସୁଦେବପୁରରେ ବିଜେପି କର୍ମୀଙ୍କ ଗୁଣ୍ଡାରାଜ

ଭୁବନେଶ୍ୱର, ୨୮ ।୫(ସମିସ): ବାସୁଦେବପୁର ବିଧାନସଭା ଆସନରୁ ବିଜେପି ବିଧାୟକ ପ୍ରାର୍ଥୀ ରୂପେ ଲଢୁଥିବା ବାଣୀକଲ୍ୟାଣ ମହାନ୍ତିଙ୍କ ସମର୍ଥକଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ବାଣୀକଲ୍ୟାଣଙ୍କ ସମର୍ଥକ ବିଜେଡି କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ ଆତଙ୍କରାଜ କରିଛନ୍ତି । ବିଜେପି କର୍ମୀଙ୍କ ଏତାଦୃଶ୍ୟ ଆଚରଣ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ କରୁଥିବା ବେଳେ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ବିଜେଡି ପ୍ରତିନିଧି ଦଳ ।



ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଚାନ୍ଦିମାଳ ଗ୍ରାମରେ ଥିବା ବିଜେଡି ଅଫିସରେ ରାତି ସାଢ଼େ ୮ଟାରେ ବିଜେପି କର୍ମୀମାନେ ହିଂସାକାଣ୍ଡ ଭିଆଇଛନ୍ତି । ଏମାନଙ୍କ ମଧ୍ୟରୁ ଦିନେଶ ନାୟକ ନାମକ ଜଣେ ବିଜେପି କର୍ମୀ ଜୋର୍ ଜବରଜବସ୍ତ ବିଜେଡି କାର୍ଯ୍ୟାଳୟକୁ ପଶି ଆସିଥିଲେ । ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମକର୍ତ୍ତାଙ୍କୁ ଦିନେଶ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ । ଏହାସହ କାର୍ଯ୍ୟାଳୟ ପରିସରରେ ଥିବା ଚେୟାର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ମଧ୍ୟ ସେ ଭଙ୍ଗାରୁଜା କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇବା ପାଇଁ ଏହି ଆକ୍ରମଣର ଉଦ୍ଦେଶ୍ୟ ଥିଲା ବୋଲି ଅଭିଯୋଗ କରିଛି ପ୍ରତିନିଧି ଦଳ । ତେଣୁ ବିଜେଡି କାର୍ଯ୍ୟାଳୟରେ ଭଙ୍ଗାରୁଜା ସହ ଆତଙ୍କ ସୃଷ୍ଟି କରିଥିବା ବିଜେପି କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ ସୁଲତା ଦେଓ, ମିହିର ରାୟ, ତୁମ୍ବନାଥ ପଣ୍ଡା, ଡ. ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ ଓ ସୋଫିଆ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଜ ସଂସ୍ଥାରୁ ୨୫ ଲକ୍ଷ ଆତ୍ମସାତ୍ କରି କର୍ମଚାରୀ ଗିରଫ

ବ୍ରହ୍ମପୁର, ୨୮ ।୫(ସମିସ): ବ୍ୟବସାୟିକ ସଂସ୍ଥା ଆର.ଏସ୍ ଗ୍ରୁପ ଅଧୀନରେ ପରିଚାଳିତ ଆର.ଏସ୍.ଡିଷ୍ଟ୍ରିବ୍ୟୁଟର୍ ଓ ଆର.ଏସ୍. ଟ୍ରେଡର୍ସ ଭଳି ଦୁଇଟି ସଂସ୍ଥାରୁ ପ୍ରାୟ ୨୫ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ସମ୍ପୃକ୍ତ ସଂସ୍ଥାର ଜଣେ କର୍ମଚାରୀକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତଜଣକ ହେଲେ, ପ୍ରେମନଗର ୭ମ ଲାଇନ ନିବାସୀ କିଶୋର କୁମାର ସାହୁ(୩୬) । କିଶୋର ଗାନ୍ଧୀନଗର ୩ୟ ଲାଇନ୍‌ରେ ଥିବା ଆରଏସ୍ ଗ୍ରୁପର ଜଣେ କର୍ମଚାରୀ ।

ସୂଚନାଯୋଗ୍ୟ, ଆର.ଏସ୍ ଡିଷ୍ଟ୍ରିବ୍ୟୁଟର ଓ ଆର୍.ଏସ ଟ୍ରେଡର୍ସର ଗାନ୍ଧୀନଗରରେ ମୁଖ୍ୟ କାର୍ଯ୍ୟାଳୟ ଥିବା ବେଳେ ଗୋପାଳପୁର ଓଭରବ୍ରିଜ୍ ନିକଟରେ ୨ଟି ସେଲ୍ସ ପଏଣ୍ଟ ରହିଛି । ଏହି ସଂସ୍ଥା ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ସମେତ ଅନ୍ୟାନ୍ୟ ଜିଲ୍ଲାରେ ହାଭେଲସ୍, ଜେମ୍ସ, ବ୍ଲୁ ଷ୍ଟାର୍, ବଟର ଫ୍ଲାଇ, ଆକ୍ୱାଗାର୍ଡ, ପିଜିଅନ, ବିପିଏଲ ଭଳି ବିଭିନ୍ନ ନାମୀଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବ୍ୟବସାୟ କରୁଛି ।



କିଶୋର ଏହି ସଂସ୍ଥାରେ ଆଜକୁ ଦୀର୍ଘ ୧୦ ବର୍ଷ ଧରି ସେଲ୍ସ ମ୍ୟାନ୍ ଭାବେ କାର୍ଯ୍ୟ କରି ଆସୁଥିଲେ । କିଶୋର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ସାମଗ୍ରୀ ଯୋଗାଇବା ସହ ସେମାନଙ୍କଠାରୁ ଟଙ୍କା ଆଦାୟ କରି ପରେ ତାହାକୁ ସଂସ୍ଥାର ଆକାଉଣ୍ଟରେ ଜମା କରୁଥିଲେ । ଗତ ମାର୍ଚ୍ଚ ମାସରେ ସଂସ୍ଥାର ଆୟବ୍ୟୟ ହିସାବ ବେଳେ ପ୍ରଥମେ ୧୪ ଲକ୍ଷ ୮୫ହଜାର ୭୩୩ ଟଙ୍କା ତାଳମେଳ ନ ଥିବା ଜଣାପଡ଼ିଥିଲା । ଏନେଇ ସଂସ୍ଥା ପକ୍ଷରୁ ଯାଞ୍ଚ କରାଯିବା ପରେ ଖୁଚୁରା ବ୍ୟବସାୟୀମାନେ କିଶୋରଙ୍କୁ ଟଙ୍କା ଦେଇ ସାରିଥିବା ଜଣାପଡ଼ିଥିଲା । ଏପରିକି କିଶୋର ଖୁଚୁରା ବ୍ୟବସାୟୀଙ୍କୁ ସଂସ୍ଥାର ରସିଦ ମଧ୍ୟ ପ୍ରଦାନ କରିଥିଲେ ଏବଂ ନିଜର ବ୍ୟକ୍ତିଗତ ଆକାଉଣ୍ଟରେ ଅନ୍‌ଲାଇନ ଓ ନଗଦ ଆକାରରେ ଟଙ୍କା ଜମା ସଂଗ୍ରହ କରିଥିବା ଜଣାପଡ଼ିଥିଲା । ଏନେଇ କିଶୋରଙ୍କୁ ପଚରାଉଚରା କରାଯିବା ପରେ ସେ ଖୁଚୁରା ବ୍ୟବସାୟୀଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ସଂସ୍ଥାରେ ଉକ୍ତ ଟଙ୍କା ଜମା କରିନଥିବା ଗତ ଏପ୍ରିଲ ୫ତାରିଖରେ ସଂସ୍ଥାର ପରିଚାଳକଙ୍କ ନିକଟରେ ସ୍ୱୀକାର କରିଥିଲେ । ଅଧିକ ଯାଞ୍ଚ ବେଳେ ଗତ କିଛି ମାସ ଭିତରେ କିଶୋର ମୋଟ ୨୫ ଲକ୍ଷ ଟଙ୍କାର ଘୋଟାଲା କରିଥିବା ଜଣାପଡ଼ିଥିଲା ।

## ମୋବାଇଲ ଟାୱାର ପୋଡ଼ିଦେଲେ ମାଓବାଦୀ

ମାଲକାନଗିରି,୨୮ ।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲମାନେ ମୋବାଇଲ ଟାୱାରରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି । ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଛୋଟେଡଙ୍ଗର ଥାନା ଅନ୍ତର୍ଗତ ଗୌରଦଣ୍ଡ ଏବଂ ଚାମେଲୀ ମଧ୍ୟରେ ଏକ ନୂତନ ଭାବେ ନିର୍ମିତ ମୋବାଇଲ ଟାୱାରକୁ ସଶସ୍ତ୍ର ନକ୍ସଲମାନେ ରବିବାର ରାତିରେ ଟାୱାରଟିରେ ନିଆଁ ଲଗାଇ ପୋଡ଼ିଦେବା ସହ ସେଠାରେ ମାଓ ବ୍ୟାନର, କିଛି ହାତ ଲେଖା ଚିଠି ପକାଇଥିବା ଦେଖିବାକୁ ମିଳିଛି । ଏହି ଖବର ନାରାୟଣପୁର ପୁଲିସକୁ ମିଳିବା ପରେ ନାରାୟଣପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷାବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରୁଥିବା ଜଣାପଡ଼ିଛି ।

## ରାଜନୈତିକ ଆକ୍ରୋଶରୁ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ଅନୁଗୋଳ, ୨୮ ।୫(ସମିସ): ଜରପଡ଼ା ଥାନା ଅନ୍ତର୍ଗତ ଜେରେଙ୍ଗ ଦେହୁରୀ ସାହିରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ରାଜନୈତିକ ଆକ୍ରୋଶରୁ ଜଣେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଗ୍ରାମର ବିଭୂତି ଭୂଷଣ ଗଡ଼ନାୟକ ଅତ୍ୟଧିକ ଗରମ ଯୋଗୁଁ ରାତିରେ ଘର ଛାତ ଉପରେ ଶୋଇଥିଲେ । ସକାଳେ ତାଙ୍କ ମୃତଦେହ ତଳେ ପଡିଥିବା ପରିବାର ଲୋକ ଦେଖି ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ବିଭୁତିଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନାହାନ୍ତି । ରାଜନୈତିକ ଆକ୍ରୋଶରୁ କେହି ତାଙ୍କୁ ହତ୍ୟା କରିଛି ବୋଲି ପରିବାର ପକ୍ଷରୁ ଜରପଡ଼ା ଥାନାରେ ଅଭିଯୋଗ ହୋଇଛି । ଘଟଣାସ୍ଥଳକୁ ଡଗ୍ ସ୍କ୍ୱାଡ, ସାଇଣ୍ଟିଫିକ ଟିମ୍ ନେଇ ପୁଲିସ ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଛି ବୋଲି ଆଜି ମଧ୍ୟାହ୍ନରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଡିଆଇଜି ଡ. ଉମାଶଙ୍କର ଦାସ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ବିଭୁତି ଭୂଷଣ ଗଡ଼ନାୟକ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜେରେଙ୍ଗ ଦେହୁରୀ ସାହି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ । ସେ ଜଣେ ବିଜେଡି ନେତା ଥିଲେ । ରବିବାର କୌଣସି ଏକ କାରଣରୁ ଉପୁଜିଥିବା ତିକ୍ତତାର ସୋମବାର ଆପୋଷ ବୁଝାମଣା ହୋଇଥିଲା । ମଙ୍ଗଳବାର ସକାଳେ ବିଭୁତିଙ୍କ ଆକସ୍ମିକ ମୃତ୍ୟୁକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣା ପରେ ସ୍ଥାନୀୟ ଆଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି ।

**ଅଭିଯୋଗ ଆଣିଲେ ପରିବାର ସଦସ୍ୟ**

**ତଦନ୍ତ ଜାରି; ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**



## ହାଇକୋର୍ଟରେ ହାଜର ହେଲା ଉତ୍କଳ ବାଳାଶ୍ରମରୁ ନିଖୋଜ ବାଳକ

କଟକ,୨୮ ।୫(ସମିସ): କଟକ ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମରୁ ଏକ ବାଳକ ନିଖୋଜ ହେବା ସଂକ୍ରାନ୍ତରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା । ତେବେ ସେହି ବାଳକକୁ ଦୀର୍ଘ ୯ମାସ ପରେ ପୁଲିସ ଠାବ କରିପାରିଥିବା ଜଣାପଡିଛି । ଆଜି ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠରେ ସମ୍ପୃକ୍ତ ବାଳକଙ୍କୁ ହାଜର କରାଇଥିଲା ପୁଲିସ । ତେବେ ସମ୍ପୃକ୍ତ ବାଳକର ବୟାନ ରେକର୍ଡ ସହ ଏସସିବି ମେଡିକାଲର ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ଦ୍ୱାରା ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜୁଭେନାଇଲ ଜଷ୍ଟିସ କମିଟି ଦାଖଲ କରିଥିବା ରିପୋର୍ଟ ଆଧାରରେ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସମ୍ପୃକ୍ତ ବାଳକର ଥଇଥାନ ଓ ଭବିଷ୍ୟତ ପ୍ରସଙ୍ଗରେ କଟକ ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ଯେହେତୁ ଏହି ମାମଲାକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଶୁଣାଣି କରୁଛନ୍ତି ତେଣୁ ଧାର୍ଯ୍ୟ ତାରିଖ ଜୁନ ୨୬ରେ ସମ୍ପୃକ୍ତ ବାଳକକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ହାଜର କରାଇବାକୁ ଅଦାଲତ କହିଛନ୍ତି । ଆଜି ଏହି ମାମଲାରେ ଏସିପିଙ୍କ ପକ୍ଷରୁ ଏକ ସତ୍ୟପାଠ ଦିଆଯାଇଥିଲା । ସମ୍ପୃକ୍ତ ବାଳକକୁ କଟକ ସିଏନବିଟିରୁ ଗତ ୨୩ତାରିଖରେ ପୁଲିସ ଉଦ୍ଧାର କରିଥିବା ଦର୍ଶାଇଥିଲା । ମାମଲାରୁ ପ୍ରକାଶ ଯେ ୨୦୨୩, ଅଗଷ୍ଟ ୧୦ରେ ଉତ୍କଳ ବାଳାଶ୍ରମକୁ ସଂପୃକ୍ତ ବାଳକକୁ ଅଣାଯାଇଥିଲା ବେଳେ ଅଗଷ୍ଟ ୧୨ରେ ବାଳକ ଜଣକ ନିଖୋଜ ହୋଇଯାଇଥିଲା । ଏ ନେଇ ଦାଖଲ ଏତଲା ଆଧାରରେ ପୁଲିସ ଆଇପିସିର ଦଫା ୩୬୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ବାଳକକୁ ଠାବ କରିପାରି ନ ଥିଲା । ଏ ନେଇ ଜୁଭେନାଇଲ ଜଷ୍ଟିସ କମିଟି ୨୦୨୪, ଏପ୍ରିଲ ୨୪ରେ ଦାଖଲ କରିଥିବା ରିପୋର୍ଟ ଆଧାରରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ ।

# କଣ୍ଟେନର୍‌ରୁ ୬୧ ଗୋରୁ ଉଦ୍ଧାର

**ଡ୍ରାଇଭର୍, ହେଲ୍‌ପର ଫେରାର**





ବାଲୁଗାଁ, ୨୮ ।୫(ସମିସ):୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତାର ବେଲପଡ଼ା ଛକ ନିକଟରୁ ଆଜି ଭୋରରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ପୁଲିସ ଜବତ କରିଛି । ଆନ୍ଧ୍ରପ୍ରଦେଶରୁ ଆସିଥିବା ଏହି କଣ୍ଟେନରରେ ଗୋ-ମାଫିଆ ଅତି ଅମାନୁଷିକ ଭାବେ ୬୧ଟି ଗୋରୁ ବୋଝେଇ କରି ନେଉଥିଲେ । ତେବେ ଗାଡିର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଛନ୍ତି । ବିଳମ୍ବିତ ରାତ୍ରିରେ କୌଣସି ଏକ ଗାଡି ବେଲପଡ଼ା ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ଏଥିରେ ୩ଟି ଗାଈଙ୍କ ମୃତଶରୀର ରାସ୍ତା ଉପରେ ବିକ୍ଷିପ୍ତଭାବେ ପଡ଼ି ରହି ରାସ୍ତା ଅବରୋଧ ହୋଇଥିଲା । ଫଳରେ ଉକ୍ତ ରାସ୍ତା ଜାମ ହୋଇ ବହୁ ଗାଡି ରାସ୍ତା ର ଅଟକି ରହିଥିଲା । ଏହି ସମୟରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ କଣ୍ଟେନର ଗାଡି ରାସ୍ତା ଅବରୋଧ ଦେଖି ଭୟଭୀତ ହୋଇ ସେଠାରେ ଗାଡି ରଖି ଦେଇ ଡ୍ରାଇଭର ଓ ହେଲପର ଦୁହେଁ ଫେରାର ହୋଇ ଯାଇଥିଲେ । ଗାଡ଼ିର ନମ୍ବର ପ୍ଲେଟରେ କାଦୁଅ ବୋଳାଯାଇ ଥିବା ଯୋଗୁଁ ନମ୍ବର ଠିକ ଭାବେ ଦେଖାଯାଉ ନଥିଲା । ସ୍ଥାନୀୟ ଲୋକେ ସନ୍ଦେହରେ ଉକ୍ତ ଟ୍ରକକୁ ତନଖିବାରେ ସେଥିରେ ଅତି ଅମାନୁଷିକ ଭାବେ ଗୋରୁ ଗାଈଙ୍କୁ ବନ୍ଧାଯାଇଥିବା ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ବାଣପୁର ପୁଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହିତ ଗାଡି ଭିତରୁ ୬୧ଟି ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଇ ଦେଇଥିବା ସୂଚନା ମିଳିଛି । ବାଣପୁର ପୁଲିସ ଏନେଇ ୨୦୧/୨୪ରେ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି ।

## ଅଟୋକ୍ଲେଭ ମେସିନ ଅଚଳ; ରୋଗୀଙ୍କୁ ସଂକ୍ରମଣ ଭୟ

କଟକ,୨୮ ।୫(ସମିସ): ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଷ୍ଟେରିଲାଇଜଡ ସେଣ୍ଟରରେ ରହିଥିବା ୬ଟି ଅଟୋକ୍ଲେଭ ମେସିନ ଭିତରୁ ୫ଟି ମେସିନ ଅଚଳ ହୋଇପଡ଼ିଛି । ମେସିନ ଅଚଳ ହେବା ଯୋଗୁଁ ଚିକିତ୍ସା ସରଞ୍ଜାମ ବିଶୋଧନ କ୍ଷେତ୍ରରେ ସମସ୍ୟା ଦେଖା ଦେଉଥିବା ଜଣାପଡ଼ିଛି । ଏପରିକି ଅସ୍ତ୍ରୋପଚାର ନିମନ୍ତେ ବ୍ୟବହୃତ ସରଞ୍ଜାମ ମଧ୍ୟ ସଠିକ ଭାବେ ବିଶୋଧନ କରାଯାଇପାରୁନାହିଁ । ଯେଉଁଥିପାଇଁ ରୋଗୀଙ୍କୁ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଲାଣି । ମେଡିକାଲର ଜନୈକ ଷ୍ଟାଫଙ୍କ କହିବା ଅନୁସାରେ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଓଟି ଠାରୁ ଆରମ୍ଭ କରି ସର୍ଜରୀ, ଟ୍ରମା କାଜୁଆଲିଟି, ଇଏନ୍‌ଟି, ଚକ୍ଷୁ ବିଭାଗ ଓଟିରେ ସମସ୍ୟା ଦେଖା ଦେଲାଣି । ଅଟୋକ୍ଲେଭ ମେସିନ ଅଚଳ ହୋଇଥିବା ଯୋଗୁଁ ପାଣିରେ ବିଭିନ୍ନ ଯନ୍ତ୍ରାଂଶ ଧୋଇ ରୋଗୀ ସେବା ହେଉଛି ବୋଲି ସେ କହିଛନ୍ତି । ଏହି ଘଟଣା ବାବଦରେ ମେଡିକାଲର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୬.୮୪
- ୟୁରୋ ୯୦.୦୯ • ୟେନ୍ ୦.୫୩

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୧୫୦ (ଭୁବନେଶ୍ୱର)
- ରୁପା : ୯୭,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୧୭୦.୦୦
- ନିଫ୍ଟି ୨୨,୮୮୮.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

## ସାବିତ୍ରୀ ଉପଲକ୍ଷେ ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ



**ଭୁବନେଶ୍ୱର,୨୮।୫(ସମିସ):** ସାବିତ୍ରୀର ଗଭୀର ସାଂସ୍କୃତିକ ମହତ୍ୱକୁ ହୃଦୟଙ୍ଗମ କରି ରୁପା ଗହଣାର ଏକ୍ସକ୍ଲୁସିଭ୍ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ସଙ୍ଗମ' କଲେକ୍ସନ। ଏହି କଲେକ୍ସନରେ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ସ୍ତୁତ ପ୍ରତ୍ୟକ ମଙ୍ଗଳସୂତ୍ର ପରମ୍ପରା ଏବଂ ସମସାମୟିକ ଆକର୍ଷଣର ସୁସଙ୍ଗତ ମିଶ୍ରଣକୁ ଦର୍ଶାଉଛି। ଚମତ୍କାର ଜିକନ୍ ପଥର, ସୂକ୍ଷ୍ମ ମୁକ୍ତା ଏବଂ ଜଟିଳ ଅକ୍ସିଡାଇଜ୍ଡ ଡିଟେଲିଂରେ ସୁସଜ୍ଜିତ ଏହି ମଙ୍ଗଳସୂତ୍ରଗୁଡ଼ିକ ବିବାହର ଅନନ୍ତ ପବିତ୍ରତାର ପ୍ରତୀକ ଭାବେ ଏକ ଆକର୍ଷଣକୁ ପ୍ରକାଶ କରୁଛି। ଏହି କଲେକ୍ସନକୁ ଉନ୍ମୋଚନ କରିବା ପାଇଁ ଚାନ୍ଦି ଭଣ୍ଡାର ଏକ ଚିତାକର୍ଷକ ଟିଭି କମର୍ସିଆଲ ଆଣିଛି, ଯାହାକି ପବିତ୍ର ସାବିତ୍ରୀ ପର୍ବ ଦ୍ୱାରା ଭକ୍ତି ଏବଂ ପ୍ରେମର ମହତ୍ୱକୁ ପରିପ୍ରକାଶ କରୁଛି। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ଆମେ ପ୍ରତ୍ୟେକ ମହିଳାଙ୍କ ଭୂମିକାର ଶକ୍ତି, ଅନୁଗ୍ରହ ଏବଂ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସାବିତ୍ରୀର ମହତ୍ୱକୁ ସମ୍ମାନ ଦେଉଛୁ। ଆମ କଲେକ୍ସନ ମହିଳାଙ୍କୁ ସମ୍ପୂର୍ଣ୍ଣ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଛି। ଏହା ସେମାନଙ୍କ ଅନନ୍ୟ ପରିଚୟ ଏବଂ କାଳଜୟୀ ଶୋଭାଙ୍କୁ ପରିପ୍ରକାଶ କରିବ।

# ନିଲାମ ହେବ ବିଏସ୍‌ଏନ୍‌ଏଲ୍, ଏମ୍‌ଟିଏନ୍‌ଏଲ୍‌ର ଶତାଧିକ ସମ୍ପତ୍ତି

**ନୂଆଦିଲ୍ଲୀ,୨୮।୫(ଏଜେନ୍ସି)**

ବିକ୍ରି ହେବାକୁ ଯାଉଛି ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ନିଗମ ଲିମିଟେଡ୍(ଏମ୍‌ଟିଏନ୍‌ଏଲ୍)ର ଶହ ଶହ ସମ୍ପତ୍ତି। ଏଗୁଡିକୁ ନିଲାମ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ସୂଚନାନୁଯାୟୀ, କେନ୍ଦ୍ର ସରକାର ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ୬୦୦ରୁ ଅଧିକ ଜମି ଏବଂ କୋଠା ବିକ୍ରି ପାଇଁ ତାଲିକାଭୁକ୍ତ କରିଛନ୍ତି। ଉଭୟ କମ୍ପାନୀର ଏହି ସମ୍ପତ୍ତି ସମଗ୍ର ଦେଶରେ ବ୍ୟାପି ରହିଛି। ଏଥିରୁ ଅଧିକାଂଶ ସମ୍ପତ୍ତି ଦେଶର ଅଧିକାଂଶ ପ୍ରମୁଖ ସ୍ଥାନରେ ରହିଛି। ଏପରିକି ଅଧିକାଂଶ ସମ୍ପତ୍ତି ଦିଲ୍ଲୀ ଏବଂ ମୁମ୍ବାଇ ପରି ସ୍ଥାନରେ ରହିଛି। ସରକାରୀ ବିଭାଗ ଏବଂ ଅନ୍ୟାନ୍ୟ ପିଏସ୍‌ୟୁଗୁଡିକୁ ଖୋଲା ବିକ୍ରୟ ମାଧ୍ୟମରେ ଏହି ସମ୍ପତ୍ତି ପ୍ରଦାନ କରାଯିବ। ଏଥିସହିତ ଘରୋଇ ସଂସ୍ଥାଗୁଡ଼ିକୁ ନିଲାମ ପାଇଁ ରଖାଯିବ।

ଗୋଟିଏ ପଟେ ବିଏସଏନଏଲର ସମ୍ପତ୍ତି ସାରା ଦେଶରେ ରହିଥିବାବେଳେ ଏମ୍‌ଟିଏନ୍‌ଏଲ୍‌ର ସମ୍ପତ୍ତି ଦିଲ୍ଲୀ ଏବଂ ମୁମ୍ବାଇରେ ରହିଛି। ନିଲାମ ପାଇଁ ବିଏସ୍‌ଏନ୍‌ଏଲ୍ ଏକ ଉତ୍ସର୍ଗୀକୃତ ୱେବସାଇଟ୍ ବିକଶିତ କରିଛି। ଏଥିରେ ଉଭୟ କମ୍ପାନୀର ବିକ୍ରୟ ପାଇଁ ପ୍ରସ୍ତାବିତ ସମ୍ପତ୍ତି ତାଲିକା ରହିଛି। ଏହା ଅନୁଯାୟୀ, ବିଏସ୍‌ଏନ୍‌ଏଲ୍‌ର ୫୩୧ ଏବଂ ଏମ୍‌ଟିଏନ୍‌ଏଲ୍‌ର ୧୧୯ ସମ୍ପତ୍ତି ବିକ୍ରି ପାଇଁ ଉପଲବ୍ଧ। ଟେଲିକମ୍ ବିଭାଗ (ଡଟ୍)ର ବିଭିନ୍ନ କାର୍ଯ୍ୟାଳୟରେ ଅବସ୍ଥିତ ଖାଲି କୋଠାଗୁଡିକୁ ଭଡାରେ ଦିଆଯିବା ନେଇ ସୂଚନା ମଧ୍ୟ ଏହି ୱେବସାଇଟରେ ଉପଲବ୍ଧ। ତାଲିକାଭୁକ୍ତ ସମ୍ପତ୍ତିରେ ଏମ୍‌ଟିଏନ୍‌ଏଲ୍‌ର କେନ୍ଦ୍ରୀୟ ପ୍ରଶାସନିକ ବିଲଡିଂ, ସିଆର୍ ମାର୍ଗ, ଫୋର୍ଟ, ମୁମ୍ବାଇ ଏବଂ ଦିଲ୍ଲୀର କର୍ନାଟ୍ ପ୍ଲେସ୍‌ରେ ଫାୟାର ବ୍ରିଗେଡ୍ କାର୍ଯ୍ୟାଳୟ ନିକଟସ୍ଥ ଅଫିସ୍ କୋଠା ଅନ୍ତର୍ଭୁକ୍ତ। ବିକ୍ରୟ ପାଇଁ ମନୋନୀତ ସମ୍ପତ୍ତି ମଧ୍ୟରେ ସାଣ୍ଟା କ୍ରୁଜ୍ (ଡବ୍ଲୁ), ମୁମ୍ବାଇ ଏବଂ ଆନ୍ଧା ସାଲାଇରେ ଥିବା ଡିନ୍ରୋସ୍ ଟେଲିଫୋନ୍ ଏକ୍ସଚେଞ୍ଜ ବିଲ୍ଡିଂରେ ବିଏସ୍‌ଏନ୍‌ଏଲ୍ ବିଲଡିଂ ମଧ୍ୟ ରହିଛି। ଏ ସମ୍ପର୍କରେ କେନ୍ଦ୍ର ଟେଲି ଯୋଗାଯୋଗ ବିଭାଗର ସଚିବ ନୀରଜ ମିତ୍ତଲ ମେ ୨୧ ତାରିଖ ଦିନ ସମସ୍ତ କେନ୍ଦ୍ର ସରକାରୀ ବିଭାଗ ତଥା ରାଜ୍ୟ ମୁଖ୍ୟ ସଚିବଙ୍କୁ ପତ୍ର ଲେଖିଛନ୍ତି। ଏହା ମାଧ୍ୟମରେ ପିଏସ୍‌ୟୁରୁ ପ୍ରତ୍ୟକ୍ଷ ବିକ୍ରୟ ଯୋଜନାର ଲାଭ ପାଇବାକୁ ସମସ୍ତ ସରକାରୀ ସଂଗଠନଗୁଡିକୁ ଅନୁରୋଧ କରାଯାଇଛି। ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ର ପୁନର୍ଜୀବନ ଯୋଜନାର ଏକ ଅଂଶ ଭାବରେ ୨୦୧୯ ରେ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଏହି ନିଷ୍ପତ୍ତିକୁ ଅନୁମୋଦନ ଦିଆଯାଇଥିଲା। କେନ୍ଦ୍ର, ରାଜ୍ୟ ସରକାର, ପିଏସ୍‌ୟୁ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ବିକ୍ରୟ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବିଭାଗ ଯୋଗାଯୋଗ ପ୍ରତିନିଧୀଙ୍କ ବିବରଣୀ ମଧ୍ୟ ପ୍ରଦାନ କରିଛି। ଏହାପୂର୍ବରୁ ପ୍ଲଟ ବିକ୍ରି ପାଇଁ ବିଭାଗ ନୋଟିସ ଜାରି କରିଥିଲା।

**ଅଧିକାଂଶ ସମ୍ପତ୍ତି ଦିଲ୍ଲୀ ଏବଂ ମୁମ୍ବାଇରେ**

**ନିଲାମ ପାଇଁ ବିଏସ୍‌ଏନ୍‌ଏଲ୍ ବିକାଶ କରିଛି ଉତ୍ସର୍ଗୀକୃତ ୱେବସାଇଟ୍**




## ଟାଟା ଏଆଇଏ ଲାଇଫ୍ ପକ୍ଷରୁ ପଲିସି ବଦଳରେ ତତ୍କାଳ ଋଣ ସେବା

TATA AIA LIFE INSURANCE

**ଭୁବନେଶ୍ୱର,୨୮।୫ ୯ସମିସ):** ଦେଶର ଅଗ୍ରଣୀ ବୀମା କମ୍ପାନୀ ଟାଟା ଏଆଇଏ ଲାଇଫ୍ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଏକ ବୈପ୍ଲବିକ ସେବାର ଶୁଭାରମ୍ଭ କରାଯାଇଛି। ଏଥିରେ ପଲିସିଧାରକମାନେ ଜରୁରୀକାଳୀନ ପାଣ୍ଠି ଆବଶ୍ୟକତା ଥିବା ସମୟରେ ସେମାନଙ୍କ ବୀମା ପଲିସି ବଦଳରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ଋଣ ନେଇପାରିବେ ଏବଂ ସବୁଠୁ ବଡ଼ କଥା ହେଉଛି ଏଥିରେ ସେମାନଙ୍କ ବୀମା ସୁରକ୍ଷା କୌଣସି ପ୍ରକାରରେ ପ୍ରଭାବିତ ହେବନାହିଁ। ଅତ୍ୟାଧୁନିକ ମାଇଁଡିଜିଆକାଉଂଟ୍ ପୋର୍ଟାଲ୍ ଜରିଆରେ ମାତ୍ର ଏକ ମିନିଟ୍ ଭିତରେ ଗ୍ରାହକଙ୍କ ଖାତାରେ ଋଣ ରାଶି ଜମା ହୋଇଯିବ। ଏହି ସେବାର ଶୁଭାରମ୍ଭ ପରଠାରୁ ତାହା ୫୦୦ରୁ ଅଧିକ ଆବେଦନର ପ୍ରକ୍ରିୟାକରଣ କରିଥିବାବେଳେ ୫.୫ କୋଟି ଋଣ ବଣ୍ଟନ କରି ପଲିସିଧାରକଙ୍କ ନଗଦ ଆବଶ୍ୟକତାକୁ ପୂରଣ କରିପାରିଛି। ଏହି ବ୍ୟବସ୍ଥାରେ ଏକ ନିର୍ଦ୍ଦିଷ୍ଟ ପଲିସିର ସରେଣ୍ଡର ଭାଲ୍ୟୁ ବଦଳରେ ଗ୍ରାହକମାନେ ଋଣ ନେଇପାରୁଛନ୍ତି। ଏଥିରେ କମ୍ କାଗଜପତ୍ର କାମ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ହାରରେ ସେମାନେ ତୁରନ୍ତ ପାଣ୍ଠି ପାଇପାରୁଛନ୍ତି। ଗ୍ରାହକମାନେ ବାର୍ଷିକ ୮.୮୦ ପ୍ରତିଶତ ସୁଧରେ କୌଣସି ବନ୍ଧକ କିମ୍ବା କ୍ରେଡିଟ୍ ଯାଞ୍ଚ ବିନା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କରିପାରିବେ। ପାରମ୍ପରିକ ଭାବେ ବିଳମ୍ବ ଠାରୁ ଆଗକୁ ବଢ଼ି ଏହି ସେବାରେ ଗ୍ରାହକମାନେ ଆବେଦନର ଏକ ମିନିଟ୍ ଭିତରେ ଋଣ ପାଉଛନ୍ତି। ଟାଟା ଏଆଇଏର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ପରିଚାଳନା ମୁଖ୍ୟ ସଞ୍ଜୟ ଆରୋରା କହିଛନ୍ତି ଯେ, ଜରୁରୀକାଳୀନ ପାଣ୍ଠିର ଆବଶ୍ୟକତା ଯେ କୌଣସି ବ୍ୟକ୍ତିଙ୍କ ପାଇଁ ସୃଷ୍ଟି ହୋଇପାରେ ଏବଂ ଯେକୌଣସି ସମୟରେ ଆମ ମଧ୍ୟରୁ କେହି ମଧ୍ୟ ଆମର ପ୍ରିୟଜନଙ୍କ ଆର୍ଥିକ ନିରାପତ୍ତା ସହ ବୁଝାମଣା କରିବାକୁ ଚାହିଁବୁ ନାହିଁ।

## ମାଲାବାର ଗ୍ରୁପ୍ ପକ୍ଷରୁ 'ହଙ୍ଗର୍-ଫ୍ରି ୱାର୍ଲ୍ଡ ପ୍ରୋଗ୍ରାମ'ର ସମ୍ପ୍ରସାରଣ




**ଭୁବନେଶ୍ୱର,୨୮।୫(ସମିସ)**

ମାଲାବାର ଗ୍ରୁପ ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ହଙ୍ଗର୍-ଫ୍ରି ୱାର୍ଲ୍ଡ'କୁ ଅଧିକ ସହର ଓ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅଧିକ ସମ୍ପ୍ରସାରଣ କରାଯାଇଛି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଅଧିନରେ ସର୍ବାଧିକ ୩୧୦୦୦ ଖାଦ୍ୟ ପ୍ୟାକେଟ ବିତରଣ କରାଯାଉଛି, ଯାହାକୁ ମିଳିତ ଜାତିସଂଘର 'ସଷ୍ଟେନେବୁଲ ଡେଭଲପମେଣ୍ଟ ଗୋଲ୍ ୨- ଜିରୋ ହଙ୍ଗର୍' ଅଭିଯାନକୁ ସମର୍ଥନ କରିବା ପାଇଁ ଆରମ୍ଭ କରାଯାଇଥିଲା। ତେବେ ସମ୍ପ୍ରସାରଣ ଯୋଜନାର ଅଂଶ ଭାବେ ଏବେ ୫୧୦୦୦ ପର୍ଯ୍ୟନ୍ତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବିତରଣ କରାଯିବ। ଏହି ସମ୍ପ୍ରସାରଣ ଯୋଜନାକୁ ମେ' ୨୮ ତାରିଖରେ ମାଲାବାର ମୁଖ୍ୟାଳୟରେ ବିଶ୍ୱ କ୍ଷୁଧା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଆ ରାଜ୍ୟପାଳ ପି ଏସ୍ ଶ୍ରୀଧରନ ପିଲାଇ ଔପଚାରିକ ଭାବେ ଆରମ୍ଭ କରିଛନ୍ତି।

ମାଲାବାର ଗ୍ରୁପ୍ ଅଧ୍ୟକ୍ଷ, ଏମ୍ ପି ଅହମ୍ମଦ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଶ୍ରୀ ଅହମ୍ମଦ କହିଛନ୍ତି ଯେ, ଏବେ ବି ଆମ ଚାରିପାଖରେ ଅନେକ ଲୋକ ରହିଛନ୍ତି ଯିଏକି ଦିନକୁ ଗୋଟିଏ ଥରର ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଆମେ ଏହି କାର୍ଯ୍ୟକ୍ରମକୁ ଆମ ବିଶ୍ୱରୁ କ୍ଷୁଧା ଦୂର କରିବା ପାଇଁ କଠିନ ପରିଶ୍ରମ କରୁଥିବା ଉକ୍ତ ସରକାର ଓ ଏଜେନ୍ସିମାନଙ୍କ ପାଇଁ ଛୋଟ ସାହାଯ୍ୟ ଭାବେ ଶୁଭାରମ୍ଭ କରିଥିଲୁ। ହଙ୍ଗର୍ ଫ୍ରି ୱାର୍ଲ୍ଡ ପ୍ରୋଗ୍ରାମକୁ ପ୍ରତିଷ୍ଠିତ ସାମାଜ କଲ୍ୟାଣକାରୀ ଏନ୍‌ଜିଓ 'ଥାନାଲ- ଦୟା ରିହାବିଲିଟେଶନ ଟ୍ରଷ୍ଟ' ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ ଭୁବନେଶ୍ୱର ଶହୀଦନଗରସ୍ଥିତ ମାଲାବାର ଶୋ' ରୁମ୍‌ରେ ମଧ'ହଙ୍ଗର୍-ଫ୍ରି ୱାର୍ଲ୍ଡ ପ୍ରୋଗ୍ରାମ' ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟୋର ମୁଖ୍ୟ ଆସନଫ୍ ଆରାକଲ୍ ଏବଂ ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ ଉପସ୍ଥିତ ଥିଲେ।



## ଏଏମ୍/ଏନ୍‌ଏସ୍ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

AM/NS INDIA ArcelorMittal Nippon Steel India

**ଭୁବନେଶ୍ୱର,୨୮।୫(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ କେନ୍ଦ୍ରାପଡା ଜିଲାରେ ଆରମ୍ଭ କରାଯାଇଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବେ ଯୁବବର୍ଗଙ୍କ ପାଇଁ ସାହାରା ପାଲଟିଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦକ୍ଷ ଅଧୀନରେ ଜାତୀୟ ଦକ୍ଷତା ବିକା ନିଗମ ସହଯୋଗରେ କମ୍ପାନୀ ପକ୍ଷରୁ କେନ୍ଦ୍ରାପଡାରେ ଏକ ଡିଜିଟାଲ ଦକ୍ଷତା କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ର ଅବହେଳିତ ଯୁବବର୍ଗଙ୍କୁ କୌଶଳ ବିକାଶ ସମ୍ପର୍କିତ ତାଲିମ ଯୋଗାଇବ। ଏଠାରୁ ପ୍ରଥମ ବ୍ୟାଚ୍‌ରେ ୧୦୦ ସ୍ଥାନୀୟ ଯୁବକ ସଫଳତାର ସହ ପ୍ଲେସେମେଣ୍ଟ ସଂଯୁକ୍ତ ଆଇଟି ଏବଂ ଆଇଟିଇଏସ୍ ପ୍ରଶିକ୍ଷଣ ଶେଷ କରିଛନ୍ତି। ଏଥିରୁ ୮୫ ଜଣ ଚାକିରୀ ଅଫର ପାଇ ୱିପ୍ରୋ,ଟେକ୍-ମହିନ୍ଦ୍ରା, ଫ୍ଲିପ୍‌କାର୍ଟ ଏବଂ ତତ୍ତ୍ୱ ଟେକ୍ନୋଲୋଜି ଭଳି ନାମୀ କମ୍ପାନୀରେ ନିଯୁକ୍ତି ପାଇସାରିଛନ୍ତି। ଏ ସମ୍ପର୍କରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, ପ୍ରଶିକ୍ଷଣ ଶେଷ କରିଥିବା ସମସ୍ତ ଯୁବବର୍ଗଙ୍କୁ ସ୍ୱାଗତ ଜଣାଉଛୁ। ପ୍ରଥମ ବ୍ୟାଚ୍‌ର ୫୫% ହେଉଛନ୍ତି ସ୍ଥାନୀୟ ଯୁବତୀ, ଯାହାକି ଖୁସିର କଥା।

## ଘରୋଇ ବ୍ୟାଙ୍କ ବିରୁଦ୍ଧରେ ଆର୍‌ବିଆଇର କଡ଼ା କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ ୨୮।୫(ଏଜେନ୍ସି):** ଘରୋଇ ବ୍ୟାଙ୍କଗୁଡିକ ବିରୁଦ୍ଧରେ କଠୋର ହୋଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)। ଗ୍ରାହକ ସେବା ନିର୍ଦ୍ଦେଶନାମା ପାଳନ ନ କରିବାରୁ ଆଇସିଆଇସିଆଇ ଓ ୟସ୍ ବ୍ୟାଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କାର ଜରିମାନା ଲାଗୁ ହୋଇଛି। ଆରବିଆଇର ନିୟମ ଅନୁପାଳନରେ ତ୍ରୁଟି ଅଭିଯୋଗରେ ଆଇସିଆଇସିଆଇ ବ୍ୟାଙ୍କ ଉପରେ ଏହି ଜରିମାନା ଲଗାଇଛି ଆରବିଆଇ। ରିଜର୍ଭ ବ୍ୟାଙ୍କ ସେହି ବ୍ୟାଙ୍କଗୁଡିକ ଉପରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଯେଉଁଗୁଡିକ ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାରେ ଅବହେଳା କରୁଛନ୍ତି। ବର୍ତ୍ତମାନ ଦୁଇଟି ବଡ ଘରୋଇ କ୍ଷେତ୍ର ବ୍ୟାଙ୍କ କେନ୍ଦ୍ରୀୟ ବ୍ୟାଙ୍କ ଟାର୍ଗେଟରେ ଆସିଛନ୍ତି ଯେଉଁଥିରେ ସେମାନଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କା ଜରିମାନା ଲାଗୁ କରାଯାଇଛି। ଏହି ଦୁଇଟି ବ୍ୟାଙ୍କ ହେଉଛି ଆଇସିଆଇସିଆଇ ବ୍ୟାଙ୍କ ଏବଂ ୟସ୍ ବ୍ୟାଙ୍କ ଗ୍ରାହକ ସେବା ପାଇଁ ନିର୍ଦ୍ଦେଶାବଳୀକୁ ସଠିକ୍ ଭାବରେ ପାଳନ ନ କରିବାରୁ ସେମାନଙ୍କ ଉପରେ ଜରିମାନା ଲାଗୁ କରାଯାଇଛି। ନିୟମ ଅନୁପାଳନ ନ କରିବା ନେଇ ରିଜର୍ଭ ବ୍ୟାଙ୍କ ଘରୋଇ କ୍ଷେତ୍ରର ଆଇସିଆଇସିଆଇ ବ୍ୟାଙ୍କ ବିରୋଧରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ୧ କୋଟି ଟଙ୍କାର ଜରିମାନା ଲାଗୁ କରିଛି।

## ଗୋଷ୍ଠୀ ସଂପୃକ୍ତି ଉଦ୍ୟମରେ ୭.୮ ନିୟୁତ ଜୀବନରେ ପରିବର୍ତ୍ତନ ଆଣିଛି ଆମାଜନ



**ମୁମ୍ବାଇ,୨୮।୫(ସମିସ):** ଆମାଜନ ବିଭିନ୍ନ ପ୍ରଭାବଶାଳୀ ଅଭିଯାନ ଜରିଆରେ ଗୋଷ୍ଠୀକୁ ଶସକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ଜାତୀୟ ସ୍ତରରେ ଆମାଜନ ୭.୮ ନିୟୁତ ଲୋକଙ୍କ ଜୀବନକୁ ପ୍ରଭାବିତ କରିପାରିଛି। ନିଜର ବ୍ୟାପକ ସମ୍ବଳ ଓ ଅଭିନବ ଦକ୍ଷତାକୁ ବ୍ୟବହାର କରି ଆମାଜନ ଅନଗ୍ରସର ଲୋକଙ୍କୁ ଆବଶ୍ୟକ ଶିକ୍ଷା ଓ ଦକ୍ଷତା ତାଲିମ ପ୍ରଦାନ କରୁଛି। କମ୍ପ୍ୟୁଟର ସାଇନ୍ସ ଶିକ୍ଷାରେ ଥିବା ଅଭାବକୁ ଦୂର କରିବା ଲାଗି ଆମାଜନ ଫ୍ୟୁଚର ଇଞ୍ଜିନିୟର ଭଳି କାର୍ଯ୍ୟକ୍ରମ ରହିଛି ଯାହା ବିଭିନ୍ନ ବର୍ଗର ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟତ କ୍ୟାରିୟର ପାଇଁ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ପ୍ରଦାନ କରୁଛି। ଏହି ଶିକ୍ଷାଗତ ଉଦ୍ୟମକୁ ସମର୍ଥନ କରୁଛି ଅନେକ ଶିକ୍ଷାବୃତି କାର୍ଯ୍ୟକ୍ରମ। ଏହାବ୍ୟତୀତ ଆମାଜନ ଘୋଷଣା କରିଛି ଯେ ସେ ଆଶ୍ରୟ ସ୍ଥଳ ଏବଂ ସ୍ୱଚ୍ଛତା କିଟ୍ ସହିତ ଏହାର ବିପର୍ଯ୍ୟୟ ରିଲିଫ ସାମଗ୍ରୀ ପ୍ରସ୍ତୁତ କରି ରଖିଛି ଯାହାଦ୍ୱାରା କମ୍ପାନୀ ୭୨ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଆବଶ୍ୟକ କରୁଥିବା ଗୋଷ୍ଠୀ ପାଖରେ ସହାୟତା ପହଞ୍ଚାଇପାରିବ ଏବଂ ରିଲିଫ ସାମଗ୍ରୀ ପ୍ରଦାନ କରିପାରିବ। ଏଥିପାଇଁ ଆମାଜନ ଏହାର ଲଜିଷ୍ଟିକ୍ ନେଟୱାର୍କ ବ୍ୟବହାର କରି ରିଲିଫ ସାମଗ୍ରୀକୁ ଶୀଘ୍ର ଏବଂ ଦକ୍ଷତାର ସହ ସମଗ୍ର ଦେଶରେ ସ୍ଥାନାନ୍ତର କରିବ। ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟତୀତ, ଆମାଜନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମୁଦାୟରେ ନିବେଶ କରୁଛି। ମହିଳା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

# ଆର୍‌ବିଆଇ ଆଣିଲା ରିଟେଲ ଡାଇରେକ୍ଟ 'ମୋବାଇଲ୍ ଆପ୍

**ନୂଆଦିଲ୍ଲୀ,୨୮।୫(ଏଜେନ୍ସି)**




ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆଜି 'ଆରବିଆଇ ରିଟେଲ ଡାଇରେକ୍ଟ'ର ମୋବାଇଲ୍ ଆପ୍ର ଶୁଭାରମ୍ଭ କରିଛି। ଏହା ମାଧ୍ୟମରେ ଖୁଚୁରା ନିବେଶକମାନେ ଅନଲାଇନରେ ସରକାରୀ ସିକ୍ୟୁରିଟି କ୍ରୟ ଏବଂ ବିକ୍ରୟ କରିପାରିବେ। ଏହି ଆପ୍ ଉଭୟ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ହୋଇପାରିଛି। ସରକାରୀ ସିକ୍ୟୁରିଟିରେ ଖୁଚୁରା ନିବେଶକଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ନଭେମ୍ବର ୨୦୨୧ରେ ଖୁଚୁରା ପ୍ରତ୍ୟକ୍ଷ ଯୋଜନା ଆରମ୍ଭ କରାଯାଇଥିଲା। ସେବେଠାରୁ ଖୁଚୁରା ନିବେଶକମାନେ ଆର୍‌ବିଆଇରିଟେଲ ଡାଇରେକ୍ଟ ଡଟ୍‌ଓଆର୍‌ଜିଡଟ୍‌ଇନ୍ ୱେବସାଇଟ୍ ମାଧ୍ୟମରେ ସରକାରୀ ବଣ୍ଡରେ ଅର୍ଥ ବିନିଯୋଗ କରିପାରିବେ।

ରିଜର୍ଭ ବ୍ୟାଙ୍କର ଖୁଚୁରା ପ୍ରତ୍ୟକ୍ଷ ଯୋଜନା ଖୁଚୁରା ନିବେଶକମାନଙ୍କୁ ଉଭୟ ପ୍ରାଥମିକ ଏବଂ ଦ୍ୱିତୀୟ ବଜାରରୁ ଅନଲାଇନରେ ସରକାରୀ ସିକ୍ୟୁରିଟି (ଜି-ସେକ୍) କିଣିବାକୁ ଅନୁମତି ଦେଇଥାଏ। କ୍ଷୁଦ୍ର ନିବେଶକମାନେ ବର୍ତ୍ତମାନ ଏକ ଗିଲ୍ଟ ସିକ୍ୟୁରିଟି ଆକାଉଣ୍ଟ ଖୋଲି ସରକାରୀ ବଣ୍ଡରେ ବିନିଯୋଗ କରିପାରିବେ। ଏହି ଆକାଉଣ୍ଟ ରିଜର୍ଭ ବ୍ୟାଙ୍କ ସହିତ ଖୋଲାଯାଇଛି। ଉକ୍ତ ଆକାଉଣ୍ଟକୁ ରିଟେଲ ଡାଇରେକ୍ଟ ଗିଲ୍ଟ (ଆର୍‌ଡିଜି) ଆକାଉଣ୍ଟ କୁହାଯାଏ। ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍‌ରେ ଏକ ବର୍ଷରୁ କମ୍ ପରିପକ୍ୱ ଥିବା ସରକାରୀ ସିକ୍ୟୁରିଟିଗୁଡ଼ିକୁ ଟ୍ରେଜେରୀ ବିଲ୍ କୁହାଯାଏ। ଜୁଲାଇ ୧୨ରେ ପ୍ରକାଶ ପାଇଥିବା ଆରବିଆଇ ବିଜ୍ଞପ୍ତି ଅନୁଯାୟୀ

ଜଣେ ଖୁଚୁରା ନିବେଶକ ଏକ ଆର୍‌ଡିଜି ଆକାଉଣ୍ଟ ଖୋଲିପାରିବେ। ଏଥିପାଇଁ ତାଙ୍କୁ କିଛି ନିୟମ ଅନୁସରଣ କରିବାକୁ ପଡିବ। ଭାରତରେ ବ୍ୟାଙ୍କ ଆକାଉଣ୍ଟ ସଞ୍ଚୟ କରିବାକୁ ପଡିବ। ପାନ୍ କାର୍ଡ ସହିତ, ତାଙ୍କ ପାଖରେ ଆଧାର କାର୍ଡ, ଭୋଟର ଆଇଡି କିମ୍ବା କେୱାଇସି ପାଇଁ କୌଣସି ଅଫିସିଆଲ୍ ଡକ୍ୟୁମେଣ୍ଟ ରହିବା ଜରୁରୀ। ଏକ ଆର୍‌ଡିଜି ଖାତା ଖୋଲିବାବେଳେ ଏକ ଇମେଲ୍ ଆଇଡି ଏବଂ ପଞ୍ଜୀକୃତ ମୋବାଇଲ୍ ନମ୍ବର ମଧ୍ୟ ପ୍ରଦାନ କରିବାକୁ ପଡିବ। ନିଜ ନାମରେ କିମ୍ବା ଅନ୍ୟ ଖୁଚୁରା ନିବେଶକଙ୍କ ସହ ମିଳିତ ଭାବରେ ଆର୍‌ଡିଜି ଆକାଉଣ୍ଟ ଖୋଲାଯାଇପାରିବ, କିନ୍ତୁ ଅନ୍ୟ ନିବେଶକଙ୍କୁ ମଧ୍ୟ ସମସ୍ତ ନିୟମ ପାଳନ କରିବାକୁ ପଡ଼ିବ। ଆର୍‌ଡିଜି ଖାତା ପାଇଁ କୌଣସି ଦେୟ ଦେବାକୁ ପଡିବନାହିଁ।

**ଖୁଚୁରା ନିବେଶକମାନେ ଅନଲାଇନ୍‌ରେ ସରକାରୀ ସିକ୍ୟୁରିଟି କ୍ରୟ ଏବଂ ବିକ୍ରୟ କରିପାରିବେ**



# 'ଚନ୍ଦୁ ଚାମ୍ପିୟନ୍'ର ଗୀତ ରିଲିଜ୍

## ଟ୍ରେନ୍ ଉପରେ ନାଚିଲେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ଅଭିନୀତ ଫିଲ୍ମ 'ଚନ୍ଦୁ ଚାମ୍ପିୟନ୍'ର ପ୍ରଥମ ଗୀତ 'ସତ୍ୟାନାଶ' ନିକଟରେ ରିଲିଜ୍ ହୋଇଛି। ସାଜିଦ୍ ନାଡିୟାଡୱାଲା ଓ କବୀର ଖାନ୍‌ଙ୍କ ଏହି ଫିଲ୍ମରେ କାର୍ତ୍ତିକ୍ ପୂରାପୂରି ଅଲଗା ରୂପରେ ଦେଖାଯିବେ। 'ସତ୍ୟାନାଶ' ନାମକ ଏହି ଗୀତଟିକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଗୀତରେ କାର୍ତ୍ତିକ୍ ବେଶ୍ ମଜାଳିଆ ଅନ୍ଦାଜରେ ନଜର ଆସିଛନ୍ତି। ଗୀତରେ କାର୍ତ୍ତିକ୍ ଓ ତାଙ୍କ ସାଥୀ କ୍ୟାଡେଟ୍‌ମାନେ ଏକ ନୂଆ ଜୀବନର ଖୁସି ଟ୍ରେନ୍‌ରେ ମନାଉଥିବାର ଦେଖାଯାଇଛି। ଏଥିରେ କାର୍ତ୍ତିକ୍ ଓ ତାଙ୍କ ସାଥୀମାନେ ଟ୍ରେନ୍ ଉପରେ ମଧ୍ୟ ନାଚୁଥିବାର ଦୃଶ୍ୟ ରହିଛି। ଏହାପୂର୍ବରୁ 'ଦିଲ୍‌ସେ' ଫିଲ୍ମର 'ଚଲ ଛେୟାଁ ଛେୟାଁ' ଗୀତରେ ଶାହାରୁଖ୍ ଖାନ୍ ଓ ମଲାଇକା ଆରୋରା ଟ୍ରେନ୍ ଉପରେ ନାଚି ଚର୍ଚ୍ଚାକୁ ଆସିଥିଲେ। ଏହି ଫିଲ୍ମ ଏଇ ଜୁନ୍ ୧୪ ରେ ସିନେମାହଲ୍‌କୁ ଆସିବ। କାର୍ତ୍ତିକ୍ ତାଙ୍କ ଫିଲ୍ମ କ୍ୟାରିୟର୍‌ର ସବୁଠୁ ଭଲ ପ୍ରଦର୍ଶନ ଏହି ଫିଲ୍ମ ମାଧ୍ୟମରେ କରିବେ ବୋଲି ଚର୍ଚ୍ଚା ହେଉଛି।

# ବୋହୂଙ୍କୁ ଜୋତା ମନା





ଭାରତରେ ବସବାସ କରୁଥିବା ପ୍ରତ୍ୟେକ ସମାଜର ଲୋକଙ୍କ ସଂସ୍କୃତି ଓ ଜୀବନଶୈଳୀ ପରସ୍ପର ଠାରୁ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ ଏପରି କିଛି ପରମ୍ପରା ରହିଛି ଯାହାକୁ ଲୋକେ ପିଢ଼ି ପରେ ପିଢ଼ି ପାଳନ କରିଆସୁଛନ୍ତି। ଏପରି ଏକ ଅଜବ ପରମ୍ପରା ମଧ୍ୟପ୍ରଦେଶ, ଛତରପୁର ଜିଲ୍ଲାରୁ ୧୩୫ କିଲୋମିଟର ଦୂରରେ ଥିବା ମାନକୀ ଗାଁରେ ଦେଖିବାକୁ ମିଳେ। ପାହାଡ଼ ଉପରେ ଅବସ୍ଥିତ ଏହି ଆଦିବାସୀ ଗାଁରେ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପରିବାର ପାଖାପାଖି ୨୦୦ ବର୍ଷ ଧରି ଏକ ଅଜବ ପରମ୍ପରା ପାଳନ କରି ଆସୁଛନ୍ତି। ଏହି ଗାଁର ବୋହୂମାନଙ୍କୁ ଗୁରୁଜନମାନଙ୍କ ସମ୍ମୁଖରେ ଜୋତା ପିନ୍ଧିବା ମନା। ଯଦି ଘରର ବୋହୂ ଗୁରୁଜନଙ୍କ ଆଗରେ ଜୋତା ପିନ୍ଧି ବୁଲେ ତାହେଲେ ତାଙ୍କୁ ଶିଷ୍ଟାଚାରହୀନ ବୋଲି କୁହାଯାଏ। ତେଣୁ ଘରର ବୋହୂମାନେ ଯେତେବେଳେ କୌଣସି ବୟସ୍କ ଲୋକଙ୍କୁ ଦେଖନ୍ତି ଜୋତାକୁ ହାତରେ ଧରନ୍ତି ନଚେତ୍ ମୁଣ୍ଡ ଉପରେ ଥୋଇ ଦିଅନ୍ତି। ଅବଶ୍ୟ ଏଭଳି ନିୟମ ଘରର ଝିଅମାନଙ୍କ ପାଇଁ ନାହିଁ। କାଳେ ଗାଁର ବୋହୂମାନେ ନିୟମ ଭାଙ୍ଗିଦେବେ ଏଠାକାର ଅଧିକାଂଶ ମହିଳା ଏଥିପାଇଁ ଜୋତା କିଣି ନ ଥାନ୍ତି। ଏବେ ଏହି ଗାଁକୁ ବୋହୂ ହୋଇ ଆସୁଥିବା କିଛି ମହିଳା ଏହି ନିୟମକୁ ଭାଙ୍ଗୁଥିବା ଦେଖାଯାଉଛି। କିନ୍ତୁ ଗାଁର ପୁରୁଖା ଲୋକେ ଏଭଳି ନିୟମ ଭାଙ୍ଗିବା ଦ୍ୱାରା ଗାଁକୁ ବିପଦ ଆସିପାରେ ବୋଲି କହୁଛନ୍ତି।

## ପ୍ରେମ ଆଗରେ ହାର୍ ମାନିଛି ବୟସ

# ବରକୁ ୧୦୦ ବରଷ କନିଆକୁ ୧୦୨

ପ୍ରେମ ଆଗରେ ହାର୍ ମାନିଛି ବୟସ। ଆମେରିକାର ପେନ୍‌ସିଲ୍‌ଭାନିଆର ମାର୍ଜୋରି ଫଟରମ୍ୟାନ୍ ଓ ବର୍ଣ୍ଣ ଲିଟ୍‌ମ୍ୟାନ୍ ବୟସ ଅପରାହ୍ଣରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମାର୍ଜୋରିଙ୍କ ବୟସ ୧୦୨ ବର୍ଷ ହୋଇଥିବାବେଳେ ବର୍ଣ୍ଣଙ୍କ ବୟସ ୧୦୦ ବର୍ଷ। ଉଭୟ ଦୀର୍ଘ ନଅ ବର୍ଷ ହେଲାଣି ପରସ୍ପରକୁ ଡେଟ୍ କରୁଛନ୍ତି। ଯେତେବେଳେ ଏହି ଦୁଇ ଜଣ ବିବାହ କଥା ନିଜ ନିଜ ପରିବାର ଲୋକଙ୍କୁ କହିଥିଲେ ଏହା ଶୁଣି ସମସ୍ତେ ଖୁସି ହୋଇଯାଇଥିଲେ। ଉଭୟ ଗଲା ୧୯ ତାରିଖରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ତେବେ ସେମାନେ ବିବାହ କରିବା ପରେ ବିଶ୍ୱର ସବୁଠୁ ବୟସ୍କ ବର କନିଆ ହୋଇଯାଇଛନ୍ତି। ଏବେ ଏହି ରେକର୍ଡ ବ୍ରିଟେନ୍‌ର ଡୋରେନ୍ ଓ ଜର୍ଜ କିର୍ବିଙ୍କ ନାମରେ ରହିଛି। ଏ ଦୁହେଁ ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେତେବେଳେ ଉଭୟଙ୍କର ସମୁଦାୟ ବୟସ ୧୯୪ ବର୍ଷ ୨୭୯ ଦିନ ଥିଲା। ଏହିକ୍ରମରେ ଏବେ ମାର୍ଜୋରି ଓ ବର୍ଣ୍ଣଙ୍କର ସମୁଦାୟ ବୟସ ୨୦୨ ବର୍ଷ ହେଉଛି। ଉଭୟଙ୍କର ବିବାହ ସାର୍ଟିଫିକେଟ୍ ଗିନିଜ୍ ବିଶ୍ୱ ରେକର୍ଡକୁ ପଠାଯାଇଛି।



### ଆଜିର ଦିନରେ

- ୧୭୨୭- ପିଟର ଦ୍ୱିତୀୟ ୧୧ ବର୍ଷ ବୟସରେ ରୁଷ୍‌ର ଜାର୍ ହେଲେ।
- ୧୯୭୦- ସୋଭିଏତ୍ ସଂଘ ଭୂତଳ ପରମାଣୁ ପରୀକ୍ଷା କଲା।
- ୧୯୮୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଦେହାନ୍ତ।
- ୨୦୦୭- ଜାପାନର ରିୟୋ ମେରି ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।

### ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।



# ନାଇଟ୍ ସିଫ୍ଟ ପାଇଁ ପ୍ରାକ୍ ପ୍ରସ୍ତୁତି

ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ଏଥିପାଇଁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏପରିକି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ କରିପାରନ୍ତି ନାହିଁ। ତେବେ କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ସମୟ ସାରଣୀରେ କାମ କରିବା ଦ୍ୱାରା ସବୁ କାମ ଠିକ୍ ଭାବେ ହେବା ସହ ମାନସିକ ଚାପ ରହେ ନାହିଁ।
- ରାତିରେ କାମ କରିବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ତେଣୁ ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି।
- ଶକ୍ତି ବୃଦ୍ଧି ପାଇଁ ଡାଏଟ୍‌ରେ ଫଳ ଓ ରାତ୍ରି ଭୋଜନରେ ସାଲାଡ୍ ଖାଇବା ଉଚିତ।
- ରାତିରେ ବସି କାମ କରିବା ସହଜ ନୁହେଁ। ନଟ୍‌ସ ଆଦି ସ୍ନାକ୍ସ ଖାଇବା ଭଲ।
- ନାଇଟ୍ ସିଫ୍ଟକୁ ଯିବା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଥକ୍କା ଲାଗେ ନାହିଁ।
- ରାତିରେ କାମ କରିବା ସମୟରେ ମଝିରେ ମଝିରେ ବିରତି ନେବା ଆବଶ୍ୟକ।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ହାଇଡ୍ରେଟ୍ ରୁହନ୍ତୁ। ପ୍ରଚୁର ପାଣି ପିଅନ୍ତୁ।

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଅନେକ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

- ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ।
- ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ।
- ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏ ନାହିଁ।
- କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ ଭରିବାକୁ ଦେଲେ ଦୁଇ ଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ, ସମସ୍ତଙ୍କ ଚିନ୍ତାଧାରା ଭିନ୍ନ।
- କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।

# ସମ୍ଭାବନା



## ଫୁଡ୍ ଷ୍ଟାଇଲିଷ୍ଟ

ବୃତ୍ତିଗତ ଶିକ୍ଷା

ଖାଦ୍ୟ 'ଆଖି ରୋଚକ' ହେଲେ ହିଁ ଖାଇବା ପାଇଁ ଆଗ୍ରହ ଆସେ। ଏହାକୁ ଦୃଷ୍ଟିରେ ରଖି ଆଜିକାଲି ଖାଦ୍ୟ ସାଜସଜ୍ଜା ଉପରେ ରେସ୍ତୋରାଁ, ହୋଟେଲ ଆଦି ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେବେ ଖାଦ୍ୟକୁ ସୁନ୍ଦର ଭାବେ ସଜାଇ ପରଷିବା କାମକୁ 'ଫୁଡ୍ ଷ୍ଟାଇଲିଂ' କୁହାଯାଏ। ଆଉ ଯେଉଁମାନେ ଏହି କାମ କରନ୍ତି, ସେମାନେ 'ଫୁଡ୍ ଷ୍ଟାଇଲିଷ୍ଟ' ଭାବେ ପରିଚିତ। ସେହିପରି ଦିନକୁ ଦିନ ଖାଦ୍ୟ ଉଦ୍ୟୋଗର ଚାହିଦା ବୃଦ୍ଧି ପାଉଥିବାରୁ ଏ ଦିଗରେ ଉତ୍ତମ କ୍ୟାରିୟର୍ କରିବାର ସୁଯୋଗ ରହିଛି।



### ରୋଜଗାର

ଏ କ୍ଷେତ୍ରରେ ଭଲ ରୋଜଗାର କରିବା ସମ୍ଭବ। ମୁଖ୍ୟତଃ ଏଥିରେ କାମକୁ ଦେଖି ପାରିଶ୍ରମିକ ସ୍ଥିର କରାଯାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୫ରୁ ୩୦ ହଜାର ଟଙ୍କା ଦରମା ମିଳେ ଏବଂ ଅଭିଜ୍ଞତା ଅନୁସାରେ ଦରମା ବୃଦ୍ଧି ପାଏ।

### ଶିକ୍ଷାଗତ ଯୋଗ୍ୟତା

ଏ ଲାଗି ନିର୍ଦ୍ଦିଷ୍ଟ କିଛି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ। ତେବେ ଯୁକ୍ତ ଦୁଇ ପାସ୍ କରିବା ଅନିବାର୍ଯ୍ୟ। ଏହାପରେ କୁଲିନାରି ଆର୍ଟରେ ଟ୍ରେନିଂ ନେଇପାରିବେ। ଏହାବାଦ୍ ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ କରିପାରିବେ।

### ନିଯୁକ୍ତି ସୁଯୋଗ

ବହି ପ୍ରକାଶନ ସଂସ୍ଥା, ମାଗାଜିନ୍ ଏବଂ ଆଡଭଟାଇଜିଂ ଏଜେନ୍ସି, କିଚେନ ମାର୍କେଟ୍, ରିଟେଲ ଷ୍ଟୋର୍, ରେସ୍ତୋରାଁ, ଫୁଡ୍ ଚେନ୍, ଫୁଡ୍ ପ୍ୟାକେଜିଂ ଇଣ୍ଡଷ୍ଟ୍ରି, ଟେଲିଭିଜନ ଏବଂ ଫିଲ୍ମ ପ୍ରଡକସନ ହାଉସ୍ ଆଦିରେ ଫୁଡ୍ ଷ୍ଟାଇଲିଷ୍ଟଙ୍କୁ ନିଯୁକ୍ତି ମିଳିଥାଏ। ଏହାବାଦ୍ ଫ୍ରିଲାନ୍ସିଂ କରି ମଧ୍ୟ କାମ କରିପାରିବେ।



### ଜ୍ଞାନ କୌଶଳ

- ସୃଜନାତ୍ମକ ଜ୍ଞାନ
- ଧୈର୍ଯ୍ୟ
- କାର୍ଯ୍ୟକ୍ଷମତା
- ବୈଷୟିକ ଜ୍ଞାନ
- ଖାଦ୍ୟ ପ୍ରତି ରୁଚି
- ଫଟୋଗ୍ରାଫି ଏବଂ ଖାଦ୍ୟ ଜ୍ଞାନ

### ପ୍ରମୁଖ ସଂସ୍ଥାନ

- ଫୁଡ୍ କ୍ରାଫ୍ଟ ଇନ୍‌ଷ୍ଟିଚ୍ୟୁଟ୍, ପୁଣେ
- ଇନ୍ଦିରା ଗାନ୍ଧୀ ନ୍ୟାସ୍‌ନାଲ୍ ଓପନ୍ ୟୁନିଭର୍ସିଟି, ନୂଆଦିଲ୍ଲୀ

# ଷ୍ଟାଟସ୍‌ରେ ଅଡିଓ ମେସେଜ୍

ହ୍ୱାଟ୍ସଆପ୍ ଏହାର ବ୍ୟବହାରକାରୀଙ୍କ ପାଇଁ ନୂଆ ଫିଚର୍ ସାମ୍ନାକୁ ଆଣୁଛି। ଏହି କ୍ରମରେ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ନୂଆ ଫିଚର୍ ଆସିଛି। ଯାହାର ନାଁ 'ଭଏସ୍ ଷ୍ଟାଟସ୍ ଅପଡେଟ୍।' ଏହି ଫିଚର୍ ମାଧ୍ୟମରେ ଏଣିକି ହ୍ୱାଟ୍ସଆପ୍‌ରେ ଗୋଟିଏ ମିନିଟ୍‌ର ଭଏସ୍ କ୍ଲିପ୍ ଷ୍ଟାଟସ୍‌ରେ ପୋଷ୍ଟ କରି ହେବ। ଅଡିଓ ମେସେଜ ସେୟାର୍ କରୁଥିବା ବ୍ୟବହାରକାରୀଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ। ଆଇଓଏସ୍ ବ୍ୟବହାରକାରୀ ଏହି ନୂଆ ଫିଚର୍‌ର ଉପଯୋଗ ଷ୍ଟାଟସ୍ ଟ୍ୟାବ୍‌ରୁ କରିପାରିବେ। ଏଠାରେ ଫଟୋ ଏବଂ ଭିଡିଓ ସହିତ ଭଏସ୍ କ୍ଲିପ୍‌କୁ ଷ୍ଟାଟସ୍‌ରେ ପୋଷ୍ଟ କରିବା ପାଇଁ ଏକ ନୂଆ ମାଇକ୍ ଆଇକନ୍ ଦେଖିବାକୁ ମିଳିବ। ଏହି ଆଇକନ୍ ଉପରେ କ୍ଲିକ୍ କରି ଗୋଟିଏ ମିନିଟ୍ ପର୍ଯ୍ୟନ୍ତ ଭଏସ୍ ରେକର୍ଡ କରି ପୋଷ୍ଟ କରିପାରିବେ।



# ୨୦୨୪

## ଆଉ ୩ ଦିନ

# ଟି-୨୦ ବିଶ୍ୱକପ

ବିଶ୍ୱର ସବୁଠାରୁ ଲୋକପ୍ରିୟ ଫର୍ମାଟ ଟି-୨୦ର ବିଶ୍ୱକପ୍ ଏବେ ଆମେରିକାରେ ପହଞ୍ଚିଛି। ପ୍ରଥମଥର ଲାଗି ଏଥର ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଏହି ବିଶ୍ୱକପ୍ ଖେଳାଯିବ। ଜୁନ୍ ୧ରେ ଆମେରିକାର ଡଲାସରୁ ଆରମ୍ଭ ହୋଇ ୱେଷ୍ଟଇଣ୍ଡିଜ୍‌ର ବାର୍ବାଡୋସର କିଙ୍ଗଷ୍ଟନ୍‌ରେ ଜୁନ୍ ୨୯ ତାରିଖରେ ଶେଷ ହେବ। ଏଥିରେ ପ୍ରଥମଥର ୨୦ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ମୋଟ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ସମୟ ଅନୁସାରେ ଜୁନ୍ ୨ରୁ ଏହି ଖେଳ ଆରମ୍ଭ ହେବ। ଏଥର ପ୍ରଥମଥର ୨ଟି ଦେଶ ଏହି ମେଗା ଇଭେଣ୍ଟକୁ ଆୟୋଜନ କରୁଛନ୍ତି। ଅନେକ ନୂଆ କଥାକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି।

### ଟି-୨୦ ବିଶ୍ୱକପ୍ ଖେଳସୂଚୀ

| ତାରିଖ | କାହା ମଧ୍ୟରେ | ଗ୍ରୁପ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| ଜୁନ୍ ୦୨ | ଆମେରିକା-କାନାଡା | ଏ | ଡଲାସ | ସକାଳ ୬ଟା |
| ଜୁନ୍ ୦୨ | ୱେଷ୍ଟଇଣ୍ଡିଜ୍- ପିଏନ୍‌ଜି | ସି | ଗୁଏନା | ରାତି ୮ଟା |
| ଜୁନ୍ ୦୩ | ନାମିବ୍ୟା-ଓମାନ | ବି | ବାର୍ବାଡୋସ୍ | ସକାଳ ୬ଟା |
| ଜୁନ୍ ୦୩ | ଶ୍ରୀଲଙ୍କା-ଦ.ଆଫ୍ରିକା | ଡି | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୪ | ଆଫଗାନିସ୍ତାନ-ଉଗାଣ୍ଡା | ସି | ଗୁଏନା | ସକାଳ ୬ଟା |
| ଜୁନ୍ ୦୪ | ଇଂଲଣ୍ଡ-ସ୍କଟଲାଣ୍ଡ | ବି | ବାର୍ବାଡୋସ୍ | ରାତି ୮ଟା |
| ଜୁନ୍ ୦୪ | ନେଦରଲାଣ୍ଡ୍ସ-ନେପାଳ | ଡି | ଡଲାସ | ରାତି ୯ଟା |
| **ଜୁନ୍ ୦୫** | **ଭାରତ-ଆୟର୍ଲାଣ୍ଡ** | **ଏ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ୍ ୦୬ | ପିଏନ୍‌ଜି-ଉଗାଣ୍ଡା | ସି | ଗୁଏନା | ସକାଳ ୫ଟା |
| ଜୁନ୍ ୦୬ | ଅଷ୍ଟ୍ରେଲିଆ-ଓମାନ | ବି | ବାର୍ବାଡୋସ | ସକାଳ ୬ଟା |
| ଜୁନ୍ ୦୬ | ଆମେରିକା-ପାକିସ୍ତାନ | ଏ | ଡଲାସ | ରାତି ୯ଟା |
| ଜୁନ୍ ୦୬ | ନାମିବ୍ୟା-ସ୍କଟଲାଣ୍ଡ | ବି | ବାର୍ବାଡୋସ | ରାତି ୧୨ ଟା ୩୦ |
| ଜୁନ୍ ୦୭ | କାନାଡା-ଆୟର୍ଲାଣ୍ଡ | ଏ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୮ | ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ସି | ଗୁଏନା | ସକାଳ ୫ଟା |
| ଜୁନ୍ ୦୮ | ଶ୍ରୀଲଙ୍କା-ବାଂଲାଦେଶ | ଡି | ଡଲାସ | ସକାଳ ୬ଟା |
| ଜୁନ୍ ୦୮ | ଦ.ଆଫ୍ରିକା-ନେଦରଲାଣ୍ଡ୍ସ | ଡି | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୮ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ବି | ବାର୍ବାଡୋସ | ରାତି ୧୦ଟା ୩୦ |
| ଜୁନ୍ ୦୯ | ୱେଷ୍ଟଇଣ୍ଡିଜ୍-ଉଗାଣ୍ଡା | ସି | ଗୁଏନା | ସକାଳ ୬ଟା |
| **ଜୁନ୍ ୦୯** | **ଭାରତ-ପାକିସ୍ତାନ** | **ଏ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ୍ ୦୯ | ଓମାନ-ସ୍କଟଲାଣ୍ଡ | ବି | ଆଣ୍ଟିଗୁଆ | ରାତି ୧୦ ଟା |
| ଜୁନ୍ ୧୦ | ଦ.ଆଫ୍ରିକା-ବାଂଲାଦେଶ | ଡି | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୧୧ | ପାକିସ୍ତାନ-କାନାଡା | ଏ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୧୨ | ଶ୍ରୀଲଙ୍କା-ନେପାଳ | ଡି | ଫ୍ଲୋରିଡା | ସକାଳ ୫ଟା |
| ଜୁନ୍ ୧୨ | ଅଷ୍ଟ୍ରେଲିଆ-ନାମିବ୍ୟା | ବି | ଆଣ୍ଟିଗୁଆ | ସକାଳ ୬ଟା |
| **ଜୁନ୍ ୧୨** | **ଭାରତ-ଆମେରିକା** | **ଏ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ୍ ୧୩ | ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ | ସି | ତ୍ରିନିଦାଦ୍ | ସକାଳ ୬ଟା |
| ଜୁନ୍ ୧୩ | ବାଂଲାଦେଶ-ନେଦରଲାଣ୍ଡ୍ସ | ଡି | ସେଣ୍ଟ ଭିନ୍‌ସେଣ୍ଟ | ରାତି ୮ଟା |
| ଜୁନ୍ ୧୩ | ଇଂଲଣ୍ଡ-ଓମାନ | ବି | ଆଣ୍ଟିଗୁଆ | ରାତି ୧୨ ଟା ୩୦ |
| ଜୁନ୍ ୧୪ | ଆଫଗାନିସ୍ତାନ-ପିଏନ୍‌ଜି | ସି | ତ୍ରିନିଦାଦ୍ | ସକାଳ ୬ଟା |
| ଜୁନ୍ ୧୪ | ଆମେରିକା-ଆୟର୍ଲାଣ୍ଡ | ଏ | ଫ୍ଲୋରିଡା | ରାତି ୮ଟା |
| ଜୁନ୍ ୧୫ | ଦ.ଆଫ୍ରିକା-ନେପାଳ | ଡି | ସେଣ୍ଟ ଭିନ୍‌ସେଣ୍ଟ | ସକାଳ ୫ଟା |
| ଜୁନ୍ ୧୫ | ନ୍ୟୁଜିଲାଣ୍ଡ- ଉଗାଣ୍ଡା | ସି | ତ୍ରିନିଦାଦ୍ | ସକାଳ ୬ଟା |
| **ଜୁନ୍ ୧୫** | **ଭାରତ- କାନାଡା** | **ଏ** | **ଫ୍ଲୋରିଡା** | **ରାତି ୮** |
| ଜୁନ୍ ୧୫ | ଇଂଲଣ୍ଡ-ନାମିବ୍ୟା | ବି | ଆଣ୍ଟିଗୁଆ | ରାତି ୧୦ଟା ୩୦ |
| ଜୁନ୍ ୧୬ | ଅଷ୍ଟ୍ରେଲିଆ- ସ୍କଟଲାଣ୍ଡ | ବି | ସେଣ୍ଟ ଲୁସିଆ | ସକାଳ ୬ଟା |
| ଜୁନ୍ ୧୬ | ପାକିସ୍ତାନ- ଆୟର୍ଲାଣ୍ଡ | ଏ | ଫ୍ଲୋରିଡା | ରାତି ୮ଟା |
| ଜୁନ୍ ୧୭ | ବାଂଲାଦେଶ- ନେପାଳ | ଡି | ସେଣ୍ଟ ଭିନ୍‌ସେଣ୍ଟ | ସକାଳ ୫ଟା |
| ଜୁନ୍ ୧୭ | ଶ୍ରୀଲଙ୍କା-ନେଦରଲାଣ୍ଡ୍ସ | ଡି | ସେଣ୍ଟ ଲୁସିଆ | ସକାଳ ୬ଟା |
| ଜୁନ୍ ୧୭ | ନ୍ୟୁଜିଲାଣ୍ଡ- ପିଏନ୍‌ଜି | ସି | ତ୍ରିନିଦାଦ୍ | ରାତି ୮ଟା |
| ଜୁନ୍ ୧୮ | ୱେଷ୍ଟଇଣ୍ଡିଜ୍-ଆଫଗାନିସ୍ତାନ | ସି | ସେଣ୍ଟ ଲୁସିଆ | ସକାଳ ୬ଟା |
| **ସୁପର-୮ ପର୍ଯ୍ୟାୟ ଜୁନ୍ ୧୯ ରୁ ଜୁନ୍ ୨୪** | | | | |
| ଜୁନ୍ ୨୭ | ପ୍ରଥମ ସେମିଫାଇନାଲ | | ତ୍ରିନିଦାଦ | ସକାଳ ୬ଟା |
| ଜୁନ୍ ୨୭ | ଦ୍ୱିତୀୟ ସେମିଫାଇନାଲ | | ଗୁଏନା | ରାତି ୮ଟା |
| ଜୁନ୍ ୨୯ | ଫାଇନାଲ | | ବାର୍ବାଡୋସ | ରାତି ୭ ଟା ୩୦ |

### ଗ୍ରୁପ୍ ତାଲିକା

| | |
|---|---|
| ଗ୍ରୁପ୍-ଏ | ଭାରତ, ପାକିସ୍ତାନ, ଆମେରିକା,ଆୟର୍ଲାଣ୍ଡ, କାନାଡ଼ା |
| ଗ୍ରୁପ୍-ବି | ଇଂଲଣ୍ଡ, ଅଷ୍ଟ୍ରେଲିଆ,ସ୍କଟ୍‌ଲାଣ୍ଡ, ନାମିବ୍ୟା, ଓମାନ |
| ଗ୍ରୁପ୍-ସି | ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ପିଏନ୍‌ଜି, ଉଗାଣ୍ଡା |
| ଗ୍ରୁପ୍-ଡ଼ି | ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ନେଦରଲାଣ୍ଡ୍ସ |

ବି.ଦ୍ର.: ପିଏନ୍‌ଜି-ପାପୁଆ ନିଉ ଗିନି

ICC MEN'S T20 WORLD CUP WEST INDIES & USA 2024



ଏବେ କ୍ରିକେଟର ଟି-୨୦ ଫର୍ମାଟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛି। ଏଣୁ ଏହାକୁ ଅଧିକ ଲୋକପ୍ରିୟ କରିବା ଲାଗି ଆମେରିକା ଭଳି ବିତ୍ତଶାଳୀ ଦେଶରେ ବିଶ୍ୱକପ୍‌ର ୯ମ ସଂସ୍କରଣକୁ ୱେଷ୍ଟଇଣ୍ଡିଜ ସହ ମିଳିତଭାବେ ଆୟୋଜନ କରିବା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର କ୍ରିକେଟ ପ୍ରସାରଣ ଯୋଜନାକୁ ଯେ ଉତ୍ସାହିତ ଲାଗି ଉଦ୍ଦିଷ୍ଟ ଏହା ନିଃସନ୍ଦେହରେ କୁହାଯାଇପାରେ। ଏପରି ସ୍ଥଳେ ବିଶ୍ୱର ସର୍ବାଧିକ ୨୦ଟି ଦେଶ ଏଥର ଅଂଶଗ୍ରହଣ କରିବାକୁ ସୁଯୋଗ ଦେବା ମଧ୍ୟ ଆଉ ଏକ ପଦକ୍ଷେପ। ୨୦୦୭ରେ ଦକ୍ଷିଣ ଆଫ୍ରିକାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ହୋଇଆସୁଛି ଓ ଏବେ ସୁଦ୍ଧା ଏହାର ୮ଟି ସଂସ୍କରଣ ସଫଳତାର ସହ ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣ ଜୁନ୍ ୧ରୁ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆରମ୍ଭ ହେବାକୁ ଯାଉଛି।

### ୨ ଆୟୋଜକ ଓ ୯ଟି ଭେନ୍ୟୁ

ଏହି ପ୍ରତିଯୋଗିତା ଭାରତରେ ଜୁନ୍ ୨ରୁ ଆରମ୍ଭ ହେବ। ପ୍ରଥମଥର ଲାଗି ଏହା ଆମେରିକାରେ ଏବଂ ୱେଷ୍ଟଇଣ୍ଡିଜ୍‌ରେ ଦ୍ୱିତୀୟ ଥର ଏହି ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଉଭୟ ଦେଶ ମିଳିତଭାବେ ଏହି ବିଶ୍ୱକପ୍‌କୁ ଆୟୋଜନ କରିବାକୁ ବିଡ୍ ଉପସ୍ଥାପନ କରିଥିଲେ ଓ ତାହା ଆଇସିସି ବୋର୍ଡ ଦ୍ୱାରା ଗୃହୀତ ହୋଇଥିଲା। ଏହା ଫଳରେ ମୋଟ ୯ଟି ଭେନ୍ୟୁରେ ଏହି ଟୁର୍ଣ୍ଣାମେଣ୍ଟର ୫୫ଟି ମ୍ୟାଚ୍ ଖେଳାଯିବାକୁ ସ୍ଥିର କରାଯାଇଛି। ଏହା ମଧ୍ୟରୁ ଆମେରିକାର ୩ଟି ଭେନ୍ୟୁରେ ୧୬ଟି ଓ ୱେଷ୍ଟଇଣ୍ଡିଜ୍‌ର ୬ଟି ଦ୍ୱୀପପୁଞ୍ଜରେ ଅବଶିଷ୍ଟ ମ୍ୟାଚ୍ ଖେଳାଯିବ। ନକ୍‌ଆଉଟର ୩ଟି ଯାକ ମୁକାବିଲା ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ପ୍ରଥମ ସେମିଫାଇନାଲ ତ୍ରିନିଦାଦ ଓ ଟବାଗୋ ଏବଂ ଦ୍ୱିତୀୟ ସେମିଫାଇନାଲ ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ବାର୍ବାଡୋସ୍‌ର ବ୍ରିଜ୍‌ଟାଉନ୍‌ରେ ଥିବା କେନିଙ୍ଗଟନ ଓଭାଲରେ ଜୁନ୍ ୨୯ ତାରିଖ ଭାରତୀୟ ସମୟ ରାତି ୭ଟା୩୦ରେ ଖେଳାଯିବ।

### ଅଂଶଗ୍ରହଣକାରୀ ଦେଶ ୨୦

କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଲାଗି ଏଥର ୨୦ଟି ଦେଶକୁ ଏହି ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ଦିଆଯାଇଛି। ଏହା ମଧ୍ୟରୁ ୨୦୨୨ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୮ଟି ସ୍ଥାନ ଅଧିକାର କରିଥିବା ଦଳ ଏବଂ ଦୁଇଟି ଆୟୋଜକ ଦେଶ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ବ୍ୟତୀତ ଆଇସିସି ମାନ୍ୟତାରେ ଏମାନଙ୍କ ପଛକୁ ଦୁଇଟି ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ଟିମ୍ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟ ୮ଟି ଟିମ୍ ଆଇସିସିର ଜୋନାଲ କ୍ୱାଲିଫାୟର୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁଇ ଆୟୋଜକ ଦେଶ ହେଲେ ୱେଷ୍ଟଇଣ୍ଡିଜ୍ ଓ ଆମେରିକା। ୨୦୨୨ ଟୁର୍ଣ୍ଣାମେଣ୍ଟରୁ ଯୋଗ୍ୟତା ହାସଲ କରିଥିବା ପ୍ରଥମ ୮ଟି ଦେଶ ହେଲା ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ନେଦରଲାଣ୍ଡସ। ଏମାନଙ୍କ ପଛକୁ ଆଇସିସି ର୍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ଦୁଇଟି ଦେଶ ହେଲେ ଆଫଗାନିସ୍ତାନ ଓ ବାଂଲାଦେଶ। ଜୋନାଲ ଯୋଗ୍ୟତା ପର୍ଯ୍ୟାୟ ମଧ୍ୟରେ ୟୁରୋପରୁ ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ, ପୂର୍ବ ଏସିଆ ଓ ପ୍ୟାସିଫିକ୍‌ରୁ ପାପୁଆ ନ୍ୟୁ ଗିନି, ଆମେରିକାରୁ କାନାଡା, ଏସିଆରୁ ନେପାଳ ଓ ଓମାନ, ଆଫ୍ରିକା କ୍ୱାଲିଫାୟରରୁ ନାମିବ୍ୟା ଓ ଉଗାଣ୍ଡା ଯୋଗ୍ୟତା ଅର୍ଜନ କରିଛନ୍ତି। ଜିମ୍ବାୱେ ପରି ଶକ୍ତିଶାଳୀ ଦେଶ କିନ୍ତୁ ଯୋଗ୍ୟ ବିବେଚିତ ହୋଇପାରି ନାହାନ୍ତି।

### ସଂକ୍ଷେପରେ ବିଶ୍ୱକପ୍

| | |
|---|---|
| ଆୟୋଜକ ସଂଗଠନ | : ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ |
| ଆୟୋଜକ ଦେଶ | : ଆମେରିକା ଓ ୱେଷ୍ଟଇଣ୍ଡିଜ୍ |
| ଟୁର୍ଣ୍ଣାମେଣ୍ଟ ଫର୍ମାଟ | : ଗ୍ରୁପ୍, ସୁପର-୮ ଓ ନକ୍‌ଆଉଟ୍ |
| ପ୍ରତିଯୋଗୀ ଦେଶ | : ୨୦ |
| ମୋଟ ମ୍ୟାଚ୍ | : ୫୫ |
| ଆମେରିକାରେ | : ୧୬ |
| ୱେଷ୍ଟଇଣ୍ଡିଜ୍‌ରେ | : ୩୯ |
| ଲିଗ୍ ପର୍ଯ୍ୟାୟ ମ୍ୟାଚ୍ | : ଜୁନ୍ ୧ରୁ ୧୭ |
| (ଭାରତରେ ଜୁନ୍ ୨ ସକାଳ ୬ଟାରୁ ଜୁନ୍ ୧୮) | |
| ସୁପର-୮ ପର୍ଯ୍ୟାୟ | : ଜୁନ୍ ୧୯ ରୁ ୨୪ |
| (ଭାରତରେ ଜୁନ୍ ୧୯ ସକାଳ ୬ଟାରୁ ଜୁନ୍ ୨୫) | |
| ନକ୍‌ଆଉଟ ମୁକାବିଲା | : ଜୁନ୍ ୨୬, ୨୭ ଓ ୨୯ |
| (ଭାରତରେ ଜୁନ୍ ୨୭ ଓ ଜୁନ୍ ୨୯-ଫାଇନାଲ) | |
| ଡିଫେଣ୍ଡିଂ ଚାମ୍ପିଅନ | : ଇଂଲଣ୍ଡ, ୨୦୨୨ |
| ରନର୍ସ ଅପ୍ | : ପାକିସ୍ତାନ, ୨୦୨୨ |

### ଫର୍ମାଟ: ଗ୍ରୁପ୍, ଲିଗ୍, ସୁପର ୮ ଓ ନକ୍‌ଆଉଟ୍

ଏହି ପ୍ରତିଯୋଗିତାରେ ୨୦ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, କାନାଡା, ଆୟର୍ଲାଣ୍ଡ ଓ ଆମେରିକା, ଗ୍ରୁପ୍-ବି'ରେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମିବ୍ୟା, ସ୍କଟଲାଣ୍ଡ ଓ ଓମାନ, ଗ୍ରୁପ୍-ସି'ରେ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ଆଫଗାନିସ୍ତାନ, ପାପୁଆ ନ୍ୟୁ ଗିନି ଓ ଉଗାଣ୍ଡା, ଗ୍ରୁପ୍-ଡି'ରେ ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଓ ନେଦରଲାଣ୍ଡସ ସ୍ଥାନ ପାଇଛନ୍ତି।

ଟୁର୍ଣ୍ଣାମେଣ୍ଟ ୩ଟି ଫର୍ମାଟରେ ଆୟୋଜିତ ହେବ। ଏହା ମଧ୍ୟରୁ ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ପ୍ରତ୍ୟେକ ଦଳ ୪ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ଜୁନ୍ ୨ରୁ ଆରମ୍ଭ ହୋଇ ୧୮ରେ ଶେଷ ହେବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮'କୁ ଉନ୍ନୀତ ହେବେ। ଏହି ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ। ଗ୍ରୁପ୍-୧ରେ ଏ-୧, ବି-୨, ସି-୧ ଓ ଡି-୨'କୁ ସ୍ଥାନ ମିଳିବ। ସେହିପରି ଗ୍ରୁପ୍-୨'ରେ ଏ-୨, ବି-୧, ସି-୨ ଓ ଡି-୧' ଦଳ ସ୍ଥାନିତ ହେବେ। ଏମାନେ ଗ୍ରୁପ୍ ପର୍ଯ୍ୟାୟରେ ଅନ୍ୟ ୩ଟି ଦଳ ସହ ମ୍ୟାଚ୍ ଖେଳିବେ। ଏଥିରେ ମଧ୍ୟ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ



### ବିଶ୍ୱକପ୍ ଭେନ୍ୟୁ-ୱେଷ୍ଟଇଣ୍ଡିଜ୍-୬

| ସ୍ଥାନ | ଷ୍ଟାଡିୟମ | ଦର୍ଶକ କ୍ଷମତା | ମ୍ୟାଚ୍ |
|---|---|---|---|
| ଆଣ୍ଟିଗୁଆ | ଭିଭିଆନ ରିଚାର୍ଡ୍ସ | ୧୦,୦୦୦ | ୮ |
| ବାର୍ବାଡୋସ୍ | କେନସିଙ୍ଗଟନ ଓଭାଲ* | ୨୮,୦୦୦ | ୯ |
| ଗୁଏନା | ପ୍ରୋଭିଡେନ୍ସ** | ୨୦,୦୦୦ | ୬ |
| ସେଣ୍ଟ ଲୁସିଆ | ଡାରେନ ସାମି | ୧୫,୦୦୦ | ୬ |
| ସେଣ୍ଟ ଭିନ୍‌ସେଣ୍ଟ | ଆର୍ଣ୍ଣୋସ ଭାଲେ | ୧୮,୦୦୦ | ୫ |
| ତ୍ରିନିଦାଦ | ବ୍ରାଏନ ଲାରା** | ୧୫,୦୦୦ | ୫ |

### ବିଶ୍ୱକପ୍ ଭେନ୍ୟୁ- ଆମେରିକା-୩

| ସ୍ଥାନ | ଷ୍ଟାଡିୟମ | ଦର୍ଶକ କ୍ଷମତା | ମ୍ୟାଚ୍ |
|---|---|---|---|
| ନ୍ୟୁୟର୍କ | ନାସାଉ କାଉଣ୍ଟି କ୍ରିକେଟ | ୩୪,୦୦୦ | ୮ |
| ଫ୍ଲୋରିଡା | ସେଣ୍ଟ୍ରାଲ ବ୍ରୋୱାର୍ଡ ପାର୍କ | ୨୫,୦୦୦ | ୪ |
| ଟେକ୍ସାସ | ଗ୍ରାଣ୍ଡ ପ୍ରାଇରି | ୧୫,୦୦୦ | ୪ |

ବି.ଦ୍ର.: *- ଫାଇନାଲ, **- ସେମିଫାଇନାଲ

## ମ୍ୟାଚ୍ ରେଫରି ଓ ଅମ୍ପାୟର

**ମ୍ୟାଚ୍ ରେଫରି:** ଡେଭିଡ୍ ବୁନ୍, ଜେଫ୍ କ୍ରୋ, ରଞ୍ଜନ ମଦୁଗଲେ, ଆଣ୍ଡି ପାଇକ୍ରଫ୍ଟ, ରିଚି ରିଚାର୍ଡସନ ଓ ଜଭାଗାଲ ଶ୍ରୀନାଥ (ଭାରତ)।

**ଅମ୍ପାୟର:** କ୍ରିସ ବ୍ରାଉନ୍, କୁମାର ଧର୍ମସେନା, କ୍ରିସ୍ ଗାଫାନି, ମାଇକେଲ ଗଫ୍, ଆଡ୍ରିଆନ୍ ହୋଲ୍ଡଷ୍ଟକ, ରିଚାର୍ଡ ଇଲିଂୱର୍ଥ, ଆଲ୍ଲାହୁଦିନ ପାଲେକର (ଦ.ଆଫ୍ରିକା), ରିଚାର୍ଡ କେଟଲବରୋ, ଜୟରମଣ ମଦନଗୋପାଲ (ଭାରତ), ନୀତୀନ ମେନନ (ଭାରତ), ସାମ ନୋଗାଜସ୍କି, ଅହସାନ ରାଜା, ରସିଦ ରିୟାଜ, ପଲ୍ ରାଇଫଲ, ଲାଙ୍ଗଟନ ରୁସେରେ, ସର୍ଫୁଦୌଲ୍ଲା, ରଡ ଟକ୍କର, ଆଲେକ୍ସ ହ୍ୱାର୍ଫ, ଜୋଏଲ ୱିଲସନ ଓ ଆସିଫ୍ ୟାକୁବ।


ଜଭାଗାଲ ଶ୍ରୀନାଥ

## ଖେଳ ସମୟ ଓ ପ୍ରସାରଣ

ଉତ୍ତର ଗୋଲାର୍ଦ୍ଧରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ସମୟ ରାତିରେ ଖେଳାଯିବ। ଯାହା ଫଳରେ ଭାରତରେ କେତେକ ମ୍ୟାଚ୍ ସକାଳବେଳା ଖେଳାଯିବ। କିନ୍ତୁ ଭାରତର ସମସ୍ତ ମ୍ୟାଚ୍ ରାତି ୮ଟାରେ ଆୟୋଜିତ ହେବ ବୋଲି ଆଇସିସି ସ୍ପଷ୍ଟ କରିଛି। ସେହିପରି ଭାରତରେ ଏହି ମ୍ୟାଚ୍ ଗୁଡିକ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ସିଧାସଳଖ ପ୍ରସାରଣ କରାଯିବ। ଆମେରିକାର ଅନେକ ଷ୍ଟାଡିୟମ୍‌ରେ ଅଳ୍ପସଂଖ୍ୟକ ସିଟ ରହିଛି। ମ୍ୟାଚ ଦିନ ସାମୟିକ ଭାବେ ଏହି ସଂଖ୍ୟା ବୃଦ୍ଧି କରାଯିବ ବୋଲି ନିଷ୍ପତ୍ତି ହୋଇଛି।



## ଭାରତ-ପାକିସ୍ତାନ ମୁକାବିଲା ଜୁନ୍ ୯ରେ

କ୍ରିକେଟ ଜଗତର ଦୁଇ ପାରମ୍ପରିକ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ଭାରତ, ପାକିସ୍ଥାନ ଓ ଦୁଇ ଦେଶର ସହଯୋଗୀ ଆମେରିକା, ଆୟର୍ଲାଣ୍ଡ ଓ ଆମେରିକାର ଅନ୍ୟତମ ଦେଶ କାନାଡା ଗୋଟିଏ ଗ୍ରୁପ୍ (ଏ)ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପର ସମସ୍ତ ମ୍ୟାଚ୍ ଆମେରିକାରେ ଖେଳାଯିବ। ଏହା ମଧ୍ୟରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ହାଇପ୍ରୋଫାଇଲ ମୁକାବିଲା ଜୁନ୍ ୯ ତାରିଖ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ୍ ଗୁଡ଼ିକ ଜୁନ୍-୫ରେ ଆୟର୍ଲାଣ୍ଡ, ଜୁନ୍ ୧୨ରେ ଆମେରିକା ଓ ଜୁନ୍ ୧୫ରେ କାନାଡା ସହ ଖେଳିବ। ଭାରତ ଯଦି ସେମିଫାଇନାଲକୁ ଉନ୍ନୀତ ହୁଏ, ତେବେ ଏହି ଦଳ ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଜୁନ୍ ୨୭ରେ ଖେଳିବ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ରାତି ୮ଟାରେ ଓ ଏହି ଦିନ ପ୍ରଥମ ସେମିଫାଇନାଲ ସକାଳ ୬ଟାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ଦ୍ୱିତୀୟରାଉଣ୍ଡରେ ରୁଡ୍, ସାବାଲେଙ୍କା



**ପ୍ୟାରିସ, ୨୮ ।୫ (ଏଜେନ୍ସି):** ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ୩ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷ ଏକକରେ ଦୁଇଥରର ଉପବିଜେତା ନରୱେର କାସ୍ପର ରୁଡ୍, ରୁଷିଆର ଦିମିତ୍ରି ମେଡଭେଡେଭ, ଇଟାଲୀର ଫାବିଓ ଫୋଗନିନି ପ୍ରମୁଖ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସପ୍ତମ ସିଡ୍ ପ୍ରଥମ ରାଉଣ୍ଡରେ ରୁଡ୍ ୬-୩, ୬-୪, ୬-୩ ସିଧାସଳଖ ସେଟ୍‌ରେ ବ୍ରାଜିଲର ଫେଲିପେ ମେଲିଗେନି ଆଲ୍‌ଭିସ୍‌ଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟ ରୁଡ୍ ଏଠାରେ ୨୦୨୨ ଓ ୨୦୨୩ରେ କ୍ରମାଗତ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଯଥାକ୍ରମେ ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ନିକଟରୁ ପରାସ୍ତ ହୋଇଥିଲେ। ସେହିଭଳି ପ୍ରଥମ ରାଉଣ୍ଡର ଅନ୍ୟ ଏକ ମୁକାବିଲାରେ ରୁଷିଆର ମେଡଭେଡେଭ ୬-୩, ୬-୪, ୭-୫, ୬-୩ ସେଟ୍‌ରେ ଜର୍ମାନୀର ଡୋମିନିକ କୋଏଫର୍‌ଙ୍କୁ ଏବଂ ଇଟାଲୀର ଫୋଗନିନି ୬-୧, ୬-୧, ୭-୫ ସେଟ୍‌ରେ ନେଦରଲାଣ୍ଡସର ବୋଟିକ ଭାନ୍ ଡେ ଜାଣ୍ଡସ୍କପ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଅଗ୍ରଗତି କରିଛନ୍ତି। ଅପରପକ୍ଷରେ ମହିଳା ଏକକ ଦ୍ୱିତୀୟ ସିଡ୍ ବେଲ୍‌ଜିୟମର ଆରିନା ସାବାଲେଙ୍କା ୬-୧, ୬-୨ ସିଧାସଳଖ ସେଟ୍‌ରେ ରୁଷିଆର ଏରିକା ଆନ୍ଦ୍ରିଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ୪ର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୬-୨, ୬-୩ରେ ବେଲ୍‌ଜିୟମର ଗ୍ରୀଟ ମିନେନ୍‌ଙ୍କୁ ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇଛନ୍ତି। ତେବେ ଘରୋଇ ଖେଳାଳି ୩୪ ବର୍ଷୀୟା ଆଲିଜେ କର୍ନେଟ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ନୈରାଶଜନକ ଭାବେ ଟେନିସକୁ ଅଲ୍‌ବିଦା କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶେଷ ପ୍ରତିଯୋଗିତା ଥିଲା।

## ଗମ୍ଭୀର ହୋଇପାରନ୍ତି ମୁଖ୍ୟ ପ୍ରଶିକ୍ଷକ

**ନୂଆଦିଲ୍ଲୀ, ୨୮।୫(ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ଜଣେ କ୍ଷମତାଶାଳୀ ଫ୍ରାଞ୍ଚାଇଜ୍ ମାଲିକଙ୍କ କଥାକୁ ଯଦି ବିଶ୍ୱାସ କରାଯାଏ, ତେବେ ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଦଳର ପରବର୍ତ୍ତୀ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବେ। ଏ ସମ୍ପର୍କରେ ଗମ୍ଭୀର ଓ ବିସିସିଆଇ ସମ୍ପାଦକ ଜୟ ଶାହଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଚୂଡାନ୍ତ ହୋଇଛି। କେବଳ ଔପଚାରିକ ଘୋଷଣାକୁ ବାକି ରହିଛି। ବିସିସିଆଇ ପକ୍ଷରୁ ଆବେଦନକାରୀଙ୍କ ଦରଖାସ୍ତକୁ କାଣ୍ଟଛାଣ୍ଟ କରାଯାଇଛି। ଏହା ମଧ୍ୟରେ କେହି ହାଇ ପ୍ରୋଫାଇଲ ଖେଳାଳି ନାହାନ୍ତି। ଏଣୁ ଦେଶ ପାଇଁ ଗମ୍ଭୀର ଏହି ଦାୟିତ୍ୱ ନେବେ ବୋଲି ଆଶା କରାଯାଉଛି।

● ଏଭିସି ମହିଳା ଚ୍ୟାଲେଞ୍ଜ୍ କପ୍ ଭଲିବଲ୍

## ଇଣ୍ଡୋନେସିଆକୁ ହରାଇଲା ଭାରତ



**ଭୁବନେଶ୍ୱର,୨୮ ।୫(ସମିସ):** ଫିଲିଫାଇନ୍ସ ରାଜଧାନୀ ମାନିଲାଠାରେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ୫ମ ଏଭିସି ମହିଳା ଚ୍ୟାଲେଞ୍ଜ୍ କପ୍ ଭଲିବଲ୍‌ରେ ଭାରତୀୟ ବରିଷ୍ଠ ଦଳ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଭାରତ ମଙ୍ଗଳବାର ୫ମ-୮ମ ସ୍ଥାନ କ୍ଲାସିଫିକେଶନ ମୁକାବିଲାରେ ୩-୧ (୨୫-୧୬, ୩୦-୩୨, ୨୫-୨୦ ଓ ୨୭-୨୫)ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ପୂର୍ବରୁ ଭାରତ ପ୍ରାଥମିକ ପର୍ଯ୍ୟାୟରେ ଇରାନ ଓ ଚାଇନିଜ ତାଇପେକୁ ପରାସ୍ତ କରିଥିଲା। ତେବେ ଅଷ୍ଟ୍ରେଲିଆ ଓ ଆୟୋଜକ ଫିଲିପାଇନ୍ସଠାରୁ ପରାସ୍ତ ହୋଇଥିଲା। ଭାରତ ଏବେ ବୁଧବାର ୫ମ-୬ଷ୍ଠ ସ୍ଥାନ ପୋଜିସନ ପାଇଁ ଇରାନକୁ ଭେଟିବ। ଇଣ୍ଡୋନେସିଆ ବିପକ୍ଷରେ ଭାରତର ସୂର୍ଯ୍ୟା, ଜିନି ଓ ଅନୁଶ୍ରୀ ନିର୍ଣ୍ଣାୟକ ପ୍ରଦର୍ଶନ କରିଥିଲେ। ଏହି ଲିଗ୍ ତଥା ନକ୍‌ଆଉଟ ଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରାଥମିକ ରାଉଣ୍ଡରେ ଭାରତ ଗ୍ରୁପ୍-ଏରେ ସ୍ଥାନ ପାଇଥିଲା। ଭାରତୀୟ ଭଲିବଲ୍ ଆସୋସିଏସନ ସଭାପତି ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ମେଜର ଲିଗ୍ କ୍ରିକେଟ୍‌କୁ ଲିଷ୍ଟ-ଏ ମାନ୍ୟତା

**ଦୁବାଇ,୨୮ ।୫(ଏଜେନ୍ସି):** ଆମେରିକାର ଜଣାଶୁଣା ମେଜର ଲିଗ୍ କ୍ରିକେଟ (ଏମ୍‌ଏଲ୍‌ସି)କୁ ଲିଷ୍ଟ-ଏ ମାନ୍ୟତା ମିଳିଛି। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାର ଠିକ୍ ୩ ଦିନ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏମ୍‌ଏଲ୍‌ସିକୁ ଏହି ବହୁମୂଲ୍ୟ ମାନ୍ୟତା ପ୍ରଦାନ କରିଛି। ଏଥିସହ ଏମ୍‌ଏଲ୍‌ସି ଦ୍ୱିତୀୟ ଟି-୨୦ ଲିଗ୍ (ଆସୋସିଏଟ ଦେଶର) ଭାବେ ଲିଷ୍ଟ-ଏ ମାନ୍ୟତା ହାସଲ କରିଛି। ଏବେ ଏମ୍‌ଏଲ୍‌ସି ଆଇସିସିର ଆନୁଷ୍ଠାନିକ ଟି-୨୦ ରୂପେ ପରିଗଣିତ ହେବ। ଟି-୨୦ ବିଶ୍ୱକପ୍ ପରେ ଏମ୍‌ଏଲ୍‌ସିର ଦ୍ୱିତୀୟ ସଂସ୍କରଣ ଚଳିତ ବର୍ଷ ଜୁଲାଇ ୫ ତାରିଖରୁ ଆରମ୍ଭ ହେବ।

## ଭାରତ ଓ ଅଷ୍ଟ୍ରେଲିଆ 'ଏ' ଦଳ ମଧ୍ୟରେ ଅନ୍ ଅଫିସିଆଲ୍ ଟେଷ୍ଟ ସିରିଜ

**ନୂଆଦିଲ୍ଲୀ, ୨୮ ।୫ (ଏଜେନ୍ସି):** ଘରୋଇ ଅଷ୍ଟ୍ରେଲିଆ-ଏ ଓ ଭାରତ-ଏ କ୍ରିକେଟ୍ ଦଳ ମଧ୍ୟରେ ଦୁଇଟି ୪ ଦିବସୀୟ ମ୍ୟାଚ୍ ଚଳିତ ବର୍ଷ ଶେଷ ଭାଗରେ ଖେଳାଯିବ। ଭାରତୀୟ କ୍ରିକେଟ୍ ଦଳ ଚଳିତ ବର୍ଷ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଖେଳିବା ଲାଗି ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ପୂର୍ବରୁ ଉଭୟ ଭାରତ ଓ ଅଷ୍ଟ୍ରେଲିଆର 'ଏ' ଦଳକୁ ନେଇ ଦୁଇଟି ୪ ଦିବସୀୟ ମ୍ୟାଚ୍ ଆୟୋଜିତ ହେବ। ଅକ୍ଟୋବର ୩୧ରୁ ନଭେମ୍ବର ୩ ମଧ୍ୟରେ ପ୍ରଥମ ମ୍ୟାଚ୍ କୁଇନ୍ସଲାଣ୍ଡର ମାକେୟ ସହରରେ ଏବଂ ନଭେମ୍ବର ୧୫ରୁ ୧୭ ମଧ୍ୟରେ ପର୍ଥରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଦୁଇଟି ମ୍ୟାଚ୍ ପ୍ରଥମ ଶ୍ରେଣୀ ମାନ୍ୟତାରେ ବିବେଚିତ ହେବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

● ୧୮ ବର୍ଷରୁ କମ୍ ଏସିଆନ୍ ମହିଳା ଭଲିବଲ୍

## ଭାରତୀୟ ପ୍ରଶିକ୍ଷଣ ଶିବିରରେ ଲିପିକା



**ଭୁବନେଶ୍ୱର,୨୮ ।୫(ସମିସ):** ଥାଇଲାଣ୍ଡର ନାଖୋନ ପାଥୋମରେ ଜୁନ୍ ୧୬ରୁ ୨୩ ତାରିଖ ମଧ୍ୟରେ ୧୫ତମ ଏସିଆନ୍ ମହିଳା ୧୮ ବର୍ଷରୁ କମ୍ ଭଲିବଲ୍ ଚାମ୍ପିଅନସିପ୍ ଆୟୋଜନ ହେବ। ଏହି ପ୍ରତିଯୋଗିତା ପାଇଁ ବେଙ୍ଗାଲୁରୁର ସାଇ ସଦର୍ଣ୍ଣ ସେଣ୍ଟରଠାରେ ମଙ୍ଗଳବାରଠାରୁ ଭାରତୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ଓଡ଼ିଶାର ଲିପିକା ଖେସ୍ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ପୂର୍ବରୁ ଲିପିକା ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବିଭିନ୍ନ ଉପ- କନିଷ୍ଠ ଓ କନିଷ୍ଠ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗତ ୩ ବର୍ଷ ମଧ୍ୟରେ ଏକାଧିକ ଓଡ଼ିଆ ଖେଳାଳି ବିଭିନ୍ନ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ସମ୍ପାଦକ ଗଗନେନ୍ଦୁ ଦାଶ ଖୁସି ଜାହିର କରିଛନ୍ତି।

## ସାଇକ୍ଲିଷ୍ଟ ସ୍ୱାତୀ ଜିତିଲେ ୫ ରୌପ୍ୟ



**ଭୁବନେଶ୍ୱର, ୨୮ ।୫ (ସମିସ):** ଓଡ଼ିଶାର ଅଗ୍ରଣୀ ସାଇକ୍ଲିଷ୍ଟ ସ୍ୱାତୀ ସିଂଙ୍କ ଚମକ ଜାତୀୟ ପ୍ରତିଯୋଗିତାରେ ଦେଖିବାକୁ ମିଳିଛି। ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଉଦ୍‌ଯାପିତ ଦୁଇ ଦିବସୀୟ ମହିଳା ଟ୍ରାକ ସାଇକ୍ଲିଂ ଲିଗ୍ ଫାଇନାଲ୍ସରେ ସ୍ୱାତୀ ଏକାକୀ ୫ଟି ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସ୍ୱସ୍ତି ୩ କିମି ବ୍ୟକ୍ତିଗତ ପୁର୍‌ସିଟ୍, ୨୦୦ ମିଟର ସ୍ପ୍ରିଣ୍ଟ, ୧୦ କିମି ସ୍କ୍ରାଚ୍ ରେସ୍, କେଇରିନ ରେସ୍ ଓ ୫୦୦ ମିଟର ଟାଇମ ଟ୍ରାଏଲ୍‌ରେ ଏହି ସମସ୍ତ ପଦକ ବିଜୟୀ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟା ସ୍ୱସ୍ତି ପୂର୍ବରୁ ଜାତୀୟ କ୍ରୀଡ଼ାରେ ଓ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି।

ସିଙ୍ଗାପୁର ଓପନ୍ ବ୍ୟାଡମିଣ୍ଟନ୍

## ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କ ବିଦାୟ

**ସିଙ୍ଗାପୁର,୨୮ ।୫(ଏଜେନ୍ସି):** ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ସିଙ୍ଗାପୁର ଓପନ୍ ସୁପର ୭୫୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ମହିଳା ଯୁଗଳରେ ଦୁଇ ଓଡ଼ିଆ ଭଉଣୀ ଋତୁପର୍ଣ୍ଣା ପଣ୍ଡା ଓ ତାଙ୍କ ଭଉଣୀ ଶ୍ୱେତପର୍ଣ୍ଣା ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଣସିଡ୍ ଏହି ଭାରତୀୟ ଯୋଡି ୧୨- ୨୧, ୨୧-୧୨, ୧୩-୨୧ରେ ପ୍ରତିପକ୍ଷ ତାଇୱାନ ଯୋଡି ଚାଙ୍ଗ ଚିଙ୍ଗ୍-ହୁଇ ଓ ୟାଙ୍ଗ ଚିଙ୍ଗ୍- ତୁନ୍‌ଙ୍କଠାରୁ ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ତାଇୱାନର ଏହି ଯୋଡି ଦ୍ୱିତୀୟ ରାଉଣ୍ଡରେ ଜାପାନ ଯୋଡି ମାୟୁ ମାସୁମୋଟୋ ଓ ୱାକାନା ନାଗାହାରାଙ୍କୁ ଭେଟିବେ। ପୁରୁଷ ଏକକ ପ୍ରତିଯୋଗିତାରେ ଭାରତୀୟ ଯୁବ ଖେଳାଳି ପ୍ରିୟାଂଶୁ ରାଜାୱାତ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଅନ୍ୟପଟେ ମହିଳା ଏକକରେ ଭାରତର ଆକର୍ଷୀ କାଶ୍ୟପ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

**ସାତ୍ୱିକ- ଚିରାଗଙ୍କ ବିପର୍ଯ୍ୟୟ:** ଏହି ଟୁର୍ଣ୍ଣାମେଣ୍ଟରେ ଟପ୍ ସିଡ୍ ମାନ୍ୟତା ପାଇଥିବା ଭାରତୀୟ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ଏହି ଭାରତୀୟ ଯୋଡି ୨୦-୨୨, ୧୮-୨୧ ସିଧାସଳଖ ଗେମ୍‌ରେ ଡେନମାର୍କର ଅଣସିଡ୍ ଯୋଡି ଡାନିଏଲ୍ ଲୁଣ୍ଡଗାର୍ଡ ଓ ମାଡ୍ସ ଭେଷ୍ଟେରଗାର୍ଡଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହି ପରାଜୟ ଦ୍ୱାରା ସାତ୍ୱିକ ଓ ଚିରାଗଙ୍କ ପ୍ୟାରିସ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଜବରଦସ୍ତ ଝଟ୍‌କା ଲାଗିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA